
'ହୀରାମଣ୍ଡି' ସେଟ୍‌ରେ ଲାଗିଥିଲେ ୭୦୦ ଶ୍ରମିକ

▸ପୃଷ୍ଠା ୧୪ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-300 •BHUBANESWAR •FRIDAY •26 APRIL 2024 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୩୦୦ •ଭୁବନେଶ୍ୱର •ଶୁକ୍ରବାର •୨୬ ଏପ୍ରିଲ୍ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦



**Aakash**
Medical | IIT-JEE | Foundations

Delivering Champions Consistently

# JEE (MAIN) 2024

## Top Performers from Our Classroom Programs

- 1st ALL INDIA FEMALE TOPPER, AIR 34 — 100 Percentile in Phy. & Maths — 100 PERCENTILE OVERALL — Sanvi Jain, 4 Yr. Classroom
- AIR 15 — 100 PERCENTILE OVERALL — M. Sai Divya Teja Reddy, 2 Yr. Classroom
- AIR 19 — 100 PERCENTILE OVERALL — Rishi Shekher Shukla, 2 Yr. Classroom
- AIR 25 — 100 Percentile in Phy. & Maths — 100 PERCENTILE OVERALL — Rachit Aggarwal, 4 Yr. Classroom
- AIR 65 — 100 Percentile in Phy. & Chem. — 99.99 PERCENTILE — Sri Ram A, 2 Yr. Classroom
- AIR 72 — 100 Percentile in Phy. & Maths — 99.99 PERCENTILE — Krishna Sai Shishir Vuppala, 4 Yr. Classroom
- AIR 81 — 100 Percentile in Physics — 99.99 PERCENTILE — Agrim Bhanot, 2 Yr. Classroom

Scan code to check all the ranks & watch what the toppers have to say

**13379#**
(12424 Classroom + 955 Distance & Digital)
#Still Counting

Aakashians Qualified for
**JEE (Adv.) 2024**

- 1288 — 99 Percentile & above
- 9 — in Top 100 AIR (All India Rank)
- 52 — in Top 500 AIR (All India Rank)

*1 out of 3 Aakashians gets a Top College

*As per count of total Aakashians appeared in JEE 2024

- AIR 104 — 100 Percentile Maths — 99.99 PERCENTILE — Rudra V Vuppuluri, 4 Yr. Classroom
- AIR 106 — 100 Percentile Physics — 99.99 PERCENTILE — Sagarika Sinha, 2 Yr. Classroom
- AIR 139 — 100 Percentile Physics — 99.99 PERCENTILE — Viswanath K S, 4 Yr. Classroom
- AIR 162 — 100 Percentile Maths — 99.99 PERCENTILE — Shreshtha Gupta, 4 Yr. Classroom
- AIR 171 — 100 Percentile Chemistry — 99.99 PERCENTILE — Naqsh Imam, 2 Yr. Classroom
- AIR 175 — 99.99 PERCENTILE — Priyanshu Kumar, 4 Yr. Classroom
- AIR 177 — 100 Percentile Maths — 99.99 PERCENTILE — Hardik Aggarwal, 2 Yr. Classroom
- AIR 223 — 100 Percentile Maths — 99.99 PERCENTILE — Ayush Pandey, 2 Yr. Classroom
- AIR 228 — 100 Percentile Maths — 99.99 PERCENTILE — Gorang Rathi, 2 Yr. Classroom

and many more...

## Toppers from Odisha Classroom Programs

- AIR 576 — 99.97 PERCENTILE — Keshaw Ranjan, 2 Yr. Classroom
- AIR 596 — 100 Percentile Physics & Chemistry — 99.97 PERCENTILE — Swayam Prakash P, 4 Yr. Classroom
- AIR 631 — 100 Percentile Physics — 99.96 PERCENTILE — Koustuv Sahoo, 4 Yr. Classroom
- AIR 856 — 99.95 PERCENTILE — Debasish Panda, 2 Yr. Classroom
- AIR 1532 — 99.91 PERCENTILE — Asutosh Maharana, 1 Yr. Classroom
- AIR 1790 — 99.89 PERCENTILE — Yash Kumar Sao, 1 Yr. Classroom
- AIR 2288 — 99.86 PERCENTILE — Anuj Subudhi, 2 Yr. Classroom
- AIR 2428 — 99.85 PERCENTILE — Ashutosh Nayak, 4 Yr. Classroom
- AIR 2458 — 99.85 PERCENTILE — Sanjib Behera, 2 Yr. Classroom

and many more...

Though every care has been taken to publish the result, yet Aakash Educational Services Ltd. shall not be responsible for inadvertent error, if any.

## ADMISSIONS OPEN

**2 Year Integrated Courses**
(X appeared / Passed Students)
**for JEE / NEET 2026**

**Repeater / Dropper Batches** (XII appeared / passed students)
**for JEE / NEET 2025**

**Batches Start from 29th April & 9th May, 2024**

## iACST
Instant Admission cum Scholarship Test

Get up to **90%** Scholarship*

Register now for **FREE**
visit: iacst.aakash.ac.in
or scan the code

*Terms & Conditions apply.

**06** Branches in Odisha

**Call Your Nearest Branch**

- Bhubaneswar (Bhoumanagar) 8800852494, 7008005000
- Bhubaneswar (Chandrasekharpur) 8800874104, 7008005000
- Cuttack (Link Road) 8800849243, 7008005000
- Baleswar Branch 8800538720, 7008005000
- Berhampur Branch 8800502470, 7008005000
- Sambalpur Branch 8448693770, 7008005000

SCAN FOR NEAREST BRANCH

CALL (TOLL-FREE): **1800-102-2727**

VISIT: **aakash.ac.in**

For Franchise Enquiry:
Email ID: **franchise@aesl.in**

Aakash
Medical | IIT-JEE | Foundations

## ଅଭିନେତ୍ରୀ ତମନ୍ନା ଭାଟିଆଙ୍କୁ ସମନ



ମୁମ୍ବାଇ, ୨୫।୪ (ଏଜେନ୍ସି): ମହାଦେବ ବେଟିଂ ଆପ୍ ମାମଲାରେ ମହାରାଷ୍ଟ୍ର ସାଇବର ସେଲ୍ ଅଭିନେତ୍ରୀ ତମନ୍ନା ଭାଟିଆଙ୍କୁ ସମନ ଜାରି କରିଛି। ତାଙ୍କୁ ୨୯ ତାରିଖରେ ହାଜର ହେବାକୁ କୁହାଯାଇଛି। ଏହି ମାମଲା ୨୦୨୩ର ମହାଦେବ ଅନ୍‌ଲାଇନ ଗେମିଂ ଏବଂ ବେଟିଂ ଆପ୍ ସମ୍ବନ୍ଧିତ ଫେୟାରପ୍ଲେ ଆପ୍‌ରେ ଆଇପିଏଲ୍ ପ୍ରସାରଣର ପ୍ରମୋସନ ସହ ଜଡ଼ିତ। ସାଇବର ସେଲ୍‌ର ସୂଚନା ଅନୁଯାୟୀ ମାମଲାରେ ତମନ୍ନାଙ୍କ ବୟାନ ରେକର୍ଡ କରାଯିବ। ଫେୟାରପ୍ଲେ ପାଇଁ କିଏ ତାଙ୍କୁ ଯୋଗାଯୋଗ କରିଥିଲା ଏବଂ କେତେ ଟଙ୍କା ମିଳିଥିଲା ତାହା ପଚରାଯିବ। ଏହା ପୂର୍ବରୁ ଏହି ମାମଲାରେ ଅଭିନେତା ସଞ୍ଜୟ ଦତ୍ତଙ୍କୁ ସମନ ପଠା ଯାଇଥିଲା। ତେବେ ସେ ସମୟରେ ଅଭିନେତା ମୁମ୍ବାଇରେ ନ ଥିଲେ। ତେଣୁ ବୟାନ ରେକର୍ଡ ପାଇଁ ଅଧିକ ସମୟ ମାଗିଥିଲେ।

■ ମହୁଆ ମୋଇତ୍ରଙ୍କୁ ଆଶ୍ୱସ୍ତି

## ମାନହାନି ମାମଲା ପ୍ରତ୍ୟାହାର କଲେ ଦେହାଦ୍ରାଇ

ନୂଆଦିଲ୍ଲୀ, ୨୫।୪ (ଏଜେନ୍ସି): ଟିଏମ୍‌ସି ନେତ୍ରୀ ମହୁଆ ମୋଇତ୍ରଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ପୂର୍ବତନ ସାଂସଦ ମହୁଆଙ୍କ ବିରୋଧରେ ଦିଲ୍ଲୀ ହାଇକୋର୍ଟରେ ଦାଖଲ କରିଥିବା ମାନହାନି ମାମଲାକୁ ଓକିଲ ଜୟ ଦେହାଦ୍ରାଇ ପ୍ରତ୍ୟାହାର କରି ନେଇଛନ୍ତି। ସେ ଶାନ୍ତି ପ୍ରତିଷ୍ଠା ପାଇଁ ଏହି ପଦକ୍ଷେପ ନେଇଥିବା କହିଛନ୍ତି। ସେ ଚଳିତ ବର୍ଷ ପ୍ରାରମ୍ଭରେ ଏହି ମାମଲା ଦାଏର କରିଥିଲେ। ଏଥିରେ ମହୁଆଙ୍କଠାରୁ ୨ କୋଟି ଟଙ୍କାର କ୍ଷତିପୂରଣ ଦାବି କରିଥିଲେ। ଦେହାଦ୍ରାଇ ଅଭିଯୋଗ କରି କହିଥିଲେ ଯେ ସେ ଟଙ୍କା ନେଇ ସଂସଦରେ ପ୍ରଶ୍ନ ପଚାରିବା ଘଟଣାରେ ସିବିଆଇରେ ଅଭିଯୋଗ କରିବା ପରେ ମହୁଆ ତାଙ୍କ ଛବି ଖରାପ କରିବାକୁ ଅଭିଯାନ ଆରମ୍ଭ କରିଥିଲେ। ଟିଏମ୍‌ସି ନେତ୍ରୀ ତାଙ୍କ ନାମରେ ଭୁଲ୍, ଅଭଦ୍ର ଏବଂ ଅପମାନଜନକ ମନ୍ତବ୍ୟ ପ୍ରଚାରପ୍ରସାର କରିଥିଲେ। ଟଙ୍କା ନେଇ ପ୍ରଶ୍ନ ପଚାରିବା ମାମଲାରେ ମହୁଆ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଏଥିପାଇଁ ଗତ ବର୍ଷ ଡିସେମ୍ବର ୮ ତାରିଖରେ ତାଙ୍କୁ ଲୋକସଭାରୁ ବହିଷ୍କୃତ କରିଦିଆଯାଇଥିଲା।

## ନିର୍ବାଚନ ଲଢ଼ିବେ ହେମନ୍ତଙ୍କ ପତ୍ନୀ କଳ୍ପନା



ରାଞ୍ଚି, ୨୫।୪ (ଏଜେନ୍ସି):ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପତ୍ନୀ କଳ୍ପନା ସୋରେନ ବିଧାନସଭା ନିର୍ବାଚନ ଲଢ଼ିବେ। ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ) ପକ୍ଷରୁ ଗୁରୁବାର ଏହି ଘୋଷଣା କରାଯାଇଛି। ଦଳ ଗାଣ୍ଡେୟ ବିଧାନସଭା ଆସନର ଉପ-ନିର୍ବାଚନ ପାଇଁ କଳ୍ପନାଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ଏହା ବ୍ୟତୀତ ଜମସେଦପୁର ଲୋକସଭା କ୍ଷେତ୍ର ପାଇଁ ସମୀର ମହାନ୍ତିଙ୍କୁ ପ୍ରାର୍ଥୀ ବନାଯାଇଛି। ଜେଏମ୍‌ଏମ୍ ବିଧାୟକ ସର୍ଫରାଜ ଅହମ୍ମଦଙ୍କ ଇସ୍ତଫା ପରେ ଗାଣ୍ଡେୟ ଆସନ ଖାଲି ପଡ଼ିଥିଲା।

■ ପଶ୍ଚିମବଙ୍ଗ ଏସ୍‌ଏସ୍‌ସିଙ୍କ ଦାବି

## କେବଳ ୫,୩୦୦ ଶିକ୍ଷକ ନିଯୁକ୍ତି ବେଆଇନ

କୋଲକାତା, ୨୫।୪ (ଏଜେନ୍ସି): କଲକତା ହାଇକୋର୍ଟ ପଶ୍ଚିମବଙ୍ଗରେ ୨୦୧୬ରେ ନିଯୁକ୍ତ ୨୫, ୭୫୩ ଶିକ୍ଷକ ଏବଂ ଅଣ-ଶିକ୍ଷକ ନିଯୁକ୍ତିକୁ ରଦ୍ଦ କରିଦେଇଛନ୍ତି। ଏବେ ପଶ୍ଚିମବଙ୍ଗ ସ୍କୁଲ ସେବା କମିଶନ (ଡବ୍ଲ୍ୟୁବିଏସ୍‌ଏସ୍‌ସି) ଏହା ଉପରେ ଭିନ୍ନ ଦାବି କରିଛନ୍ତି। ନିଯୁକ୍ତି ପାଇଥିବା ୧୯ ହଜାର ଶିକ୍ଷକ ଯୋଗ୍ୟ ହେବାର ସମ୍ଭାବନା ରହିଛି। ଏମାନେ ଶିକ୍ଷକ ନିଯୁକ୍ତି କର୍ତ୍ତୃପକ୍ଷଙ୍କ ସମସ୍ତ ମାନଦଣ୍ଡକୁ ପୂରଣ କରିପାରନ୍ତି। ଡବ୍ଲ୍ୟୁବିଏସଏସସି ଅଧ୍ୟକ୍ଷ ସିଦ୍ଧାର୍ଥ ମଜୁମଦାର କହିଛନ୍ତି ଯେ ସେ କଲକତା ହାଇକୋର୍ଟଙ୍କୁ ଜାଲିଆତି ସନ୍ଦେହ ଥିବା ୫, ୩୦୦ ପ୍ରାର୍ଥୀଙ୍କ ତାଲିକା ଦେଇଥିଲେ। ଏହି ତାଲିକା ୨ଟି ଅନିୟମିତତା ଅପ୍ଟିକାଲ ମାର୍ଗ ରିକଗନିଶନ (ଓଏମଆର) ସିଟ୍ ଜାଲିଆତି ଏବଂ ର୍‍ୟାଙ୍କ ବୃଦ୍ଧି ଉପରେ ଆଧାରିତ। ଏମାନଙ୍କ ମଧ୍ୟରେ ଗ୍ରୁପ୍ ସି ଓ ଡିର ପ୍ରାର୍ଥୀ ଏବଂ ନବମ, ଦଶମ, ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ଶିକ୍ଷକ ସାମିଲ ଥିଲେ। ୧୯ ହଜାରରୁ ଅଧିକ ନିଯୁକ୍ତିରେ କୌଣସି ଜାଲିଆତି ହୋଇନାହିଁ। ତେଣୁ ହାଇକୋର୍ଟଙ୍କ ରାୟବିରୋଧରେ ସୁପ୍ରିମକୋର୍ଟରେ ଆବେଦନ ଦାଏର କରାଯାଇଛି।

## ପାଟନାରେ ଜେଡିୟୁ ନେତାଙ୍କୁ ହତ୍ୟା

ପାଟନା, ୨୫।୪ (ଏଜେନ୍ସି): ପାଟନାରେ ଜେଡିୟୁ ନେତା ସୌରଭ କୁମାର (୩୩)ଙ୍କୁ ଗୁଳି ମାରି ହତ୍ୟା କରାଯାଇଛି। ପୁନପୁନ ଥାନା ଅନ୍ତର୍ଗତ ବଢ଼ିଆ କାଲ ଗ୍ରାମରେ ଏହି ହତ୍ୟାକାଣ୍ଡ ଘଟିଛି। ପୁଲିସ ସୂଚନା ଅନୁଯାୟୀ ସୌରଭ ବୁଧବାର ରାତି ୧୨ଟାରେ ଏକ ବିବାହ ଭୋଜିରେ ବନ୍ଧୁ ମୁନ୍‌ମୁନ୍ କୁମାର ସହ ସାମିଲ ହୋଇଥିଲେ। ଏଠାରୁ ଫେରିବା ପାଇଁ ଉଭୟରେ କାର୍‌ରେ ବସିଥିବାବେଳେ ୨ଟି ବାଇକରେ ୪ ଜଣ ଅପରାଧି ଆସି ୫ ରାଉଣ୍ଡ ଗୁଳି ମାଡ଼ କରିଥିଲେ। ଏଥିରୁ ୨ଟି ଗୁଳି ସୌରଭଙ୍କ ମୁଣ୍ଡରେ ଏବଂ ତିନୋଟି ମୁନମୁନଙ୍କ ଦେହରେ ବାଜିଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୌରଭଙ୍କ ମୃତ୍ୟୁ ହୋଇଥବାବେଳେ ତାଙ୍କ ସାଙ୍ଗଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ସୌରଭ ସମ୍ପତ୍ତି କିଣାବିକା କାର୍ଯ୍ୟ କରୁଥିଲେ ବୋଲି ଜଣାପଡ଼ିଛି। ଏହାକୁ ନେଇ ଆରଜେଡି ସରକାରଙ୍କୁ ତୀବ୍ର ସମାଲୋଚନା କରିଛି।

### ଆମେରିକା ବଦଳାଇଦେବ ଯୁଦ୍ଧ ସ୍ଥିତି

# ୟୁକ୍ରେନକୁ ଦେଲା ଦୀର୍ଘ ଦୂରଗାମୀ କ୍ଷେପଣାସ୍ତ୍ର

ୱାଶିଂଟନ, ୨୫।୪ (ଏଜେନ୍ସି)

ଦୀର୍ଘ ଦିନ ହେଲା ରୁଷ୍ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଜାରି ରହିଛି। ଉଭୟ ପକ୍ଷ ପରସ୍ପର ଉପରେ ଆକ୍ରମଣ ଜାରି ରଖିଛନ୍ତି। ବିପୁଳ କ୍ଷୟକ୍ଷତି ସତ୍ତ୍ୱେ କୌଣସି ଦେଶ ପଛଘୁଞ୍ଚା ଦେଉନାହାନ୍ତି। ଏପରି ସମୟରେ ଆମେରିକା ଯୁଦ୍ଧର ମୋଡ଼ ବଦଳାଇବା ଭଳି ପଦକ୍ଷେପ ନେଇଛି। ଆମେରିକା ଗୋପନରେ ୟୁକ୍ରେନକୁ ଦୀର୍ଘ ଦୂରଗାମୀ କ୍ଷେପଣାସ୍ତ୍ର ପ୍ରଦାନ କରିଛି। ଆମେରିକା ପ୍ରତିରକ୍ଷା ବିଭାଗ ପେଣ୍ଟାଗନ ପକ୍ଷରୁ ବୁଧବାର ଏହି ସୂଚନା ଦିଆଯାଇଛି। ୟୁକ୍ରେନକୁ ଏଟିଏସିଏମଏସର ୧୨ଟି କ୍ଷେପଣାସ୍ତ୍ର ଦିଆଯାଇଥିଲା ବୋଲି କୁହାଯାଇଛି। ଆମେରିକା ଗଣମାଧ୍ୟମର ସୂଚନା ଅନୁଯାୟୀ ପ୍ରଥମେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଏହି କ୍ଷେପଣାସ୍ତ୍ର ୟୁକ୍ରେନକୁ ଦେବାକୁ ମନା କରିଦେଇଥିଲେ। ପରେ ଫେବୃଆରୀରେ ଏହାକୁ ମଞ୍ଜୁରି ଦେଇଥିଲେ। ତେବେ ସେତେବେଳେ ଏହି ସୂଚନାକୁ ସାର୍ବଜନୀନ କରାଯାଇ ନ ଥିଲା। ପେଣ୍ଟାଗନ ପ୍ରବକ୍ତା ଲେଫ୍ଟନାଣ୍ଟ କର୍ଣ୍ଣେଲ ଗ୍ୟାରେନ ଗାର୍ଣ୍ଣ କହିଛନ୍ତି ଯେ ୟୁକ୍ରେନର ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ତଥ୍ୟକୁ ସାର୍ବଜନୀନ କରାଯାଇ ନ ଥିଲା। କ୍ଷେପଣାସ୍ତ୍ର ଦେବା ପରେ ଏହି ଡେଲିଭରିକୁ ମାର୍ଚ୍ଚ ୧୨ର ସହାୟତା ପ୍ୟାକେଜରେ ସାମିଲ କରିଦିଆଯାଇଥିଲା। ଏପ୍ରିଲ ପ୍ରାରମ୍ଭରେ ଏଟିଏସିଏମଏସ କ୍ଷେପଣାସ୍ତ୍ର ୟୁକ୍ରେନରେ ପହଞ୍ଚି ଯାଇଛି।





ରୁଷରେ ୩୦୦ କିମି ପର୍ଯ୍ୟନ୍ତ କରିପାରିବ ଆକ୍ରମଣ

ଏପ୍ରିଲ ପ୍ରାରମ୍ଭରେ ୟୁକ୍ରେନରେ ପହଞ୍ଚି ଯାଇଛି କ୍ଷେପଣାସ୍ତ୍ର

ଏହା ୩୦୦ କିମି ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ। ଅର୍ଥାତ ଯଦି ଏହାକୁ ଯୁଦ୍ଧରେ ବ୍ୟବହାର କରାଯିବ ତେବେ ରୁଷ୍‌ର ୩୦୦ କିମି ଭିତରକୁ ଆକ୍ରମଣ କରିହେବ।

ରିପୋର୍ଟ ଅନୁଯାୟୀ ଏଟିଏସିଏମଏସ କ୍ଷେପଣାସ୍ତ୍ରକୁ ଲକ୍‌ହିଡ ମାର୍ଟିନ କମ୍ପାନୀ ନିର୍ମାଣ କରୁଛି। ବର୍ଷକରେ ୫୦୦ଟି କ୍ଷେପଣାସ୍ତ୍ର ଉତ୍ପାଦନ କରାଯାଉଛି। ୟୁକ୍ରେନକୁ ଏହା ଦେବା ପୂର୍ବରୁ ଆମେରିକା କମ୍ପାନୀଠାରୁ ଅଧିକରୁ ଅଧିକ କ୍ଷେପଣାସ୍ତ୍ର କିଣିଥିଲା। କାରଣ ୟୁକ୍ରେନକୁ ଦେବା ପରେ ନିଜ ଦେଶରେ କ୍ଷେପଣାସ୍ତ୍ର ଅଭାବ ନ ହେଉ ବୋଲି ଆମେରିକା ଚାହୁଁ ଥିଲା। ଆମେରିକା ଅଧିକାରୀଙ୍କୁ ସୂଚନା ଅନୁଯାୟୀ ଚଳିତ ବର୍ଷ ପ୍ରାରମ୍ଭରେ ରୁଷ୍ ଉତ୍ତର କୋରିଆଠାରୁ ବାଲିଷ୍ଟିକ ମିସାଇଲ କିଣିଥିଲା। ମାର୍ଚ୍ଚରେ ଏହାକୁ ୟୁକ୍ରେନର ଜନବହୁଳ ଅଞ୍ଚଳରେ ମାଡ଼ କରିଥିଲା। ଏହି ଘଟଣା ପରେ ୟୁକ୍ରେନକୁ ଦୀର୍ଘ ଦୂରଗାମୀ କ୍ଷେପଣାସ୍ତ୍ର ଦେବା ପାଇଁ ବାଇଡେନ ରାଜି ହୋଇଥିଲେ। ଏହା କ୍ଷେପଣାସ୍ତ୍ର ଦେବା ସମୟରେ ସମସ୍ତ ନିୟମ ପାଳନ କରାଯାଇଥିଲା ବୋଲି ଆମେରିକା ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ୟୁକ୍ରେନକୁ ୫ ଲକ୍ଷ କୋଟିର ସହାୟତା ପ୍ୟାକେଜ ସମ୍ବନ୍ଧିତ ବିଲ୍‌କୁ ବାଇଡେନ ବୁଧବାର ମଞ୍ଜୁରି ଦେଇଛନ୍ତି। ଏହି ପ୍ୟାକେଜରେ ୟୁକ୍ରେନକୁ ଏଟିଏସିଏମଏସ କ୍ଷେପଣାସ୍ତ୍ର ଦେବାକୁ କୁହାଯାଇଛି। ଏହା ପୂର୍ବରୁ ଗତ ବର୍ଷ ନଭେମ୍ବରରେ ଆମେରିକା ୟୁକ୍ରେନକୁ ସ୍ୱଳ୍ପ ଦୂରଗାମୀ ଏଟିଏସିଏମଏସ କ୍ଷେପଣାସ୍ତ୍ର ଦେଇଥିଲା।

## ପାଟନା ହୋଟେଲରେ ଅଗ୍ନିକାଣ୍ଡ | ୬ ମୃତ, ୨୦ ଆହତ

ପାଟନା, ୨୫।୪ (ଏଜେନ୍ସି)

ପାଟନା ଜଙ୍କସନ୍‌ରୁ ୫୦ ମିଟର ଦୂରରେ ଥିବା ପାଲ୍ ହୋଟେଲରେ ଗୁରୁବାର ସକାଳେ ଅଚାନକ ନିଆଁ ଲାଗି ଯାଇଛି। ଏହି ନିଆଁ ଆଖପାଖରେ ଥିବା ୩ ହୋଟେଲକୁ ବ୍ୟାପି ଯାଇଛି। ଏହି ଦୁର୍ଘଟଣାରେ ୩ ଜଣ ପୁରୁଷ ଏବଂ ୩ ଜଣ ମହିଳାଙ୍କ ମୃତ୍ୟୁ ହୋଇଛି। ୨୦ ଜଣ ମଧ୍ୟ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ପାଟନା ମେଡିକାଲ କଲେଜ (ପିଏମ୍‌ସିଏଚ୍) ସମସ୍ତଙ୍କର ଚିକିତ୍ସା ଚାଲିଛି। ମୃତକଙ୍କୁ ଚିହ୍ନଟ କରିବା ପାଇଁ ପ୍ରୟାସ କରାଯାଉଛି। ସେହିପରି ହୋଟେଲରୁ ୪୫ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ୨ ଘଣ୍ଟାର କଠିନ ପରିଶ୍ରମ ପରେ ନିଆଁକୁ ନିୟନ୍ତ୍ରଣ କରାଯାଇଛି। ଏହି ନିଆଁ ଲିଭା କାର୍ଯ୍ୟରେ ୫୧ଟି ଦମକଳ ଗାଡ଼ି ଲାଗିଥିଲା। ନିଆଁ ଲିଭିବା ପରେ ଉଦ୍ଧାରକାରୀ ଟିମ୍ ହୋଟେଲ ଭିତରକୁ ଯାଇ ମୃତଦେହ ବାହାର କରିଥିଲା। ନିଆଁ ଲାଗିଥିବା କୋଠାଟି ୪ ମହଲା ବିଶିଷ୍ଟ ଥିଲା। ସବୁ ମହଲାକୁ ନିଆଁ ବ୍ୟାପି ଯାଇଥିଲା। ଏହା ଭିତରେ ଫସିଥିବା ଲୋକଙ୍କୁ କ୍ରେନ୍ ମାଧ୍ୟମରେ ବାହାର କରାଯାଇଥିଲା। ଆଉ କିଛି ଲୋକ ଜୀବନ ବଞ୍ଚାଇବା ପାଇଁ ତଳକୁ ଡେଇଁ ପଡ଼ିଥିଲେ।




ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ହୋଟେଲରେ ଥିବା ପ୍ଲାଷ୍ଟିକରେ ଅଚାନକ ନିଆଁ ଲାଗି ଯାଇଥିଲା। ଏହା ଗ୍ୟାସ୍ ସିଲିଣ୍ଡରକୁ ବ୍ୟାପିବା ପରେ ଗୋଟିଏ ପରେ ଗୋଟିଏ ୬ଟି ସିଲିଣ୍ଡର ବିସ୍ଫୋରଣ ହୋଇଥିଲା। ଏଥିଯୋଗୁଁ ତଳୁ ଉପର ଯାଏଁ ନିଆଁ ବ୍ୟାପି ଯାଇଥିଲା। ଏହାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଥିଲା। ଦମକଳ ଅଧିକାରୀଙ୍କ ଅନୁଯାୟୀ ହାଇଡ୍ରୋଲିକ ପ୍ଲାଟଫର୍ମ ଯୋଗୁଁ ନିଆଁ ନିୟନ୍ତ୍ରଣ ହୋଇପାରିଥିଲା, ନଚେତ ଏଥିରେ ୫୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥାନ୍ତା।

## ପ୍ରଥମ ଥର ପାଇଁ ଜାତିସଂଘରେ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ



ନ୍ୟୁୟର୍କ, ୨୫।୪ (ଏଜେନ୍ସି)

ପ୍ରଥମ ଥର ପାଇଁ ମିଳିତ ଜାତିସଂଘ (ୟୁଏନ୍)ରେ ଭାରତୀୟ ସମ୍ବିଧାନ ପ୍ରଣେତା ଡ. ବିଆର ଆମ୍ବେଦକରଙ୍କ ୧୩୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ନ୍ୟୁୟର୍କ ସ୍ଥିତ ମୁଖ୍ୟାଳୟରେ ୨ ଦିନ ପାଇଁ ୧୮ ଏବଂ ୨୩ ତାରିଖରେ ଜୟନ୍ତୀ ପାଳିତ ହୋଇଥିଲା। ୟୁଏନ୍ ପକ୍ଷରୁ ଜାରି ବିବୃତ୍ତି ଅନୁଯାୟୀ ଏହି କାର୍ଯ୍ୟକ୍ରମରେ ୧୯୫ ଦେଶର ନେତା ଏବଂ ପ୍ରତିନିଧି ସାମିଲ ହୋଇଥିଲେ। ଫାଉଣ୍ଡେସନ ଫର୍ ହ୍ୟୁମାନ ହୋରିଜନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ତେବେ ଭାରତରେ ନିର୍ବାଚନ ଚାଲିଥିବା ଯୋଗୁଁ ଭାରତୀୟ ରାଷ୍ଟ୍ରଦୂତ ଏହି କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହିଥିଲେ। ଏଥିରେ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲରେ ଯୁବ ବର୍ଗଙ୍କ ନେତୃତ୍ୱ ଏବଂ ପାର୍ବତ୍ୟାଞ୍ଚଳରେ କୃଷିକାର୍ଯ୍ୟ କରିବାରେ ଯୁବ ବର୍ଗଙ୍କୁ ସଶକ୍ତ କରିବା ଉପରେ ଚର୍ଚ୍ଚା ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାର ଆୟୋଜନକାରୀ ଦିଲୀପ ମହାସ୍କେଙ୍କୁ ଶୁଭେଚ୍ଛା ଜଣାଇ ଥିଲେ।

### ନିର୍ବାଚନ ଆଚରଣ ବିଧି ଉଲ୍ଲଘଂନ

## ମୋଦୀ, ରାହୁଲଙ୍କୁ ଇସି ନୋଟିସ୍

**୨୯ ସୁଦ୍ଧା ଉତ୍ତର ରଖିବାକୁ ନିର୍ଦ୍ଦେଶ**

ନୂଆଦିଲ୍ଲୀ,୨୫।୪(ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିର୍ବାଚନୀ ଆଚରଣ ବିଧି ଉଲ୍ଲଘଂନ କରିବା ଅଭିଯୋଗରେ ମୁଖ୍ୟ ନିର୍ବାଚନ କମିସନ କଂଗ୍ରେସ ଏବଂ ବିଜେପିକୁ ନୋଟିସ୍ ଜାରି କରିଛନ୍ତି। କମିସନ ଉଭୟ ଦଳର ଅଧ୍ୟକ୍ଷଙ୍କୁ ନୋଟିସ୍ ପଠାଇ ଆସନ୍ତା ୨୯ ତାରିଖ ସୁଦ୍ଧା ଜବାବ ରଖିବାକୁ କହିଛନ୍ତି। ନିର୍ବାଚନ ପ୍ରଚାର ବେଳେ ମୋଦୀ ଏବଂ ରାହୁଲ ଗାନ୍ଧୀ ସାଂପ୍ରଦାୟିକ ବିରୋଧୀ ମନ୍ତବ୍ୟ ଦେଇଥିବା ଉଭୟ ଦଳ ପରସ୍ପର ବିରୋଧରେ ଅଭିଯୋଗ ଆଣି ନିର୍ବାଚନ କମିସନଙ୍କ ଠାରେ ଆପତ୍ତି କରିଥିଲେ। ଏହି ଅଭିଯୋଗ ପାଇବା ପରେ ନିର୍ବାଚନ କମିସନ ଜନ ପ୍ରତିନିଧି ଆଇନ ଧାରା ୭୭ ଅନୁସାରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ ପି ନଡ୍ଡା ଏବଂ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ନୋଟିସ୍ ଜାରି କରିବା ସହିତ ସେମାନଙ୍କୁ ୨୯ ତାରିଖ ସୁଦ୍ଧା ଜବାବ ରଖିବାକୁ କହିଛନ୍ତି। ରାଜସ୍ଥାନରେ ଏକ ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ ମୋଦୀ ଏକ ସଂପ୍ରଦାୟ ପ୍ରତି ଅପମାନସୂଚକ ମନ୍ତବ୍ୟ ଦେବା ସହିତ ବିଭାଜନକାରୀ ଭାଷଣ ଦେଇଥିବା କଂଗ୍ରେସ ଅଭିଯୋଗ କରିଥିଲା। ଏହାକୁ ନେଇ ଉତ୍ତର ରଖିବାକୁ ନିର୍ବାଚନ କମିସନ ବିଜେପି ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ଆଗକୁ ବିଜେପିର ଷ୍ଟାର ପ୍ରଚାରକମାନେ ନିର୍ବାଚନ ପ୍ରଚାର ବେଳେ ଯେଭଳି ଆଚରଣ ସଂହିତାକୁ ପୂର୍ଣ୍ଣ ମାତ୍ରାରେ ପାଳନ କରିନ୍ତି ତାହାକୁ ନିଶ୍ଚିତ କରିବାକୁ କୁହିଛନ୍ତି। ଅନ୍ୟପକ୍ଷରେ ଦେଶ ବିକାଶପଥରେ ଗତି କରୁଥିବା ବେଳେ କଂଗ୍ରେସ 'ନର୍ଥ' ଓ 'ସାଉଥ୍' କରି ଦେଶକୁ ବିଭାଜନ କରିବାକୁ ଚାହୁଁଛି ବୋଲି ବିଜେପି ପକ୍ଷରୁ ନିର୍ବାଚନ କମିସନଙ୍କ ନିକଟରେ ଅଭିଯୋଗ କରାଯାଇଛି। ଉଭୟ ରାହୁଲ ଗାନ୍ଧୀ ଏବଂ ଦଳୀୟ ଅଧ୍ୟକ୍ଷ ଖଡ଼ଗେ ବିଭିନ୍ନ ନିର୍ବାଚନୀ ସଭାରେ ଦେଶକୁ ଦୁଇ ଭାଗ କଲାଭଳି ମତ ମନ୍ତବ୍ୟ ଦେଇଛନ୍ତି ବୋଲି ବିଜେପି ଅଭିଯୋଗ କରିଥିଲା ବେଳେ କମିସନ କଂଗ୍ରେସକୁ ଏହାର ଜବାବ ରଖିବାକୁ କହିଛନ୍ତି। ତେବେ କୌଣସି ନିର୍ବାଚନରେ ଜଣେ ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ନିର୍ବାଚନ କମିସନ ନୋଟିସ୍ ପଠାଇବା ପ୍ରଥମ ଘଟଣା ବୋଲି କୁହାଯାଉଛି। ଯଦିଓ କମିସନ ପ୍ରଧାନମନ୍ତ୍ରୀ ମୋଦୀ କିମ୍ବା ରାହୁଲଙ୍କ ନାମରେ ନୋଟିସ୍ ପଠାଇ ନାହାନ୍ତି; ତଥାପି ଏହା ସେମାନଙ୍କ ଉଦ୍ଦେଶ୍ୟରେ ଏହା ପଠାଯାଇଛି ବୋଲି କୁହାଯାଇଛି।

### ଘରୋଇ ସମ୍ପତ୍ତି ଅଧିଗ୍ରହଣ ଉପରେ ସୁପ୍ରିମକୋର୍ଟରେ ଚାଲିଛି ବିଚାର

# ସମ୍ପତ୍ତି ବଣ୍ଟନକୁ ନେଇ ସାମ୍ୟବାଦୀ ସିଦ୍ଧାନ୍ତକୁ ଗ୍ରହଣ କରାଯିବନି

ନୂଆଦିଲ୍ଲୀ, ୨୫।୪(ଏଜେନ୍ସି)

ସମ୍ବିଧାନ ଅନୁଚ୍ଛେଦ ୩୯ (ବି) ଅନୁଯାୟୀ କାହାର ଘରୋଇ ସମ୍ପତ୍ତିକୁ ସମାଜର ଭୌତିକ ସମ୍ବଳ କୁହାଯାଇ ପାରିବ ଓ ସାର୍ବଜନିକ ହିତ ପାଇଁ ତାହାର ଉପଯୋଗ କରାଯାଇ ପାରିବ କି ନାହିଁ ତାହା ଏବେ ପ୍ରଧାନ ବିଚାରପତି ଡି ୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୯ଜଣିଆ ଖଣ୍ଡପୀଠ ବିଚାର କରି ଦେଖୁଛନ୍ତି। ସୁପ୍ରିମକୋର୍ଟ ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି, ସରକାର କାହାର ବ୍ୟକ୍ତିଗତ ମାଲିକାନାରେ ଥିବା ଘରୋଇ ସମ୍ପତ୍ତିକୁ ସାର୍ବଜନୀନ କାର୍ଯ୍ୟରେ ଉପଯୋଗ କରିପାରିବେ। ଏହା କହିବା ଭୁଲ ହେବ ଯେ କୌଣସି ବ୍ୟକ୍ତିଙ୍କ ଘରୋଇ ସମ୍ପତ୍ତିକୁ ସମାଜର ଭୌତିକ ସମ୍ବଳ ବୋଲି ଧରାଯିବ ନାହିଁ। ଆବଶ୍ୟକ ମନେକରାଗଲେ ସାମୂହିକ ହିତ ପାଇଁ ଘରୋଇ ସମ୍ପତ୍ତିର ମଧ୍ୟଉପଯୋଗ କରାଯାଇ ପାରିବ। ସମ୍ବିଧାନର ଅନୁଚ୍ଛେଦ ୩୯(ବି) ହେଉଛି ରାଜ୍ୟଙ୍କ ନୀତି ନିର୍ଦ୍ଦେଶକ ତତ୍ତ୍ୱ (ଡିରେକ୍ଟିଭସ୍ ଅଫ୍ ଷ୍ଟେଟ୍ ପଲିସୀ) ସମ୍ବନ୍ଧିତ। ଅନୁଚ୍ଛେଦ ୩୯ (ବି) କହେ ଯେ ସରକାର ଏପରି ନୀତି ପ୍ରସ୍ତୁତ କରିବେ ଯେପରିକି ସାମୂଦାୟିକ ଭୌତିକ ସଂସାଧନ ବା ସମ୍ବଳର ବଣ୍ଟନରେ ସାଧାରଣ ଜନତାର ହିତସାଧିତ ହେଉଥିବ। ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼ କହିଛନ୍ତି, କେବଳ ସରକାରୀ ସମ୍ପତ୍ତିକୁ ସାମୂଦାୟିକ ଭୌତିକ ସଂସାଧନ କୁହା ନ ଯାଇ ଘରୋଇ ସମ୍ପତ୍ତକୁ ବି ସାମୂଦାୟିକ ଭୌତିକ ସଂସାଧନ କୁହାଯିବା କଥା। ଘରୋଇ ଜଙ୍ଗଲ ଓ ଖଣି ଘରୋଇ ମାଲିକାନାରେ ଥିଲେ କ'ଣ ତା' ଉପରେ ସରକାରୀ ନୀତି ଲାଗୁ ହେବନାହିଁ? ଯଦି ଲାଗୁ ହେବନାହିଁ ତେବେ ବିଷମ ସଙ୍କଟ ଦେଖାଦେବ। ୧୯୫୦ରେ ଯେତେବେଳେ ଦେଶର ସମ୍ବିଧାନ ଲାଗୁ ହେଲା, ସେ ସମୟର ସାମାଜିକ ପରିସ୍ଥିତିକୁ ଦୃଷ୍ଟିରେ ରଖାଯାଇ ସମ୍ବିଧାନ ରଚା ଯାଇଥିଲା ଯେପରିକି ସାମାଜିକ ପରିବର୍ତ୍ତନ ସମ୍ଭବ ହେବ। ତେଣୁ ୩୯ (ବି) ଘରୋଇ ସମ୍ପତ୍ତି ଉପରେ ଲାଗୁ ହୁଏନି ଏପରି ଏବେ ଧରାଯିବା ଭୁଲ ହେବ। ପୁଞ୍ଜିବାଦୀ ବିଚାରଧାରାରେ ଘରୋଇ ସମ୍ପତ୍ତିର ବ୍ୟକ୍ତିଗତ ମାଲିକାନାକୁ ଗୁରୁତ୍ୱ ଦିଆଯାଇଥାଏ, କିନ୍ତୁ ସମାଜବାଦୀ ଚିନ୍ତାଧାରା କହେ ଯେ କୌଣସି ସମ୍ପତ୍ତି ଘରୋଇ ସମ୍ପତ୍ତି ନୁହେଁ, ସମସ୍ତ ସମ୍ପତ୍ତି ହେଉଛି ସମାଜର ସମ୍ପତ୍ତି। ଏହି ଦୁଇ ବିଚାରଧାରା ସନ୍ତୁଳନ ରକ୍ଷା କରିଥାଏ ଗାନ୍ଧୀ ବିଚାରଧାରା। ଆମର ନୀତି ନିର୍ଦ୍ଦେଶକ ତତ୍ତ୍ୱ ଗାନ୍ଧୀବାଦୀ ବିଚାରଧାରାକୁ ପାଳନ କରିଥାଏ। ଆମେ ଅତି ପୁଞ୍ଜିବାଦ କି ଅତି ସମାଜବାଦ ବିଚାରଧାରାକୁ ଆପଣାଇ ନାହୁଁ। ଆମେ ସେ ପର୍ଯ୍ୟନ୍ତ ଯାଇନୁ ଯେ କହିବୁ ଘରୋଇ ସମ୍ପତ୍ତି ବୋଲି କିଛି ନାହିଁ, ସବୁ ସମ୍ପତ୍ତି ସମାଜର। ଆମେ ତା'କୁ ସମ୍ପତ୍ତି କହୁ ଯାହା ଆମେ ଆମ ଆସନ୍ତା ପିଢ଼ିକୁ ହସ୍ତାନ୍ତର କରିବା ପାଇଁ ସାଇତି ସମ୍ଭାଳି ରଖିଥାଉ। ଆଜିର ପିଢ଼ି ପାଇଁ ଯେଉଁ ସମ୍ପତ୍ତି ଆମେ ରଖିଛୁ ତାହା ଏଥିପାଇଁ ରଖାଯାଇଛି ଯେ ଆଗାମୀ ଦିନରେ ସାମାଜିକ ହିତ ପାଇଁ ଦରକାର ହେଲେ ତାହାର ଉପଯୋଗ କରିପାରିବା। ଯେଉଁ ମାମଲାର ବିଚାର ବେଳେ ଏ ପ୍ରସଙ୍ଗ ଉଠିଛି, ସେ ମାମଲାଟି ୧୯୮୬ର। ମହାରାଷ୍ଟ୍ର ସରକାର ଏକ ଆଇନରେ ଏପରି ସଂଶୋଧନ କଲେ ଯେ ତାହା ମୁମ୍ବାଇ ବିଲ୍ଡିଂ ରିପେୟାର ଆଣ୍ଡ ରିକନଷ୍ଟ୍ରକ୍ସନ ବୋର୍ଡକୁ କୌଣସି ଅତି ପୁରୁଣା ବିଲ୍ଡିଂକୁ ତାହାର ୭୦% ବାସିନ୍ଦାଙ୍କ ସମ୍ମତିରେ ଅକ୍ତିଆର କରିନେବାକୁ କ୍ଷମତା ଦେଇଥିଲା। ମୁମ୍ବାଇ ପ୍ରପର୍ଟି ଓନର୍ସ ଆସୋସିଏସନ୍ ସେହି ସଂଶୋଧନକୁ ବମ୍ବେ ହାଇକୋର୍ଟରେ ଚ୍ୟାଲେଞ୍ଜ କରି ଯାଚିକା ଦାଖଲ କରିଥିଲା। ହାଇକୋର୍ଟ ଉକ୍ତ ଯାଚିକାକୁ ଖାରଜ କରିବା ପରେ ପ୍ରପର୍ଟି ଓନର୍ସ ଆସୋସିଏସନ୍ ସୁପ୍ରିମକୋର୍ଟ ଯାଇଛି।



## ସୁପ୍ରିମକୋର୍ଟର ହ୍ୱାଟ୍‌ସଆପ୍ ସେବା ଆରମ୍ଭ

ସୁପ୍ରିମକୋର୍ଟରେ ହ୍ୱାଟ୍‌ସଆପ୍ ସେବା ଆରମ୍ଭ ହୋଇଛି। ଏହା ମାଧ୍ୟମରେ ଓକିଲଙ୍କୁ କଜ୍ ଲିଷ୍ଟ (ଶୁଣାଣି ତାରିଖ), ମାମଲା ଦାଖଲ ଏବଂ ଏହା ତାଲିକାଭୂକ୍ତ ହେବା ସମ୍ବନ୍ଧିତ ତଥ୍ୟ ପ୍ରଦାନ କରାଯିବ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡିୱାଇ ଚନ୍ଦ୍ରଚୂଡ ଗୁରୁବାର ଏହି ଘୋଷଣା କରିଛନ୍ତି। ହ୍ୱାଟ୍‌ସଆପ୍‌କୁ ସୁପ୍ରିମକୋର୍ଟର ଆଇଟି ସର୍ଭିସ ସହ ଯୋଡ଼ି ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ମଜବୁତ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି ବୋଲି ସିଜେଆଇ କହିଛନ୍ତି। ସେ ହ୍ୱାଟ୍‌ସଆପ୍ ନଂ ମଧ୍ୟ ଜାରି କରିଛନ୍ତି। ଏହି ପଦକ୍ଷେପ ଦ୍ୱାରା କାର୍ଯ୍ୟଶୈଳୀ ବଦଳିବ ଏବଂ କାଗଜ ବଞ୍ଚିବ ବୋଲି ଉଲ୍ଲେଖ କରିଛନ୍ତି।

**ଇଡିର ସତ୍ୟପାଠ**

## ଦୁର୍ନୀତିରେ କେଜ୍ରିୱାଲଙ୍କ ବଡ଼ ଭୂମିକା

ମଦ ନୀତି ମାମଲାରେ ନିଜ ଗିରଫ ବିରୋଧରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଦାଏର କରିଥିବା ଆବେଦନକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବିରୋଧ କରିଛି। ଏଜେନ୍ସି ବୁଧବାର ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିଛି। ଏଥିରେ ତାଙ୍କ ଗିରଫକୁ ବୈଧ ଦର୍ଶାଯାଇଛି। ଅନେକ ଥର ସମନ ସତ୍ତ୍ୱେ କେଜ୍ରିୱାଲ ଜେରା ପାଇଁ ହାଜର ହୋଇ ନ ଥିଲେ। ଏହି ଆଭିମୁଖ୍ୟ ପାଇଁ ତାଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାରେ ସେ ଦୋଷୀ ବୋଲି ଅନେକ ପ୍ରମାଣ ମିଳିଛି। ଏହାକୁ ଅନେକ କୋର୍ଟ ଦେଖି ସାରିଛନ୍ତି। ତାଙ୍କୁ କୌଣସି ଉଦ୍ଦେଶ୍ୟ ରଖି କିମ୍ବା ଅନ୍ୟ କୌଣସି କାରଣରୁ ଗିରଫ କରାଯାଇ ନାହିଁ। ତାଙ୍କ ଆବେଦନ ସମ୍ପୂର୍ଣ୍ଣ ଆଧାରହୀନ। ମାର୍ଚ୍ଚ ୨୧ରେ ତାଙ୍କୁ ମୋବାଇଲର ପାସୱାର୍ଡ ମଗା ଯାଇଥିଲା। ହେପାଜତରେ ମଧ୍ୟ ଏହା ପଚରା ଯାଇଥିଲା। କିନ୍ତୁ ସେ ଏହା ଦେଇ ନ ଥିଲେ। ଏହି ଦୁର୍ନୀତିରେ ତାଙ୍କର ବଡ଼ ଭୂମିକା ରହିଛି। ସେ ମନି ଲଣ୍ଡରିଂ ଅପରାଧ କରିଛନ୍ତି।




ଟି-୨୦ରେ ରୋହମାଲିଆଙ୍କ ବିଶ୍ୱ କୀର୍ତ୍ତିମାନ ବୋଲିଂ

▸ପୃଷ୍ଠା ୧୬ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-300 ◆BHUBANESWAR ◆FRIDAY ◆26 APRIL 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୦୦ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୬ ଏପ୍ରିଲ୍ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


**ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ**

## ୧୩ ରାଜ୍ୟର ୮୯ ଆସନରେ ମତଦାନ ଆଜି

■ **ନୂଆଦିଲ୍ଲୀ, ୨୫।୪ (ଏଜେନ୍ସି):** ଆସନ୍ତାକାଲି ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ହେବାକୁ ଯାଉଛି । ଏହି ପର୍ଯ୍ୟାୟରେ ୧୩ଟି ରାଜ୍ୟର ୮୯ ଆସନ ପାଇଁ ମତଦାନ ହେବ। କେରଳର ସମସ୍ତ ୨୦ଟି ଲୋକସଭା ଆସନ ସମେତ କର୍ଣ୍ଣାଟକର ୧୪,ରାଜସ୍ଥାନ ୧୩, ମହାରାଷ୍ଟ୍ର ୮,ଉତ୍ତରପ୍ରଦେଶ ୮,ମଧ୍ୟପ୍ରଦେଶ ୭, ଆସାମ ଓ ବିହାରରେ ପ୍ରତ୍ୟେକ ୫ , ଛତିଶଗଡ଼ ଓ ପଶ୍ଚିମବଙ୍ଗରେ ପ୍ରତ୍ୟେକ ୩ ଏବଂ ମଣିପୁର, ତ୍ରିପୁରା ଓ ଜମ୍ମୁ-କାଶ୍ମୀରର ଗୋଟିଏ ଲେଖାଏଁ ଆସନରେ ମତଦାନ ହେବ । ମତଦାନ ହେବାକୁ ଥିବା ଏହି ୮୯ଟି ଆସନ ମଧ୍ୟରେ ଉତ୍ତରପ୍ରଦେଶର ମଥୁରା ଏବଂ କେରଳର ୱାଏନାଡ ଆସନ ଉପରେ ସମସ୍ତଙ୍କ ଦୃଷ୍ଟି ରହିଛି । ମଥୁରା ଆସନରେ ବିଜେପି ପ୍ରାର୍ଥୀ ଭାବେ ସାଂସଦ ହେମାମାଳିନୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ୱାଏନାଡ୍‌ରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଅନ୍ୟ ପ୍ରମୁଖ ଆସନ ମଧ୍ୟରେ କେରଳର ତିରୁଅନନ୍ତପୁରମ ଆସନ ଏବଂ ଉତ୍ତରପ୍ରଦେଶର ମିରଟ ଆସନ ରହିଛି। ତିରୁଅନନ୍ତପୁରମରେ କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖରଙ୍କ ସହ କଂଗ୍ରେସ ପ୍ରାର୍ଥୀ ଶଶି ଥରୁର ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ମିରଟରେ ବିଜେପି ପ୍ରାର୍ଥୀ ଭାବେ ରାମାୟଣ ସିରିଅଲର ଲୋକପ୍ରିୟ ଅଭିନେତା ଅରୁଣ ଗୋଭିଲ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। କର୍ଣ୍ଣାଟକର ମାଣ୍ଡ୍ୟ ଆସନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ ଡି କୁମାରସ୍ୱାମୀ ଏବଂ ବିହାରର ପୂର୍ଣ୍ଣିଆ ଆସନରେ ପପୁ ଯାଦବ ସ୍ୱାଧୀନ ଭାବେ ଲଢୁଥିବାରୁ ଏହି ଦୁଇ ଆସନ ମଧ୍ୟ ସମସ୍ତଙ୍କ ନଜରରେ ରହିଛି ।

**ଚର୍ଚ୍ଚିତ ଆସନ ମଧ୍ୟରେ ୱାଏନାଡ ,ମଥୁରା , ମିରଟ**

**ଓଡ଼ିଶାରେ ଭୋଟ୍**

## ପ୍ରଥମ ପର୍ଯ୍ୟାୟ ନାମାଙ୍କନ ଶେଷ

### ସରିଲା ନାହିଁ ୩ ପ୍ରମୁଖ ଦଳର ପ୍ରାର୍ଥୀ ଘୋଷଣା

■ **ଭୁବନେଶ୍ୱର, ୨୫।୪ (ସମିସ):** ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ରାଜ୍ୟରେ ଆଜି ପ୍ରଥମ ପର୍ଯ୍ୟାୟ ନାମାଙ୍କନ ପ୍ରକ୍ରିୟା ଶେଷ ହୋଇଛି । ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଆସନ୍ତାକାଲି ବିଜ୍ଞପ୍ତି ପ୍ରକାଶ ପାଇବ । ଏହା ସତ୍ତ୍ୱେ ରାଜ୍ୟର ୩ ପ୍ରମୁଖ ଦଳ ଏଯାବତ୍ ବିଧାନସଭା ପାଇଁ ପୂର୍ଣ୍ଣାଙ୍ଗ ତାଲିକା ପ୍ରକାଶ କରିପାରି ନାହାନ୍ତି । ବିଜେଡି ଶେଷ ଦୁଇ ପର୍ଯ୍ୟାୟରେ ହେବାକୁଥିବା ୬ଟି ଆସନରେ ପ୍ରାର୍ଥୀ ଘୋଷଣା କରି ନାହିଁ। ଅନ୍ୟପକ୍ଷରେ କଂଗ୍ରେସ ୯ ଓ ମୁଖ୍ୟ ବିରୋଧୀ ଦଳ ବିଜେପି ସର୍ବାଧିକ ୧୫ ଆସନର ପ୍ରାର୍ଥୀଙ୍କ ନାମ ଘୋଷଣା ଝୁଲାଇ ରଖିଛି। ପ୍ରଥମ ପର୍ଯ୍ୟାୟ ପାଇଁ ନାମାଙ୍କନ ପ୍ରକ୍ରିୟା ସରିଥିବା ବେଳେ ପ୍ରମୁଖ ରାଜନୈତିକ ଦଳମାନେ ଏଯାବତ୍ ପୂର୍ଣ୍ଣାଙ୍ଗ ପ୍ରାର୍ଥୀ ତାଲିକା ପ୍ରକାଶ ନ କରିବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ▸ପୃଷ୍ଠା-୯



**ପ୍ରାର୍ଥୀ ଘୋଷଣାରେ ସବୁଠୁ ଆଗରେ ବିଜେଡି**

**୧୫ଟି ଆସନରେ ଛିଡୁନି ବିଜେପିର ଗଣିତ**

**୯ ଆସନରେ ଝୁଲୁଛି କଂଗ୍ରେସର ପ୍ରାର୍ଥୀ ଘୋଷଣା**

---

### କୋରାପୁଟରୁ ବିକାଶ ବିରୋଧୀଙ୍କୁ ପାଣ୍ଡିଆନଙ୍କ ଶାଣିତ ଆକ୍ରମଣ

# ନିଦ ହଜାଇଛି 'ନବୀନ' ଗ୍ୟାରେଣ୍ଟି

- ଭୋଟ ପରେ ଲୋଭନୀୟ ପ୍ରତିଶ୍ରୁତି ପାସୋରି ଯାଆନ୍ତି କେନ୍ଦ୍ରମନ୍ତ୍ରୀ
- ସାଧାରଣ ଲୋକଙ୍କ ବିଶ୍ୱାସକୁ ମଜଭୁତ କରିଛି ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ
- ଦୁଇ-ତିନି ମାସ ମଧ୍ୟରେ ଲୋକଙ୍କ ପ୍ରସ୍ତାବର ୮୦ ପ୍ରତିଶତ ପୂରଣ ହୋଇଛି
- କେନ୍ଦ୍ରମନ୍ତ୍ରୀ ଓ ତାଙ୍କ ଦଳ ସାଂସଦଙ୍କ ଦେହରେ ଯାଉନି ଓଡ଼ିଶାବାସୀଙ୍କ କଲ୍ୟାଣ
- ବନ୍ଦ କଲେ ମା'ମାନଙ୍କ ଦୁବାଇ ଗସ୍ତ, ଏବେ ବିଏସ୍‌କେୱାଇ ବନ୍ଦ ପାଇଁ ଷଡ଼ଯନ୍ତ୍ର
- ଓଡ଼ିଶାର ଜନସାଧାରଣ ସବୁ ଦେଖୁଛନ୍ତି, ଠିକ୍ ସମୟରେ ଦେବେ ଠିକଣା ଜବାବ




■ **ପଟାଙ୍ଗୀ/ଦଶମନ୍ତପୁର, ୨୫।୪ (ସମିସ):** ବିଜୁ ଜନତା ଦଳର ତାରକା ପ୍ରଚାରକ ତଥା '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କୋରାପୁଟ ଜିଲ୍ଲାରେ ଆରମ୍ଭ କରିଛନ୍ତି ନିର୍ବାଚନ ପ୍ରଚାର। ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀର ଦଶମନ୍ତପୁର ଓ ପଟାଙ୍ଗୀରେ ଅନୁଷ୍ଠିତ ସମାବେଶରେ ବିରୋଧୀଙ୍କୁ କଟୁ ସମାଲୋଚନା କରିବା ସହ ବିଜୁ ଜନତା ଦଳ ପ୍ରାର୍ଥୀମାନଙ୍କୁ ଆଶୀର୍ବାଦ କରିବାକୁ ଅନୁରୋଧ କରିଛନ୍ତି। ନିର୍ବାଚନ ସମୟରେ ଲୋଭନୀୟ ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ନିର୍ବାଚନ ପର୍ଯ୍ୟନ୍ତ ପାଶୋରି ଯାଉଥିବା ନେତାମାନଙ୍କୁ ଶାଣିତ କଟାକ୍ଷ ସହ ଓଡ଼ିଶାବାସୀଙ୍କ କଲ୍ୟାଣ କେନ୍ଦ୍ରମନ୍ତ୍ରୀ ଓ ତାଙ୍କ ସାଂସଦମାନଙ୍କ ଦେହରେ ଯାଉନାହିଁ ବୋଲି ତେରଛା ତୀର ମାରିଛନ୍ତି।

ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରୂପାନ୍ତରଣ କାର୍ଯ୍ୟକ୍ରମ ବିରୋଧୀଙ୍କ ନିଦକୁ ହଜାଇ ଦେଇଛି । ବିରୋଧୀ ଦଳର ନେତା ଏହି ତଥାକଥିତ ନେତାମାନେ ବହୁତ ବଡ ବଡ କଥା କୁହନ୍ତି, ନିର୍ବାଚନ ସରିଗଲେ ଖୋଜିଲେ ବି ମିଳନ୍ତି ନାହିଁ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଲକ୍ଷ ଲକ୍ଷ ଲୋକ ସ୍ୱାସ୍ଥ୍ୟସେବା ପାଉଥିବା ବେଳେ, ଜଣେ କେନ୍ଦ୍ରମନ୍ତ୍ରୀ ଏହାକୁ ବନ୍ଦ କରିବାକୁ ଷଡଯନ୍ତ୍ର କରୁଛନ୍ତି। ଏପରିକି ମା'ମାନଙ୍କୁ ଆମେ ଦୁବାଇ ପଠାଉଛୁ । ତାକୁ ବି ସେମାନେ ସହିପାରୁ ନାହାନ୍ତି । ତେଣୁ ଚକ୍ରାନ୍ତ କରି ମା' ମାନଙ୍କ ବାଣିଜ୍ୟିକ ଶିକ୍ଷା ପାଇଁ ବିଦେଶ ଗସ୍ତ କାର୍ଯ୍ୟକ୍ରମକୁ ବନ୍ଦ କରିଦେଲେ। ମା' ମାନଙ୍କ ପ୍ରଗତିକୁ ସହିପାରୁ ନଥିବା ଏପରି ନେତାଙ୍କୁ ଜନତା ଉଚିତ ଜବାବ ଦେବେ। ଅନ୍ୟ ଦଳର ଜଣେ ସାଂସଦ ଏହି ଅଞ୍ଚଳରୁ ନିର୍ବାଚିତ ହୋଇଛନ୍ତି । ଗତ ୫ ବର୍ଷ ମଧ୍ୟରେ ସେ କ'ଣ କରିଛନ୍ତି ତାହା କେହି ଜାଣନ୍ତି ନାହିଁ ।

ସେ ପୁଣି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନଜାତି ଭାଇଭଉଣୀ ମାନଙ୍କୁ ବହୁତ ଭଲ ପାଆନ୍ତି। ଆପଣମାନଙ୍କ କଲ୍ୟାଣ ପାଇଁ ସେ ଦିନରାତି କାମ କରୁଛନ୍ତି। ଜନଜାତି କଳା ଓ ସଂସ୍କୃତିର ପ୍ରସାର ପାଇଁ ସେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି। ଆପଣମାନଙ୍କ ପିଲାମାନେ ଯେପରି ଭଲ ପାଠ ପଢି ଭଲ ମଣିଷ ହେବେ, ସେଥିପାଇଁ ମୁଖ୍ୟମନ୍ତ୍ରୀ ୫-ଟି ସ୍କୁଲ ରୂପାନ୍ତର କରିଛନ୍ତି। ମୁଖ୍ୟମନ୍ତ୍ରୀ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି। ଲୋକସଭାରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ପାଇଁ ବିଜୁ ଜନତା ଦଳ ବହୁ ଆଗରୁ ଦାବି କରିଆସିଛି ଆଉ ପଦକ୍ଷେପ ବି ନେଇଛି। ୨୧ ସଂସଦ ପ୍ରାର୍ଥୀରୁ ଆମ ମୁଖ୍ୟମନ୍ତ୍ରୀ ୭ ଜଣ ମହିଳାଙ୍କୁ ପ୍ରାର୍ଥୀ ▸ପୃଷ୍ଠା-୯



## 'ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଲୋକଙ୍କ କାମର ହିସାବ ଦେବାକୁ ମୁଁ ଆସିଛି'

■ **ଗୁଣୁପୁର/ବିଷମକଟକ, ୨୫।୪ (ସମିସ):** ରାଜ୍ୟର ରୂପାନ୍ତର ହୋଇଛି। ବିକାଶ ପର୍ବ ସମସ୍ତଙ୍କ ଛୁଇଁଛି । ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଓଡ଼ିଶାବାସୀ ଆକୁଣ୍ଠ ସମର୍ଥନ ଦେଇ ଆସୁଛନ୍ତି। ତାଙ୍କୁ ବାରମ୍ବାର ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଛନ୍ତି, ଏହା ଦେଖି ବିରୋଧୀ ବିଚଳିତ ହୋଇପଡିଛନ୍ତି। ମୁଖ୍ୟମନ୍ତ୍ରୀ ଓ ବିଜେଡି ସଭାରେ ବିଶାଳ ଜନସମାଗମକୁ ଦେଖି ବାଉଳି ଚାଉଳି ହେଉଛନ୍ତି। ଲୋକଙ୍କ ଉତ୍ସାହକୁ ସେମାନେ ସହ୍ୟ କରିପାରୁ ନାହାନ୍ତି। ଆଗକୁ ନିର୍ବାଚନ ଥିବାରୁ ସେମାନେ ଚିରାଚରିତ ଭାବେ ଲୋକଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ନିର୍ବାଚନ ସମୟରେ ସେମାନେ ମିଠା ମିଠା କଥା କୁହନ୍ତି, ନିର୍ବାଚନ ସରିଗଲେ ଖୋଜିଲେ ବି ମିଳନ୍ତି ନାହିଁ, ଓଡିଶା ପାଇଁ ସେମାନେ ଟଙ୍କାକର କାମ କରିନାହାନ୍ତି। ନିର୍ବାଚନ ସରିଲେ ମୁଁ କିନ୍ତୁ ଆପଣମାନଙ୍କ ପାଖକୁ ଧନ୍ୟବାଦ ଦେବାକୁ ଆସିବି ବୋଲି କହିଛନ୍ତି ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ। ଗୁରୁବାର ବିଷମକଟକ ଓ ଗୁଣୁପୁର ନିର୍ବାଚନ ପ୍ରଚାର ଆରମ୍ଭ କରି ଶ୍ରୀ ପାଣ୍ଡିଆନ୍ ବିଜେଡିର ଦଳର ସାଂସଦ ଓ ବିଧାନସଭା ପ୍ରାର୍ଥୀଙ୍କୁ ▸ପୃଷ୍ଠା-୯

- କଳା ସଂସ୍କୃତିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ
- ଏନଏସିରେ ପରିଣତ ହୋଇଛି ବିଷମକଟକ ଓ ମୁନିଗୁଡ଼ା ଅଞ୍ଚଳ
- ଡଙ୍ଗରିଆ କନ୍ଧଙ୍କ ପାଇଁ ଘର, ଏସ୍‌ସି ହଷ୍ଟେଲ, ଡ୍ୟାମ୍ ଆଦି ମଞ୍ଜୁର
- ଗୁଣୁପୁରରେ ଚାଲିଛି ୧୩୭୦ କୋଟି ଟଙ୍କାର ବିକାଶ କାର୍ଯ୍ୟ
- ବିଏସ୍‌କେୱାଇ କାର୍ଡ ପାଇଛନ୍ତି ସ୍ଥାନୀୟ ଅଞ୍ଚଳର ୮୦,୫୦୦ ପରିବାର
- ଲକ୍ଷ ଲକ୍ଷ ଲୋକ ଉପକୃତ ହେଉଥିବା ଯୋଜନା ବନ୍ଦ ଷଡ଼ଯନ୍ତ୍ରକାରୀଙ୍କୁ ମିଳିବ କଡ଼ା ଜବାବ୍

---

**୫ ଦିନ ଯାଏଁ ଗ୍ରୀଷ୍ମ ଲହରୀ ଚେତାବନୀ**

# ଆଜିଠୁ ଅଥୟ କରିବ ତାତି

**ମେ' ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ମିଳିବନି ନିସ୍ତାର**

**୪୦° ଉପରେ ୩୩ ସହର ତାପମାତ୍ରା**



■ **ଭୁବନେଶ୍ୱର, ୨୫।୪ (ସମିସ):** ଗତ କିଛି ଦିନ ହେବ ରାଜ୍ୟବାସୀଙ୍କୁ କଲବଲ କରୁଥିବା ଗ୍ରୀଷ୍ମପ୍ରବାହ ଆସନ୍ତାକାଲିଠାରୁ ଅସମ୍ଭାଳ ହେବ। ସ୍ଥିତି ଯାହା ଥିଲା, ତାହାଠୁ ଆହୁରି ବିଗିଡ଼ିବ। ଟାଣ ଖରା କଲବଲ କରିବା ସହ ଝାଞ୍ଜିମାଡ଼ରେ ଶରୀର ଝାଇଁଝାଇଁ ହେବ। ଶୁକ୍ରବାରଠାରୁ ରାଜ୍ୟକୁ ପ୍ରଚୁର ମାତ୍ରାରେ ଶୁଷ୍କ ଓ ଗରମ ପବନ ପ୍ରବେଶ କରିବ। ଫଳରେ ରାଜ୍ୟର ଏକାଧିକ ସ୍ଥାନରେ ଦୃଷ୍ଟାନ୍ତମୂଳକ ଭାବେ ତାପମାତ୍ରା ବୃଦ୍ଧି ପାଇବ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲା ପାଇଁ ଭୀଷଣ ଗ୍ରୀଷ୍ମ ଲହରୀ (ହିଟ୍ ୱେଭ୍-ସିଭିୟର ହିଟ୍-ୱେଭ୍) ଚେତାବନୀ ଜାରି କରାଯାଇଛି। ଶୁକ୍ରବାର ଓ ଶନିବାର ସ୍ଥିତି ଅତି ସମ୍ବେଦନଶୀଳ ହେବା ନେଇ ଆଶଙ୍କା ଥିବାରୁ ଏହି ଦୁଇ ଦିନ ବିଭିନ୍ନ ଜିଲ୍ଲା ପାଇଁ ରେଡ୍ ଆଲର୍ଟ ଜାରି ହୋଇଛି। ▸ପୃଷ୍ଠା-୯

### ଅଂଶୁଘାତରେ ୨ ମୃତ, ୬୦ ଅସୁସ୍ଥ

■ **ବାରିପଦା, ୨୫।୪ (ସମିସ):** ଗତ କିଛି ଦିନ ହେଲା ରାଜ୍ୟର ଉତ୍ତପ୍ତ ସହର ଭାବେ ପରିଗଣିତ ହେଉଥିବା ବାରିପଦାରେ ଅଂଶୁଘାତ ୨ଜଣଙ୍କ ଜୀବନ ନେଇଛି। ଏ ସଂପର୍କରେ ଡା. ଏଡିଏମଓ ବିଜୟକୁମାର ଦାଶ ସୂଚନା ଦେଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅଧୀନ ଢୁକୁରା ଓ ମୋରଡା ଥାନା ଅଧୀନ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ୨ ଅଂଶୁଘାତ ରୋଗୀଙ୍କ ମୃତ୍ୟୁ ଘଟିଛି। ଜଣଙ୍କର ▸ପୃଷ୍ଠା-୯

## ସରକାରୀ ଡାକ୍ତରଖାନା ପରିସରରୁ ଉଚ୍ଛେଦ ହେବ ୧୦୧ ଔଷଧ ଦୋକାନ

**ଅଦାଲତଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ୧୫ ଦିନ ମହଲତ**

**ଆଦାୟ ହେବ ବକେୟା ପାଉଣା**

■ **ଭୁବନେଶ୍ୱର, ୨୫।୪ (ସମିସ):** ଆସନ୍ତା ୧୫ ଦିନ ଭିତରେ ରାଜ୍ୟର ବିଭିନ୍ନ ସରକାରୀ ଡାକ୍ତରଖାନା ଓ ମେଡିକାଲ କଲେଜ ପରିସରରେ ଥିବା ଔଷଧ ଦୋକାନଗୁଡ଼ିକୁ ଉଚ୍ଛେଦ କରାଯିବ। ଏଥିସହ ସେମାନଙ୍କଠାରୁ ଶେଷଥର ଜାରି ଲାଇସେନ୍ସ ବାବଦ ବକେୟା ପାଉଣା ମଧ୍ୟ ସଂଗ୍ରହ କରାଯିବ। ଚଳିତ ମାସ ୧୯ ତାରିଖରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପ୍ରକାଶ କରିଥିବା ରାୟ ଉପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସମସ୍ତ ଔଷଧ ଦୋକାନଗୁଡ଼ିକୁ ଉଚ୍ଛେଦ ପାଇଁ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଶାଲିନୀ ପଣ୍ଡିତ ଏମ୍‌କେସିଜି ତଥା ଭିମସାର ମେଡିକାଲ କଲେଜର ଅଧୀକ୍ଷକ ଏବଂ ୨୪ ଜିଲ୍ଲାର ସିଡିଏମ୍‌ଓଙ୍କୁ ପତ୍ର ଲେଖି ନିର୍ଦ୍ଦେଶ ଦେଇଛନ୍ତି। ଏସବୁ ସ୍ଥାନରେ ଥିବା ସମୁଦାୟ ୧୦୧ଟି ଔଷଧ ଦୋକାନକୁ ୧୫ଦିନ ଭିତରେ ଉଚ୍ଛେଦ କରିବା ପାଇଁ କୁହାଯାଇଛି। ସରକାରୀ ଡାକ୍ତରଖାନାରେ ସବୁପ୍ରକାର ରୋଗୀଙ୍କୁ ରାଜ୍ୟ ସରକାର 'ନିରାମୟ' ଯୋଜନା ମାଧ୍ୟମରେ ମାଗଣାରେ ଔଷଧ ଯୋଗାଇ ଦେଉଛନ୍ତି। ତେଣୁ ସରକାରୀ ଡାକ୍ତରଖାନା ପରିସରରେ ନୂଆ ଘରୋଇ ଔଷଧ ଦୋକାନ ନ ▸ପୃଷ୍ଠା-୯

---

## ଲୋକକଥା



ଶଙ୍ଖ ରଡ଼ି ଶୁଣି ଛାନିଆ ହେଲେଣି
ଧର୍ମେନ୍ଦ୍ର ଓଗେରେ କେତେ,
ମନ ଛଟପଟ ହେଲାଣି ଏବେଠୁ
ଫୁଲ ଝଡ଼ିଯିବ ସତେ !
ରଡ଼ିର ପ୍ରଭାବ ଏତେ,
ଝଡ଼ ଭଳି ମାଡ଼ି ଆସିଲାଣି ହାଏ
ଭୋଟର ଦେବେ କି ନାତେ !!

**ଜେଇଇ ମେନ୍ ପରୀକ୍ଷା ଫଳ**

## ଅନ୍ୱେଷ ଶୁଭମ୍ ରାଜ୍ୟ ଟପ୍ପର୍



■ **ଭୁବନେଶ୍ୱର, ୨୫।୪ (ସମିସ):** ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ଯୁଗ୍ମ ପ୍ରବେଶିକା ପରୀକ୍ଷା ବା ଜେଇଇ ମେନ୍ ପରୀକ୍ଷା ପେପର-୧ ଫଳ ପ୍ରକାଶ ପାଇଛି। ଜାନୁଆରୀ ଓ ଏପ୍ରିଲରେ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ପରୀକ୍ଷାରେ ଚଳିତ ବର୍ଷ ରେକର୍ଡସଂଖ୍ୟକ ୫୬ ଜଣ ଟପର୍ ହୋଇଛନ୍ତି। ତନ୍ମଧ୍ୟରେ ୨ଜଣ ଛାତ୍ରୀ ସ୍ଥାନ ପାଇଥିବା ବେଳେ ୫୪ ଛାତ୍ର ରହିଛନ୍ତି। ଏହି ସମସ୍ତ ଛାତ୍ରଛାତ୍ରୀ ଶହେ ପର୍‌ସେଣ୍ଟାଇଲ୍ ନମ୍ବର ରଖିଛନ୍ତି। ଟପର୍ ବା ଶହେ ପର୍‌ସେଣ୍ଟାଇଲ୍ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଶାରୁ କେହି ସ୍ଥାନ ପାଇନାହାନ୍ତି। ଓଡ଼ିଶାରୁ ଅନ୍ୱେଷ ଶୁଭମ୍ ପ୍ରଧାନ ୯୯.୯୯ ପର୍‌ସେଣ୍ଟାଇଲ୍ ନମ୍ବର ରଖି ରାଜ୍ୟ ଟପର୍ ହୋଇଛନ୍ତି।

ଫଳ ପ୍ରକାଶ ପାଇବା ପରେ ସମଗ୍ର ଦେଶରୁ ସମୁଦାୟ ୨ଲକ୍ଷ ୫୦ ହଜାର ୨୮୪ଜଣ ଜେଇଇ ଆଡଭାନ୍ସଡ୍ ପରୀକ୍ଷା ପାଇଁ କୃତକାର୍ଯ୍ୟ ହୋଇଥିବା ଜଣାଯାଇଛି। ସେଥିମଧ୍ୟରେ ୯୭ ହଜାର ୩୫୧ଜଣ ଅଣସଂରକ୍ଷିତ ପ୍ରାର୍ଥୀ, ୩୯୭୩ ଜଣ ସାଧାରଣ ବର୍ଗ ଦିବ୍ୟାଙ୍ଗ ପ୍ରାର୍ଥୀ, ୨୫ ହଜାର ୨୯ଜଣ ଆର୍ଥିକ ଦୁର୍ବଳ ଶ୍ରେଣୀର, ୬୭, ୫୭୦ଜଣ ▸ପୃଷ୍ଠା-୯

### ଶୁଖିଲା ପଡ଼ିଛି ବଡ଼ଘାଗରା ଓ ସାନଘାଗରା ଜଳପ୍ରପାତ

# ୨୦ ହଜାର ଲୋକଙ୍କୁ କନ୍ଦାଇବ ମାଛକାନ୍ଦଣା

**ବର୍ଷା ନହେଲେ ଅଣାୟତ୍ତ ହେବ ପରିସ୍ଥିତି**





■ **କେନ୍ଦୁଝର, ୨୫।୪ (ସମିସ):** ଏପ୍ରିଲ ସରିନି, ଏବେଠାରୁ ଆରମ୍ଭ ହୋଇଗଲାଣି କେନ୍ଦୁଝରରେ ଜଳକଷ୍ଟ। ସହରକୁ ପାନୀୟ ଜଳ ଯୋଗାଉଥିବା ସାନ ମାଛକାନ୍ଦଣା ଜଳଭଣ୍ଡାର ଶୁଖିଲା ଠକଠକ। ଯଦି ସପ୍ତାହକ ମଧ୍ୟରେ ବର୍ଷା ନ ହୁଏ ଏବଂ ଜଳଭଣ୍ଡାରରେ ପାଣି ଭର୍ତ୍ତି ନ ହୁଏ, ତେବେ ସହରବାସୀଙ୍କୁ ପାନୀୟଜଳ ଯୋଗାଇବା କଷ୍ଟକର ହୋଇପଡ଼ିବ। କେନ୍ଦୁଝର ସହରର ପ୍ରାୟ ୨୦ ହଜାରରୁ ଅଧିକ ଲୋକ ପାଣି ମୁନ୍ଦାଏ ପାଇଁ ଆଉଟୁ ପାଉଟୁ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

ଚଳିତ ବର୍ଷ ଗତ ୩ ମାସ ମଧ୍ୟରେ ଆଦୌ ବର୍ଷା ହୋଇନାହିଁ। ଖରାଦିନ ନ ସରୁଣୁ ଗ୍ରାମାଞ୍ଚଳ ସମେତ ସହରରେ ଜଳକଷ୍ଟ ଆରମ୍ଭ ହେଲାଣି। ଜିଲ୍ଲାର ବିଭିନ୍ନ ନଈ, ନାଳ, କେନାଲ ଶୁଖି ଯାଇଥିବା ବେଳେ ଏବେ ଅନେକ ଜଳଭଣ୍ଡାର ଶୁଖିଗଲାଣି। କେନ୍ଦୁଝର ଜିଲ୍ଲାରେ ଏକାଧିକ ଡ୍ୟାମ ରହିଥିବା ବେଳେ ସେଥିମଧ୍ୟରୁ ସାନ ମାଛକାନ୍ଦଣା, କାନ୍‌ଝାରୀ, ଜଗଦଳା, ଗୋବରା, ଜାଉଁରିଆ, ରେମାଳ ଭଳି ଡ୍ୟାମ ଉପରେ ଚାଷ ଜମିକୁ ଜଳସେଚନ ସମେତ ପାନୀୟ ଜଳ ପାଇଁ ନିର୍ଭର କରିବାକୁ ପଡ଼ିଥାଏ। କିନ୍ତୁ ଚଳିତ ବର୍ଷର ଗତ ତିନି ମାସ ମଧ୍ୟରେ ନିଅଣ୍ଟିଆ ବର୍ଷା ଏବଂ ପ୍ରଚଣ୍ଡ ଖରା କାରଣରୁ ଏବେଠୁ ପ୍ରାୟ ସବୁ ଡ୍ୟାମ୍ ଶୁଖିଗଲାଣି। ଗତ ୪ ମାସ ହେବ ଜିଲ୍ଲାର ବିଭିନ୍ନ ସ୍ଥାନରେ ଯେତିକି ପରିମାଣରେ ବର୍ଷା ହେବା କଥା, ତାହା ହୋଇନାହିଁ। ସାଧାରଣତଃ ଖରା ଦିନେ ମଝିରେ ମଝିରେ କାଳବୈଶାଖୀ ବର୍ଷା ହେଲେ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ଘଟିଥାଏ। ଫଳରେ ଜଳସେଚନ ଓ ପାନୀୟ ଜଳ ପାଇଁ ଜଳଭଣ୍ଡାରରୁ ଜଳ ଯୋଗାଣରେ ସମସ୍ୟା ଦେଖା ଦେଇନଥାଏ। କିନ୍ତୁ ଚଳିତବର୍ଷ ଏଯାଏଁ ମୁନ୍ଦାଏ ବି ବର୍ଷା ହୋଇନାହିଁ। ଫଳରେ ଯେଉଁ ପାଣି ଟିକେ ବିଭିନ୍ନ ଡ୍ୟାମରେ ଥିଲା ତାହା ଶୁଖିଗଲାଣି। ସାନମାଛକାନ୍ଦଣା ଡ୍ୟାମ୍ ସହ ▸ପୃଷ୍ଠା-୯






## ଚର୍ଚ୍ଚାରେ ମୁଖ୍ୟମନ୍ତ୍ରୀଙ୍କ ସ୍ଲୋଗାନ୍

# ଏଥର 'ଯୋଡ଼ି ଶଙ୍ଖ'

**ଭୁବନେଶ୍ୱର, ୨୫ ।୪ (ସମିସ):** 'ଆପଣମାନେ ଖୁସି ତ'। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ପଦଟିଏ କଥା ୨୦୧୯ ସାଧାରଣ ନିର୍ବାଚନରେ ବିଜେଡିର ଟ୍ୟାଗ ଲାଇନ୍ ଓ ସର୍ବାଦୃତ ଟିପ୍ପଣୀ ପାଲଟି ଯାଇଥିଲା। ୨୦୧୪ରେ ଉତ୍ତର ଭାରତରେ ବିଜେପିର 'ଅବ୍ କୀ



ବାର୍ ମୋଦୀ ସରକାର' ଏବଂ ପଶ୍ଚିମବଙ୍ଗରେ 'ଖେଲା ହେବେ' ପରି ନବୀନଙ୍କ 'ଆପଣମାନେ ଖୁସି ତ' ଡ଼ାଇଲଗ୍ ରାଜ୍ୟ ନିର୍ବାଚନୀ ରାଜନୀତିରେ ସର୍ବାଧିକ ଚର୍ଚ୍ଚିତ ହୋଇଥିଲା। ଏପରିକି ବିଜେଡିର ପ୍ରଚାର, ଲୋକଙ୍କୁ ଦଳ ସହ ଯୋଡ଼ିବାରେ ସର୍ବୋପରି ନିର୍ବାଚନୀ ସଫଳତା ପଛରେ 'ଆପଣମାନେ ଖୁସି ତ' ଟ୍ୟାଗ୍ ଲାଇନ୍‌କୁ ନିର୍ବାଚନୀ ସମୀକ୍ଷକମାନେ ଏକ ବଡ଼ ଶ୍ରେୟ ପ୍ରଦାନ କରିଛନ୍ତି। ଏଥର ମୁଖ୍ୟମନ୍ତ୍ରୀଙ୍କ 'ଯୋଡ଼ି ଶଙ୍ଖ' ଆହ୍ୱାନ ଏବେ ସମଗ୍ର ରାଜ୍ୟରେ ବିପୁଳ ଆଦୃତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ 'ଯୋଡ଼ି ଶଙ୍ଖ' ସ୍ଲୋଗାନ ମାତ୍ର ୨ଦିନ ମଧ୍ୟରେ ରାଜ୍ୟର କୋଣ ଅନୁକୋଣକୁ ବ୍ୟାପି ଯାଇଛି। ୨୪ ଘଣ୍ଟା ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ 'ଯୋଡ଼ି ଶଙ୍ଖ' ଭିଡିଓ ୪ ନିୟୁତ ଅତିକ୍ରମ କରିଥିବା ବେଳେ ଏବେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇଛି।

ବିଜେଡି ପ୍ରଶଂସକଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ମୁହଁରେ ଏବେ କେବଳ 'ଯୋଡ଼ି ଶଙ୍ଖ' ଶୁଣିବାକୁ ମିଳୁଛି। ସାମାଜିକ ଗଣମାଧ୍ୟମରେ ଏଥର ଯୋଡ଼ି ଶଙ୍ଖ ନାରା ନାମରେ ଅନେକ ଫଟୋ ଓ ରିଲ୍ସ ଭାଇରାଲ ହେବାରେ ଲାଗିଛି। ବିଜେଡି କର୍ମୀଟିଏ ଅନ୍ୟ କର୍ମୀଟିକୁ ବାଟରେ ଘାଟରେ ଦେଖିଲେ 'ଏଥର ଯୋଡ଼ି ଶଙ୍ଖ' କହି ପରସ୍ପର ଭାବ ଆଦାନ ପ୍ରଦାନ କରୁଛନ୍ତି। 'ଆପଣମାନେ ଖୁସି ତ' ପରି ଏଥର 'ଯୋଡ଼ି ଶଙ୍ଖ' ବିଜେଡି ପାଇଁ ବେଶ୍ ଲାଭଦାୟକ ସାବ୍ୟସ୍ତ ହେବ ବୋଲି ରାଜନୈତିକ ସମୀକ୍ଷକ ଆକଳନ କରୁଛନ୍ତି। ହଜାରେ ଶବ୍ଦ ଯେଉଁ ପ୍ରଭାବ ବିସ୍ତାର କରିପାରେ ନାହିଁ, ତାହା ପଦିଏ ଶବ୍ଦ କିମ୍ବା ସଂଳାପ ସାଧାରଣ ଲୋକଙ୍କୁ ତହିଁରୁ ଅଧିକ ବିମୋହିତ କରିବାର କ୍ଷମତା ରଖିଥାଏ। ଗତଥର ମୁଖ୍ୟମନ୍ତ୍ରୀ ଆପଣମାନେ ଖୁସି ତ କହି ସାଧାରଣ ଲୋକଙ୍କୁ ନିଜ ସହ ଯୋଡ଼ି ପାରିଥିଲେ। ମୁଖ୍ୟମନ୍ତ୍ରୀ

### ମାତ୍ର ୨ ଦିନରେ ଗାଁରୁ ସହର ସଭିଙ୍କ ମୁହଁରେ ଯୋଡ଼ି ଶଙ୍ଖ

ଯେ ଭାବନାତ୍ମକ ଭାବେ ଲୋକଙ୍କ ସୁଖ,ଦୁଃଖ ସହ ରହିଛନ୍ତି, ରାଜ୍ୟବାସୀଙ୍କୁ ତାଙ୍କ ପରିବାରର ସଦସ୍ୟ ବୋଲି ବିଚାରୁଛନ୍ତି; ତାହା ଗୋଟିଏ ଦୁଇଟି ଶବ୍ଦ ମାଧ୍ୟମରେ ବାର୍ତ୍ତା ଦେବାକୁ ଚାହିଁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ବାର୍ତ୍ତା ଲୋକଙ୍କ ହୃଦୟକୁ ଛୁଇଁଥିଲା। ମୁଖ୍ୟମନ୍ତ୍ରୀ 'ଆପଣମାନେ ଖୁସି ତ' ପ୍ରଶ୍ନରେ ସାଧାରଣ ଲୋକେ ଆନନ୍ଦର ସହ ହଁ ଉତ୍ତରୁଥିଲେ। ଏହାପରେ ସ୍ୱଳ୍ପଭାଷୀ ନବୀନ ମୁହଁରେ ମୃଦୁ ହସ ଆଣିବା ସହ ମୁଁ ବି ବହୁତ ଖୁସି ବୋଲି କହୁଥିଲେ। ଯାହା ସାଧାରଣ ଲୋକଙ୍କୁ ଖୁସି ଦେଉଥିଲା। ଏବେ ମୁଖ୍ୟମନ୍ତ୍ରୀ ଯୋଡ଼ି ଶଙ୍ଖ ସାଧାରଣଲୋକଙ୍କୁ ବେଶ୍ଛୁଇଁଛି ବୋଲି କୁହାଯାଉଛି।

## ବରୀ ବିଧାନସଭା ଆସନ

# ୨୪ ବର୍ଷ ଧରି ବିଜେଡିକୁ ମୁକାବିଲା କରିପାରୁନାହାନ୍ତି ବିରୋଧୀ

**ଯାଜପୁର, ୨୫।୪(ସମିସ):** ଯାଜପୁର ଜିଲ୍ଲାର ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ବରୀ ନିର୍ବାଚନ ମଣ୍ଡଳୀର ଗୁରୁତ୍ୱ ସ୍ୱତନ୍ତ୍ର। ଏହାପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ସହିତ ମିଶି ରହିଥିଲା। ସେଥିପାଇଁ ଏହି ନିର୍ବାଚନ ମଣ୍ଡଳୀକୁ ବରୀ-ଡେରାବିଶ ଆସନ କୁହାଯାଉଥିଲା। କିନ୍ତୁ ୨୦୦୯ ସୀମା ପୁନଃ ନିର୍ଦ୍ଧାରଣ ପରଠାରୁ ଏହା କେବଳ ବରୀ ବିଧାନସଭା ଆସନ ଭାବେ ପରିଗଣିତ ହେଲା। ବିଜୁ ଜନତା ଦଳ ପ୍ରତିଷ୍ଠା ହେବା ଦିନଠାରୁ ଏହି ଆସନକୁ ଦଖଲ କରିଆସୁଛି। ପ୍ରତ୍ୟେକ ନିର୍ବାଚନରେ ବିଜୁ ଜନତା ଦଳକୁ ମୁକାବିଲା କରି ନ ପାରି ବିରୋଧୀ ଧରାଶାୟୀ ହୋଇପଡୁଚନ୍ତି।

ପୂର୍ବରୁ ବରୀ-ଡେରାବିଶ ଆସନ ଥିବା ବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଏହି ଆସନରେ ୩ଥର ବିଧାୟକ ହୋଇଥିଲେ। ତେବେ ୨୦୦୦ରୁ ୨୦୧୯ ପର୍ଯ୍ୟନ୍ତ କ୍ରମାଗତ ଭାବେ ୪ଥର ଦେବାଶିଷ ନାୟକ ବିଜେଡିରୁ ନିର୍ବାଚିତ ହୋଇଥିଲେ। ୨୦୧୯ରେ ବିଜେଡି ଦେବାଶିଷଙ୍କ ବଦଳରେ ନବାଗତ ଭାବେ ବରୀ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ଦାସଙ୍କୁ ପ୍ରାର୍ଥୀ ହେବାକୁ ସୁଯୋଗ ଦେଇଥିଲା। ସେ ମଧ୍ୟ ବିଜେପି ପ୍ରାର୍ଥୀଙ୍କୁ ପରାସ୍ତ କରି ବିଜୟ ଲାଭ କରିଥିଲେ।



ବିଜୁ ଜନତା ଦଳ ସରକାର ସମୟରେ ହୋଇଥିବା ବିକାଶମୂଳକ କାର୍ଯ୍ୟକ୍ରମ ଫଳରେ ପ୍ରତ୍ୟେକ ନିର୍ବାଚନରେ ବିଜେଡି ବିଜୟ ଲାଭ କରୁଛି। ବାରମ୍ବାର ଚେଷ୍ଟା ସତ୍ତ୍ୱେ ବିରୋଧୀ ବିଜେପି ଓ କଂଗ୍ରେସ ପରାଜୟ ବରଣ କରୁଛନ୍ତି।

ଦଳ ନୁହେଁ, ପ୍ରାର୍ଥୀ ହିସାବରେ ବିରୋଧୀ ଏଠାରେ ୨୦୦୯ରୁ ବିଜେଡିକୁ ମୁକାବିଲା କରି ଆସୁଛନ୍ତି। ବିଶ୍ୱରଞ୍ଜନ ମଲ୍ଲିକ ସ୍ୱାଧୀନ ଭାବେ ୨୦୦୯ରେ ବିଜେଡି ପ୍ରାର୍ଥୀ ଦେବାଶିଷଙ୍କୁ ମୁକାବିଲା କରି ୫୨, ୬୨୭ ଭୋଟ ପାଇଥିଲେ। ସେ ୭୧୭୩ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। ତେବେ ୨୦୧୯ରେ ବିଶ୍ୱରଞ୍ଜନ ବିଜେପିରୁ ଲଢ଼ି ବିଜେଡିର ନବାଗତ ପ୍ରାର୍ଥିନୀ ସୁନନ୍ଦା ଦାସଙ୍କଠାରୁ ୪୦୬୨ ଖଣ୍ଡ ଭୋଟ ବ୍ୟବଧାନରେ ହାରି ଯାଇଥିଲେ। ବିଜୁ ଜନତା ଦଳ ପ୍ରାର୍ଥିନୀ ସୁନନ୍ଦା ଦାସ ମୋଟ ୭୨, ୫୫୯ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପି ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ୬୮, ୪୯୭ ଖଣ୍ଡ ଭୋଟ ପାଇଥିଲେ।

ତେବେ ଚଳିତ ଥର ଅଙ୍କ ସମ୍ପୂର୍ଣ୍ଣ ଅଲଗା। ଗତ ୨ଟି ନିର୍ବାଚନରେ ବିଜେଡିକୁ ମୁକାବିଲା କରି ଆସୁଥିବା ବିଶ୍ୱରଞ୍ଜନ ଚଳିତ ଥର ବିଜେଡିରୁ ପ୍ରାର୍ଥୀ ହୋଇଛନ୍ତି।

ଗତ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳ ନିକଟରୁ ବିଶ୍ୱ ପରାସ୍ତ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟ ଓ ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସହଯୋଗରେ ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ସେ ଦଳ ଛାଡି ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ବିଶ୍ୱଙ୍କ ନେତୃତ୍ୱରେ ଦଳ ପଞ୍ଚାୟତ ନିର୍ବାଚନରେ ବିଜୟ ଲାଭ କରିଥିବା ବେଳେ ତାଙ୍କ ଉପରେ ଦଳ ଭରସା କରିଛି। ତେବେ ବିଶ୍ୱଙ୍କ ସହିତ ମୁକାବିଲା କରିବା ପାଇଁ ଏ ପର୍ଯ୍ୟନ୍ତ ବିଜେପି କୌଣସି ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହିଁ। ସେପଟେ ବିଶ୍ୱରଞ୍ଜନଙ୍କ ନାମ ଘୋଷଣା ହେବା ପରେ ସେ ନିଜର ପ୍ରଚାର କାର୍ଯ୍ୟ ଆରମ୍ଭ କରିଛନ୍ତି। ବିଶ୍ୱଙ୍କ ପ୍ରାର୍ଥିତ୍ୱକୁ ଯୁବବର୍ଗ ବେଶ୍ ପସନ୍ଦ କରୁଥିବା ଦେଖିବାକୁ ମିଳିଛି। ସେପଟେ ଭାରତୀୟ ଜନତା ପାର୍ଟିରେ ପୂର୍ବତନ ବିଧାୟକ ଦେବାଶିଷ ନାୟକ ସାମିଲ ହୋଇ ଟିକଟ ଦୌଡ଼ରେ ଥିବା ବେଳେ ଦଳ ଜିଲ୍ଲା ବାହାରର କୌଣସି ପ୍ରାର୍ଥୀଙ୍କୁ ଆଣି ଠିଆ କରିବା ନେଇ ଯୋଜନା କରୁଥିବା ଶୁଣିବାକୁ ମିଳୁଛି। କଂଗ୍ରେସ ନବାଗତ ଆରତୀ ଦେଓଙ୍କୁ ପ୍ରାର୍ଥୀ କରିଛି। ତେଣୁ ଚଳିତ ଥର ମଧ୍ୟ ବିଜେଡିକୁ ମୁକାବିଲା କରିବାକୁ ବିରୋଧୀ ସାହସ ଯୁଟାଇ ପାରୁନଥିବା ଜଣାପଡ଼ିଛି।

## ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀ

# ବିଜେଡି ପ୍ରଚାରରେ ବିଜେପି ଓ କଂଗ୍ରେସ ଆକ୍ରାମାକ୍ରା

**ଲାଞ୍ଜିଗଡ଼, ୨୫।୪(ସମିସ):** ୨୦୨୪ ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଆଗୁଆ ପ୍ରାର୍ଥୀ ଘୋଷଣା ହେବାପରେ ଏଥର ପ୍ରାର୍ଥୀ ଓ କର୍ମୀଙ୍କୁ ଆଗୁଆ ପ୍ରସ୍ତୁତ ହେବାର ସୁଯୋଗ ମିଳିଛି। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀରେ ବିଜେଡି ପୁଣିଥରେ ବିଧାୟକ ପ୍ରଦୀପ ଦିଶାରୀଙ୍କୁ ରିପିଟ୍ କରିଥିବା ବେଳେ କଂଗ୍ରେସରୁ ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ ଓ ବିଜେପି ପକ୍ଷରୁ ରମେଶ ଚନ୍ଦ୍ର ମାଝୀଙ୍କୁ ପୁଣିଥରେ ଦଳ ମଇଦାନକୁ ଓହ୍ଲାଇଛି। ତେବେ ନାମ ଘୋଷଣା ପରେ ବିଜେଡି ପ୍ରାର୍ଥୀ ନିର୍ବାଚନ ମଣ୍ଡଳୀର ଲାଞ୍ଜିଗଡ଼, ଥୁଆମୂଳ ରାମପୁର, ଜୟପାଟଣା ଓ ସଦର ବ୍ଲକ ଅଞ୍ଚଳରେ ସକ୍ରିୟ ଭାବେ ପ୍ରଚାର କରିବା ସହିତ ବିଭିନ୍ନ ସ୍ଥାନରେ କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ, ସଂକଳ୍ପ ସମାବେଶ ଆଦି ଜାରି ରଖିଛନ୍ତି। ଗତ ୫ ବର୍ଷରେ ବିଧାୟକ ଶ୍ରୀ ଦିଶାରୀ ଯେଉଁ ଲୋକହିତକର କାର୍ଯ୍ୟ କରିଛନ୍ତି ସେଥିପାଇଁ ନିର୍ବାଚନମଣ୍ଡଳୀର ବିକାଶର ଚିତ୍ର ବଦଳିଛି। ଏହି ପ୍ରଚାର କାର୍ଯ୍ୟରେ ବିଜେପି ଓ କଂଗ୍ରେସ ବହୁତ ପଛରେ ପଡ଼ିଯାଇଛି। ବିଶେଷକରି ଜଣକ ପରେ ଜଣେ ବିଜେପି କର୍ମୀ ଦଳ ଛାଡ଼ି ବିଜେଡି ଶିବିରକୁ ଆସିଥିବାରୁ ତାହା ଦଳୀୟ ପ୍ରାର୍ଥୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଦ୍ୱିତୀୟଥର ପାଇଁ ମଇଦାନକୁ ଓହ୍ଲାଇଥିବା







ରମେଶ ମାଝୀ ଦଳୀୟ କର୍ମୀଙ୍କୁ ଅଣଦେଖା କରୁଥିବା ନେଇ ଅଭିଯୋଗ ଜାରି ରହିଥିବା ବେଳେ ଆଗକୁ ଆହୁରି କେତେକ ନେତା ଓ କର୍ମୀ ଦଳ ଛାଡିବାକୁ ସଜବାଜ ହେଉଛନ୍ତି। ନିର୍ବାଚନ ମୈଦାନରେ ଦଳ ସହଜ ସ୍ଥିତିକୁ ଆସିବାକୁ ହେଲେ ବିଜେପିକୁ ଆହୁରି ପରିଶ୍ରମ କରିବା ସହିତ ତୃଣମୂଳସ୍ତରରେ ସଙ୍ଗଠନକୁ ମଜବୁତ କରିବାକୁ ପଡ଼ିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ କଂଗ୍ରେସ ପ୍ରାର୍ଥୀ ବଳଭଦ୍ର ମାଝୀ ବିଭିନ୍ନ ସଭାସମିତିରେ ଯେଉଁପ୍ରକାର ଭାଷଣ ଦେଉଛନ୍ତି ତାକୁ ସାଧାରଣରେ ନାପସନ୍ଦ କରୁଛନ୍ତି। ବିଶେଷ କରି ବିଜେଡ଼ିରୁ ଅତୀତରେ ଏକାଧିକଥର ବିଧାୟକ ହୋଇଥିବା ବଳଭଦ୍ର ଜଣେ ସୁବିଧାବାଦୀ ରାଜନେତା ଭାବେ ଅଞ୍ଚଳରେ ବେଶ ଜଣାଶୁଣା। ଏବେ ବୁଡ଼ିଯାଉଥିବା କଂଗ୍ରେସ ଡଙ୍ଗାରେ ବସିଥିବାରୁ ସେ ସମ୍ପୂର୍ଣ୍ଣ ହତାଶ ହୋଇ ନିକଟରେ ଏକ ନିର୍ବାଚନୀ ସଭାରେ ଯାହା କହିଲେ ତାହା ତାଙ୍କ ବାଚାଳାମି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଜୁନାଗଡ଼ ନିର୍ବାଚନମଣ୍ଡଳୀରେ ରାଜ୍ୟ ସରକାର ଯେଉଁ ବିକାଶ କାର୍ଯ୍ୟକ୍ରମ କରିଚାଲିଛନ୍ତି ତାହା ବଳଭଦ୍ରଙ୍କ ପାଇଁ ଭାରି ଅସହ୍ୟ ହେଉଛି। ତଥାପି ନିର୍ବାଚନୀ ସରଗରମ ଏପର୍ଯ୍ୟନ୍ତ ଜୋର ଧରି ନ ଥିବାରୁ ଏବେ ଭୋଟର ତିନି ପ୍ରମୁଖ ଦଳର ପ୍ରାର୍ଥୀଙ୍କ ଉପରେ ନଜର ରଖିଛନ୍ତି।

## ରେଙ୍ଗାଲି ନିର୍ବାଚନମଣ୍ଡଳୀ

# ନାଉରୀଙ୍କୁ କଣ୍ଟା ସାଜିବେ ନୂଆ ଚେହେରା !

**ସମ୍ବଲପୁର,୨୫ ।୪(ସମିସ):** ୨୦୦୯ରେ ଗଠିତ ରେଙ୍ଗାଲି ବିଧାନସଭା କ୍ଷେତ୍ର ଅନୁସୂଚିତ ଜାତି ପାଇଁ ସଂରକ୍ଷିତ। ଏହି ଆସନ କେବେ କୌଣସି ଦଳର ଗଡ଼ ହୋଇ ରହିନାହିଁ। କାରଣ ଏଠାରେ ୨୦୦୯ରୁ ତିନି ପ୍ରମୁଖ ଦଳର ନେତା ଥରେ ଲେଖାଏଁ ବିଜୟୀ ହୋଇଛନ୍ତି। ତେଣୁ ଏହି ନିର୍ବାଚନମଣ୍ଡଳୀର ଲୋକେ ବହୁ ସଚେତନ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହୋଇଥାଏ। ଏଠାରେ ଦଳ ପରିବର୍ତ୍ତେ ପ୍ରାର୍ଥୀର ଦକ୍ଷତା ଓ ଭାବମୂର୍ତ୍ତିକୁ ଦେଖି ଲୋକେ ମତଦାନ କରନ୍ତି ବୋଲି ବିଶ୍ୱାସ କରାଯାଏ। ୨୦୦୯ରେ କଂଗ୍ରେସର ଦୁର୍ଯ୍ୟୋଧନ ଗର୍ଡ଼ିଆ, ୨୦୧୪ରେ ବିଜେଡିର ରମେଶ ପଟୁଆ ଓ ୨୦୧୯ରେ ବିଜେପିର ନାଉରୀ ନାୟକ ବିଜୟୀ ହୋଇଛନ୍ତି। ପ୍ରତି ନିର୍ବାଚନରେ ପରିବର୍ତ୍ତନର ପରମ୍ପରା ଦେଖାଦେଇଛି। ତେଣୁ ଏଥର ମଧ୍ୟ ପରିବର୍ତ୍ତନ ହୋଇପାରେ ବୋଲି କୁହାଯାଉଛି।

ବର୍ତ୍ତମାନର ବିଧାୟକ ନାଉରୀ ଅଭିଜ୍ଞ ନେତା, ପୁରୁଣା ଚେହେରା ହୋଇଥିଲେ ମଧ୍ୟ ଦଳୀୟ ବିବାଦଘେରରେ ରହିଛନ୍ତି। ତାଙ୍କର ସଙ୍ଗଠନ ଦୁର୍ବଳ ହୋଇପଡ଼ିଛି। ନୂଆ ଚେହେରା ଭାବେ ବିଜେଡିରୁ ଜିଲ୍ଲା ପରିଷଦ ସଭ୍ୟ ସୁଦର୍ଶନ ହରିପାଲ ଓ କଂଗ୍ରେସରୁ ଦିଲୀପ କୁମାର ଦୁରିଆ ପ୍ରାର୍ଥୀ ହୋଇଛନ୍ତି। ନାଉରୀଙ୍କ ବିଜୟଧାରାକୁ ସେମାନେ ରୋକିବେ ବୋଲି ମଧ୍ୟ ଭୋଟର୍‌ମହଲରେ ଆଲୋଚନା ହେଉଛି।

୨୦୨୨ ପଞ୍ଚାୟତ ନିର୍ବାଚନ ସମୟରେ ରେଙ୍ଗାଲି ନିର୍ବାଚନମଣ୍ଡଳୀରେ ବିଜେଡି ଭୋଟ ହାର ବିଶେଷ ମାତ୍ରାରେ ବୃଦ୍ଧି ପାଇଥିଲା। ମାନେଶ୍ୱର, ରେଙ୍ଗାଲି, ଧନକଉଡ଼ା ବ୍ଲକରେ ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା ବିଜେଡିର ଅଛନ୍ତି। ତେଣୁ ବିଜେଡିର ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି। ଚଳିତ ନିର୍ବାଚନରେ ଏହା ବିଜେଡିକୁ ଲାଭଦାୟକ ହୋଇପାରେ ବୋଲି କୁହାଯାଉଛି। ବିଜେଡିର ଯୁବପ୍ରାର୍ଥୀ ତଥା ବର୍ତ୍ତମାନ ଜିଲ୍ଲା ପରିଷଦ ସଭ୍ୟ ଥିବା ସୁଦର୍ଶନଙ୍କୁ ଦଳ ଗ୍ରହଣ







କରିଛି। ସେ ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହେବା ସହ ବିଭିନ୍ନ ସଭାସମିତିରେ ତାଙ୍କୁ ସ୍ୱାଗତ କରୁଛନ୍ତି। ରେଙ୍ଗାଲିର ବରିଷ୍ଠ, ଯୁବ, ମହିଳା କର୍ମୀ ଓ ନେତାମାନେ ଏକାଠି ହୋଇ ସୁଦର୍ଶନଙ୍କୁ ବିଜୟୀ କରିବା ପାଇଁ ଲାଗି ପଡ଼ିଛନ୍ତି।

ଅନ୍ୟପଟେ କଂଗ୍ରେସ ମଧ୍ୟ ଯୁବନେତା ଦିଲୀପ କୁମାର ଦୁରିଆଙ୍କୁ ପ୍ରାର୍ଥୀ କରିଛନ୍ତି। ବିଧାୟକ ନାଉରୀଙ୍କ ଏକ ଛତ୍ରବାଦ କାମ, କିଛି ଲୋକଙ୍କୁ ନେଇ ଦଳୀୟ ସଙ୍ଗଠନ ପରିଚାଳନା କରୁଥିବାରୁ ଏବେ ସେ ବ୍ୟାକ୍‌ଫୁଟ୍‌ରେ ଅଛନ୍ତି। ଗତ ପଞ୍ଚାୟତ ନିର୍ବାଚନ ଫଳାଫଳକୁ ଦେଖିଲେ, ନାଉରୀଙ୍କ ଲୋକପ୍ରିୟତା କମିଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି। ଅନ୍ୟପଟେ ଦଳରେ ବିଦ୍ରୋହ ମଧ୍ୟ ରହିଛି। ନାଉରୀଙ୍କ ଆଭିମୁଖ୍ୟ ଦେଖି ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଉତ୍ପଳା ଧରୁଆ ଓ ତାଙ୍କ ସମର୍ଥକମାନେ ଦୁଇଦିନ ତଳେ ବିଜେଡିରେ ଯୋଗ ଦେଇଛନ୍ତି। ଏହା ରେଙ୍ଗାଲି ବିଜେପିକୁ ଶକ୍ତ ଧକ୍କା ଦେଇଛି। ଏହାସହ ଧନକଉଡ଼ା ବ୍ଲକରେ ଗୋଶାଳା ଅଞ୍ଚଳର ଶତାଧିକ ବିଜେପି କର୍ମୀ ବିଜେଡିରେ ଯୋଗଦାନ କରିଛନ୍ତି।

୨୦୧୯ରେ ରେଙ୍ଗାଲିରେ ବିଜେପିର ନାଉରୀ ନାୟକ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ରୀନା ତନ୍ତୀଙ୍କୁ ମାତ୍ର ୬,୭୪୩ ଭୋଟରେ ପରାଜିତ କରିଥିଲେ। ନାଉରୀ ୭୪, ୦୭୭ ଭୋଟ ପାଇଥିବା ବେଳେ ବିଜେଡିର ରୀନା ୬୭, ୩୩୪ ଭୋଟ ପାଇଥିଲେ। କଂଗ୍ରେସ ପ୍ରାର୍ଥୀ ବାଳକୃଷ୍ଣ ରୋହିଦାସ ୯, ୭୯୯ ଭୋଟ ପାଇ ଅମାନତ ହାରିଥିଲେ।

୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ରମେଶ ପଟୁଆ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ବିଜେପି ପ୍ରାର୍ଥୀ ନାଉରୀ ନାୟକଙ୍କୁ ମାତ୍ର ୧, ୮୩୦ ଭୋଟରେ ପରାଜିତ କରିଥିଲେ। ଏହି ନିର୍ବାଚନରେ ରମେଶଙ୍କୁ ୪୭, ୨୧୦ ଖଣ୍ଡ ଭୋଟ ମିଳିଥିବା ବେଳେ ନାଉରୀଙ୍କୁ ୪୫,୩୮୦ ଭୋଟ ମିଳିଥିଲା। ଅନ୍ୟପଟେ କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗରଡିଆ ୩୧, ୩୩୫ ଖଣ୍ଡ ଭୋଟ ପାଇ ତୃତୀୟରେ ରହିଥିଲେ।

### ପରିବର୍ତ୍ତନ ପରମ୍ପରା ପୁନରାବୃତ୍ତି ହେବ!

ନୂତନ ଭାବେ ଗଠିତ ରେଙ୍ଗାଲି ବିଧାନସଭା ଆସନର ପ୍ରଥମ ନିର୍ବାଚନରେ ଏଠାରେ କଂଗ୍ରେସ ପ୍ରାର୍ଥୀ ଦୁର୍ଯ୍ୟୋଧନ ଗରଡିଆ ସ୍ୱାଧୀନ ପ୍ରାର୍ଥୀ ଏମ.ବି ପ୍ୟାରୀରାଜଙ୍କୁ ୧୩, ୭୮୪ ଭୋଟରେ ପରାଜିତ କରିଥିଲେ। ଦୁର୍ଯ୍ୟୋଧନ ୩୨୬୫୬ ଭୋଟ ପାଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଏମ.ବି ପ୍ୟାରୀରାଜ ୧୮, ୮୭୨ ଭୋଟ ପାଇ ଦ୍ୱିତୀୟ ଓ ବିଜେଡି ପ୍ରାର୍ଥୀ ସନାତନ ବିଶି ୧୫, ୬୯୪ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ସେହିଭଳି ସ୍ୱାଧୀନ ଭାବେ ଲଢ଼ି ନାଉରୀ ନାୟକ ୧୨, ୩୨୧ ଭୋଟ ପାଇ ଚତୁର୍ଥ ଓ ବିଜେପିର ଦେବାନନ୍ଦ ଭୁସାଗର ୧୨, ୦୪୪ ଭୋଟ ପାଇ ପଞ୍ଚମ ସ୍ଥାନରେ ରହିଥିଲେ।

# ବଲାଙ୍ଗିର ଜିଲ୍ଲାରେ ଭାଙ୍ଗୁଛି କଂଗ୍ରେସ ବଳ; ଶଙ୍ଖମୁହାଁ କଂଗ୍ରେସ ନେତା

**ବଲାଙ୍ଗିର,୨୫ ।୪(ସମିସ):** ବଲାଙ୍ଗିର ଜିଲ୍ଲାରେ ଭାଙ୍ଗୁଛି କଂଗ୍ରେସ ହାତ। ଗତ ମାସକ ମଧ୍ୟରେ ତିନି ବଡ଼ ନେତାଙ୍କ ସହ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ଦଳ ଛାଡ଼ିଛନ୍ତି। ଏନେଇ ଏବେ ଜିଲ୍ଲାରେ କଂଗ୍ରେସ ଦୁର୍ବଳ ହେବାକୁ ଲାଗିଥିବା ବେଳେ ଏହାର ଫାଇଦା ନେଇ ବେଶ ଶକ୍ତିଶାଳୀ ହୋଇଛି ବିଜେଡି। ଉଭୟ କଂଗ୍ରେସ ଓ ବିଜେପି ନେତା ନିଜ ଦଳ ଛାଡ଼ି ବିଜେଡିମୁହାଁ ହୋଇଥିବା ବେଳେ ଦିନେ ଦୁଇ ଦିନ ଭିତରେ ଆଉ କିଛି କଂଗ୍ରେସ ନେତା ନିଜ ସମର୍ଥକଙ୍କ ସହ ବିଜେଡିରେ ମିଶିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏହା ବିଜେଡି ପାଇଁ ଫାଇଦା ହେବ ବୋଲି ଆଲୋଚନା ହେଉଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ବଲାଙ୍ଗିର ଜିଲ୍ଲାରୁ ଉଭୟ ପିସିସି ସଭାପତି ଓ କଂଗ୍ରେସ ବିଧାୟକ ଦଳ ନେତା ଥିବା ବେଳେ ତାଙ୍କ ନାକ ତଳେ କଂଗ୍ରେସର ଏପରି ଅବସ୍ଥା ସମସ୍ତଙ୍କୁ ଚକିତ କରିଛି।

ଏକଦା ବଲାଙ୍ଗିରକୁ କଂଗ୍ରେସର ଗଡ଼ କୁହାଯାଉଥିଲା। ରାଜ୍ୟର ଅନ୍ୟ ଜିଲ୍ଲା ଅପେକ୍ଷା ବଲାଙ୍ଗିରରୁ ଏକାଧିକ ବିଧାୟକ ନିର୍ବାଚିତ ହେଉଥିଲେ। ଏପରିକି ସମସ୍ତ ନିର୍ବାଚନମଣ୍ଡଳୀରେ କଂଗ୍ରେସର ପକେଟ ଭୋଟ ରହିଛି। ଆକଳନ ଅନୁସାରେ, ଲୋଇସିଂହା ନିର୍ବାଚନମଣ୍ଡଳୀରେ ପ୍ରାୟ ୪୦ ହଜାର, ବଲାଙ୍ଗିର ସଦର ନିର୍ବାଚନମଣ୍ଡଳୀରେ ମଧ୍ୟ ପ୍ରାୟ ୩୫ରୁ ୪୦ହଜାର, ଟିଟିଲାଗଡ଼ ନିର୍ବାଚନମଣ୍ଡଳୀରେ ୫୦ ହଜାର, କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ପ୍ରାୟ ୪୫ରୁ ୫୦ ହଜାର ଓ ପାଟଣାଗଡ଼ ନିର୍ବାଚନମଣ୍ଡଳୀରେ ପ୍ରାୟ ୩୦ ହଜାର ଭୋଟ କଂଗ୍ରେସ ଦଳର ନିଜସ୍ୱ ରହିଛି। ବିଜୟୀ ହେଉଥିବା ବିଧାୟକମାନଙ୍କ ବ୍ୟକ୍ତିତ୍ୱ ଯୋଗୁଁ ମଧ୍ୟ କିଛି ଭୋଟ ମିଳିଥାଏ। ଏମିତିରେ ପ୍ରାୟତଃ ନିର୍ବାଚନରେ କେହି ନା କେହି କଂଗ୍ରେସ ଦଳରୁ ନିର୍ବାଚିତ ହୋଇ ବିଧାନସଭାକୁ ଯାଉଥିଲେ। କିନ୍ତୁ ଚଳିତ ନିର୍ବାଚନରେ ରାଜ୍ୟ କଂଗ୍ରେସ ନେତୃବର୍ଗଙ୍କ ଅଣଦେଖା ଯୋଗୁଁ ଅନେକ ନେତା ଦଳ ଛାଡ଼ିଛନ୍ତି। ପ୍ରଥମେ ସୁରେନ୍ଦ୍ର ସିଂଭୋଇ ଦଳ ଛାଡ଼ି ବିଜେଡିରେ ଯୋଗଦେଇଥିଲେ। ସେ ବର୍ତ୍ତମାନ ବିଜେଡି ଲୋକସଭା ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ। ଶ୍ରୀ ସିଂଭୋଇ ଟିଟିଲାଗଡ଼ ନିର୍ବାଚନମଣ୍ଡଳୀରୁ କଂଗ୍ରେସ ଦଳରୁ ଅନେକଥର ବିଧାୟକ ହୋଇଛନ୍ତି। ଯେଉଁଥିପାଇଁ ସେହି ନିର୍ବାଚନମଣ୍ଡଳୀରେ କଂଗ୍ରେସର ଭୋଟ ବହୁ ପରିମାଣରେ ରହି ଆସିଛି। ସେ ବିଜେଡିରେ ଯୋଗଦେବା ପରେ ଅଧାରୁ ଅଧିକ ଭୋଟ ତାଙ୍କ ସପକ୍ଷରେ ଯିବାର ସମ୍ଭାବନା ରହିଛି।

### ସୁରେନ୍ଦ୍ରଙ୍କ ରାସ୍ତାରେ ଆକାଶ ଓ ବିଧୁଭୂଷଣ ଯିବା ଚର୍ଚ୍ଚା

ସେହିପରି ଦୁଇଦିନ ତଳେ ରାଜ୍ୟ ସାଧାରଣ ସମ୍ପାଦକ ଆକାଶ ମିଶ୍ର ନିଜ ସମର୍ଥକମାନଙ୍କ ସହ ଦଳରୁ ଇସ୍ତଫା ଦେଇଛନ୍ତି। ସେ ଖୋଲାଖୋଲି ଦଳର ନେତୃତ୍ୱକୁ ସମାଲୋଚନା କରିଥିଲେ। ଶ୍ରୀ ମିଶ୍ରଙ୍କ ବଲାଙ୍ଗିର ଓ ସୋନପୁର ଜିଲ୍ଲାରେ ଭଲ ସଙ୍ଗଠନ ରହିଛି। ସେ ପୂର୍ବତନ ସାଂସଦ ବାଲଗୋପାଳ ମିଶ୍ରଙ୍କ ସାନପୁଅ। ଲୋଇସିଂହା ଆସନ ସଂରକ୍ଷିତ ରହିବା ପରେ ସେ କୌଣସି ନିର୍ବାଚନରେ ଭାଗ ନେଇନାହାନ୍ତି ସତ କିନ୍ତୁ ଲୋଇସିଂହା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀମାନଙ୍କ ବିଜୟରେ ସହାୟକ ହୋଇଥାନ୍ତି। ସେ ଦଳ ଛାଡ଼ିଥିବା ବେଳେ କେଉଁ ଦଳକୁ ଯିବେ, ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ସେ ବିଜେଡିରେ ଯୋଗଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଯେହେତୁ ତାଙ୍କ ଶାଶୂଙ୍କୁ ସେ ବିଜେଡି ସମର୍ଥନରେ ଆଗଲପୁର ବ୍ଲକ ଅଧ୍ୟକ୍ଷା ଚୌକିରେ ବସାଇଛନ୍ତି। ଫଳରେ ସେ ଯଦି ବିଜେଡିରେ ଯୋଗ ନ ଦେବେ ତେବେ ଅଧ୍ୟକ୍ଷା ପଦବୀ ପ୍ରତି ବିପଦ ଥିବାରୁ ସେ ବିଜେଡିକୁ ଯିବା ଏକ ପ୍ରକାର ନିଶ୍ଚିତ ବୋଲି ଚର୍ଚ୍ଚା ହେଉଛି। ସେହିପରି ବୁଧବାର ଆଉ ଜଣେ କଂଗ୍ରେସ ଯୁବନେତା ବିଧୁଭୂଷଣ ତ୍ରିପାଠୀ ଦଳ ଛାଡ଼ିଛନ୍ତି। ସେ ସାଂସଦ ଟିକେଟ ପାଇଁ ଆଶାୟୀ ଥିବାବେଳେ ଦଳ ଜିଲ୍ଲା ବାହାର ପ୍ରାର୍ଥୀଙ୍କୁ ଟିକଟ ଦେଇଥିବାରୁ ସେ ଅସନ୍ତୋଷ ହୋଇ ଦଳ ଛାଡ଼ିଥିବା କହିଥିଲେ। ଏହା ସହ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସେ ମଧ୍ୟ ବିଜେଡିରେ ଯୋଗଦେବେ ବୋଲି ଆଲୋଚନା ହେଉଛି।



ମିଳିଥିବା ସୂଚନା ଅନୁସାରେ, ଶୁକ୍ରବାର ଉଭୟ ନିଜ ସମର୍ଥକଙ୍କ ସହ ବିଜେଡିରେ ଯୋଗ ଦେଇପାରନ୍ତି। ଅନ୍ୟପଟେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ମଧ୍ୟ ଦଳରେ ଖୁସି ନଥିବା ଆଲୋଚନା ହେଉଛି। ତାଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ ଛିଡ଼ା ହୋଇଥିବା ବେଳେ ତାଙ୍କୁ ପରାଜୟ ଭୟ ଘାରିଛି। ଏହିଭଳି ଭାବେ କଂଗ୍ରେସ ଦଳରୁ ଗୋଟିଏ ପରେ ଗୋଟିଏ ନେତା ଦଳ ଛାଡି ବିଜେଡିମୁହାଁ ହେଉଥିବା ବେଳେ କଂଗ୍ରେସର ବଳ ଜିଲ୍ଲାରେ କମି କମି ଯାଉଛି। ଏହା ସହ ବିଜେଡି ଦିନକୁ ଦିନ ଆହୁରି ଶକ୍ତିଶାଳୀ ହେବାରେ ଲାଗିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଉଭୟ ପିସିସି ସଭାପତି ଶରତ ପଟ୍ଟନାୟକ ଓ ବିଧାୟକ ଦଳ ନେତା ନରସିଂହ ମିଶ୍ର ବଲାଙ୍ଗିର ଜିଲ୍ଲାର ହୋଇଥିବା ସତ୍ତ୍ୱେ ଜିଲ୍ଲାରେ ଦଳର ଏହିଭଳି ଅବସ୍ଥା ହେବା ସମସ୍ତଙ୍କୁ ଚକିତ କରିଛି। ଯାହାର ପ୍ରଭାବ ୨୦୨୪ ନିର୍ବାଚନରେ ପଡ଼ିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି।

* RNI REGD NO: 42041/83
* www.sakalaepaper.com
* /sakalanews
* /sakalanews
* www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-300 ♦BHUBANESWAR ♦FRIDAY ♦26 APRIL 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୩୦୦ ♦ଭୁବନେଶ୍ୱର ♦ଶୁକ୍ରବାର ♦୨୬ ଏପ୍ରିଲ୍ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


## ଲୋକନାଥଙ୍କ ହୁଣ୍ଡିରୁ ମିଳିଲା ୫, ୭୯, ୯୩୦ ଟଙ୍କା

**ପୁରୀ, ୨୫।୪(ସମିସ):** ମହାଶିବରାତ୍ରି ପରେ ଗୁରୁବାର(ଆଜି) ପ୍ରଥମଥର ପାଇଁ ବାବା ଲୋକନାଥଙ୍କ ହୁଣ୍ଡି ଖୋଲାଯାଇଥିଲା। ଉପଜିଲ୍ଲାପାଳ ଗୋପୀନାଥ କୁଅଁରଙ୍କ ପରାମର୍ଶକ୍ରମେ ମାଜିଷ୍ଟ୍ରେଟ ଓ ପୁଲିସଙ୍କ ଉପସ୍ଥିତରେ ହୁଣ୍ଡି ଖୋଲାଯାଇଥିଲା। ଗଣତି ପରେ ସେଥିରୁ ମିଳିଛି ୫, ୭୯, ୯୩୦ ଟଙ୍କା। ଏଥିମଧ୍ୟରେ ୫୧ ହଜାର ଟଙ୍କାର କଏନ ସାମିଲ ଅଛି। ମାଜିଷ୍ଟ୍ରେଟ ଓ ପୁଲିସ ଉପସ୍ଥିତିରେ ସୁରୁଖୁରୁରେ ହୁଣ୍ଡି ଅର୍ଥକୁ ଗଣାଯାଇଥିଲା। ବିଗତ ବର୍ଷ ପରି ଏହି ଅର୍ଥ ବ୍ୟାଙ୍କରେ ଗଚ୍ଛିତ ରହିବ ବୋଲି ଉପଜିଲ୍ଲାପାଳ ସୂଚନା ଦେଇଥିଲେ।

### ସୋନପୁରରେ ବିଜେପିର ନିର୍ବାଚନୀ ସମାବେଶ

# ଦଳୀୟ ପ୍ରାର୍ଥୀଙ୍କ ଲାଗି ଭୋଟ୍ ମାଗିଲେ ଅମିତ ଶାହା



**ସୋନପୁର, ୨୫।୪ (ସମିସ):** ସୋନପୁରରେ ବିଜେପିର ଅନ୍ୟତମ ଶୀର୍ଷ ନେତା ଅମିତ୍ ଶାହା ବିଧିବଦ୍ଧ ଭାବରେ ଆରମ୍ଭ କରିଛନ୍ତି ଦଳର ନିର୍ବାଚନ ପ୍ରଚାର। ସ୍ଥାନୀୟ ରାମେଶ୍ୱର ଷ୍ଟାଡିୟମରେ ଗୁରୁବାର ଶ୍ରୀ ଶାହା ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଆହ୍ୱାନ ଦେଇଛନ୍ତି। ଓଡ଼ିଶାର ସାଂସ୍କୃତିକ ମାଟି ତଥା ଦେବଭୂମି ସୁବର୍ଣ୍ଣପୁରରୁ ସେ ତାଙ୍କର ନିର୍ବାଚନ ସମାବେଶ ଆରମ୍ଭ କରିଥିବା ଉଲ୍ଲେଖ କରି ୟୁପିଏ ସରକାର ସମୟରେ ଓଡ଼ିଶାକୁ କେନ୍ଦ୍ରୀୟ ଅନୁଦାନ ଓ ଏନ୍‌ଡ଼ିଏ ସରକାର ସମୟରେ ଗତ ୧୦ ବର୍ଷରେ କେନ୍ଦ୍ରୀୟ ସହାୟତାର ତୁଳନାତ୍ମକ ଚିତ୍ର ଉପସ୍ଥାପନ କରିଛନ୍ତି। ତାଙ୍କ ସରକାର କ୍ଷମତାକୁ ଆସିଲେ ଓଡ଼ିଶାରେ ଉନ୍ନୟନମୂଳକ କାର୍ଯ୍ୟ କରାଯିବ ଏବଂ ଦେଶର ଏକ ନମ୍ବର ରାଜ୍ୟ ହୋଇ ପାରିବ ବୋଲି ଶ୍ରୀ ଶାହା କହିଛନ୍ତି। ପୁରୀକୁ ପର୍ଯ୍ୟଟନ କ୍ଷେତ୍ରରେ ସମୃଦ୍ଧ କରାଯିବ ଏବଂ ପଶ୍ଚିମ ଓଡ଼ିଶାରେ ସୂତାକଳ ସ୍ଥାପନ ହେବ ବୋଲି ମଧ୍ୟ ସେ ଏହି ଅବସରରେ ଘୋଷଣା କରିଛନ୍ତି।

ଏହି ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବରିଷ୍ଠ ନେତା କନକ ବର୍ଦ୍ଧନ ସିଂହଦେଓ, ସାଂସଦ ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂହଦେଓ, ପ୍ରଦୀପ ପୁରୋହିତ, ସୁକାନ୍ତ ପାଣିଗ୍ରାହୀଙ୍କ ସହ ବଲାଙ୍ଗିର, କନ୍ଧମାଳ, ସମ୍ବଲପୁର ଓ ବରଗଡ଼ ସଂସଦୀୟ କ୍ଷେତ୍ରର ସମସ୍ତ ବିଧାୟକ ପ୍ରାର୍ଥୀ ଯୋଗ ଦେଇଥିଲେ। ବିଧାୟକ ଜୟନାରାୟଣ ମିଶ୍ର, ବିଜେପି ଉପ ସଭାପତି ଗୋଲକ ମହାପାତ୍ର, ବିଧାୟକ ପ୍ରାର୍ଥୀ ପ୍ରମୋଦ ମହାପାତ୍ର, ରଘୁନାଥ ଜଗଦଲା, ମୁକେଶ ମହାଲିଙ୍ଗ ପ୍ରମୁଖ ସଭାରେ ଉଦ୍‌ବୋଧନ ଦେଇଥିଲେ। ବିଜେପିର ଏହି ବିଜୟ ସଂକଳ୍ପ ସମାବେଶରେ ବଲାଙ୍ଗୀର, ସମ୍ବଲପୁର, ବରଗଡ଼, ଅନୁଗୋଳ, ବୌଦ୍ଧ ଜିଲ୍ଲାରୁ ବହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ।

### ବାଇକ୍-ସ୍କୁଟି ଧକ୍କା; ୨ ମୃତ

**ଢେଙ୍କିକୋଟ, ୨୫।୪ (ସମିସ):** କେନ୍ଦୁଝର ଜିଲ୍ଲା ଢେଙ୍କିକୋଟ ଟିକିରା ଏନ୍‌ଏଚ୍ ୨୦ରେ ସନ୍ଧ୍ୟାରେ ଏକ ବାଇକ୍ ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ଜଣଙ୍କ ମୃତ୍ୟୁ ହୋଇଯାଇଛି। ମୃତକଦ୍ୱୟ ହେଲେ, ବାଇକ୍ ଚାଳକ ଟିକିରା ଗ୍ରାମର ଦେବପ୍ରସାଦ ମାଝୀ (୨୦) ଏବଂ ସ୍କୁଟି ଚାଳକ ଝାଡ଼ଖଣ୍ଡ ଅଞ୍ଚଳର। ଦୁହେଁ କଲେଜରେ ପାଠ ପଢୁଥିବା ବେଳେ ଗୋଳାବନ୍ଧ ଗ୍ରାମରେ ରୁହନ୍ତି ବୋଲି ସୂଚନା ମିଳିଛି। ଦୁର୍ଘଟଣା ପରେ ଉଭୟଙ୍କୁ ଟୋଲ୍‌ଗେଟ୍‌ର ଆମ୍ବୁଲାନ୍ସ ସହାୟତାରେ ଘଟଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। କିନ୍ତୁ ସେଠାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ପୁଲିସ୍ ଏନ୍‌କାଉଣ୍ଟର୍‌ରେ ଦୁଇ ମାଓବାଦୀ ନିହତ

**ବୌଦ୍ଧ/ଫୁଲବାଣୀ,୨୫।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ପାଡ଼େଲ ଡ୍ୟାମ୍ ନିକଟ ଜଙ୍ଗଲରେ ଗୁରୁବାର ପୁଲିସ୍ ଗୁଳିରେ ଦୁଇ ଦୁର୍ଦ୍ଧର୍ଷ ମାଓବାଦୀ ନିହତ ହୋଇଛନ୍ତି। ମୃତ ମାଓବାଦୀଦ୍ୱୟ ହେଲେ, ସନ୍ତୁ ଏବଂ ସୁନୀଲ। ସୁନୀଲ ଛତିଶଗଡ଼ ସୁକୁମା ଜିଲ୍ଲାର ଏବଂ ସନ୍ତୁ ଛତିଶଗଡ଼ ବିଜାପୁର ଅଞ୍ଚଳର। ଏମାନେ କେକେବିଏନ ମାଓବାଦୀ ସଂଗଠନର ୮ମ କମ୍ପାନୀର ସଦସ୍ୟ ଥିଲେ।

ପୁଲିସ ଓ ସୁରକ୍ଷା କର୍ମୀ ଜଙ୍ଗଲରେ କମ୍ବିଂ ଅପରେସନ୍ ଚଳାଇଥିବା ବେଳେ ସେମାନଙ୍କୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିଥିଲେ। ପରେ ପୁଲିସ୍ ପକ୍ଷରୁ ପାଲଟା ଜବାବ ଦିଆଯାଇଥିଲା। ପାଖାପାଖି ଘଣ୍ଟାଏ ଧରି ଦୁଇ ପକ୍ଷ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ଏଥିରେ କିଛି ମାଓବାଦୀ ଆହତ ହୋଇଥିବା ବେଳେ ୨ଜଣ ନିହତ ହୋଇଥିଲେ। ଜୀବନ ରକ୍ଷା ପାଇଁ ଅନ୍ୟ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ପୁଲିସ୍ ଛାନ୍‌ଭିନ୍ କରି ଜଙ୍ଗଲ ଭିତରୁ ପୁଲିସ୍ ଗୋଟିଏ ମାଓବାଦୀ କ୍ୟାମ୍ପ ଠାବ କରିଥିଲା। କ୍ୟାମ୍ପରୁ ବିପୁଳ ପରିମାଣର ବିସ୍ଫୋରକ, ଗୋଳାବାରୁଦ, ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଜବତ ଅସ୍ତ୍ରଶସ୍ତ୍ର ମଧ୍ୟରେ ଗୋଟିଏ ରାଇଫଲ୍, ୧୭ ରାଉଣ୍ଡ ଗୁଳି, ୭ ରାଉଣ୍ଡ ଗ୍ରେନେଡ, ୫ଟି ହାତ ବୋମା, ୬ଟି ଆଇଇଡି, ସୋଲାର ପ୍ୟାନେଲ ସହ ଅନ୍ୟାନ୍ୟ ସାମଗ୍ରୀ ରହିଛି। ଗୁଳି ବିନିମୟ ପରେ ମାଓବାଦୀମାନେ ସେଠାରୁ ଛତ୍ରଭଙ୍ଗ ଦେଇ ଅନ୍ୟତ୍ର ଚାଲିଯାଇଥିବା ସୂଚନା ମିଳିଛି।



ଜଙ୍ଗଲରେ ଏବେ ମଧ୍ୟ ୨୦ରୁ ୩୦ ମାଓବାଦୀ ରହିଥିବା ନେଇ ବୌଦ୍ଧ ଏସ୍‌ପି ରାଜପ୍ରସାଦ ସୂଚନା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏହି ଅପରେସନରେ କୌଣସି ସୁରକ୍ଷାକର୍ମୀ ଆହତ ହୋଇନାହାନ୍ତି। ମାଓବାଦୀମାନେ ସ୍ଥାନେ ସ୍ଥାନେ ଆଇଇଡି ଖଞ୍ଜିଥିବା ଯୋଗୁଁ ସୁରକ୍ଷା କର୍ମୀଙ୍କ ଦ୍ୱାରା ମୃତଦେହ ଉଦ୍ଧାର କରିବା ସହ ଅନ୍ୟ ସାମଗ୍ରୀ ସବୁ ଉଦ୍ଧାର କରିବା ବାଧାପ୍ରାପ୍ତ ହୋଇଛି। ବର୍ତ୍ତମାନ ମଧ୍ୟ ସେହି ଅଞ୍ଚଳରେ କମ୍ବିଂ ଅପରେସନ ଜାରି ରହିଛି। ଏହି ସାମ୍ବାଦିକ ସମ୍ମିଳନୀରେ କନ୍ଧମାଳ ଏସ୍‌ପି ଶୁଭେନ୍ଦୁ ପାତ୍ର ମଧ୍ୟ ଉପସ୍ଥିତ ଥିଲେ।

# ସରକାରୀ ବାତ୍ୟା ଆଶ୍ରୟ ସ୍ଥଳରେ ବିଜେପିର ନିର୍ବାଚନୀ ସଭା

## ଛତ୍ରପୁର ବିଧାୟକ ପ୍ରାର୍ଥୀଙ୍କ ବିରୋଧରେ ବିଜେଡିର ଅଭିଯୋଗ




**ଭୁବନେଶ୍ୱର, ୨୫।୪(ସମିସ):** ଓଡ଼ିଶା ବିଜେପି ସାଂସଦ ଓ ବିଧାୟକ ପ୍ରାର୍ଥୀମାନେ ଅଭ୍ୟାସଗତ ଭାବେ ଆଇନ୍ ଭଙ୍ଗ କରି ଚାଲିଛନ୍ତି। ଭୋଟ ବ୍ୟାଙ୍କ ରାଜନୀତି ପାଇଁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକୁ ବାରମ୍ବାର ଅଣଦେଖା କରି ଚାଲିଛନ୍ତି। ପୂର୍ବରୁ ବିଜେପିର ଅନେକ ନେତାଙ୍କ ବିରୋଧରେ ଏପରି ଅଭିଯୋଗ ଆସିଥିବା ବେଳେ ଆଜି ଛତ୍ରପୁର ବିଜେପି ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ନାୟକଙ୍କ ବିରୋଧରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି ବିଜୁ ଜନତା ଦଳ। ଅଭିଯୋଗ ଅନୁସାରେ ଗତକାଲି ଗଞ୍ଜାମ ବ୍ଲକର ମଧୁରଛୁଆ ଗ୍ରାମରେ ଥିବା ସରକାରୀ ବାତ୍ୟା ଆଶ୍ରୟ ସ୍ଥଳରେ ଶ୍ରୀ ନାୟକ ନିର୍ବାଚନୀ ସଭା ଆୟୋଜନ କରିଥିଲେ। ଅନ୍ୟ ବିଜେପି ନେତାଙ୍କ ପରି ଶ୍ରୀ ନାୟକ ମଧ୍ୟ ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କରିଛନ୍ତି। ତେଣୁ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଜରୁରୀ ବୋଲି ବିଜେଡି ଦାବି କରିଛି। ବିଜେଡି ପକ୍ଷରୁ ଆଜି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ ସହିତ ପ୍ରମାଣ ସ୍ୱରୂପ ଫଟୋ ଏବଂ ଭିଡିଓ ଦାଖଲ କରାଯାଇଛି। ଏହି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ ଏବଂ ଡ଼ ସସ୍ମିତ ପାତ୍ର, ମଧୁସ୍ମିତା ନାୟକ. ଡ଼ ପ୍ରିୟବ୍ରତ ମାଝୀ, ଇପ୍ସିତା ସାହୁ, ମାହିକ୍ଷୀତା ମିଶ୍ର, ସ୍ୱୟମ୍ ପ୍ରକାଶ ମହାପାତ୍ର, ମିହିର ରାୟ, ଓମ୍ ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




## କେ.ରବି କୁମାରଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା



**ବାରିପଦା, ୨୫ ।୪(ସମିସ):** ଅନ୍ତର୍ଜାତୀୟ ଭାର ଉତ୍ତୋଳନକାରୀ, ଆଲମ୍ପିଆଡ଼ ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ଖେଳାଳି କେ. ରବି କୁମାର ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ବାରିପଦାରେ ପହଞ୍ଚିଛନ୍ତି । ଏହି ଅବସରରେ ଗୁରୁବାର ବାରିପଦା ସ୍ଥିତ ସର୍କିଟ ହାଉସରେ ଜିଲ୍ଲା ଭାରୋତ୍ତଳନ ସଂଘର ଜିଲ୍ଲା ଉପ ସଭାପତି ତରୁଣ ମହାନ୍ତିଙ୍କ ନେତୃତ୍ୱରେ ଅନ୍ୟ କର୍ମକର୍ତ୍ତାମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି । ସଂଘ ପକ୍ଷରୁ ସ୍ଥାନୀୟ ଶକ୍ତିମାନ ଜିମନାସିୟମଠାରେ ଆୟୋଜିତ ଗ୍ରୀଷ୍ମକାଳୀନ ଶିବିରରେ ଯୋଗଦାନ କରିଥିଲେ । ଛୋଟ ଛୋଟ ପିଲାଙ୍କୁ ଭାରୋତ୍ତଳନ କ୍ରୀଡା ପ୍ରତି ଆକୃଷ୍ଟ କରି ଭବିଷ୍ୟତରେ ଏକ ସୁନାମଧନ୍ୟ ଖେଳାଳି ଭାବେ ପରିଣତ କରିବା ପାଇଁ ରାଜ୍ୟ ସଂଘ ପକ୍ଷରୁ ରାଜ୍ୟର ୧୮ଟି ଜିଲ୍ଲାରେ ୨୬ଟି ସ୍ଥାନରେ ଉକ୍ତ ଶିବିର ଆୟୋଜନ କରାଯାଇଛି । ଏଥି ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାରେ ମଧ୍ୟ ଉକ୍ତ ଶିବିର ଆୟୋଜନ କରାଯାଇଥିବା ବେଳେ ୮ରୁ ୧୫ ବର୍ଷ ପର୍ଯ୍ୟନ୍ତ ବାଳକ ଓ ବାଳିକାମାନେ ଯୋଗ ଦେଇଥିଲେ । କେ. ରବି କୁମାର ସମସ୍ତ ଶିବିରାର୍ଥୀଙ୍କ ସହିତ ଆଲୋଚନା କରିଥିଲେ । ମୟୂରଭଞ୍ଜ ଜିଲ୍ଲାର ବହୁ ଭାରୋତ୍ତଳନକାରୀ ପୂର୍ବରୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ କ୍ରୀଡା ପ୍ରଦର୍ଶନ କରି ଜିଲ୍ଲା ପାଇଁ ଅନେକ ଗର୍ବ ଓ ଗୌରବ ଆଣିଛନ୍ତି । ତେବେ ଉକ୍ତ ପିଲାମାନଙ୍କୁ ଛୋଟ ବୟସରୁ ଏ ନେଇ ପ୍ରସ୍ତୁତ କଲେ ସେମାନେ ମଧ୍ୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଜିଲ୍ଲା ପାଇଁ ଗୌରବ ଆଣିପାରିବେ ବୋଲି ଶ୍ରୀ କୁମାର କହିଛନ୍ତି ।

## ଭାରସାମ୍ୟ ହରାଇ ବ୍ୟାରିକେଡ୍ ଉପରେ ମାଡ଼ିଗଲା ଟ୍ରକ୍

**ବାରିପଦା, ୨୫ ।୪(ସମିସ):** ବାରିପଦା ଟାଉନ ଥାନା ଅନ୍ତର୍ଗତ ପାଲବଣିଠାରେ ଜାତୀୟ ରାଜପଥରେ ଏକ ମାଲବାହୀ ଟ୍ରକ ଭାରସାମ୍ୟ ହରାଇ ବ୍ୟାରିକେଡ ଉପରେ ମାଡ଼ିଯାଇଛି । ଟ୍ରକଟି ବାରିପଦାରୁ ବାଲେଶ୍ୱରକୁ ଯାଉଥିବା ବେଳେ ରାତି ସମୟରେ କୌଣସି କାରଣ ପାଇଁ ଟ୍ରକଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଟ୍ରକଟି କଡ଼କୁ ମାଡି ଆସି ଜାତୀୟ ରାଜପଥର ବ୍ୟାରିକେଡ ଉପରକୁ ଚଢି ଯାଇଥିଲା । ଫଳରେ ଟ୍ରକଟି ଭାଙ୍ଗି ଯାଇଥିବା ବେଳେ ଚାଳକ ଜଣକ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ସେ ସାମାନ୍ୟ ଆହତ ହୋଇଛନ୍ତି । ଘଟଣାସ୍ଥଳରେ ଟାଉନ ଥାନା ପୁଲିସ ପହଞ୍ଚି ଅନୁଧ୍ୟାନ କରି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି ।

## ବିଦେଶୀ ମଦ ଜବତ; ଜଣେ ଗିରଫ

**ବାରିପଦା, ୨୫ ।୪(ସମିସ):** ବାରିପଦା ସଦର ଥାନା ପୁଲିସ ଦ୍ୱାରା ବେଆଇନ ମଦ ଜବତ କରାଯାଇଛି । ଏଥିସହିତ ଏହି କାରବାରରେ ସମ୍ପୃକ୍ତ ଥିବା ଜଣକୁ ପୁଲିସ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଲା ବାରିପଦା ସଦର ଥାନା ଅନ୍ତର୍ଗତ ମଞ୍ଚାବନ୍ଧା ଅଞ୍ଚଳର ଆକାଶ ବେହେରା (୨୪) । ସୂଚନା ଅନୁଯାୟୀ, ବିଭିନ୍ନ ସ୍ଥାନରେ ଥିବା ହୋଟେଲ, ଢାବା ଏବଂ ଫାଷ୍ଟଫୁଡ୍ ଦୋକାନରେ ବେଆଇନ ଭାବେ ମଦ ବିକ୍ରି ହେଉଥିବା ନେଇ ଅଭିଯୋଗ ହୋଇଥିଲା । ସାଧାରଣ ନିର୍ବାଚନ ପୂର୍ବରୁ ବାରିପଦା ସଦର ଥାନା ପୁଲିସ ଦ୍ୱାରା ବେଆଇନ ମଦ କାରବାରକୁ ରୋକିବା ପାଇଁ ପ୍ରୟାସ ଆରମ୍ଭ କରିଥିଲେ । ଯାହାକୁ ନେଇ ପୁଲିସ ପକ୍ଷରୁ ପାଟ୍ରୋଲିଂ ଜାରି ଥିବା ବେଳେ ମଞ୍ଚାବନ୍ଧା ନିକଟସ୍ଥ ଏକ ତେଜରାତି ଦୋକାନରୁ ବିଦେଶୀ ମଦ ଜବତ ହୋଇଛି ।

## ବାରିପଦାରେ ନେପାଳର ଶିଶୁ ସାହିତ୍ୟିକ ବିଜୟରାଜ ଆଚାର୍ଯ୍ୟ



**ବାରିପଦା, ୨୫ ।୪(ସମିସ):** ପ୍ରଖ୍ୟାତ ଶିଶୁ ସାହିତ୍ୟିକ ତଥା ନେପାଳର ସର୍ବପୁରାତନ ଶିଶୁ ସାହିତ୍ୟ ସଂସ୍ଥା ନେପାଳ ବାଲ୍ ସାହିତ୍ୟ ସମାଜ, କାଠମାଣ୍ଡୁର ନିର୍ବାଚିତ ମହାସଚିବ ବିଜୟରାଜ ଆଚାର୍ଯ୍ୟ ଗୁରୁବାରରେ ବାରିପଦାରେ ପହଞ୍ଚିଛନ୍ତି । ତାଙ୍କ ରଚିତ ସହସ୍ରାଧିକ ଶିଶୁ କିଶୋର ପୁସ୍ତକଗୁଡ଼ିକ ହେଲା 'ରମାଇଲୋ ଗାଉଁ', 'ଆମାକୋ ମାୟା', 'ସ୍ୱର୍ଗମା ମୋବାଇଲ', 'ଜେନିସକୋ ଜନ୍ମଦିନ', 'କି-ବୋର୍ଡ' । ତାଙ୍କର ବେଶ୍ କିଛି ଗଳ୍ପ ଓଡ଼ିଆ, ବଙ୍ଗଳା, ଚାଇନିଜ, ହିନ୍ଦୀ ଇତ୍ୟାଦି ଭାଷାରେ ଅନୁଦିତ ହୋଇ ପାଠକୀୟ ସ୍ୱୀକୃତି ଲାଭ କରିଛି । 'ଶିଶୁ ସାହିତ୍ୟ ଲେଖକ ସମ୍ମେଳନ', ଓଡ଼ିଶାର ୨୩ତମ ବାର୍ଷିକ ମହୋତ୍ସବରେ ଆମନ୍ତ୍ରିତ ହୋଇ ସେହି କାର୍ଯ୍ୟକ୍ରମରେ ଯୋଗଦାନ କରିବ ପାଇଁ କଟକ ସହରକୁ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି ।

## ବଡ଼ସାହି ଛାତ୍ର କଂଗ୍ରେସ ସଭାପତିଙ୍କ ଇସ୍ତଫା



**ବଡସାହି, ୨୫।୪(ସମିସ):** ବଡସାହି ବ୍ଲକ ଛାତ୍ର କଂଗ୍ରେସ ସଭାପତି ଶିବଶଙ୍କର କୁଅଁର ଗୁରୁବାର କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ସେ ତାଙ୍କର ଇସ୍ତଫା ପତ୍ର ରାଜ୍ୟ ପି.ସି. ସି ସଭାପତି ଓ ଜିଲ୍ଲା ସଭାପତିଙ୍କୁ ପଠାଇଥିବା ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି । କଂଗ୍ରେସ ଦଳର ବିଶୃଙ୍ଖଳିତ କାର୍ଯ୍ୟକଳାପକୁ ନେଇ ସେ ଇସ୍ତଫା ଦେଇଥିବା କହିଛନ୍ତି । ସେ ତାଙ୍କର ସମର୍ଥକଙ୍କୁ କେଉଁ ଦଳରେ ଯୋଗଦେବେ ସେ ସମ୍ପର୍କରେ ଖୁବ ଶୀଘ୍ର ଜଣାଇବେ ବୋଲି କହିଛନ୍ତି ।

### ପ୍ରଚାରରେ ଶିଶୁଙ୍କୁ ବ୍ୟବହାର କରୁଛି ବିଜେପି

# ନିର୍ବାଚନ ଆୟୋଗ ନିର୍ଦ୍ଦେଶକୁ ଅବଜ୍ଞା

**ବାରିପଦା, ୨୫ ।୪(ସମିସ)**



ସାଧାରଣ ନିର୍ବାଚନକୁ ନେଇ ରାଜନୈତିକ ମଇଦାନ ସରଗରମ ହୋଇଥିବା ବେଳେ ପ୍ରଚାର ମଧ୍ୟ ଜୋରଦାର ହେଉଛି । ତେବେ ବିଜେପିର ନେତାମାନେ ନିର୍ବାଚନ ପ୍ରଚାରରେ ଛୋଟ ଛୋଟ ପିଲାଙ୍କୁ ବ୍ୟବହାର କରୁଛନ୍ତି; ଯାହା ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଇଛି । ଏ ନେଇ ବିଶ୍ୱବିଜୟୀ ପଣ୍ଡା ଅଭିଯୋଗ କରି ବାରିପଦାରେ ଜିଲ୍ଲାପାଳଙ୍କ ଜରିଆରେ ନିର୍ବାଚନ କମିଶନଙ୍କ ନିକଟକୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ନିର୍ବାଚନ ପ୍ରଚାରରେ ଶିଶୁଙ୍କ ସମ୍ପୃକ୍ତିକୁ ନିଷିଦ୍ଧ କରିବା ପାଇଁ ନିର୍ବାଚନ ଆୟୋଗଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ଭାରତୀୟ ଜନତା ପାର୍ଟି ଉକ୍ତ ନିର୍ଦ୍ଦେଶକୁ ଅବମାନନା କରିଛି ବୋଲି ଅଭିଯୋଗ ଆସିଛି । ନିର୍ବାଚନ ଆୟୋଗର ଚିଠି ସଂଖ୍ୟା ଇସିଆଇ/ ପିଏନ/୧୧/୨୦୨୪ନିର୍ଦ୍ଦେଶ ଅନୁଯାୟୀ ଶିଶୁ ଶ୍ରମିକ ନିୟମାବଳୀ ସଂଶୋଧନ ଅଧିନିୟମ, ୨୦୧୬ ଉଲ୍ଲଙ୍ଘନ ନେଇ ଶ୍ରୀ ପଣ୍ଡା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି । ଗତ ୨୪ତାରିଖରେ ମୋରାଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେପିର ମିଶ୍ରଣ କାର୍ଯ୍ୟକ୍ରମକୁ ନେଇ ବିବାଦ ଉପୁଜିଥିଲା । ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରାର୍ଥୀ ନବଚରଣ ମାଝି ଏବଂ ମୋରଡା ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ; ହେଲେ ଦଳୀୟ ପ୍ରଚାର ନିମନ୍ତେ କୋମଳମତି ପିଲାଙ୍କୁ ବ୍ୟବହାର କରାଯାଉଛି । ଶ୍ରୀ ପଣ୍ଡା ମୟୂରଭଞ୍ଜ ଜିଲ୍ଲାପାଳଙ୍କ ମାଧ୍ୟମରେ ଓଡ଼ିଶାର ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିକଟକୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିବେଦନ କରିଛନ୍ତି । ଏଭଳି ଘଟଣାକୁ ରୋକିବା ଏବଂ ନିର୍ବାଚନ ପ୍ରଚାର ସମୟରେ ପିଲାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ନିର୍ବାଚନ ପ୍ରକ୍ରିୟାର ଅଖଣ୍ଡତା ରକ୍ଷା କରିବା ଏବଂ ପିଲାମାନଙ୍କ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ନିର୍ବାଚନ ଆୟୋଗର ନିର୍ଦ୍ଦେଶନାମା ଓ କାର୍ଯ୍ୟକାରିତାକୁ ବିଜେପି ପକ୍ଷରୁ ଖୋଲା ଚ୍ୟାଲେଞ୍ଜ କରାଯାଇଛି । ଦେଶ ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ରାଜନୈତିକ ଦଳଗୁଡିକ ନିର୍ବାଚନ ଆୟୋଗର ନିର୍ଦ୍ଦେଶନାମା ପାଳନ କରିବା ଏବଂ ସମସ୍ତ ନାଗରିକ, ବିଶେଷ କରି ଶିଶୁଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେବା ଜରୁରୀ ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



**ବାରିପଦା ୨୫ ।୪(ସମିସ):** ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନସୀ ଆଣ୍ଡ ମ୍ୟାନେଜମେଣ୍ଟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଦ୍ୱାରା ବିଶେଷ ଭାବରେ କ୍ରିମିନାଲ ଉପରେ ସବିଶେଷ ଆଲୋଚନା କରାଯାଇଥିଲା । ଏଥିରେ ମୟୂରଭଞ୍ଜ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ଏସ୍. ଶିବାନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାଗଣା ଆଇନଗତ ଅଧିକାର ବିଷୟରେ ସୂଚନା ଦେବା ସହିତ ଥାନାରେ କିପରି ଏଫ୍.ଆଇ. ଆର. ଲେଖିବେ ସେ ନେଇ ଛାତ୍ର ଛାତ୍ରୀ ଏବଂ ଅଧ୍ୟାପକ ଏବଂ ଅଧ୍ୟାପିକାଙ୍କୁ ବୁଝାଇଥିଲେ । ଆଇନଜିବୀ ସୁନିଲ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ କ୍ରିମିନାଲ କେସରେ କିପରି କୋର୍ଟ ଏବଂ ପୁଲିସ ସମ୍ମୁଖରେ ବୟାନ ଦେବାକୁ ପଡେ ସେ ନେଇ ପରାମର୍ଶ ଦେଇଥିଲେ । ଏହି ଅବସରରେ ପ୍ରଶ୍ନୋତ୍ତର ମାଧ୍ୟମରେ ଛାତ୍ରଛାତ୍ରୀ ଏବଂ ଅଧ୍ୟାପିକା ଓ ଅଧ୍ୟାପକମାନଙ୍କ ଆଇନଗତ ସନ୍ଦେହମୂଳକ ପ୍ରଶ୍ନ ଉତ୍ତର ଦେଇଥିଲେ । ଆଇକ୍ୟୁଏସି ସେଲର ସଂଯୋଜିକା ସବିତା ରାଣୀ ଦାଶ, ଅଧ୍ୟାପିକା ମୀରା ସେନାପତି, ଏପି ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗ ଅଧ୍ୟାପକ ସରୋଜ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଇନ ସଚେତନତା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଅଧ୍ୟାପକ ଚୌଧୁରୀ ଚରଣ ପାତ୍ର, ଅଭିଜିତ ପଟ୍ଟନାୟକ, ଡ଼. ଠାକୁରା ଚରଣ ମାରାଣ୍ଡି, ସୁଜାତା ପାଲ, ପ୍ରତିଭା ଦାସ, ତୃପ୍ତି ଦାସ, କବିତା ସାହୁ, ରୁପମଞ୍ଜରୀ ବେହେରା, ଜ୍ୟୋତିର୍ମୟୀ ଗିରି, ସସ୍ମିତା ସି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ସିଏଲଭି ରବୀନ୍ଦ୍ର ମହାନ୍ତି ସ୍ୱାଗତ ଅଭିଭାଷଣ ଓ ଜାତୀୟ ସେବା ଯୋଜନା ଅଧିକାରୀ ମଦନ ମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଚ୍ଛିନ୍ନାଞ୍ଚଳ ଚକ୍ରଧରପୁରରେ 'ବର୍ଣ୍ଣବୋଧ' ବହି ବଣ୍ଟନ



**ବାରିପଦା, ୨୫ ।୪(ସମିସ):** ଝାଡ଼ଖଣ୍ଡର ଚକ୍ରଧରପୁର ପ୍ରଖଣ୍ଡ ସ୍ଥିତ ଓଡିଆ ମଧ୍ୟ ବିଦ୍ୟାଳୟ ପୁରୁଣାବସ୍ତି, ଓଡ଼ିଆ ପ୍ରାଥମିକ ବିଦ୍ୟାଳୟ କୋଲଚକଡା, ପ୍ରାଥମିକ ବିଦ୍ୟାଳୟ କୁରୁଳିଆ ଓ ଓଡ଼ିଆ ପ୍ରାଥମିକ ବିଦ୍ୟାଳୟ ଦେଓଗାଁରେ ଓଡ଼ିଆ ସମାଜସେବୀ ଅଧ୍ୟାପକ ସଞ୍ଜୟ କୁମାର ବାରିକଙ୍କ ଦ୍ୱାରା ଓଡ଼ିଆ ମଧୁ ବର୍ଣ୍ଣବୋଧ ଛାତ୍ରଛାତ୍ରୀଙ୍କୁ ନିଶୁଳ୍କ ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ପୂର୍ବ କେନ୍ଦ୍ର ଉପସଭାପତି ସରୋଜ ପ୍ରଧାନ, ପ୍ରଧାନ ଶିକ୍ଷକ ଅରବିନ୍ଦ କୁମ୍ଭକାର, ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ପ୍ରମାଣିକ, ଶିକ୍ଷୟିତ୍ରୀ ଶିଖା ବେରା, ପ୍ରେମା ନୀଳମ ବାଖଲା, ଓଡ଼ିଆ ଶିକ୍ଷୟିତ୍ରୀ ସୁଭଦ୍ରା ମିସ୍ତ୍ରି, ଆରତୀ ଷଡ଼ଙ୍ଗୀ, ବୃନ୍ଦାବତୀ ପ୍ରଧାନ ଓ ସଙ୍ଗୀତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଅଧ୍ୟାପକ ସଞ୍ଜୟ କୁମାର ବାରିକ ଜଣେ ଭିନ୍ନକ୍ଷମ । ସେ ଏବେ ଜବାହରଲାଲ ନେହରୁ ମହାବିଦ୍ୟାଳୟ ଚକ୍ରଧରପୁରର ଓଡ଼ିଆ ଅଧ୍ୟାପକ ଭାବେ କାର୍ଯ୍ୟରତ । ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସେ ଝାଡ଼ଖଣ୍ଡର ବିଭିନ୍ନ ବିଦ୍ୟାଳୟରେ ନିଜ ଦରମାରୁ ଓଡ଼ିଆ ବହି ବହୁ ସଂଖ୍ୟାରେ ନିଶୁଳ୍କ ବଣ୍ଟନ କରି ଓଡ଼ିଆ ଭାଷା ଶିକ୍ଷାର ପ୍ରଚାର କରିବେ ବୋଲି ଆଶ୍ୱାସନା ଦେଇଛନ୍ତି ।

## 'ଆଜସୁ' ପକ୍ଷରୁ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା

**ବାରିପଦା, ୨୫ ।୪(ସମିସ):** ଆଜସୁ ପାର୍ଟି ପକ୍ଷରୁ ସାଂସଦ ଓ ବିଧାୟକ ପ୍ରାର୍ଥୀମାନଙ୍କ ନାମ ଘୋଷଣା କରାଯାଇଛି । କେନ୍ଦ୍ରୀୟ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଆଗାମୀ ନିର୍ବାଚନ ପାଇଁ ଆଜସୁ ପାର୍ଟି ରାଜ୍ୟ ସଭାପତି ଆନ୍ତ ଆଲୋକ ବାସ୍କେଙ୍କ ଦ୍ୱାରା ମୟୂରଭଞ୍ଜ ଓ କେନ୍ଦୁଝର ଲୋକସଭା ଏବଂ ୭ଟି ବିଧାନସଭା ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ମୟୂରଭଞ୍ଜ ଲୋକସଭା ଓ ରାଇରଙ୍ଗପୁର ବିଧାନସଭା ଆସନ ପାଇଁ ରାଜ୍ୟ ସଭାପତି ଆନ୍ତ ଆଲୋକ ବାସ୍କେ, ଉଦଳା ପାଇଁ ମଦନ ମୋହନ ମାଝୀ, ବଡସାହି ପାଇଁ କରମଚାନ୍ଦ କାଳନ୍ଦୀ ଓ ବାରିପଦା ପାଇଁ ସାଉନା ମୁର୍ମୁଙ୍କ ନାମ ଘୋଷଣା କରାଯାଇଛି । ସେହିପରି କେନ୍ଦୁଝର ଲୋକସଭା ପାଇଁ ପୀତବାସ ନାଏକ ଏବଂ ଘଷିପୁର ବିଧାନସଭା ପାଇଁ ରତ୍ନାକର ମହାନ୍ତ, ଚମ୍ପୁଆ ବିଧାନସଭା ପାଇଁ ସଞ୍ଜୟ କୁମାର ମହାନ୍ତ ଓ ରାଉରକେଲା ବିଧାନସଭା ପାଇଁ ମିଳନ ଚନ୍ଦ୍ର ମହାନ୍ତଙ୍କୁ ପ୍ରାର୍ଥୀ କରାଯାଇଛି । ଏ ନେଇ ବାରିପଦା ସ୍ଥିତ କାର୍ଯ୍ୟାଳୟରେ ରାଜ୍ୟ ସଭାପତି ସୂଚନା ଦେଇଛନ୍ତି ।

### ଜାତୀୟ ରଗ୍‌ବୀ ପ୍ରତିଯୋଗିତାରେ ଜିଲ୍ଲାକୁ ସଫଳତା

## ଦ୍ୱିତୀୟ ସ୍ଥାନରେ ରହିଲେ ୩ ଛାତ୍ରୀ



**ବାରିପଦା, ୨୫ ।୪(ସମିସ):** ମହାରାଷ୍ଟ୍ରର ପୁନେଠାରେ ଅନୁଷ୍ଠିତ ସର୍ବଭାରତୀୟ ଜାତୀୟ ରଗ୍‌ବି ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାକୁ ସଫଳତା ମିଳିଛି । ବାରିପଦା ସ୍ଥିତ ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩ ଜଣ ଛାତ୍ରୀ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି । ଏମାନେ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ୧୯ବର୍ଷରୁ କମ ସର୍ବ ଭାରତୀୟ ଜାତୀୟ ରଗବୀ ପ୍ରତିଯୋଗିତାର ବାଳିକା ବିଭାଗରେ ବାରିପଦାର ଭାଗ୍ୟଲକ୍ଷ୍ମୀ ମାରାଣ୍ଡି, ହିସି ଟୁଡୁ ଓ ଆମିଷାରାଣୀ ମାଝୀ ଓଡ଼ିଶା ପକ୍ଷରୁ ଅଂଶଗ୍ରହଣ କରିଥିଲେ । ଏଥିରେ ଉକ୍ତ ତିନି ଜଣ ଉନ୍ନତ କ୍ରୀଡା ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ଓ ଟ୍ରଫି ପାଇଛନ୍ତି । ଏହି ସଫଳତା ପାଇଁ ଅଧ୍ୟକ୍ଷ ରାଜେଶ କୁମାର ଷଡ଼ଙ୍ଗୀ, କ୍ରୀଡା ଶିକ୍ଷକ ତାପସ କୁମାର ସାମଲ ସମେତ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଏବଂ କର୍ମଚାରୀ ବୃନ୍ଦ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

### ସାନମାମୁଡିଆ-ଜଜଭୁଟୁ ରାସ୍ତା ବିପର୍ଯ୍ୟସ୍ତ

# ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ତୀବ୍ର ଅସନ୍ତୋଷ



**କୁଆମରା, ୨୫।୪(ସମିସ)**

ଖୁଣ୍ଟା ବ୍ଲକ କରକଚିଆ ପଞ୍ଚାୟତ ସାନମାମୁଡିଆ-ଜଜଭୁଟୁ ରାସ୍ତାର ଉନ୍ନତିକରଣ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ଏ ଦିଗରେ ବ୍ଲକ ପ୍ରଶାସନ କିମ୍ବା ପଞ୍ଚାୟତ ପକ୍ଷରୁ ଦୃଷ୍ଟି ନ ପଡ଼ିବା ନେଇ ଅସନ୍ତୋଷ ଦେଖାଦେଇଛି । ବଡମାମୁଡିଆ ଏବଂ ସାନମାମୁଡିଆ ଲୋକେ ଏହି ରାସ୍ତା ଉପରେ ନିର୍ଭରଶୀଳ । ଏହି କେନାଲ ରାସ୍ତା ଦେଇ ସ୍ଥାନୀୟ ଲୋକେ ଯାଆସ କରିବା ସହ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟ ଏହା ଏକ ମାତ୍ର ରାସ୍ତା । ତେବେ ଏହି ରାସ୍ତା ସ୍ୱାଧୀନତାର ୭୫ ବର୍ଷ ପରେ ବି ମାଟି କାଦୁଅ ହୋଇ ରହିଛି । କଂକ୍ରିଟ୍ କିମ୍ବା ପିଚୁ କରିବା ତ ଦୂରର କଥା ମେଟାଲ ଝୁଡିଏ ବି ଆଜି ସୁଦ୍ଧା ପଡ଼ିନାହିଁ । ବର୍ଷା ଦିନ ଆସିଲେ ଉକ୍ତ ପଞ୍ଚାୟତର ୩ଟି ୱାର୍ଡର ପାଖାପାଖି ତିନି ଶହ ଲୋକ ନାନା ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଚାରି ଚକିଆ ଯାନ ଯାଆସ କରିବା ଯୋଗୁଁ ରାସ୍ତାର ଫୁଟେ ଦୁଇ ଫୁଟ ଲେଖାଏଁ ଖାତ ସୃଷ୍ଟି ହେବା ଯୋଗୁଁ ଯିବାଆସିବା କରିବା ସମ୍ଭବପର ହେଉନି । ରାସ୍ତା ସାରା କାଦୁଅ ହେବା ଯୋଗୁଁ ସ୍କୁଲ ଛାତ୍ରଛାତ୍ରୀ ଓ ବାଇକ ଚାଳକଙ୍କ ପାଇଁ ବିପଦ ସୃଷ୍ଟି କରିଥାଏ । ଏପରିକି ବର୍ଷା ଋତୁ ୪ ମାସ ଆମ୍ବୁଲାନ୍ସ ଭଳି ଜରୁରୀ ସେବା ପ୍ରତିବନ୍ଧକ ସାଜିଥାଏ । ରାସ୍ତାର ଉନ୍ନତିକରଣ ଦିଗରେ ପଲ୍ଲୀସଭାରେ ବାରମ୍ବାର ଦାବି ଉପସ୍ଥାପନ କରାଯାଇଥିବା ମାନସିଂହ ମୁର୍ମୁ, ଫାତୁ ମୁର୍ମୁ, ଲିଙ୍ଗରାଜ ସୋରେନ, ଶ୍ୟାମସୁନ୍ଦର ସଂ, ଅନନ୍ତ ମୁର୍ମୁ ପ୍ରମୁଖ ଦାବି କରିଛନ୍ତି । ଏ ନେଇ ସରପଞ୍ଚ ନମିତା ଟୁଡୁଙ୍କୁ ପଚାରିବାରୁ ରାସ୍ତା ବାବଦରେ ସେ ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ତେବେ ରାସ୍ତାର କିପରି ଶୀଘ୍ର ଉନ୍ନତିକରଣ ହେବ ସେ ନେଇ ଉଦ୍ୟମ କରିବେ ବୋଲି କହିଛନ୍ତି ।



## ମୋରଡ଼ାରେ ବିଜେଡିର ନିର୍ବାଚନୀ ପ୍ରଚାର

# ଦଳୀୟ ପ୍ରାର୍ଥୀଙ୍କୁ ଭୋଟ୍ ଦେବାକୁ ଆହ୍ୱାନ





**ମୋରଡ଼ା, ୨୫।୪(ସମିସ)**

ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ନିର୍ବାଚନ ମଣ୍ଡଳୀର ରାଜନୀତି ସରଗରମ ହେଉଛି। ଏହି କ୍ରମରେ ଗୁରୁବାର ମୋରଡ଼ା ବ୍ଲକ କୋହି ପଞ୍ଚାୟତର ପିସିପୁରରେ ବିଜୁ ଜନତା ଦଳର କର୍ମୀଙ୍କୁ ନେଇ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ମୋରଡ଼ା ବିଧାୟକ ରାଜକିଶୋର ଦାସଙ୍କ ସହିତ ବିଜେଡି ବିଧାୟକ ପ୍ରାର୍ଥୀନୀ ପ୍ରୀତିନନ୍ଦା କାନୁନଗୋ ପ୍ରଥମେ ବାବା ଜଗତେଶ୍ୱର ମହାଦେବଙ୍କ ପାଖରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେଇ ସଭାସ୍ଥଳରେ ପହଞ୍ଚିଥିଲେ। ଯୁବ ସଭାପତି ସମୀର ବେହେରାଙ୍କ ନେତୃତ୍ୱରେ ଏକ ବିରାଟ ବାଇକ ଶୋଭାଯାତ୍ରା ହୋଇଥିଲା। ବ୍ଲକ କୋର୍ଡ଼ିନେଟର ମୀନକେତନ ମହାନ୍ତି ଅତିଥିଙ୍କୁ ମଞ୍ଚ ଉପରକୁ ନିମନ୍ତ୍ରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୋନ କୋର୍ଡ଼ିନେଟର କ୍ଷୀତିଶ ଚନ୍ଦ୍ର ମହାନ୍ତ, ଜିଲ୍ଲା କାର୍ଯ୍ୟକାରୀ ଅଧ୍ୟକ୍ଷ ଜିତେନ୍ଦ୍ର ମହାନ୍ତି, ମୋରଡ଼ା ନିର୍ବାଚନ ମଣ୍ଡଳୀର କୋର୍ଡ଼ିନେଟର କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟା ଝରଣା ମୁର୍ମୁ, ବ୍ଲକ ମହିଳା କୋର୍ଡ଼ିନେଟର ଶତଦଳ ମହାନ୍ତ, ବ୍ଲକ ସଭାପତି ଜୟପ୍ରକାଶ ରାଉଳ ଏବଂ ଘାସିରାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଯେଉଁ ରୂପାନ୍ତର ହୋଇଛି ସେ ନେଇ ନଗରପାଳ ବକ୍ତବ୍ୟ ରଖିଥିଲେ। ସେ କହିଥିଲେ ଯେ, ଦୁଇଗୁଣ ବାର୍ଦ୍ଧକ୍ୟ ଭତ୍ତା, ପିଲାମାନଙ୍କ ପାଠ ପଢ଼ା ପାଇଁ ୫-ଟିରେ ରୂପାନ୍ତର କରିବା ସହିତ ସୁଚିନ୍ତିତ ପାଠପଢ଼ାର ବାତାବରଣ ସୃଷ୍ଟି ହୋଇଛି। ସେହିପରି ସ୍ୱୟଂ ଯୋଜନା ମାଧ୍ୟମରେ ଏକ ଲକ୍ଷ ଟଙ୍କା ଋଣ ଯୋଗାଇ ଦିଆଯାଉଛି। ଉପସ୍ଥିତ ନେତାମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିଥିଲେ। ସେହିପରି ବାଦଲ ମହାନ୍ତି କେନ୍ଦ୍ର ସରକାର ଉପରେ ଖୁବ ବର୍ଷିଥିଲେ। ମୟୂରଭଞ୍ଜ ସାଂସଦ ବିଶେଶ୍ୱର ଟୁଡୁଙ୍କ ତାଙ୍କ ନିଜ ମାଟିପାଇଁ କ'ଣ କରିଛନ୍ତି ସେ ପ୍ରଶ୍ନ କରିଥିଲେ। ସେ ଜନସାଧାରଣଙ୍କୁ ଯୋଡି ଶଙ୍ଖଚିହ୍ନରେ ଭୋଟ ଦେବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ବିଧାୟକ ପ୍ରାର୍ଥୀନୀ ପ୍ରୀତିନନ୍ଦା କାନୁନଗୋ ଏବଂ ସାଂସଦ ପ୍ରାର୍ଥୀ ସୁଦାମ ମାରାଣ୍ଡିଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଶେଷରେ ଲୋକସଭା ପ୍ରାର୍ଥୀ ସୁଦାମ ମାରାଣ୍ଡିଙ୍କୁ ସ୍ୱାଗତ ଜଣାଇ ବିଭିନ୍ନ ନାରାରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା।

## ବଡଓଲିଆ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ନିଦାନ ପରୀକ୍ଷା ଆରମ୍ଭ




**ଖୁଣ୍ଟା/କୁଆମରା, ୨୫।୪(ସମିସ):** ବାରିପଦା ନିର୍ବାଚନ ମଣ୍ଡଳୀର ବଡଓଲିଆ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ତରଫରୁ କ୍ରିଷ୍ଣା ଡାଇଗ୍ନୋଷ୍ଟିକ ଓ ଡୁକୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସହାୟତାରେ 'ନିଦାନ ପରୀକ୍ଷା ସେବା' ଆରମ୍ଭ ହୋଇଛି। ଏହାଦ୍ୱାରା ଭୋଲାଗଡ଼ିଆ, କର୍କଛିୟା, ବାହାନଡା ଓ ଡେଙ୍ଗାମ ଅଞ୍ଚଳର ଅଧିବାସୀ ମାଗଣା ଥାଇରଡ, କିଡନୀ, ଲିଭର୍ ଓ ଅନ୍ୟାନ୍ୟ ରକ୍ତ ପରୀକ୍ଷାର ସୁବିଧା ବଡୋଲିଆ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ପାଇପାରିବେ। ବର୍ତ୍ତମାନ ଏହି ସୁବିଧା ସମସ୍ତ ସର୍ବଦା ଉପଲବ୍ଧ ରହିବ। ଏହା ଅଧୀନରେ ବଡଓଲିଆ ହସ୍ପିଟାଲ୍‌ରେ ରକ୍ତ ନମୁନା ସଂଗ୍ରହ କରାଯାଇ ବ୍ଲଡ଼ କ୍ୟାରିୟର ଦ୍ୱାରା ଡୁକୁରା ପଠାଯିବ। ଏହି ଅବସରରେ ଡା. ଅର୍ଜୁନ ସବ୍ୟସାଚୀ ଦାସ, ଡା. କିଶୋର କୁମାର ରାଉତ, ଆଲୋକ କୁମାର ରାଉତ, ବ୍ଲଡ଼ କ୍ୟାରିୟର ରାକେଶ ଦେହୁରୀ ପ୍ରମୁଖ ଏହି ସେବାକୁ ଶୁଭାରମ୍ଭ କରିଛନ୍ତି। ଲୋକମାନଙ୍କ ପାଇଁ ଏହି ସୁବିଧା ଯୋଗାଇବାରେ ସାହାଯ୍ୟ କରିଥିବାରୁ ଡା. କିଶୋର ରାଉତ, ଡୁକୁରା ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡା ରବୀନ୍ଦ୍ରନାଥ ସିଂହ ଓ ବିପିଏମ ସୀମା ରାଉତଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।

## ଶିମିଳିପାଳ ସଂଲଗ୍ନ ଅଞ୍ଚଳରେ ତାପମାତ୍ର ବୃଦ୍ଧି

**କରଞ୍ଜିଆ, ୨୫।୪(ସମିସ):** ମୟୂରଭଞ୍ଜ ଜିଲ୍ଲାରେ ପ୍ରାୟ ୪୦ ଭାଗ ଜଙ୍ଗଲ ଏବଂ ପାହାଡ଼ ରହିଛି। କିଛି ଦିନ ହେଲାଣି ଏହି ଜିଲ୍ଲା ଉତ୍ତପ୍ତଭାବେ ପରିଗଣିତ ହୋଇଛି। ସକାଳ ୯ଟା ପରେ ଲୋକେ ଘରୁ ବାହାରିପାରୁନାହାନ୍ତି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପ୍ରବଳ ଖରା ଯୋଗୁଁ କରଞ୍ଜିଆ ବଜାରରେ ଥିବା କିଛି ସ୍ଥାନରେ ବାଦୁଡିଗୁଡିକ ଗଛରୁ ଖସି ପଡୁଛନ୍ତି। ଦିନ ୧୦ଟା ପରେ ରାସ୍ତାଘାଟ ଶୂନଶାନ। ସେହିପରି ଶିମିଳିପାଳରେ ମଧ୍ୟ ତାପମାତ୍ରା ବୃଦ୍ଧି ପାଉଛି। ଆଜି ଶିମିଳିପାଳ ଅଭୟାରଣ୍ୟରେ ଥିବା କିଆଝରିରେ ୩୯ ଡିଗ୍ରୀ, ନଅଣାରେ ୪୦ ଡିଗ୍ରୀ, ରାମତୀର୍ଥରେ ୩୬ ଡିଗ୍ରୀ, ଚହଲାରେ ୩୮ ଡିଗ୍ରୀ, ବରେଇପାଣିରେ ୩୬ ଡିଗ୍ରୀ, ଗୁଡ଼ଗୁଡ଼ିଆରେ ୩୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ବୋଲି ଉତ୍ତର ଶିମିଳିପାଳ ଡେପୁଟି ଡ଼ାଇରେକ୍ଟର ସାଇ କିରଣ ଡି ଏନ କହିଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ପର୍ଯ୍ୟଟନସ୍ଥଳ ଏବଂ ମନ୍ଦିରଗୁଡିକରେ ଶ୍ରଦ୍ଧାଳୁଙ୍କ କମ୍ ଦେଖିବାକୁ ମିଳୁଛି।

## ଦୋକାନରୁ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି

**କୁଆମରା, ୨୫।୪(ସମିସ):** ଉଦଳା-ବାରିପଦା ରାଜ୍ୟ ରାଜପଥ ପାର୍ଶ୍ୱ ଖୁଣ୍ଟା ବଜାର ସ୍ଥିତ ଭାରତ ମୋବାଇଲ ଦୋକାନରୁ ବୁଧବାର ରାତିରେ ଦୁର୍ବୃତ୍ତମାନେ ୫ ଲକ୍ଷରୁ ଅଧିକ ଟଙ୍କାର ନୂଆ ମୋବାଇଲକୁ ଲୁଟିନେଇଥିବା ଅଭିଯୋଗ ହୋଇଛି। ମାଲିକ ମନୋରଞ୍ଜନ ବେହେରା ଗତକାଲି ରାତି ୯ଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ତେବେ ଆଜି ସକାଳେ ଆସି ଦୋକାନ ଖୋଲିବା ପରେ ଘର ମଧ୍ୟରେ ଚୋରମାନେ କଳାକନା ବୁଲାଇ ଦେଇଛନ୍ତି। ଦୋକାନରେ ଥିବା ନୂତନ ମୋବାଇଲ, ବଟମ ମୋବାଇଲ ଓ ରିଚାର୍ଜ ପାଇଁ ବ୍ୟବହାର କରୁଥିବା ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ମୋବାଇଲ ଥିଲା। ପୁଲିସ ଅଭିଯୋଗ ପାଇ ଏକ ୫ ଜଣିଆ ଟିମ୍ ସହ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ କରିଛନ୍ତି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ତେବେ ଦେଢବର୍ଷ ତଳେ ଉକ୍ତ ମୋବାଇଲ ଦୋକାନରୁ ୯୭ ଟି ନୂତନ ମୋବାଇଲ ଚୋରି ହୋଇଥିଲା। ପରବର୍ତ୍ତୀ ସମୟରେ ପୁଲିସ ତଦନ୍ତ କରି ଚୋରକୁ ଧରିବା ସହିତ ମୋବାଇଲଗୁଡିକ ଉଦ୍ଧାର କରିଥିଲା।

## ଜେଏମ୍‌ଏଫ୍‌ସି କୋର୍ଟ ପରିସରରେ ଅଗ୍ନିକାଣ୍ଡ

**ବେତନଟୀ, ୨୫।୪(ସମିସ):** ବେତନଟୀ ଜେଏମଏଫସି କୋର୍ଟପରିସରସ୍ଥିତ ଏକ ବାଉଁଶଝାଡରେ ନିଆଁ ଲାଗିଯାଇଛି। ପରେ ଅଗ୍ନିଶମବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଗୁରୁବାର ସକାଳ ୯ଟାରେ କୋର୍ଟକାର୍ଯ୍ୟ ଚାଲିଥିବା ବେଳେ ହଠାତ୍ ଧାଁଦୌଡ ଆରମ୍ଭ ହୋଇଯାଇଥିଲା। କୋର୍ଟ ପରିସରରେ ଥିବା ଏକ ବାଉଁଶଝାଡରେ ଲାଗିଥିବା ନିଆଁ ଭୟଙ୍କର ଭାବରେ ଜଳିବା ଆରମ୍ଭ କରିଦେଇଥିଲା। ଫଳରେ କର୍ମଚାରୀମାନେ ଏଣେତେଣେ ଦୌଡିଥିଲେ। ପରେ ବେତନଟୀ ପୁଲିସ ମଧ୍ୟ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲା।

## ବାଛୁରୀପଡ଼ା ସଂରକ୍ଷିତ ଜଙ୍ଗଲରେ ନିଆଁ

**ବୈଶିଙ୍ଗା, ୨୫।୪(ସମିସ):** ବେତନଟୀ ରେଞ୍ଜ ଅଧୀନ ବାଛୁରୀପଡ଼ା ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଥିବା ବେଳେ ଏହାକୁ ଆୟତ୍ତକଲା ବନବିଭାଗ। ସୂଚନା ମୁତାବକ କୈାଣସି ଦୁର୍ବୃତ୍ତ ବାଛୁରୀପଡ଼ା ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗାଇଦେଇଥିବା ବେଳେ ଏହା ଚାରିପଟକୁ ବ୍ୟାପିବାରେ ଲାଗିଥିଲା। ଖବରପାଇ ବେତନଟୀ ବନବିଭାଗ ସ୍ଥାନୀୟଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ତେବେ କୈାଣସି ସନ୍ଦୀଗ୍ଧବ୍ୟକ୍ତି ଉଦେଶ୍ୟମୂଳକ ଭାବରେ ଜଙ୍ଗଲରେ ନିଆଁ ଲଗାଇଥିବା ନେଇ ବନବିବାଗ ଅନୁମାନ କରୁଛି।

## ପୁତୁରା ମାଡ଼ରେ କକା ଲହୁଲୁହାଣ

**ବେତନଟୀ, ୨୫।୪(ସମିସ):** ଭୁରୁକୁଣ୍ଡି ଗ୍ରାମରେ ସାମାନ୍ୟ କଥାକୁ କେନ୍ଦ୍ରକରି ନିଜର ବୃଦ୍ଧ କକାକୁ ପୁତୁରା ଜଣକ ମାଡମାରି ନାକ ଫଟାଇ ଲହୁଲୁହାଣ କରିବା ଅଭିଯୋଗ ହୋଇଛି। ପୁଲିସ ଅଭିଯୋଗ ପାଇ ତଦନ୍ତ କରୁଛି। ଏତଲାକାରୀ ବେଣୁଧର ମହାନ୍ତ (୬୦)ଙ୍କ ଅଭିଯୋଗ ମୁତାବକ ୨୩ତାରିଖ ଅପରାହ୍ନରେ ବଡଭାଇ ପ୍ରଫୁଲ୍ଲ ମହାନ୍ତଙ୍କ ପୁଅ ପ୍ରମୋଦଙ୍କ ଗାଈ ପଶିଆସି ଖମ୍ବାଲୁ ଖାଇଦେଇଥିଲା। ଏନେଇ ବେଣୁଧର ଗାଈକୁ କ'ଣ ପାଇଁ ବାନ୍ଧି ରଖୁନାହଁ ଏବଂ ଗାଈ କିଭଳି ଗଛ ନଷ୍ଟ କରିଛି ସେନେଇ କହିବାପରେ ପ୍ରମୋଦ ଉତ୍ୟକ୍ତହୋଇ କକା ବେଣୁଧର ଉପରେ ଆକ୍ରମଣ କରିଥିଲା। ପ୍ରଥମେ ଧକ୍କାଦେବାରୁ ବେଣୁଧର ତଳେ ପଡ଼ିଯିବା ପରେ ମୁଥମାରି ନାକ ଫଟାଇ ଦେଇଥିଲା। ବେଣୁଧରଙ୍କର ନାକରୁ ପ୍ରବଳ ରକ୍ତସ୍ରାବ ହେବାପରେ ପରିବାର ଲୋକେ କିଷାନତାଣ୍ଡି ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏନେଇ ବେଣୁଧର ଗୁରୁବାର ବେତନଟୀ ଥାନାରେ ଲିଖିତ ଏତଲା ଦାଏର କରିବାପରେ ବିଭିନ୍ନ ଦଫାରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି ପୁଲିସ।

## ଅଘୋଷିତ ବିଦ୍ୟୁତ୍ କାଟ୍ ନେଇ ତୀବ୍ର ଅସନ୍ତୋଷ

**ଠାକୁରମୁଣ୍ଡା, ୨୫।୪(ସମିସ):** ଠାକୁରମୁଣ୍ଡା ବ୍ଲକର କେନ୍ଦୁଜିଆଣୀ ୧୧ କେଭି ଫିଡ଼ର ର ତାଳପଦା, ପଡ଼ିଆବେଡା, ଖଣ୍ଡବନ୍ଧ ଗ୍ରାମପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗ୍ରାମରେ ଏପ୍ରିଲ ୫ ତାରିଖରୁ ଅଘୋଷିତ ବିଦ୍ୟୁତ୍ କାଟ ହେଉଛି। ଫଳରେ ଲୋକେ ପ୍ରବଳ ଗୁଳୁଗୁଳି ଏବଂ ଗରମରେ ଆଉପାଉଟ ହେଉଛନ୍ତି। ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କାରି ପକାଉଥିବା ବେଳେ ବିଦ୍ୟୁତ କାଟ ଯୋଗୁଁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗାଁ ଗହଳର ଲୋକେ ସକାଳୁ ଓ ଦିନ ସାରା ପାଣି ପାଇଁ ପାଇପ ନିକଟରେ ଜଗି ବସୁଛନ୍ତି। ବିଦ୍ୟୁତ୍ ବିଭାଗର ମନମାନି ଯୋଗୁ ଲୋକେ ହଇରାଣ ହରକତ ହେଉଛନ୍ତି। ଲୋକେ ଠିକ୍ ସମୟରେ ପାଣି ପାଉନାହାନ୍ତି। ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟକୁ ଯୋଗାଯୋଗ କଲେ ମଧ୍ୟ କୌଣସି ଫଳ ମିଳୁନାହିଁ। ତେଣୁ ଗ୍ରାହକମାନେ ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ସୂଚନା ମିଳିଛି।

## ବଡ଼ାମପୁରରେ ପଶିଲେ ୪୪ ଟିକିଆ ହାତୀପଲ



**ବେତନଟୀ, ୨୫।୪(ସମିସ):** ବେତନଟୀ ରେଞ୍ଜ ସୀମାନ୍ତ ରାସଗୋବିନ୍ଦପୁର ରେଞ୍ଜ ଅଧୀନ ସାରମୂଳା ଏବଂ ଅମର୍ଦା ଜଙ୍ଗଲ ଅଞ୍ଚଳରେ ବୁଲୁଥିବା ୪୪ଟି ହାତୀ ଗୁରୁବାର ସନ୍ଧ୍ୟା ୭ଟା ସମୟରେ ବଡାମପୁର ନିକଟରେ ବେତନଟୀ ରେଞ୍ଜକୁ ପ୍ରବେଶ କରିଛନ୍ତି। କିଛିଦିନ ଧରି ରାସଗୋବିନ୍ଦପୁର ରେଞ୍ଜ ଅଧୀନସ୍ଥ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ବିଚରଣ କରୁଥିବା ୯୩ଟି ହାତୀ ମଧ୍ୟରୁ ଅଧିକାଂଶ ଝାଡଖଣ୍ଡୀ ହାତୀ ରହିଥିବା ବେଳେ ଅଳ୍ପସଂଖ୍ୟକ ଶିମିଳିପାଳ ହାତୀ ରହିଛନ୍ତି। ବେତନଟୀ ରେଞ୍ଜ ପକ୍ଷରୁ କିଛିଦିନ ଧରି ହାତୀପଲକୁ ଅନୁପ୍ରବେଶ କରାଇ ଦିଆଯାଇ ନ ଥିବା ବେଳେ ଶେଷରେ ଗୁରୁବାର ସନ୍ଧ୍ୟାରେ ୪୪ଟିକିଆ ହାତୀପଲ ବଡାମପୁରଠାରେ ବେତନଟୀ ରେଞ୍ଜକୁ ପ୍ରବେଶ କରିଛନ୍ତି। ବଣୁଆ ହାତୀପଲର ଗତିବିଧି ନିୟନ୍ତ୍ରଣ ଏବଂ ସେମାନଙ୍କ ଉପରେ ନଜର ରଖିବାକୁ ବେତନଟୀ ବନପାଳ ପ୍ରଶାସନ୍ତ ସିଂସାମନ୍ତ, ବଡାମପୁର ବନପାଳ ଦୀପକପାତ୍ର ପ୍ରମୁକ ସଦସଳବଳେ ଘଟଣାସ୍ଥଳରେ ଉପସ୍ଥିତ ରହିଛନ୍ତି। ହାତୀମାନଙ୍କର ଗତିବିଧିକୁ ଅନୁଧ୍ୟାନ କରି ସମ୍ପୃକ୍ତ ଅଞ୍ଚଳର ଗଜସାଥୀମାନଙ୍କୁ ସଜାଗ ରଖାଯାଇଛି। ଜନବସତି ଠାରୁ ହାତୀପଲକୁ ଦୂରେଇ ରଖିବାରେ ବନବିଭାଗ ପ୍ରୟାସ ଜାରି ରଖିଛି।

## ଚିହ୍ନଟ ୩୧ ଫାୟାର ପଏଣ୍ଟ ସମ୍ପୂର୍ଣ୍ଣ ଆୟତ୍ତାଧୀନ



**ବାରିପଦା, ୨୫।୪(ସମିସ):** ଏସିଆ ମହାଦେଶର ଦ୍ୱିତୀୟ ବୃହତ ଜୈବମଣ୍ଡଳ ଶିମିଳିପାଳ ଅଭୟାରଣ୍ୟରେ ଗୁରୁବାର ୩୧ ଫାୟାର ପଏଣ୍ଟ ଚିହ୍ନଟ ହୋଇଛି। ଏ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ଼ଃ ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି। ୩୧ଟି ଫାୟାର ପଏଣ୍ଟ ମଧ୍ୟରୁ ଶିମିଳିପାଳ ଅଭୟାରଣ୍ୟର ଉତ୍ତର ବନଖଣ୍ଡରେ ୧୭ଟି ଓ ଦକ୍ଷିଣ ବନଖଣ୍ଡରେ ୧୨ଟି ସ୍ଥାନରେ ଫାୟାର ପଏଣ୍ଟ ରହିଛି। ଏଥି ସହିତ ରାଇରଙ୍ଗପୁର ବନଖଣ୍ଡରେ ୨ଟି ସ୍ଥାନରେ ଫାୟାର ପଏଣ୍ଟ ଦେଖିବାକୁ ମିଳିଛି। ବନାଗ୍ନି ସ୍ଥିତି ନିୟନ୍ତ୍ରଣ ନିୟୋଜିତ ବନ କର୍ମଚାରୀ ସମେତ ଓଡ୍ରାଫ ଟିମ, ଅଗ୍ନିଶମ ବାହିନୀ ଫାୟାର ପଏଣ୍ଟରେ ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଛନ୍ତି। ଫାୟାର ଲାଇନ ସୃଷ୍ଟି କରିବା ସହ ବନାଗ୍ନିକୁ ରୋକିବା ପ୍ରୟାସ କାର୍ଯ୍ୟ ଫଳରେ ସ୍ଥିତି ନିୟନ୍ତ୍ରଣ ହୋଇଛି। ନିଆଁ ଲାଗିବାର କିଛି ସମୟ ମଧ୍ୟରେ ଲିଭେଇବା ପାଇଁ ବନ ବିଭାଗ କର୍ମଚାରୀଙ୍କ ଉଦ୍ୟମ ସଫଳତା ଆଣିଛି। ଗ୍ରୀଷ୍ମପ୍ରବାହ ମାତ୍ରା ବୃଦ୍ଧି ପାଇବା ସହ ଗୁରୁବାର ଶିମିଳିପାଳ ଅଭୟାରଣ୍ୟରେ ଫାୟାର ପଏଣ୍ଟ ବୃଦ୍ଧି ପାଇଛି। ତେବେ ଗରମ ସମେତ ବନାଗ୍ନି ଫଳରେ ଶିମିଳିପାଳ ଅଭୟାରଣ୍ୟର ବନ୍ୟଜନ୍ତୁ ଗରମ ତାତିରେ ଆଉଟୁ ପାଉଟ ହେଉଛନ୍ତି।

## ଗ୍ୟାରେଣ୍ଟି ନାମରେ ଲୋକଙ୍କୁ ଭୁଆଁ ବୁଲାଉଛି ବିଜେପି

**ବେତନଟୀ, ୨୫।୪(ସମିସ):** ବଡ଼ସାହି ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପକ୍ଷରୁ ଗୁରୁବାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କଂଗ୍ରେସର ଲୋକସଭା ସାଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନା ଓ ବଡ଼ସାହି ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ କ୍ଷିରୋଦ ପାତ୍ର ଉପସ୍ଥିତ ରହି ପ୍ରଚାର ଆରମ୍ଭ କରିଛନ୍ତି। ବେତନଟୀ ସ୍ଥିତ ମୟୁର କେମିକାଲ ପଡ଼ିଆ ଠାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଶ୍ରୀ ଜେନା କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଗ୍ୟାରେଣ୍ଟି ନାମରେ ଜନତାଙ୍କୁ ବିଜେପି ସରକାର ଭୂଆଁ ବୁଲାଉଛି ବୋଲି ସମାଲୋଚନା କରିଥିଲେ। କେନ୍ଦ୍ର ସରକାର ପ୍ରଥମେ ୨୦୧୪ ନିର୍ବାଚନରେ ୨୦କୋଟିଙ୍କୁ ଚାକିରି ଓ ପରେ ୨୦୧୯ ନିର୍ବାଚନରେ ଚାଷୀଙ୍କ ଆୟ ଦ୍ୱିଗୁଣ ଗ୍ୟାରେଣ୍ଟି ଦେଇଥିବା ବିଜେପି ପୂରଣ କରିପାରିନଥିବା ସେ କହିଛନ୍ତି। କେବଳ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ଜିଲ୍ଲା କଂଗ୍ରେସ ସଭାପତି ନିରୋଜ ଲୋଚନ ଦାସ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ସଭାପତି ହିମାଂଶୁ ପରିଡ଼ା, ପୂର୍ବତନ ଜିଲ୍ଲା ଉପସଭାପତି ପ୍ରକାଶ କରମହାପାତ୍ର, ସିଦ୍ଧାର୍ଥ ଅଗ୍ରୱାଲ, ଚୁଡାମଣି ମହାପାତ୍ର, ମନୋରଞ୍ଜନ ବଳ, ପ୍ରବୋଧ ପଣ୍ଡା, ଗୁଣନିଧି ମହାନ୍ତି, ମାଧବୀ ସେନାପତି, ବେତନଟୀ ବ୍ଲକ ସଭାପତି କୁଶଧର ବେହେରା, ବଡ଼ସାହି ବ୍ଲକ ସଭାପତି ମନ୍ମଥ ପ୍ରଧାନ, ସଞ୍ଜୟ ବେହେରା, ଉମା ଶଙ୍କର ଘୋଷ, ପ୍ରବୀର ବାରିକ, ସୁଶାନ୍ତ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ।

## ନାକିଚୁଆରେ ଉଡ଼ାପର୍ବ ପାଳିତ



**ମୋରଡା/ରାସଗୋବିନ୍ଦପୁର, ୨୫।୪ (ସମିସ):** ଚଳିତ ମାସରେ ବିଭିନ୍ନ ସ୍ଥାନରେ ଉଡାପର୍ବ ପାଳନ କରାଯାଉଥିବା ବେଳେ ଗୁରୁବାର ଅପରାହ୍ନରେ ରାସଗୋବିନ୍ଦପୁର ବ୍ଲକ ନାକିଚୁଆ ପଞ୍ଚାୟତର କାନପୁର ଗ୍ରାମରେ ଉଡ଼ାପର୍ବ ଧୁମଧାମରେ ପାଳିତ ହୋଇଛି। କାନପୁରସ୍ଥିତ ମହାଦେବ ମନ୍ଦିର ପୂଜକ, ପାଟଭକ୍ତା ଓ ୧୩ ଉପାସକ ଭକ୍ତା ସ୍ଥାନୀୟ ରାଧାକୁଣ୍ଡରେ ସ୍ନାନ କରିବା ପରେ ବିଭିନ୍ନ ପ୍ରକାରର ଆସନ କରିଥିଲେ। ପରେ ସମସ୍ତ ଉପାସକ ଜିଭରେ କଣ୍ଟା ଫୁଡ଼ି ମହାଦେବ ନାମ ଜପ କରି ହାତରେ ବେତ ବାଡ଼ି ଧରି ମନ୍ଦିର ଚାରିପାଖରେ ପରିକ୍ରମା କରିବା ପରେ ମହାଦେବଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଭକ୍ତାମାନେ ଖୁଣ୍ଟରେ ବନ୍ଧା ହୋଇ ଉଡି ଉପସ୍ଥିତ ଲୋକଙ୍କୁ ଲଡୁ, ମିଠା ବାଣ୍ଟିଥିଲେ। ଏହି ପର୍ବ ଗ୍ରାମରେ ସୁଖ, ଶାନ୍ତି, ସମୃଦ୍ଧି ବୃଦ୍ଧି ପାଇଁ ଏହା ପାଳନ କରାଯାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଉକ୍ତ ଉଡ଼ାପର୍ବକୁ ଦେଖିବାକୁ ଶତାଧିକ ଲୋକଙ୍କ ଭିଡ଼ ପରିଲିକ୍ଷିତ ହୋଇଥିଲା।

## ଜଳାଭାବ ନେଇ ଅଞ୍ଚଳବାସୀ ଆତଙ୍କିତ

# ଶୁଖିଲା ପଡ଼ିଛି ଗଙ୍ଗାହାର ଓ ବୁଢ଼ାବଳଙ୍ଗ ନଦୀ

**ବଡସାହି, ୨୫।୪(ସମିସ)**



ଜଳ ବିହୁନେ ସୃଷ୍ଟି ନାଶ। ଜଳ ବହୁଳେ ସୃଷ୍ଟି ନାଶ। ସୃଷ୍ଟି ଆରମ୍ଭ ପାଇଁ ଜଳର ଆବଶ୍ୟକତା ଯେତିକି ସୃଷ୍ଟିର ବିନାଶ ପାଇଁ ମଧ୍ୟ ଜଳ ହିଁ କାରଣ ସାଜିବ ବୋଲି ଆଶଙ୍କା ପ୍ରକାଶ ପାଇଲାଣି। ଗୋଟିଏ ପଟେ ଜଳସ୍ତର ହ୍ରାସକୁ ରୋକାଯାଇ ପାରୁ ନ ଥିବା ବେଳେ ଅନ୍ୟ ପଟେ ବର୍ଷା ଓ ବନ୍ୟାର ଉଦ୍‌ବୃତ୍ତ ଜଳକୁ ମଧ୍ୟ ଠିକ୍‌ଭାବେ ନିୟନ୍ତ୍ରଣ କି ସଂରକ୍ଷଣ କରାଯାଇପାରୁନାହିଁ। ବୃକ୍ଷଲତା, ପଶୁପକ୍ଷୀ, ଜୀବଜନ୍ତୁ ଓ ମଣିଷର ଶୋଷ ମେଣ୍ଟାଉ ଥିବା ଜଳ ଆଜି ସଂକଟରେ କହିଲେ ଅତ୍ୟୁକ୍ତି ହେବ ନାହିଁ। ପିଇବା ପାଣି ପାଇଁ ସଂକଟରୁ ବର୍ତ୍ତିବା ପରିବର୍ତ୍ତେ ମଣିଷ ସମାଜ, ଦେଶ ଓ ରାଜ୍ୟ ମଧ୍ୟରେ ଜଳକୁ ନେଇ ବିବାଦ ଓ ବ୍ୟବସାୟ ଆରମ୍ଭ ହୋଇ କୋର୍ଟ ପର୍ଯ୍ୟନ୍ତ ମଧ୍ୟ ପହଞ୍ଚିଛି। ତେଣୁ ଆଗାମୀ ଦିନରେ ଜଳର ଆବଶ୍ୟକତା, ବ୍ୟବହାର ଓ ସଂରକ୍ଷଣ ଏବଂ କଟକଣା ସମ୍ପର୍କରେ ଜନସଚେତନତା ସୃଷ୍ଟି ନ ହେଲେ ଭୟାଭୟ ପରିସ୍ଥିତି ସୃଷ୍ଟି କରିବ। ସରକାର ଏଥିପାଇଁ ବିଭିନ୍ନ ଯୋଜନା ପ୍ରଣୟନ କଲେ ମଧ୍ୟ ତାହା ସଫଳ ହୋଇପାରୁନାହିଁ। ବଡସାହି ବ୍ଲକର ୩୦ଟି ପଞ୍ଚାୟତର ୨୨୪ଟି ରାଜସ୍ୱ ଗ୍ରାମ ରହିଛି। ଏହାର ଭୌଗୋଳିକ ସ୍ଥିତି ମଧ୍ୟ ବିଚିତ୍ର। ଅଧିକାଂଶ ପଞ୍ଚାୟତ ବଣ ପାହାଡ଼ ଘେରା ଶିମିଳିପାଳ ସଂଲଗ୍ନରେ ରହିଛି। ଯେଉଁଠି ଖରାଦିନ ଆରମ୍ଭ ହେବା ମାତ୍ରେ ପାଣି ପାଇଁ ହାହାକାର ସୃଷ୍ଟି ହୁଏ। ଗୁଡିଆଲବନ୍ଧ, ଟଙ୍ଗାଶୋଳ, ଯଦୁନାଥପୁର, ପି.ସିପୁର, ସାନକେରକୋ, ଦେଉଳିଆ, ବଡସାହି ବଳଭଦ୍ରପୁର, ଶିଆଳିଘାଟୀ, ପାଉଁଶିଆ ଓ ବୀରେଶ୍ୱରପୁର ଆଦି ପଞ୍ଚାୟତରେ ପାଣି ପାଇଁ ଭୟାବହ ପରିସ୍ଥିତି ସୃଷ୍ଟି ହେଲାଣି। ଏସବୁ ପଞ୍ଚାୟତରେ ଅଧିକାଂଶ କୂଅ ପରିତ୍ୟକ୍ତ ଅବସ୍ଥାରେ ରହିଥିବାବେଳେ ନଳକୂଅରୁ ପାଣି ବାହାରୁନାହିଁ। ଯେଉଁ ନଳକୂପରୁ ପାଣି ବାହାରୁଛି, ତାହା ମଧ୍ୟ ଲୁହାଗୁଣ୍ଡ ମିଶା। କିଛି ପଞ୍ଚାୟତରେ ଜଳଯୋଗାଣ ପ୍ରକଳ୍ପ ଥାଇ ମଧ୍ୟ ତାହା ସବୁ ଅଞ୍ଚଳକୁ ପାଣି ଯୋଗାଣ ହୋଇପାରୁନାହିଁ। ଫଳରେ ଖରାଦିନ ଆସିଲେ ସେହି ଅଞ୍ଚଳର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆରମ୍ଭ ହେବାକୁ ଯାଉଥିବା ମେଗା ଜଳସେଚନ ପ୍ରକଳ୍ପ କେବେ କାର୍ଯ୍ୟକାରୀ ହେଲେ ଏହା କେତେ ମାତ୍ରରେ ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବ ତାହା ସମୟ କହିବ। ଏହାବାଦ ଏହି ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ଗଙ୍ଗାହାର ଓ ବୁଢ଼ାବଳଙ୍ଗ ନଦୀ ଏବେ ଶୁଖିବାକୁ ବସିଥିବା ବେଳେ ମଣତ୍ରୀ କୁଣ୍ଡି, ରଜାବନ୍ଧ, ପାଉଁଶିଆ ବନ୍ଧ ଓ ମାଧବୀ ନାଳର ଜଳସ୍ତର ବହୁ ମାତ୍ରାରେ କମିଯାଇଛି। ଫଳରେ ଅଞ୍ଚଳର ଜଳ ସଂକଟ ସମସ୍ୟା ଦ୍ୱିଗୁଣିତ କରିଛି। ଗତ କିଛି ଦିନ ଧରି ଦେଉଳିଆ ପଞ୍ଚାୟତ ପୁରୁଣାପାଣି, ଗଦଗଦି, ଅଗାଶୋଳ ଓ ଅଙ୍ଗାରୀ ଛକରେ ଥିବା ନଳକୂଅ ଖରାପ ହେବା ସହିତ ଲୁହାଗୁଣ୍ଡ ମିଶା ପାଣି ବାହାରୁଛି। ସେହିପରି ଦେଉଳିଅ ଜଳ ଯୋଗାଣ ପ୍ରକଳ୍ପର ପାଣି ସବୁ ସ୍ଥାନରେ ପହଞ୍ଚିପାରୁନାହିଁ। ସେହିପରି ଦଳବେହେରା ସାହି, କୁଳିବଣିଆସାହି, ପଥରା, ଖଡିଶୋଳଯମୁନା, ଗଦଗଦି ଓ ପୁରୁଣାପାଣିର ଲୋକେ ମଧ୍ୟ ପାଣିପାଇଁ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଫଳରେ ଲୋକେ ବାଧ ହୋଇ ପୋଖରୀ ପାଣି ବ୍ୟବହାର କରୁଛନ୍ତି। ସରକାରଙ୍କ ନିଷ୍ପତି ଅନୁଯାୟୀ ଏହି ବ୍ଲକ ଅଞ୍ଚଳରେ ଏନ୍‌ଆରଇଜିଏସ୍ ଯୋଜନା ସହସ୍ରାଧିକ ଫାର୍ମପଣ୍ଡ ଖୋଳାଯାଇଛି; ମାତ୍ର କାର୍ଯ୍ୟ ଠିକ୍ ଭାବେ ହୋଇ ନ ଥିବାରୁ ମାର୍ଚ୍ଚ ମାସରୁ ଶୁଖି ଗଲାଣି। ତେଣୁ ଏ ସମସ୍ତ ବିଷୟ ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଜଳ ସମସ୍ୟାର ମୁକାବିଲା କରିବା କଷ୍ଟକର ହେବ ବୋଲି ଅବସରପ୍ରାପ୍ତ କର୍ମଚାର ସଂଘର ସଭାପତି ରଣଜିତ ଦାସ ପ୍ରକାଶ କରିଛନ୍ତି। ଏ ନେଇ ଜଳ ଓ ପରିମଳ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ବଡସାହି ବ୍ଲକରେ ୩ହଜାରରୁ ଊର୍ଦ୍ଧ୍ୱ ନଳକୂପ ରହିଛି। ଟେଣ୍ଡର ପ୍ରକ୍ରିୟାରେ କିଛି କାମ ଚାଲିଛି; ତଥାପି ସମସ୍ୟା ରହିଛି। ଅଭିଯୋଗ ଆସିବା ମାତ୍ରେ ଆବଶ୍ୟକୀୟ ମରାମତି ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ।



ସକାଳ
THE SAKALA

## ଉଚ୍ଚତମ ଅଦାଲତଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ‘ସ୍ତ୍ରୀ-ଧନ ଉପରେ ମହିଳାଙ୍କର ନିରଙ୍କୁଶ ଅଧିକାର’

ସ୍ତ୍ରୀ-ଧନ ଉପରେ ମହିଳାଙ୍କ ସମ୍ପୂର୍ଣ୍ଣ ଅଧିକାରକୁ ସର୍ବୋଚ୍ଚ ନ୍ୟାୟଳୟ ସ୍ପଷ୍ଟ ସ୍ୱୀକୃତି ଦେଇଛନ୍ତି। ଏକ ବୈବାହିକ ମାମଲାରେ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇ ସୁପ୍ରିମକୋର୍ଟର ବିଚାରପତି ସଞ୍ଜୀବ ଖନ୍ନା ଓ ଦୀପଙ୍କର ଦତ୍ତଙ୍କ ପୀଠ ବୁଧବାର ସ୍ପଷ୍ଟ କରି ଦେଇଛନ୍ତି ଯେ ସ୍ତ୍ରୀ-ଧନ ସ୍ୱାମୀ ଓ ସ୍ତ୍ରୀ ଉଭୟଙ୍କ ମିଳିତ ସମ୍ପତ୍ତି ହୋଇପାରିବ ନାହିଁ। କାରଣ ପତ୍ନୀଙ୍କ ସମ୍ପତ୍ତି ଓ ଧନ ଉପରେ ପତିଙ୍କର କୌଣସି ଆଇନଗତ ଅଧିକାର ନାହିଁ। ଅଭାବ ଅସୁବିଧା ବା ଜରୁରୀ ଆବଶ୍ୟକତା ସମୟରେ ସ୍ୱାମୀ ଯଦି ସ୍ତ୍ରୀଙ୍କ ଧନ ବ୍ୟବହାର କରନ୍ତି, ତାହା ହେଲେ ତାଙ୍କୁ ସେହି ଅର୍ଥ ପରିଶୋଧ କରିବାକୁ ପଡ଼ିବ। ଅଦାଲତ ଆହୁରି କହିଛନ୍ତି ଯେ ସ୍ତ୍ରୀ-ଧନ ଉପରେ ମହିଳାଙ୍କର ସମ୍ପୂର୍ଣ୍ଣ ଅଧିକାର ରହିଛି ଏବଂ ଏଥିରେ କେହି ଭାଗିଦାର ହୋଇପାରିବେ ନାହିଁ। ମହିଳାଙ୍କ ଅଧିକାର ସୁରକ୍ଷା ଦିଗରେ ଏହା ଯେ ଏକ ଐତିହାସିକ ରାୟ ଏଥିରେ ସନ୍ଦେହ ନାହିଁ।

ସ୍ତ୍ରୀ-ଧନ ସହିତ ଆମ ସଂସ୍କୃତି ଓ ପରମ୍ପରା ଜଡ଼ିତ। ସ୍ତ୍ରୀ-ଧନ ମଧ୍ୟ ଅଭିଧାନରେ ସ୍ଥାନ ପାଇଛି, ଯାହାର ଅର୍ଥ ପତ୍ନୀଙ୍କର ଧନ, ଯାହା ବିବାହ ସମୟରେ ଓ ଏହା ପରେ ତାଙ୍କୁ ବିଭିନ୍ନ ସୂତ୍ରରୁ ବ୍ୟକ୍ତିଗତ ଉପହାର ଆକାରରେ ମିଳିଥାଏ। ଏହାପଛରେ ଜଣେ ବିବାହିତ ନାରୀଙ୍କୁ ଆର୍ଥିକ ନିରାପତ୍ତା ଓ ଜରୁରିକାଳୀନ ସହାୟତା ଦେବାର ବିଚାର ଜଡ଼ିତ। ସେମିତି ଦେଖିଲେ ସ୍ତ୍ରୀ-ଧନ ସମ୍ପୃକ୍ତ ମହିଳାଙ୍କ ଦ୍ୱାରା ନିଜର କନ୍ୟା, ପୁତ୍ରବଧୂ ଆଦିଙ୍କୁ ଉତ୍ତରାଧିକାର ସୂତ୍ରରେ ପ୍ରଦାନ କରାଯାଇଥାଏ ଏବଂ ଏହା ଏକ ପରମ୍ପରା ଭାବେ ଚଳି ଆସିଛି। ଏପରିକି ପରିବାରର ଜରୁରୀ ଆବଶ୍ୟକତା କାଳରେ ମଧ୍ୟ ପତି, ପତ୍ନୀଙ୍କ ଅନୁମତିକ୍ରମେ ତାଙ୍କ ଦ୍ୱାରା ସଞ୍ଚିତ ଅର୍ଥ ଓ ଗହଣାଗାଣ୍ଠିକୁ ବିକ୍ରି କରିଥା’ନ୍ତି। ହେଲେ ଆମ ପରମ୍ପରାରେ ସ୍ତ୍ରୀ-ଧନ ସୁରକ୍ଷିତ ଏବଂ ଏହା ଉପରେ ସମ୍ପୃକ୍ତ ନାରୀଙ୍କ ବ୍ୟତୀତ ଆଉ କାହାର ଅଧିକାର ନ ଥାଏ। ଅବଶ୍ୟ ସୁପ୍ରିମକୋର୍ଟଙ୍କ ସଦ୍ୟତମ ରାୟରେ ପତିଙ୍କୁ ଉକ୍ତ ଅର୍ଥ ପରିଶୋଧ କରିବାକୁ ବାଧ୍ୟ ବୋଲି କୁହାଯାଇଛି।

ଆଗରୁ ଭାରତୀୟ ଆଇନ ମଧ୍ୟ ସ୍ତ୍ରୀ-ଧନର ବର୍ଗୀକରଣ ଓ ବ୍ୟାଖ୍ୟା କରିଛି। ଏଥିରେ କୁହାଯାଇଛି ଯେ ଜଣେ ମହିଳାଙ୍କୁ ବିବାହ ପୂର୍ବରୁ, ବିବାହ କାଳରେ ଓ ବିବାହ ପରେ ପିତାମାତା, ଭାଇବନ୍ଧୁ ପରିଜନ, ସମ୍ପର୍କୀୟମାନଙ୍କ ଦ୍ୱାରା ମିଳୁଥିବା ଗହଣାପତ୍ର, ଟଙ୍କା, ବାସନକୁସନ, ଭୂସମ୍ପତ୍ତି ଓ ଅନ୍ୟାନ୍ୟ ଉପକରଣ ସ୍ତ୍ରୀ-ଧନ ପର୍ଯ୍ୟାୟଭୁକ୍ତ। ସେ ସମ୍ପତ୍ତିର ବିନିଯୋଗ, ଖର୍ଚ୍ଚ ବା ରକ୍ଷଣାବେକ୍ଷଣ କିପରି ହେବ, ସେ ଦାୟିତ୍ୱ ସମ୍ପୃକ୍ତ ମହିଳାଙ୍କର। ବାଧ୍ୟବାଧକତା କରି ସ୍ତ୍ରୀ-ଧନ ଖର୍ଚ୍ଚ କଲେ ବା ନେଇଗଲେ ସମ୍ପୃକ୍ତ ସ୍ୱାମୀ ଓ ତାଙ୍କ ପରିବାରର ସଦସ୍ୟଙ୍କ ବିରୋଧରେ ଧାରା ୪୦୬ରେ ଫୌଜଦାରୀ ମାମଲା ଦାଏର କରିହେବ। ଏହି ଐତିହାସିକ ରାୟ ଫଳରେ ସ୍ତ୍ରୀ-ଧନ ଉପରେ ମହିଳାଙ୍କର ପୂର୍ଣ୍ଣ ଅଧିକାର ଅଧିକ ସ୍ପଷ୍ଟ ଭାବରେ ସାବ୍ୟସ୍ତ ହେଲା ଏବଂ ମହିଳା ସଶକ୍ତୀକରଣ ଦିଗରେ ଏହା ଏକ ବଳିଷ୍ଠ ପଦକ୍ଷେପ।

ଆମ ସାମ୍ପ୍ରତିକ ସାମାଜିକ ଓ ପାରିବାରିକ ଚଳଣିରେ ସ୍ତ୍ରୀ-ଧନ ଉପରେ ମହିଳାଙ୍କର ନିରଙ୍କୁଶ ଅଧିକାରକୁ ଖୋଲାଖୋଲି ସ୍ୱୀକୃତି ଦିଆଯାଇନାହିଁ। ଯୌଥ ପରିବାରର ଚାପ, ସ୍ୱାମୀ ଓ ପିଲାଙ୍କ ଆବଶ୍ୟକତା ଦୃଷ୍ଟିରୁ ସେ ଧନ ଖର୍ଚ୍ଚ ହୁଏ ଏବଂ ସମ୍ପୃକ୍ତ ମହିଳା ପରିସ୍ଥିତି ଦୃଷ୍ଟିରୁ ଚୁପ୍ ରହିବାକୁ ବାଧ୍ୟ ହୁଏ। ଅନେକ କ୍ଷେତ୍ରରେ ମହିଳାଙ୍କ ପାଖକୁ ଖର୍ଚ୍ଚ ହୋଇଥିବା ସ୍ତ୍ରୀ-ଧନ ମଧ୍ୟ ଫେରି ନଥାଏ, ଯାହା ସେମାନଙ୍କ ମନସ୍ତାପ ବଢ଼ାଇଥାଏ। ସ୍ତ୍ରୀ-ଧନ ମାମଲାର ବିଚାର ପାଇଁ ପରିବାର ଅଦାଲତ ବ୍ୟବସ୍ଥାରେ ସ୍ୱତନ୍ତ୍ର ଓ ସ୍ପଷ୍ଟ ନିୟମ ନାହିଁ। ଆଇନଗତ ଦୁର୍ବଳତା ଯୋଗୁଁ ନାରୀଟିଏ ଏ କ୍ଷେତ୍ରରେ ତାହାର ଅଧିକାର ହରାଇ ବସେ। ଏବେ ବିବାହ ବିଚ୍ଛେଦ ବଢୁଛି ଏବଂ ଅନେକ ଲୋକ ପତ୍ନୀକୁ ଠକି ତାଙ୍କ ଧନସମ୍ପତ୍ତି ଆତ୍ମସାତ୍ କରିବାକୁ ପଶ୍ଚାତପଦ ହେଉନାହାନ୍ତି। ତେଣୁ ସେଭଳି କ୍ଷେତ୍ରରେ ସୁପ୍ରିମକୋର୍ଟଙ୍କ ସଦ୍ୟତମ ରାୟ ନିଶ୍ଚୟ ଯୁଗାନ୍ତକାରୀ ପ୍ରଭାବ ପକାଇବ। ଏହା ମହିଳାଙ୍କ ଆତ୍ମବିଶ୍ୱାସ ବଢ଼ାଇବା ସହିତ ସେମାନଙ୍କୁ ସଶକ୍ତ କରିବ। କେବଳ ସ୍ତ୍ରୀ-ଧନ ନୁହେଁ ଅନେକ ଯୁବକ ଚାକିରି ବାକିରି ଆୟପନ୍ଥା ଛାଡ଼ି ନିଜର ରୋଜଗାରିଆ ପତ୍ନୀଙ୍କ ଅର୍ଜିତ ଧନରେ ଅୟସ କରିଥା’ନ୍ତି। ସେମାନେ ପତ୍ନୀ ଅନ୍ନରେ ପ୍ରତିପାଳିତ ହେବା ସହିତ ଅର୍ଦ୍ଧାଙ୍ଗିନୀଙ୍କ କଷ୍ଟାର୍ଜିତ ଧନର ଦୁରୁପଯୋଗ ମଧ୍ୟ କରିଥା’ନ୍ତି। ଏବେ ସର୍ବୋଚ୍ଚ ଅଦାଲତଙ୍କ ରାୟ ପରେ ଏହାର ପ୍ରଭାବ ଏଭଳି ବିପଥଗାମୀ ପୁରୁଷଙ୍କ ଉପରେ ନିଶ୍ଚୟ ପଡ଼ିବ। ବାଧ୍ୟତାମୂଳକ ଯୌତୁକ ବ୍ୟବସ୍ଥା ଆମ ସମାଜର ଆଉ ଏକ କଳଙ୍କିତ ପରମ୍ପରା ଭାବେ ଗଢ଼ି ଉଠିଥିଲା। କିନ୍ତୁ ଦୀର୍ଘ ସମୟ ଧରି କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ, ସ୍ତ୍ରୀ ଶିକ୍ଷାରେ ପ୍ରଚାର, ଏଭଳି ଘୃଣ୍ୟ ପ୍ରଥା ବିରୋଧରେ ସାମାଜିକ ସଚେତନତା ବୃଦ୍ଧି ଆଦି ପ୍ରକରଣ ଫଳରେ ଏ ସମସ୍ୟା ଅନେକ ମାତ୍ରାରେ ହ୍ରାସ ପାଇଛି। ତେବେ ଯୌତୁକ ସମସ୍ୟାର ଉଗ୍ର ରୂପ ସମ୍ପୂର୍ଣ୍ଣ ଲୋପ ପାଇ ନାହିଁ। ସ୍ତ୍ରୀ-ଧନ ପରମ୍ପରାକୁ ଦୃଢ଼ ନ୍ୟାୟିକ ସୁରକ୍ଷା ଓ ଉଲ୍ଲଙ୍ଘନ ପାଇଁ କଠୋର ଦଣ୍ଡବିଧାନ ଆଦି ନିଷ୍ଠାପର ଭାବେ ଅନୁପାଳନ କଲେ ଆମ ସମାଜରେ ମହିଳାଙ୍କ ମର୍ଯ୍ୟାଦା ଓ ସମ୍ମାନ ବୃଦ୍ଧି ପାଇବ ଏବଂ ପତି-ପତ୍ନୀ ମଧ୍ୟରେ ଅସମାନତାର ଅବସାନ ଘଟିବ।

ଦମ୍ପତି ମିଳିତ ଭାବେ ନିଡ଼ରଚନା କରନ୍ତି ଓ ସଂସାର ଗଢ଼ନ୍ତି। ଏଥିରେ ଉଭୟଙ୍କର ସମାନ ଦାୟିତ୍ୱ ଓ ସହଯୋଗ ଥାଏ। ବୁଝାମଣା, ବିଶ୍ୱାସ ଓ ସ୍ନେହଶ୍ରଦ୍ଧା ଦ୍ୱାରା ସଂସାର ଗଢ଼ିଉଠେ। ଏଭଳି ସ୍ଥିତିରେ ପରିବାର ପାଇଁ ଉଭୟ ନାରୀ ଓ ପୁରୁଷ ଚରମ ତ୍ୟାଗ ସ୍ୱୀକାର କରିଥା’ନ୍ତି। ତେବେ ସେହି ତ୍ୟାଗ ସ୍ୱୀକାର କାଳରେ ସ୍ତ୍ରୀ-ଧନର ଯଦି ବାଧ୍ୟତାମୂଳକ ଉପଯୋଗ ହୁଏ, ତାହାର ପରିଶୋଧ କରାଯିବା ଆବଶ୍ୟକ। ଏହା ନ ହେଉଥିବାରୁ ଏକ ଅସୁସ୍ଥ ପରମ୍ପରା ସୃଷ୍ଟି ହୋଇଆସୁଥିଲା। ଏହି ଆପତ୍କାଳୀନ ସ୍ତ୍ରୀ-ଧନ ବିନିଯୋଗ ପ୍ରକ୍ରିୟା ଏବେଠାରୁ ଆଇନଗତ ଭାବରେ ହିଁ ହେବ ତଥା ଏହାର ଉଲ୍ଲଙ୍ଘନରେ ସ୍ତ୍ରୀ-ଧନ ଭଳି ଏକ ‘ଆର୍ଥିକ ଅନୁଷ୍ଠାନ’ର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ପବିତ୍ରତା ନଷ୍ଟ ହେବ। ତେଣୁ ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟକୁ ଆମେ ସ୍ୱାଗତ କରୁଛୁ ଏବଂ ସ୍ତ୍ରୀ-ଧନ ପରମ୍ପରାର ସୁରକ୍ଷା କାମନା କରିବା ସହ ଆବଶ୍ୟକସ୍ଥଳେ ତାହାର ଉପଯୁକ୍ତ ବିନିଯୋଗ ଏବଂ ପରିଶୋଧ ବ୍ୟବସ୍ଥାକୁ ସ୍ୱାଗତ ଜଣାଉଛୁ।

# ଦାରିଦ୍ର୍ୟ ଦୂରୀକରଣ ପାଇଁ ‘ସାର୍ବଜନୀନ ମୌଳିକ ଆୟ’

**ଗୌରୀ ପ୍ରସାଦ ମହାପାତ୍ର**
ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

ମିଳିତ ଜାତିସଂଘ ଦ୍ୱାରା ଧାର୍ଯ୍ୟ ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ର ଅନ୍ୟତମ ସୋପାନ ହେଉଛି ବିଶ୍ୱର ସବୁ ରାଷ୍ଟ୍ର ୨୦୩୦ ସୁଦ୍ଧା ବହୁମୁଖୀ ଦାରିଦ୍ର୍ୟମୁକ୍ତ ହେବା ଆବଶ୍ୟକ। ଜାତିସଂଘ ଦ୍ୱାରା ବହୁମୁଖୀ ଦାରିଦ୍ର୍ୟର ଯେଉଁ ସଂଜ୍ଞା ନିରୂପଣ କରାଯାଇଛି ସେଥିରେ ସ୍ୱାସ୍ଥ୍ୟ ସେବାରେ ଉନ୍ନତି, ଖାଦ୍ୟ ନିରାପତ୍ତା, ପୁଷ୍ଟିସାଧନ, ଶିକ୍ଷାରେ ସ୍ୱାବଲମ୍ବନଶୀଳତା, ସାମାଜିକ-ଅର୍ଥନୈତିକ ମାନଦଣ୍ଡର ବିକାଶ ଆଦି କାରକ ଅନ୍ତର୍ଭୁକ୍ତ। ୟୁଏନ୍‌ଡିପିର ରିପୋର୍ଟ ଅନୁସାରେ ସମଗ୍ର ବିଶ୍ୱରେ ଏବେ ୧୧୦ କୋଟି ଲୋକ ବହୁମୁଖୀ ଦାରିଦ୍ର୍ୟ ବର୍ଗରେ ଥିବା ବେଳେ ଭାରତ ସମେତ ଦକ୍ଷିଣ-ଏସିଆ ଓ ଆଫ୍ରିକାରେ ସେମାନଙ୍କ ସଂଖ୍ୟା ତୁଳନାତ୍ମକ ଭାବେ ଅଧିକ। ତେଣୁ ଭାରତ ପରି ବିଶାଳ ଓ ବିଶ୍ୱର ସର୍ବବୃହତ୍ ଜନସଂଖ୍ୟା ବିଶିଷ୍ଟ ଦେଶରେ ବହୁମୁଖୀ ଦାରିଦ୍ର୍ୟ ଦୂରୀକରଣ ପ୍ରସଙ୍ଗ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ।

ଭାରତରେ ସ୍ୱାଧୀନତା ପରବର୍ତ୍ତୀ ସମୟରୁ କେନ୍ଦ୍ର ଓ ବିଭିନ୍ନ ରାଜ୍ୟସ୍ତରରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ସରକାରୀ, ଅର୍ଦ୍ଧସରକାରୀ ଓ ବେସରକାରୀ କ୍ଷେତ୍ରରେ ନିରନ୍ତର ଉଦ୍ୟମ ଚାଲିଛି। ଖାଦ୍ୟ ନିରାପତ୍ତା, ନିଶ୍ଚିତ ରୋଜଗାର ଯୋଜନା, ମାଗଣା ବା ରିହାତି ଦରରେ ବିଜୁଳି, ପାଣି, ଇନ୍ଧନ, ଘର, ସ୍ୱାସ୍ଥ୍ୟସେବା, ପୁଷ୍ଟିସାଧନ, କୃଷି ବୀମା ଓ ରିହାତି ବାବଦ ନଗଦ ହସ୍ତାନ୍ତର ଆଦି ବିଭିନ୍ନ ଯୋଜନା ଜରିଆରେ ସରକାର ବିପୁଳ ପରିମାଣର ଅର୍ଥ ସମାଜରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ହିତାଧିକାରୀମାନଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଯୋଗାଇ ଆସୁଛନ୍ତି। ଏ ଦିଗରେ ଯୋଜନା ଆୟୋଗ, ନିତି ଆୟୋଗ, ଜେ-ପଲ୍ ସାଉଥ ଏସିଆ, ଅମିଜ୍ ପ୍ରେମଜୀ ଫାଉଣ୍ଡେସନ୍, ସେୱା ପରି ଅନେକ ସଂସ୍ଥା ମଧ୍ୟ ନିରନ୍ତର ଗବେଷଣା ଓ ପ୍ରୟୋଗ ଜାରି ରଖିଛନ୍ତି। ଦାରିଦ୍ର୍ୟ ଦୂରୀକରଣରେ ଏସବୁର ପ୍ରଭାବ ମଧ୍ୟ ଅନେକାଂଶରେ ଉପଲବ୍ଧ ହେଉଛି। କିନ୍ତୁ ଦାରିଦ୍ର୍ୟ ଦୂରୀକରଣ ହାରକୁ ଅନୁଶୀଳନ କଲେ ମିଳିତ ଜାତିସଂଘର ଲକ୍ଷ୍ୟ ସୁଦୂର ପରାହତ ହେବାର ଆଶଙ୍କା ସୃଷ୍ଟି ହେଉଛି। ଏହି ପୃଷ୍ଠଭୂମିରେ ସାର୍ବଜନୀନ ମୌଳିକ ଆୟ ବା ୟୁନିଭର୍ସାଲ୍ ବେସିକ୍ ଇନ୍‌କମ୍(ୟୁବିଆଇ)କୁ ଦାରିଦ୍ର୍ୟ ଦୂରୀକରଣର ଏକ ବିକଳ୍ପ ଯୋଜନା ଭାବେ କାର୍ଯ୍ୟକାରୀ କରିବାକୁ ମତ ପ୍ରକାଶ ପାଇ ଆସୁଛି। ବହୁମୁଖୀ ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ପ୍ରତ୍ୟକ୍ଷ ନଗଦ ବା ଅର୍ଥର ଗୁରୁତ୍ୱ ଅଧିକ ଥିବାରୁ ୟୁବିଆଇ ଏକ ଫଳପ୍ରଦ ବିକଳ୍ପ ସାବ୍ୟସ୍ତ ହେବାର ଆଶା ରହିଛି।

ଅନେକ ଦେଶରେ ଓ ଭାରତର ବିଭିନ୍ନ ରାଜ୍ୟରେ ବାର୍ଦ୍ଧକ୍ୟ ଭତ୍ତା, ବେକାରୀ ଭତ୍ତା, ଶିଶୁ କଲ୍ୟାଣ ଭତ୍ତା, ମାତୃତ୍ୱ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା ଆଦି ଯୋଜନାରେ ପ୍ରତ୍ୟକ୍ଷ ନଗଦ ହସ୍ତାନ୍ତର ଜରିଆରେ ସମାଜର ଗରିବ ବର୍ଗର ଜନସାଧାରଣଙ୍କ ଆର୍ଥିକ ସଶକ୍ତୀକରଣ ପାଇଁ ପଦକ୍ଷେପମାନ ନିଆଯାଉଛି। କିନ୍ତୁ ୟୁବିଆଇ ହେଉଛି ଏପରି ଏକ ଚିନ୍ତାଧାରା, ଯେଉଁଥିରେ ସମାଜର ଆର୍ଥିକ ଦୃଷ୍ଟିରୁ ବୃହତ୍ତର ଦୁର୍ବଳ ବର୍ଗର ସମସ୍ତ ଲୋକଙ୍କୁ(ବୃଦ୍ଧ, ମହିଳା, ଶିଶୁ, ସକ୍ଷମ, ଭିନ୍ନକ୍ଷମ ନିର୍ବିଶେଷରେ) ମାସିକ ଏକ ନିର୍ଦ୍ଦିଷ୍ଟ ପରିମାଣର ନିଶ୍ଚିତ ଓ ନିୟମିତ ନଗଦ ରାଶି ନିଃସର୍ତ୍ତ ଭାବରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବ। ସାଧାରଣତଃ ନିର୍ବାଚନରେ ସମୟରେ ୟୁବିଆଇ ଏବଂ ପ୍ରାୟତଃ ସେହି ଧରଣର ଯୋଜନା(କ୍ୱାସିୟୁବିଆଇ) ଘୋଷଣା କିମ୍ବା ଚର୍ଚ୍ଚା ହୁଏ।

ୟୁବିଆଇ ଚିନ୍ତାଧାରାର ଆଦ୍ୟଜନକ ହେଉଛନ୍ତି ଇଂଲିଶ୍ ଦାର୍ଶନିକ ଥୋମାସ୍ ମୋର। ୧୫୧୬ ମସିହାରେ ସେ ଯେଉଁ ସମାଜ ବ୍ୟବସ୍ଥାର ପରିକଳ୍ପନା କରିଥିଲେ ସେଥିରେ ସମସ୍ତଙ୍କୁ ନିଶ୍ଚିତ ଆୟର ପ୍ରସ୍ତାବ ଥିଲା। ତାଙ୍କର ପ୍ରସିଦ୍ଧ ଉକ୍ତି ଥିଲା କଠୋରରୁ କଠୋରତମ ଦଣ୍ଡ ନୁହେଁ, ବରଂ ଯଦି ସମସ୍ତଙ୍କୁ ବଞ୍ଚିବା ପାଇଁ ଅପରିହାର୍ଯ୍ୟ ଅର୍ଥରାଶି ଯୋଗାଇବା ନିଶ୍ଚିତ କରିଦିଆଯାଏ ତେବେ ଚୋରି ଭଳି ଅପରାଧ ଉଲ୍ଲେଖନୀୟ ହ୍ରାସ ପାଇପାରିବ। ପରବର୍ତ୍ତୀ ସମୟରେ ଥୋମାସ୍ ସ୍ପେନ୍‌ସ, ଥୋମାସ୍ ପାଇନ୍, ବର୍ଟ୍ରାଣ୍ଡ ରସେଲ୍‌ଙ୍କ ପରି ଅର୍ଥନୀତିଜ୍ଞମାନେ ନିଜସ୍ୱ ପରିକଳ୍ପନାରେ ୟୁବିଆଇ ଚିନ୍ତାଧାରାକୁ ଆହୁରି ପରିବର୍ଦ୍ଧିତ ଓ ପରିବ୍ୟାପ୍ତ କରିଥିଲେ। ମଡେଲ୍ ଭିନ୍ନ ହେଲେ ମଧ୍ୟ ସମସ୍ତଙ୍କର ପ୍ରାୟ ସମାନ ଉଦ୍ଦେଶ୍ୟ ଥିଲା ଯେ ଦାରିଦ୍ର୍ୟକୁ ଗୋଟିଏ ପିଢ଼ିରେ ହିଁ ସୀମିତ କରି ସମାଜରେ ଅର୍ଥନୈତିକ ସମାନତା ଆଣିବାରେ ୟୁବିଆଇ ଏକ ଶ୍ରେଷ୍ଠ ବିକଳ୍ପ। ଐତିହାସିକଙ୍କ ମତରେ ୟୁବିଆଇ ଚିନ୍ତାଧାରା ଖ୍ରୀଷ୍ଟପୂର୍ବ ୪୬ରୁ ରୋମରେ କାର୍ଯ୍ୟକାରୀ ହୋଇସାରିଥିଲା। ତେବେ ଏହାର ବ୍ୟବସ୍ଥିତ ଓ ପ୍ରୟୋଗାତ୍ମକ ରୂପରେଖ ସାମ୍ନାକୁ ଆସିଲା ୨୦୦୮ ମସିହାରେ। ସେହିବର୍ଷ ନାମିବିଆରେ ବିଶ୍ୱର ପ୍ରଥମ ୟୁବିଆଇ ପାଇଲଟ୍ ପ୍ରକଳ୍ପ କାର୍ଯ୍ୟକାରୀ ହେଲା। ଇତିମଧ୍ୟରେ ଭାରତ ସମେତ ବିଶ୍ୱର ଆଠଟି ଦେଶରେ ୟୁବିଆଇର ପାଇଲଟ୍ ପ୍ରକଳ୍ପ ସଫଳ ଭାବେ କାର୍ଯ୍ୟକାରୀ ହୋଇସାରିଛି। କିନ୍ତୁ କେବଳ ଇରାନ୍ ଓ ମଙ୍ଗୋଲିଆ(ସାମୟିକ)କୁ ଛାଡ଼ିଦେଲେ କୌଣସି ଦେଶର ସରକାର ଏହାକୁ ବିଧିବଦ୍ଧ ଭାବେ କାର୍ଯ୍ୟକାରୀ ନାହାନ୍ତି।

ଭାରତରେ ସରକାରୀ ଭାବେ ୟୁବିଆଇ କାର୍ଯ୍ୟକାରୀ କରିବାର ପ୍ରଥମ ପ୍ରୟାସ ଆରମ୍ଭ ହୋଇଥିଲା ୨୦୧୬-୧୭ରେ। ସେହିବର୍ଷର ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟରେ ୟୁବିଆଇ ସପକ୍ଷରେ ତତ୍କାଳୀନ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ଅରବିନ୍ଦ ସୁବ୍ରମଣ୍ୟନ୍ ଉଲ୍ଲେଖ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ଉପଦେଷ୍ଟା ପରିଷଦ ଦ୍ୱାରା ଗଠିତ ‘ଅସମାନତା ଆୟୋଗ’ ରିପୋର୍ଟରେ ମଧ୍ୟ ଏହା ସପକ୍ଷରେ ସୁପାରିସ କରାଯାଇଥିଲା। ସୁବ୍ରମଣ୍ୟନ୍‌ଙ୍କ ଏହି ପ୍ରସ୍ତାବର ଆଧାର ଥିଲା ୨୦୧୦ରେ ଭାରତ ଓ ଏସିଆର ପ୍ରଥମ ୟୁବିଆଇ ପାଇଲଟ୍ ପ୍ରକଳ୍ପର ସଫଳତା ଓ ନିଷ୍କର୍ଷ। ୨୦୧୦ ରୁ ୨୦୧୩ ମଧ୍ୟରେ ‘ସେୱା’ ନାମକ ମହିଳା ସଂଗଠନ, ମଧ୍ୟପ୍ରଦେଶ ସରକାର ଓ ୟୁନିସେଫ୍ ଆନୁକୂଲ୍ୟରେ ମଧ୍ୟପ୍ରଦେଶରେ ‘ମଧ୍ୟପ୍ରଦେଶ ଅନ୍‌କଣ୍ଡିସନାଲ୍ କ୍ୟାସ୍ ଟ୍ରାନ୍ସଫର ପ୍ରୋଜେକ୍ଟ’ ନାମରେ କେତୋଟି ପାଇଲଟ୍ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଦିଲ୍ଲୀରେ ମଧ୍ୟ ଏକା ସମୟରେ ଦୁଇଟି ପ୍ରକଳ୍ପ ଆରମ୍ଭ ହେଲା। ଏ ସମସ୍ତ ପ୍ରକଳ୍ପ ରିପୋର୍ଟରେ ଉଲ୍ଲେଖ ଥିଲା ଯେ ଏହି ଯୋଜନାର ହିତାଧିକାରୀମାନଙ୍କର ସ୍ୱାସ୍ଥ୍ୟ, ଶିକ୍ଷା ଆଦି ସାମାଜିକ କ୍ଷେତ୍ର ସହିତ ଆର୍ଥିକ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଛି, ଋଣ ଭାର ହ୍ରାସ ପାଇଛି, ଉତ୍ପାଦକତା ବଢ଼ିଛି। ଅଧିକ ଟଙ୍କା ନିଶାସକ୍ତିକୁ ପ୍ରୋତ୍ସାହିତ କରିବ ବୋଲି ଯେଉଁ ଅଭିଯୋଗ ହେଉଛି ତାହା ମଧ୍ୟ ଉପରୋକ୍ତ ପ୍ରକଳ୍ପ ରିପୋର୍ଟରେ ଭୁଲ୍ ବୋଲି ଦର୍ଶାଯାଇଥିଲା। ସେହିପରି ୨୦୨୨ ମସିହାରେ ବାଥ୍ ବିଶ୍ୱବିଦ୍ୟାଳୟ, ମଣ୍ଟଫୋର୍ଟ ସୋସିଆଲ୍ ଇନ୍‌ଷ୍ଟିଚ୍ୟୁଟ୍, ୟୁରୋପିଆନ୍ ରିସର୍ଚ୍ଚ କାଉନ୍‌ସିଲ୍ ଦ୍ୱାରା ପରିଚାଳିତ ଇଣ୍ଡିଆ ନେଟ୍‌ୱର୍କ ଫର ବେସିକ୍ ଇନ୍‌କମ୍‌ର ମିଳିତ ଆନୁକୂଲ୍ୟରେ ତେଲଙ୍ଗାନାରେ ‘ୱାର୍କଫ୍ରି’ ନାମରେ ୟୁବିଆଇର ଆଉ ଏକ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ୧୮ ମାସ ପରେ ଦେଖାଗଲା ଯେ ହିତାଧିକାରୀମାନେ ସେହି ଟଙ୍କାରେ ଚୁଡ଼ି ବ୍ୟବସାୟ ଆରମ୍ଭ କରି ସେମାନଙ୍କ ଆର୍ଥିକ ସ୍ଥିତି ଓ ଜୀବନଧାରଣ ମାନରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିପାରିଥିଲେ।

ଓଡ଼ିଶାର କେଉଁଝର ଓ ସୁନ୍ଦରଗଡ଼ ଜିଲ୍ଲାରେ ମଧ୍ୟ ୟୁବିଆଇର ସଫଳ ପ୍ରୟୋଗ ହୋଇସାରିଛି। ଅର୍ଥନୀତିରେ ନୋବେଲ୍ ପୁରସ୍କାର ପ୍ରାପ୍ତ ଅଭିଜିତ୍ ବାନାର୍ଜୀ, ଇ ଡୁଫ୍‌ଲୋଙ୍କ ଦ୍ୱାରା ପ୍ରତିଷ୍ଠିତ ‘ଜେ-ପଲ୍(ଅବଦୁଲ୍ ଲତିଫ୍ ଜମିଲ୍ ପୋଭର୍ଟି ଆକ୍‌ସନ୍ ଲାବ୍) ସାଉଥ ଏସିଆ’ ଉପରୋକ୍ତ ଦୁଇ ଜିଲ୍ଲାର ପ୍ରାୟ ୪୦୦ ଗ୍ରାମ ପଞ୍ଚାୟତରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ୨୦୨୦ ମସିହାରେ ଏହି ପ୍ରୟୋଗ ଆରମ୍ଭ କରିଥିଲା। ଏହି ଦୀର୍ଘ ସମାବେଶୀ ପ୍ରୟୋଗାତ୍ମକ ଗବେଷଣାତ୍ମକ ରିପୋର୍ଟରେ ଜେ-ପଲ୍ ଉଲ୍ଲେଖ କରିଥିଲା ଯେ ମାସିକ ଶହେ ଟଙ୍କା ଆଜିର ଯୁଗରେ ମାମୁଲି ହେଲେ ମଧ୍ୟ ଗରିବରୁ ଅତିଗରିବ ହିତାଧିକାରୀଙ୍କ ମଧ୍ୟରୁ ୧୦ ଭାଗ ଲୋକଙ୍କର ମାସିକ ଉପଭୋଗ(କଞ୍ଜପସନ୍) ୨୦% ପର୍ଯ୍ୟନ୍ତ ବୃଦ୍ଧି ପାଇଛି ଏବଂ ସାମଗ୍ରିକ ଭାବେ ସମସ୍ତ ହିତାଧିକାରୀଙ୍କ ମାସିକ ଉପଭୋଗ ୧୪% ବଢ଼ିଛି। ନାବାଳକମାନଙ୍କ ପ୍ରାପ୍ୟ ସେମାନଙ୍କ ମାଆମାନଙ୍କ ଆକାଉଣ୍ଟରେ ଜମା ହେବା ଫଳରେ ସେହି ବର୍ଗର ମହିଳାମାନଙ୍କ ଆର୍ଥିକ ସଶକ୍ତୀକରଣରେ ଉଲ୍ଲେଖନୀୟ ଉନ୍ନତି ଦେଖାଦେଇଛି। ତେଣୁ ୟୁବିଆଇ ଜରିଆରେ ଦାରିଦ୍ର୍ୟ ଦୂରୀକରଣରେ ଉଲ୍ଲେଖନୀୟ ସଫଳତା ମିଳିପାରିବ ବୋଲି ଜେ-ପଲ୍ ପ୍ରସ୍ତାବ ଦେଇଥିଲା।

କେତେକ ସମାଜ-ଅର୍ଥ ଶାସ୍ତ୍ରୀ ୟୁବିଆଇକୁ ଦାରିଦ୍ର୍ୟ ଦୂରୀକରଣ ପାଇଁ ଏକ ଉତ୍ତମ, ଦୁର୍ନୀତିମୁକ୍ତ ଏବଂ ସରଳ, ସୁଲଭ ପ୍ରଶାସନିକ ବ୍ୟବସ୍ଥାଗତ ବିକଳ୍ପ ଭାବେ ଅଭିହିତ କରୁଥିବା ବେଳେ ଆଉ କେତେଜଣ ଏହାର ରୂପାୟନରେ ଥିବା ଜଟିଳତା ପ୍ରତି ସତର୍କ କରାଇ ଦେଇଛନ୍ତି। ସେହିପରି ଆଉ କେତେକ ଦର୍ଶାଇଛନ୍ତି ଯେ ଏହାଦ୍ୱାରା ଲୋକେ କର୍ମକୁଣ୍ଠ ଓ ଶ୍ରମବିମୁଖ ହୋଇଯିବାର ଆଶଙ୍କା ଅଧିକ ରହିଥିବାରୁ ଦେଶର ମାନବ ସମ୍ବଳର ଉତ୍ପାଦକତା ହ୍ରାସ ପାଇବ। ଏହାଛଡ଼ା ଦେଶର ରାଜକୋଷ ଉପରେ ଅଧିକ ଚାପ ସୃଷ୍ଟି ହେବ, ଦେଶର ଋଣ ଭାର, ମୁଦ୍ରାସ୍ଫୀତି, କର ଓ ଟିକସ ହାର ବୃଦ୍ଧି ପାଇବ, ଯୋଜନା ବ୍ୟୟବରାଦ କାଣ୍ଟଛାଣ୍ଟ ହେବ ଏବଂ ସ୍ୱାସ୍ଥ୍ୟ ଓ ଶିକ୍ଷା ପରି ମୌଳିକ ଆବଶ୍ୟକତା ପ୍ରତି ସରକାର ଅଧିକ ବ୍ୟୟବରାଦ କରିବେ ନାହିଁ। ବର୍ତ୍ତମାନର ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ଭି ଅନନ୍ତ ନାଗେଶ୍ୱରନ୍ ମଧ୍ୟ ସାମ୍ପ୍ରତିକ ସ୍ଥିତିରେ ଭାରତ ପାଇଁ ୟୁବିଆଇର ପ୍ରାସଙ୍ଗିକତା ଓ ଉପଯୋଗିତା ନାହିଁ ବୋଲି ଦର୍ଶାଇଛନ୍ତି। ଭାରତରେ ବହୁଦଳୀୟ ଶାସନ ବ୍ୟବସ୍ଥା କେନ୍ଦ୍ର ଓ ବିଭିନ୍ନ ରାଜ୍ୟରେ ଥିବାରୁ ୟୁବିଆଇ କାର୍ଯ୍ୟକାରୀ କରିବାରେ ଦଳୀୟ ଆଦର୍ଶଗତ ବିରୋଧାଭାସ ଉଠି ପାରେ ବୋଲି କେତେକ ରାଜନୀତି-ଅର୍ଥନୀତିଜ୍ଞ ମତ ଦେଇଛନ୍ତି।

ଉପରୋକ୍ତ କେତେକ ପାଇଲଟ୍ ପ୍ରକଳ୍ପର ସିଦ୍ଧାନ୍ତରୁ ଏହା ଜଣାପଡ଼େ ଯେ ସମାଜର ସବୁଠାରୁ ଅବହେଳିତ ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ପ୍ରତିଟି ସଦସ୍ୟଙ୍କୁ ସରକାରଙ୍କ ସର୍ବନିମ୍ନ ମୌଳିକ ସୁବିଧା ଯୋଜନା ସହିତ ସମାନ୍ତରାଳ ଭାବରେ ୟୁବିଆଇ କାର୍ଯ୍ୟକାରୀ କରାଗଲେ ସେମାନଙ୍କ ଆର୍ଥିକ ସ୍ୱାଧୀନତା, ମାନସିକ ଓ ସ୍ୱାସ୍ଥ୍ୟଗତ ସ୍ଥିତିରେ ଉନ୍ନତି ଆସିବା ସହିତ ଜୀବନଧାରଣ ମାନ ବିକଶିତ ହୋଇପାରିବ। ସାମଗ୍ରିକ ଭାବରେ ଚାହିଦା ଓ ଯୋଗାଣ ବୃଦ୍ଧି ଜରିଆରେ ସ୍ଥାନୀୟ ଅର୍ଥନୀତି ସମୃଦ୍ଧ ହେବା ସହିତ ଦେଶର ଅର୍ଥନୈତିକ ଅଭିବୃଦ୍ଧି, ନିଯୁକ୍ତି ସୁଯୋଗର ସମ୍ପ୍ରସାରଣ, ମୁଣ୍ଡପିଛା ଆୟ ବୃଦ୍ଧି ପାଇପାରିବ। ଅନେକେ ମଧ୍ୟ ଯୁକ୍ତି କରନ୍ତି ଯେ ଭାରତରେ ମାଗଣା ରାସନ୍, ବିଭିନ୍ନ ରିହାତିମୂଳକ ଯୋଜନା ବାବଦରେ ଉପଭୋକ୍ତାଙ୍କୁ ପ୍ରତ୍ୟକ୍ଷ ନଗଦ ହସ୍ତାନ୍ତର(ଡିବିଟି) କରାଯାଉଥିବାରୁ ୟୁବିଆଇର ଆବଶ୍ୟକତା ନାହିଁ। କିନ୍ତୁ ଡିବିଟି କେବଳ ବ୍ୟାବହାରିକ ବା ଉପଭୋଗ ଭିତ୍ତିକ ହୋଇଥିବାରୁ ଏହା ସମାଜରେ ଆର୍ଥିକ ସମାନତା ଆଣିପାରିବ ନାହିଁ। ଅରବିନ୍ଦ ସୁବ୍ରମଣ୍ୟନ୍ ମତ ଦେଇଥିଲେ ଯେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଥିବା ସଂଗ୍ରହ, ଭଣ୍ଡାରଣ, ପରିବହନ, ସୁଲଭ ବିକ୍ରୟ କେନ୍ଦ୍ରର ବିକେନ୍ଦ୍ରୀକରଣ ପ୍ରକ୍ରିୟାରେ ଯେତିକି ଅର୍ଥ ଖର୍ଚ୍ଚ ହେଉଛି ତାହା ତୁଳନାରେ ୟୁବିଆଇରେ ତୁଳନାତ୍ମକ ଭାବେ କମ୍ ଖର୍ଚ୍ଚ ହେବ। ଅପରପକ୍ଷରେ ସାଧାରଣ ବଣ୍ଟନ ବ୍ୟବସ୍ଥା ବନ୍ଦ କରିଦିଆଗଲେ ଖାଉଟି ସାମଗ୍ରୀର ବଜାର ଦର ବଢ଼ିଯିବ, ଯାହାକୁ ୟୁବିଆଇ ଦ୍ୱାରା ସମାଧାନ କରିହେବ ନାହିଁ। ତେଣୁ ସମାଜର ଏକ ନିର୍ଦ୍ଦିଷ୍ଟ ବର୍ଗ ପାଇଁ ସାଧାରଣ ବଣ୍ଟନ ବ୍ୟବସ୍ଥା ସହିତ ୟୁବିଆଇ କାର୍ଯ୍ୟକାରୀ ହେବା ସର୍ବାଦୌ ବାଞ୍ଛନୀୟ।

# ଯୁଗପୁରୁଷ କୃଷ୍ଣଚନ୍ଦ୍ର ଗଜପତି

**ପ୍ରଦୀପ କୁମାର ପଣ୍ଡା**
ପାରଳାଖେମୁଣ୍ଡି, ମୋ: ୮୩୭୭୮୮୪୯୮୨

ଗୌରଚନ୍ଦ୍ର ଗଜପତି ଦେବ (ଦ୍ୱିତୀୟ) ଓ ରାଣୀ ବିଷ୍ଣୁପ୍ରିୟା ଦେବୀଙ୍କର ଜ୍ୟେଷ୍ଠ ପୁତ୍ର ରୂପେ କୃଷ୍ଣଚନ୍ଦ୍ର ୧୮୯୨ ମସିହା ଅପ୍ରେଲ ମାସ ୨୬ତାରିଖ, ବୈଶାଖ ମାସ ଅମାବାସ୍ୟା ଦିନ ପାରଳାଖେମୁଣ୍ଡିଠାରେ ଜନ୍ମ ଗ୍ରହଣ କରିଥିଲେ। ପିତା ଓ ପିତୃବ୍ୟ ପଦ୍ମନାଭ ଦେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ୟାମସୁନ୍ଦର ରାଜଗୁରୁ ଓ ମି. ଏଡମଣ୍ଡ କ୍ୟାଣ୍ଡଲର ଗୃହଶିକ୍ଷକଙ୍କ ଦାୟିତ୍ୱରେ ସେ ବାଲ୍ୟଶିକ୍ଷା ସମାପ୍ତ କରିବା ପରେ ଉଚ୍ଚଶିକ୍ଷା ପାଇଁ ମାଡ୍ରାଜ ଗଲେ। ସେଠାରେ ନିଉଇଂଟନ ପ୍ରିନ୍ସ କଲେଜରୁ ପାଠପଢ଼ା ଶେଷ ପରେ କୃଷ୍ଣଚନ୍ଦ୍ର ୧୯୧୩ ମସିହାରେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରି ଖରସୁଆଁ ରାଜ୍ୟର ରାଜଜେମା ନଳିନୀ ଦେବୀଙ୍କୁ ବିବାହ କରିଥିଲେ ଓ ଶାସନ ଭାର ଗ୍ରହଣ କରିଥିଲେ। ସେ ଦକ୍ଷିଣ ଓଡ଼ିଶାର ପ୍ରଥମ ସ୍ନାତକ ଥିଲେ। କଲେଜରେ ପଢ଼ିଲା ବେଳେ କିଶୋର କୃଷ୍ଣଚନ୍ଦ୍ର ସର୍ବଦା ପାରଳାଖେମୁଣ୍ଡି ଏବଂ ଓଡ଼ିଆ ଜାତିର ଉନ୍ନତି ବିଷୟରେ ଚିନ୍ତା କରୁଥିଲେ।

ପଦ୍ମନାଭ ଗଜପତି ପାରଳାଖେମୁଣ୍ଡିରେ ପ୍ରତିଷ୍ଠା କରିଥିବା ମହାବିଦ୍ୟାଳୟକୁ ଖର୍ଚ୍ଚ କାଟ କରିବା ଆଳରେ ଇଂରାଜ ସରକାର ଉଠାଇଦେବାକୁ ମସୁଧା କରିବା ଜାଣି କୃଷ୍ଣଚନ୍ଦ୍ର ଏହାର ଘୋର ବିରୋଧ କରିଥିଲେ। ଫଳରେ ସେହି କଲେଜ ନ ଉଠି ରହିଗଲା। ବିବାହ ଉତ୍ସବ ପାଳନ ଅବସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଦ୍ୱାରା ସ୍ଥାପିତ ସତ୍ୟବାଦୀ ବନବିଦ୍ୟାଳୟର ଏକ ଛାତ୍ରାବାସ ନିର୍ମାଣ ଲାଗି ପାଞ୍ଚଶହ ଟଙ୍କା ଦାନ କରିଥିଲେ। ତା’ଛଡା ଓଡ଼ିଆ ସାହିତ୍ୟର ବିକାଶ ଲାଗି ଉତ୍କଳ ସାହିତ୍ୟ ସମାଜକୁ ଏକଶତ ଟଙ୍କା ଦାନ କରିଥିଲେ। ତାଙ୍କ ମତରେ ରାଜ୍ୟ ତଥା ଓଡ଼ିଶାରୁ ଅଜ୍ଞାନ ଅନ୍ଧକାର ଦୂରୀଭୂତ ହୋଇପାରିଲେ ଜନସାଧାରଣଙ୍କ ଆର୍ଥିକ, ମାନସିକ, ସାମୂହିକ ଉନ୍ନତି ସାଧିତ ହୋଇପାରିବ। ଶିକ୍ଷାର ବିକାଶ ପାଇଁ ସେ ଅନେକଗୁଡ଼ିଏ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ଥାପନ କରିଥିଲେ। ମେଧାବୀ ଛାତ୍ରଙ୍କୁ ବୃତ୍ତି ଏବଂ ଗରିବ ଛାତ୍ରଙ୍କୁ ବିଦ୍ୟାଶିକ୍ଷା ପାଇଁ ଆର୍ଥିକ ସହାୟତା ଯୋଗାଇଥିଲେ। ମଧୁସୂଦନ ଦାସଙ୍କ ନାରୀ ଶିକ୍ଷାକୁ ପ୍ରାଧାନ୍ୟ ପ୍ରତି ଗୁରୁତ୍ୱଦେଇ କୃଷ୍ଣଚନ୍ଦ୍ର ପାରଳାଖେମୁଣ୍ଡିରେ ଏକ ବାଳିକା ବିଦ୍ୟାଳୟ ସ୍ଥାପନ କରିଥିଲେ। ପ୍ରତିବର୍ଷ ପାଠପଢ଼ାରେ ଭଲ କରୁଥିବା ଝିଅମାନଙ୍କୁ ସୁନା ଓ ରୁପା ଗହଣା ସହିତ ଶାଢ଼ି ପୁରସ୍କାର ଆକାରରେ ଦେଉଥିଲେ। ଫଳରେ ବାଳିକା ସଂଖ୍ୟା ବୃଦ୍ଧି ପାଇଲା ଓ କ୍ରମଶଃ ଏହା ବାଳିକା ଉଚ୍ଚବିଦ୍ୟାଳୟରେ ପରିଣତ ହେଲା। ପଦ୍ମନାଭ ଛାତ୍ରବୃତ୍ତି ପାଣ୍ଠି ଗଠନ କରି ସେହି ଅର୍ଥରୁ ଛାତ୍ରାବାସ ନିର୍ମାଣ କରାଇ ସେମାନଙ୍କ ଲାଗି ମାଗଣାରେ ଖାଇବା ଓ ରହିବାର ବ୍ୟବସ୍ଥା କରିଥିଲେ। କଲେଜ ପାଠ ଶେଷ ହେବା ପରେ ଛାତ୍ରମାନଙ୍କୁ ମାସିକ ବୃତ୍ତି ଦେଇ ଦେଶର ବିଭିନ୍ନ ପ୍ରଦେଶରେ ଥିବା କୃଷି, ଇଂଜିନିୟରିଂ, ମେଡିକାଲ, ପଶୁଚିକିତ୍ସା ବା ଅନ୍ୟାନ୍ୟ ବୈଷୟିକ ଶିକ୍ଷାୟତନମାନଙ୍କରେ ପଢ଼ିବାକୁ ପଠାଇ ଦିଆଯାଉଥିଲା। ସଂସ୍କୃତ ଶିକ୍ଷାର ବିକାଶ ଲାଗି କୃଷ୍ଣଚନ୍ଦ୍ର ଗଜପତି ବହୁବିଧ ପଦକ୍ଷେପ ନେଇଥିଲେ। ଶିକ୍ଷାୟତନ ନିର୍ମାଣ ସହିତ ସେଠାରେ ଛାତ୍ରମାନଙ୍କୁ ଶିକ୍ଷାଦାନ ସହିତ ରହିବାର ବ୍ୟବସ୍ଥା କରିଥିଲେ। ଏହାସହିତ ପ୍ରତି ଛାତ୍ରକୁ ମାସକୁ ପାଞ୍ଚ ଟଙ୍କା ଓ ସାତ ମାଣ ଚାଉଳ ଦିଆଯାଉଥିଲା। ପରବର୍ତ୍ତୀ ସମୟରେ ପାରଳାଖେମୁଣ୍ଡି ସଂସ୍କୃତ କଲେଜ ମାଡ୍ରାଜ ବିଶ୍ୱବିଦ୍ୟାଳୟରୁ ସ୍ୱୀକୃତିପ୍ରାପ୍ତ ହୋଇଥିଲା। କୃଷ୍ଣଚନ୍ଦ୍ରଙ୍କର ପ୍ରଧାନ ଲକ୍ଷ୍ୟ ଥିଲା ଓଡ଼ିଶାରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ବିକାଶ ଘଟାଇ ଏକ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା। ଏଥିପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରିଥିଲେ। ତାଙ୍କର ନିଷ୍ଠା ଓ ନିରନ୍ତର ଉଦ୍ୟମ ଯୋଗୁଁ ଉତ୍କଳ ବିଶ୍ୱବିଦ୍ୟାଳୟ ଜନ୍ମ ନେଇଥିଲା। ଶିକ୍ଷା ସହିତ ସାହିତ୍ୟ ଓ ସଂସ୍କୃତିର ବିକାଶ ଲାଗି କୃଷ୍ଣଚନ୍ଦ୍ର ସମର୍ପିତ ଥିଲେ। ପଣ୍ଡିତ ଗୋପୀନାଥ ନନ୍ଦଙ୍କ ସଙ୍କଳିତ ‘ଓଡ଼ିଆ ଶବ୍ଦତତ୍ତ୍ୱ ବୋଧ ଅଭିଧାନ’ ମୁଦ୍ରଣ କରାଇବା ସହିତ ଗବେଷକମାନଙ୍କ ପାଇଁ ରାଜଉଆସରେ ଏକ ବିରାଟ ପାଠାଗାରର ସ୍ଥାପନା କରିଥିଲେ।

ସେସମୟରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ବିଭିନ୍ନ ପ୍ରୋଭିନ୍ସ ଅଧୀନରେ ରହିଥିଲା। ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ କରିବାକୁ ସେ ଶପଥ ନେଇଥିଲେ। ୧୯୧୪ ମସିହା ଡିସେମ୍ବର ୨୭ ଓ ୨୮ ତାରିଖରେ ସେ ଦଶମ ଉତ୍କଳ ସମ୍ମିଳନୀ ପାରଳାଖେମୁଣ୍ଡିଠାରେ ଆହୂତ କରି ସେ ଦିଗରେ ପୁରୋଧା ସାଜିଥିଲେ। ସେଠାରେ ପ୍ରଥମଥର ପାଇଁ ସେ ପୂର୍ଣ୍ଣାଙ୍ଗ ସ୍ୱତନ୍ତ୍ର ଓଡ଼ିଶା ଗଠନର ମୂଳଭିତ୍ତି ପକାଇଥିଲେ। ଏହି ସମ୍ମିଳନୀର ପ୍ରାରମ୍ଭରେ କୃଷ୍ଣଚନ୍ଦ୍ର ଗଜପତି ଦୃଢ଼ତାର ସହିତ ପ୍ରସ୍ତାବ ଦେଇ କହିଲେ, ‘ଓଡ଼ିଆ ଭାଷାଭାଷୀଙ୍କୁ ଏକଶାସନାଧୀନ କରିବା ପାଇଁ କେବଳ ଦାବି ନ କରି ସମଗ୍ର ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳକୁ ଏକତ୍ରିତ କରି ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବା ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ।’ କୃଷ୍ଣଚନ୍ଦ୍ରଙ୍କର ଏଇଭଳି ବଳିଷ୍ଠ ଓ ଅକାଟ୍ୟ ଯୁକ୍ତି ସମ୍ମିଳନୀର ନେତୃବର୍ଗ ଏପରିକି ବୟୋଜ୍ୟେଷ୍ଠ ମଧୁବାବୁଙ୍କୁ ଚକିତ କରି ଦେଇଥିଲା। ଗଜପତିଙ୍କର ଏହି ବଜ୍ର ନିର୍ଘୋଷ ନିନାଦ ବହୁସମର୍ଥନ ପାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଏକ ପ୍ରସ୍ତାବ ସେହି ଉତ୍କଳ ସମ୍ମିଳନୀରେ ଗୃହୀତ ହେଲା। ୧୯୧୭ ମସିହାରେ ମଣ୍ଟେଗୁ-ଚେମସ୍ ଫୋର୍ଡ କମିଟି ଭାଷାଭିତ୍ତିକ ପ୍ରଦେଶ ଗଠନ ସପକ୍ଷରେ ମତ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଉତ୍କଳର ସଦସ୍ୟଭାବେ କୃଷ୍ଣଚନ୍ଦ୍ର ଦିଲ୍ଲୀଠାରେ ମଣ୍ଟେଗୁଙ୍କ ସହିତ ସାକ୍ଷାତ କରିଥିଲେ। ଫିଲିପ୍ ଡଫ୍ କମିଟି ବିଶାଖାପାଟଣା ଓ ଗଞ୍ଜାମ ଗସ୍ତ ବେଳେ ଗଜପତିଙ୍କ ସହିତ ସାକ୍ଷାତ କରିଥିଲେ। ୧୯୨୭ ମସିହାରେ ଭାରତରେ ଶାସନ ସଂସ୍କାର ପାଇଁ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ଗଠିତ ସାଇମନ୍ କମିଶନ୍ କମିଶନଙ୍କୁ ଯେତେବେଳେ ସାରା ଦେଶ ବାସନ୍ଦ କରିଥିଲେ, ଓଡ଼ିଶାର ବୃହତ୍ତର ସ୍ୱାର୍ଥ ନିମନ୍ତେ ଗଜପତି ଅଣ୍ଟା ଭିଡ଼ିଥିଲେ। ଫଳସ୍ୱରୂପ ଓଡ଼ିଶା ଦାବି ବିଚାର କରିବା ପାଇଁ ଅଟଲିଙ୍କ ଅଧ୍ୟକ୍ଷତାରେ ଏକ ସବ୍‌କମିଟି ଗଠନ କରାଗଲା। ସେହି କମିଟି ଓଡ଼ିଶା ପାଇଁ ଅନୁକୂଳ ମତ ପ୍ରକାଶ କଲେ।

ଲଣ୍ଡନରେ ୧୯୩୦-୩୧ରେ ଅନୁଷ୍ଠିତ ପ୍ରଥମ ଗୋଲ ଟେବୁଲ ବୈଠକରେ ବିହାର ଓ ଓଡ଼ିଶା ସରକାଙ୍କ ତରଫରୁ କୃଷ୍ଣଚନ୍ଦ୍ର ଗଜପତି ମନୋନୀତ ସଭ୍ୟଭାବେ ଯୋଗ ଦେଇ ଓଡ଼ିଶାର ଦାବି ଉତ୍‌ଥାପନ କରି ଏକ ଐତିହାସିକ ଭାଷଣ ଦେଇ ବ୍ରିଟିଶ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ‘ଏକ କୋଟି ଓଡ଼ିଆଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଅନୁମତି ନଦେଇ ଆପଣମାନେ ଭାରତରେ ନୂତନ ଶାସନ ସଂସ୍କାର କରିପାରିବେ ନାହିଁ ବୋଲି ସେଠାରେ ସେ ଦୃପ୍ତ କଣ୍ଠରେ ଘୋଷଣା କରିଥିଲେ। ବିଲାତ ସରକାର ୧୯୩୧ ମସିହାରେ ଓଡୋନେଲ କମିଟି ବସାଇଲେ ଓ ଏହି କମିଟି ମୁଖ୍ୟତଃ ତିନୋଟି ବିଷୟ ପ୍ରତି ଧ୍ୟାନ ଦେଇଥିଲେ। ତନ୍ମଧ୍ୟରୁ ଗୋଟିଏ ଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ସୀମା ନିର୍ଦ୍ଧାରଣ। ୧୯୩୨ ମସିହାରେ ଓଡୋନେଲ କମିଟି ରିପୋର୍ଟ ପ୍ରକାଶ ପାଇଲା। ଫିଲିପ୍ ଡଫ୍ କମିଟିର ଅନୁମୋଦନ ଲାଭକରି ୧୯୩୩ ମସିହାରେ ଯେଉଁ ଶ୍ୱେତପତ୍ରରେ ପ୍ରକାଶ ପାଇଲା ସେଥିରେ ପାରଳାଖେମୁଣ୍ଡି ଓ ଜୟପୁର ଜମିଦାରୀ ବାଦ୍ ପଡ଼ିଥିଲା। କୃଷ୍ଣଚନ୍ଦ୍ର ଜଏଣ୍ଟ ସିଲେକ୍ଟ କମିଟି ଆଗରେ ଏହି କଥା ଉପସ୍ଥାପନା କରିବା ନିମନ୍ତେ ୧୯୩୪ ମସିହାରେ ପୁଣି ଥରେ ବିଲାତ ଯାଇ କମିଟିର ଅଧ୍ୟକ୍ଷ ଲର୍ଡ ଲିନ୍‌ଲିଥ୍‌ଗୋଙ୍କୁ ପ୍ରଭାବିତ କରିପାରିଥିଲେ ଏବଂ ଓଡ଼ିଶା ସହିତ ପାରଳାଖେମୁଣ୍ଡି ଓ ଜୟପୁରକୁ ମିଶାଇବା ପାଇଁ ଭାରତର ତତ୍କାଳୀନ ବଡ଼ଲାଟ ଲର୍ଡ ଉଇଲିଂଡନ୍‌ଙ୍କୁ ରାଜି କରାଇ ପାରିଥିଲେ। କୃଷ୍ଣଚନ୍ଦ୍ର ଗଜପତିଙ୍କ ଏହି ଅକ୍ଳାନ୍ତ ନିଃସ୍ୱାର୍ଥପର ଉଦ୍ୟମ, ଜାତିପ୍ରେମ ଓ ନିଷ୍ଠା ଯୋଗୁଁ ୧୯୩୬ ଏପ୍ରିଲ ପହିଲାରେ ୬ ଗୋଟି ଜିଲ୍ଲାକୁ ନେଇ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଜନ୍ମ ନେଲା। ଶୁଣାଯାଏ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ସ୍ୱତନ୍ତ୍ର ଉତ୍କଳ ଗଠନ ପାଇଁ ବାରମ୍ବାର ଲଣ୍ଡନ ଯିବାଫଳରେ ଅର୍ଥନୈତିକ ଚାପରେ ପଡ଼ି ରାଜପ୍ରସାଦର ବହୁ ମୂଲ୍ୟବାନ ଅଳଙ୍କାର ବିକ୍ରି କରିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ପ୍ରଥମ ଗଣତାନ୍ତ୍ରିକ ନିର୍ବାଚନ ପରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ପରେ ୧୯୪୧ ମସିହା ନଭେମ୍ବର ମାସ ଠାରୁ ୧୯୪୪ ମସିହା ଜୁନ ମାସ ପର୍ଯ୍ୟନ୍ତ ତୃତୀୟ ମନ୍ତ୍ରିମଣ୍ଡଳରେ ପୁନର୍ବାର ପ୍ରଧାନମନ୍ତ୍ରୀ ରୂପେ ଯୋଗଦେଇ ଦକ୍ଷତାର ସହ କାର୍ଯ୍ୟ କରିଥିଲେ।

ସେ ନିଜ ଶାସନ କାଳରେ ଅନେକ ଯୁଗାନ୍ତକାରୀ, ସମୟୋପଯୋଗୀ ଓ ଜନକଲ୍ୟାଣକାରୀ ନିଷ୍ପତ୍ତିମାନ ନେଇଥିଲେ। ନୂଆପଡ଼ା-ପାରଳାଖେମୁଣ୍ଡି-ଗୁଣୁପୁର ରେଳପଥ ନିର୍ମାଣ, ଧାନ କଳ, ତେଲ କଳ ଏବଂ ଲୁହା କାରଖାନା ଆଦି ସେଥିମଧ୍ୟରୁ କେତୋଟି ଉଦାହରଣ। ୧୯୧୩ ମସିହାରେ ରାଜ୍ୟାଭିଷେକ ବେଳେ ପିତାଙ୍କ ସଂରକ୍ଷିତ ରାଜକୋଷକୁ ନିଜ ସୁଖ ସ୍ୱାଚ୍ଛନ୍ଦ୍ୟ ନିମନ୍ତେ ଖର୍ଚ୍ଚ କରିବେ ନାହିଁ ଏବଂ ସେହି ଗଚ୍ଛିତ ଧନ କେବଳ ଦେଶୋପକାରରେ ଲାଗିବ ବୋଲି ସେ ଯେଉଁ ଶପଥ ନେଇଥିଲେ ତାହା କାର୍ଯ୍ୟରେ କରି ଦେଖାଇଥିଲେ। ଏଥିସହିତ ପୂର୍ବପୁରୁଷଙ୍କ ଦ୍ୱାରା ନିର୍ମିତ କୀର୍ତ୍ତିମାଳାର ଉନ୍ନତି ସାଧନ ଓ ପ୍ରଜାମଙ୍ଗଳ ନିମନ୍ତେ ଲୋକହିତକର କାର୍ଯ୍ୟ କରିଥିଲେ। ସେହି ଜାତିପ୍ରାଣ ଥିଲେ ଯଥାର୍ଥରେ ଯୁଗପୁରୁଷ। ଓଡ଼ିଶାର ବରପୁତ୍ର ସମସ୍ତଙ୍କ ଚିରନମସ୍ୟ ସ୍ୱାଭିମାନୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଜୟନ୍ତୀରେ ଗଭୀର ଶ୍ରଦ୍ଧାଞ୍ଜଳି।

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା

ଦୈନିକ **‘ସକାଳ’** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ ‘ସକାଳ’ କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଗଜପତି ବିଜେଡିର ଦୁଇ ନେତାଙ୍କୁ ନୂଆ ଦାୟିତ୍ୱ

**ଭୁବନେଶ୍ୱର, ୨୫।୪(ସମିସ):** ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଅଖିଳ ପାତ୍ରଙ୍କୁ ଗଜପତି ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରିଛନ୍ତି। ସେହିପରି ସିଏଚ୍ ଲୋକନାଥଙ୍କୁ କାଶୀପୁର ବ୍ଲକର ବିଜେଡି ବ୍ଲକ ସଭାପତି ଦାୟିତ୍ୱ ପ୍ରଦାନ କରାଯାଇଛି। ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ପ୍ରେସ୍ ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

**ବାଲେଶ୍ୱର, ୨୫।୪(ସମିସ):** ବାଲେଶ୍ୱର ଜିଲ୍ଲା ଗୋପାଳପୁର ଥାନା ଅଞ୍ଚଳର ଜଣେ ନାବାଳିକାକୁ ଦୁଷ୍କର୍ମ ମାମଲାରେ ସ୍ୱତନ୍ତ୍ର ପକ୍‌ସୋ କୋର୍ଟ ଜଜ୍ ରଞ୍ଜନ କୁମାର ସୂତାର ଦୋଷୀ ତନ୍ମୟ ଧୂପାଳକୁ ୨୦ବର୍ଷ ଜେଲ୍ ଓ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ୧୩ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ବିଚାରପତି ଏହି ରାୟ ଶୁଣାଇଛନ୍ତି। ଜରିମାନା ଟଙ୍କା ଅନାଦେୟ ହେଲେ ଅଧିକ ୨ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ୨୦୨୩ ଜୁଲାଇ ୨୨ରେ ଗୋପାଳପୁର ଥାନା ଅଞ୍ଚଳର ତନ୍ମୟ ଧୂପାଳ ଜଣେ ନାବାଳିକାକୁ ଦୁଷ୍କର୍ମ କରିଥିଲା। ଏଥିରେ ନାବାଳିକାଜଣଙ୍କ ଗର୍ଭବତୀ ହୋଇଯିବାରୁ ଘଟଣା ପଦାକୁ ଆସିଥିଲା। ଏ ସଂପର୍କରେ ପରିବାରଲୋକ ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଏକ ମାମଲା ରୁଜୁ କରି ତନ୍ମୟକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ପ୍ରଣବ ପଣ୍ଡା ଏହି ମାମଲା ପରିଚାଳନା କରୁଥିଲେ।

## ଶାହାଙ୍କ ନିର୍ବାଚନୀ ଭାଷଣକୁ ବିଜେଡିର ନିଶାଣ

# ଓଡ଼ିଶାର ହତାଶ ବିଜେପି ନେତା ଓ କର୍ମୀଙ୍କୁ ଉତ୍ସାହିତ କରିବାକୁ ଆସିଛନ୍ତି ଶାହା

**ଭୁବନେଶ୍ୱର, ୨୫।୪(ସମିସ):** ଓଡ଼ିଶା ବିଜେପି ନେତାମାନେ ସେମାନଙ୍କ ଅପାରଗତା ଏବଂ ସେମାନଙ୍କ ଉପରେ ଲୋକଙ୍କ ବିଶ୍ୱାସର ଅଭାବ ଯୋଗୁଁ ନିୟମିତ ବିଫଳ ହେଉଛନ୍ତି। ଏକଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ସ୍ପଷ୍ଟ ଭାବେ ଜଣାଅଛି। ଏହି ନିର୍ବାଚନରେ ନିଶ୍ଚିତ ପରାଜୟ ଆଶଙ୍କାରେ ନିରାଶ ଓଡ଼ିଶା ବିଜେପି ନେତା ଓ କର୍ମୀଙ୍କୁ ଉତ୍ସାହିତ କରିବାକୁ ଶ୍ରୀ ଶାହା ଆସିଥିବା କହିଛନ୍ତି ବିଜେଡି ନେତା ଭୃଗୁ ବକ୍ସିପାତ୍ର।

ଶ୍ରୀ ବକ୍ସିପାତ୍ର କହିଛନ୍ତି ଯେ ବିଗତ ୨୪ ବର୍ଷ ଧରି ବିକାଶ କ୍ଷେତ୍ରରେ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ରୋଲ ମଡେଲ ପାଲଟିଛି। ସବୁ କ୍ଷେତ୍ରରେ ଓଡ଼ିଶା ଆଜି ଆଖିଦୃଶିଆ ପ୍ରଗତି ହାସଲ କରିଛି। ବିଭିନ୍ନ କ୍ଷେତ୍ରରେ ରାଜ୍ୟର ପ୍ରଦର୍ଶନ, ଲୋକାଭିମୁଖୀ ଯୋଜନା ପ୍ରଣୟନ ପାଇଁ କେନ୍ଦ୍ର ସରକାର ଓଡ଼ିଶାକୁ ପ୍ରଶଂସା କରି ଆସିଛନ୍ତି। ଅତଏବ ଅମିତ ଶାହାଙ୍କ ଅଭିଯୋଗ ନିରାଧାର ଏବଂ ତାଙ୍କ ନିର୍ବାଚନୀ ଭାଷଣ କେବଳ କର୍ମୀଙ୍କ ମନୋବଳ ବୃଦ୍ଧି ପାଇଁ ଉଦ୍ଦିଷ୍ଟ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ସରକାର ଗତ ୨୪ ବର୍ଷ ରେ ସମଗ୍ର ଦେଶରେ ବିକାଶର ମଡେଲ ପାଲଟିଛି। ବିପର୍ଯ୍ୟୟ ପରିଚାଳନାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସୁରକ୍ଷା, ରୋଜଗାର, ଶିକ୍ଷା ଓ କୃଷକ କଲ୍ୟାଣ ପର୍ଯ୍ୟନ୍ତ ଓଡ଼ିଶା ଶାସନ ମଡେଲକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସା କରାଯାଇଛି। କେନ୍ଦ୍ର ସରକାର ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ମିଶନ, ଗ୍ରାମୀଣ ଗୃହ ନିର୍ମାଣ, ବିତ୍ତୀୟ ପରିଚାଳନା ଏବଂ ଜଳ ଯୋଗାଣ ଭଳି ଅନେକ ଲୋକାଭିମୁଖୀ ଯୋଜନା ପାଇଁ ଓଡ଼ିଶାକୁ ପୁରସ୍କାର/ପ୍ରଶଂସା କରିଛନ୍ତି ବୋଲି ଭୃଗୁ କହିଛନ୍ତି।

ସେ ପୁଣି କହିଛନ୍ତି ଯେ ଭାରତର ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ କିଏ ତାହା ଆଜି ସମଗ୍ର ଦେଶ ଜାଣିଛି। ବିଭିନ୍ନ ପ୍ରତିଷ୍ଠିତ ସଂସ୍ଥା ଦ୍ୱାରା କରାଯାଇଥିବା ସର୍ଭେ ପରେ ସର୍ଭେରେ ନବୀନ ପଟ୍ଟନାୟକ ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ ମାନ୍ୟତା ପାଇଛନ୍ତି। ଓଡ଼ିଶା ହେଉଛି ଦେଶର ଏକମାତ୍ର ରାଜ୍ୟ, ଯିଏ କେନ୍ଦ୍ର ସରକାରଙ୍କ ସଂସ୍ଥାର ତଥ୍ୟ ଅନୁଯାୟୀ କୃଷକଙ୍କ ଆୟ ଦ୍ୱିଗୁଣିତ କରିଛି। ବିଜେପି ଶାସିତ କୌଣସି ରାଜ୍ୟ ଏହା କରିବାରେ ସକ୍ଷମ ହୋଇନାହାନ୍ତି। ସେହିପରି କେନ୍ଦ୍ରୀୟ ସଂସ୍ଥାର ତଥ୍ୟ ଅନୁଯାୟୀ ଓଡ଼ିଶାରେ ବେକାରୀ ହାର ଦେଶରେ ସର୍ବନିମ୍ନ। ଦେଶର ଅଧିକାଂଶ ବିଜେପି ଓ କଂଗ୍ରେସ ଶାସିତ ରାଜ୍ୟରେ ବେକାରୀ ହାର ବହୁତ ଅଧିକ ରହିଛି। ମିଶନ ଶକ୍ତି ଜରିଆରେ ନବୀନ ପଟ୍ଟନାୟକ ୭୦ ଲକ୍ଷ ମହିଳାଙ୍କୁ ସଶକ୍ତ କରିଛନ୍ତି, ଯେଉଁମାନେ ଏବେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଦେଶରେ ମହିଳା ସଶକ୍ତିକରଣ ପାଇଁ ମିଶନ ଶକ୍ତି ଏକ ମଡେଲ ପାଲଟିଛି, ଯାହାକୁ ବିଜେପି ଶାସିତ ରାଜ୍ୟଗୁଡ଼ିକ ନକଲ କରୁଛନ୍ତି। ନବୀନ ପଟ୍ଟନାୟକ ସରକାର ସଶକ୍ତୀକରଣର ଏକ ଅଂଶ ଭାବରେ ମିଶନ ଶକ୍ତି ମହିଳା ଗୋଷ୍ଠୀକୁ ବିଦେଶ ଗସ୍ତରେ ପଠାଇବା ପାଇଁ ଏକ ପଦକ୍ଷେପ ନେଇଥିଲେ; କିନ୍ତୁ ଓଡ଼ିଶା ବିଜେପି ନେତାମାନେ ଏହାକୁ ସହ୍ୟ କରିନପାରି ବନ୍ଦ କରିଦେଲେ।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଦେଶର ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଓଡ଼ିଶାର ବିଏସକେୱାଇ ଏକ ରୋଲ୍ ମଡେଲ। ଓଡ଼ିଶା ବିଜେପି ଏହି ବିଏସକେୱାଇ କାର୍ଯ୍ୟକ୍ରମକୁ ବନ୍ଦ କରି ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଛଡ଼ାଇ ନେବାକୁ ଷଡ଼ଯନ୍ତ୍ର କରୁଛି। ୫-ଟି ବିଦ୍ୟାଳୟ ରୂପାନ୍ତରଣରେ ଓଡ଼ିଶା ୭୦୦୦ରୁ ଅଧିକ ବିଦ୍ୟାଳୟକୁ ସ୍ମାର୍ଟ କ୍ଲାସରୁମ୍, ସ୍ମାର୍ଟବୋର୍ଡ, ଅତ୍ୟାଧୁନିକ ଲ୍ୟାବ୍, ଡିଜିଟାଲ୍ ଲାଇବ୍ରେରୀ ଇତ୍ୟାଦିରେ ପରିଣତ କରିଛି। ୫-ଟି ବିଦ୍ୟାଳୟରେ ସ୍ମାର୍ଟ କ୍ଲାସରୁମ୍, ବୋର୍ଡ ଇତ୍ୟାଦି ଥିବା ବେଳେ କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକରେ ଏବେ ବି ବ୍ଲାକ୍ ବୋର୍ଡ ରହିଛି। କେନ୍ଦ୍ର ସରକାରଙ୍କ ସୂଚନା ଅନୁଯାୟୀ ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶା ଦେଶର ଶ୍ରେଷ୍ଠ ଆର୍ଥିକ ପରିଚାଳିତ ରାଜ୍ୟ। ତଥାପି ଓଡ଼ିଶା ବିଜେପି ରାଜନୈତିକ ଫାଇଦା ପାଇଁ ତାହାର ସମାଲୋଚନା ଜାରି ରଖିଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶାର ଯେଉଁ ପରିବର୍ତ୍ତନମୂଳକ ବିକାଶ ହୋଇଛି ଏଗୁଡ଼ିକ ତାହାର ହେଉଛି କିଛି ଉଦାହରଣ, ଯାହାକୁ ସମଗ୍ର ଦେଶ ଜାଣିଛି। ଲୋକଙ୍କ ଭଲପାଇବା ହିଁ ନବୀନ ପଟ୍ଟନାୟକ ଓ ବିଜେଡିକୁ ପ୍ରୋତ୍ସାହିତ କରୁଛି। ନବୀନ ପଟ୍ଟନାୟକଙ୍କୁ ପୁଣି ଥରେ ବିପୁଳ ସଂଖ୍ୟା ଗରିଷ୍ଠତା ସହ ମୁଖ୍ୟମନ୍ତ୍ରୀ ଭାବେ ଆଶୀର୍ବାଦ ଦେବା ଏବଂ ଓଡ଼ିଶାରୁ ଲୋକସଭାକୁ ସର୍ବାଧିକ ଆସନ ଦେବାକୁ ଓଡ଼ିଶାବାସୀ ମନ ସ୍ଥିର କରିସାରିଛନ୍ତି ବୋଲି ଶ୍ରୀ ବକ୍ସିପାତ୍ର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

- ଶାହାଙ୍କୁ ଭଲ ଭାବେ ଜଣା ରାଜ୍ୟ ବିଜେପି ନେତାଙ୍କ ଅପାରଗତା
- ଗତ ୨୪ବର୍ଷରେ ଓଡ଼ିଶା ପାଲଟିଛି ବିକାଶର ରୋଲ୍ ମଡେଲ
- ଅନେକ ଯୋଜନାର ସଫଳତା ପାଇଁ କେନ୍ଦ୍ର କରିଛି ପୁରସ୍କୃତ
- ବିଭିନ୍ନ ସର୍ଭେରେ ମୁଖ୍ୟମନ୍ତ୍ରୀ ପାଲଟିଛନ୍ତି ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ
- ଦେଶର ଏକମାତ୍ର ରାଜ୍ୟ ଭାବେ ଓଡ଼ିଶାର ଚାଷୀଙ୍କ ଆୟ ହୋଇଛି ଦ୍ୱିଗୁଣ
- ବିଏସକେୱାଇ ବନ୍ଦ ପାଇଁ ବିଜେପି ନେତା କରୁଛନ୍ତି ଷଡ଼ଯନ୍ତ୍ର
- ମିଶନଶକ୍ତି ମା'ଙ୍କ ବିଦେଶ ଯାତ୍ରାକୁ ଅଟକାଇଛନ୍ତି ବିଜେପି ନେତା
- ପୁଣି ଥରେ ନବୀନଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବାକୁ ଓଡ଼ିଶାବାସୀ ସଙ୍କଳ୍ପବଦ୍ଧ



## ଅବଶିଷ୍ଟାଂଶ...

### ପ୍ରଥମ ପର୍ଯ୍ୟାୟ...

ତେଲକୋଇ, ବସ୍ତା, ଘଷିପୁରା, ଭୋଗରାଇ, ନୀଳଗିରି, ଭଣ୍ଡାରିପୋଖରୀ, ବାସୁଦେବପୁର, ବରୀ, ବାରବାଟୀ-କଟକ, ହିନ୍ଦୋଳ, ସାଲେପୁର, ଖୋର୍ଦ୍ଧା, କେନ୍ଦ୍ରାପଡା, ବେଗୁନିଆ ଆସନ ପାଇଁ ବିଜେପିର ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇନାହିଁ। ପ୍ରାର୍ଥୀ ଘୋଷଣା କରାଯାଇ ନାହିଁ। କେତେକ ଆସନରେ ଆଶାୟୀଙ୍କ ମଧ୍ୟରେ ଛକାପଞ୍ଝା ବିଜେପି ପାଇଁ ଆହ୍ୱାନ ସୃଷ୍ଟି କରିଥିବା ବେଳେ ଆଉ କିଛି ଆସନରେ ଏବେ ବି ଅନ୍ୟ ଦଳର ପ୍ରାର୍ଥୀଙ୍କ ନାମ ଘୋଷଣାକୁ ଦଳ ଅପେକ୍ଷା କରିଛି । ବଳକାଆସନରେ ଦଳ ଶେଷ ମୂହୂର୍ତ୍ତରେ ଟିକଟ ଦୌଡ଼ରୁ ବାଦ୍ ପଡ଼ିଥିବା ଅନ୍ୟ ଦଳର ନେତା ଏବଂ ନିକଟରେ ଦଳରେ ସାମିଲ ହୋଇଥିବା ନେତାଙ୍କୁ ଟିକଟ ଦେବାକୁ ବିଚାର କରୁଛି। ଯାହାକୁ ନେଇ ଦଳର ମୂଳ ଏବଂ ତୃଣମୂଳସ୍ତରର କର୍ମୀ ଅସନ୍ତୁଷ୍ଟ ଥିବାବେଳେ ପ୍ରାର୍ଥୀ ଘୋଷଣା ଯାଏଁ ଅପେକ୍ଷା କରି ରହିଛନ୍ତି। ଯଦି ଦଳ ଡିଆଁ ଏବଂ ଅନ୍ୟ ଦଳର ନେତାଙ୍କୁ ଦଳ ବଳକା ତାଲିକାରେ ପ୍ରାଧାନ୍ୟ ଦିଏ, ତାହେଲେ ଏକ ବଡ଼ ଧରଣର ବିଦ୍ରୋହ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ ବୋଲି ରାଜନୀତିକ ମହଲରେ ଆଶଙ୍କା ପ୍ରକାଶ କରିଛନ୍ତି। ଏପରିକି ଦଳର ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଏପ୍ରିଲ ୨୦ ତାରିଖ ସୁଦ୍ଧା ସମସ୍ତ ପ୍ରାର୍ଥୀ ତାଲିକା ଦଳ ପକ୍ଷରୁ ଘୋଷଣା କରାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ ହେଁ ଦଳୀୟ ନେତୃତ୍ୱ ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରି ନାହାନ୍ତି। ସେହିପରି ଘୋଷିତ କିଛି ଆସନରେ ଦଳର ପ୍ରାର୍ଥୀଙ୍କୁ ପରିବର୍ତ୍ତନ କରାଯାଇପାରେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି । ସେଥିପାଇଁ ବିଜେପିର ପ୍ରାର୍ଥୀ ତାଲିକା ବିଳମ୍ବ ହେଉଥିବା କୁହାଯାଉଛି। ଅପରପକ୍ଷେ ବିଜେଡି ପକ୍ଷରୁ ଶେଷ ପର୍ଯ୍ୟାୟ ନିର୍ବାଚନର ବାକିଥିବା ୬ ବିଧାନସଭା ଆସନ ନୀଳଗିରି, କୋରେଇ, ଭୋଗରାଇ, ଖୋର୍ଦ୍ଧା, ବେଗୁନିଆ ଓ ଖଣ୍ଡପଡ଼ାର ପ୍ରାର୍ଥୀଙ୍କ ନାମ ଶୀଘ୍ର ଘୋଷଣା କରାଯିବ ବୋଲି ସୂଚନା ମିଳିଛି। ଅପରପକ୍ଷେ କଂଗ୍ରେସ ଏଯାବତ୍ ୧୩୬ ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା କରିଛି। ସେହିପରି ୨ଟି ବିଧାନସଭା ଆସନ ନିଜ ସହଯୋଗୀଙ୍କ ପାଇଁ ଛାଡ଼ିଛି। ଅତଏବ କଂଗ୍ରେସକୁ ଆଉ ମାତ୍ର ୯ ଆସନରେ ପ୍ରାର୍ଥୀ ଘୋଷଣା ବାକି ରହିଛି।

### ନିଦ ହଜାଇଛି...

କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାମ ହିଁ କଥା କହେ। ମହିଳା ସଶକ୍ତିକରଣ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ, କୋରାପୁଟ ଜିଲ୍ଲାରେ ଲକ୍ଷ୍ମୀ ବସ୍ ଯୋଗୁ ୪ ଲକ୍ଷ ମା' ଉପକୃତ ହୋଇଛନ୍ତି। ସେହିପରି ଚାଷୀ ମାନଙ୍କୁ ମଧ୍ୟ କାଳିଆ ଯୋଜନାରେ ଆର୍ଥିକ ସୁବିଧା ଦିଆଯାଉଛି, ଫସଲ ବୀମାର ପ୍ରିମିଅମ ରାଜ୍ୟ ସରକାର ଦେଉଛନ୍ତି ଓ ସେମାନଙ୍କୁ ମଧ୍ୟ ବିନା ସୁଧରେ ଋଣ ଦିଆଯାଇ ସଶକ୍ତିକରଣ କରାଯାଉଛି। ସରକାରଙ୍କ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ସାଧାରଣ ଲୋକଙ୍କ ବିଶ୍ୱାସକୁ ମଜବୁତ କରିଛି । ଲୋକଙ୍କଠାରୁ ଯାହା ପ୍ରସ୍ତାବ ପାଇଥିଲୁ, ସେଥିରୁ ୭୦ ରୁ ୮୦ ଭାଗ କାମ ଦୁଇ-ତିନି ମାସ ମଧ୍ୟରେ ପୂରଣ ହୋଇଛି। ଏହା ହେଉଛି ନବୀନଙ୍କ ଗ୍ୟାରେଣ୍ଟି ବୋଲି ସେ କହି ଛନ୍ତି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି ।

ଏହି ଅବସରରେ ସେ ଉଭୟ ବିଧାନସଭା ଓ ଲୋକସଭା ନିର୍ବାଚନରେ ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଆହ୍ୱାନ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ନିମନ୍ତେ ଦୁଇ ଥର ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେବାକୁ ଅନୁରୋଧ କରିଛନ୍ତି। ଏହି ସଭାରେ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଶ୍ରୀ ପାଣ୍ଡିଆନଙ୍କୁ ଭବ୍ୟ ସ୍ୱାଗତ କରିଛନ୍ତି ଏବଂ ଉଭୟ ସଭାରେ ଅନେକ କଂଗ୍ରେସ ନେତା ଓ କର୍ମୀ ଏହି ଅବସରରେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି । ଅନ୍ୟମାନଙ୍କ ସହ ସାଂସଦ ପ୍ରାର୍ଥୀ କୌଶଲ୍ୟା ହିକକା ଓ ବିଧାନସଭା ପ୍ରାର୍ଥୀ ପ୍ରଫୁଲ୍ଲ ପାଙ୍ଗୀ ଏବଂ ଲକ୍ଷ୍ମୀପୁର ବିଧାୟକ ପ୍ରାର୍ଥୀ ପ୍ରଭୁ ଜାନିଙ୍କ ସହିତ ବିଜୁ ଜନତା ଦଳର ଅନେକ ନେତା ସମାବେଶରେ ଯୋଗ ଦେଇ ଲୋକଙ୍କ ଆଶିଷ ଲୋଡ଼ିବା ସହ ଭୋଟ ପ୍ରାର୍ଥନା କରିଛନ୍ତି ।

### 'ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ...

ବିପୁଳ ଭୋଟରେ ଜିତାଇବାକୁ ନିବେଦନ କରିଛନ୍ତି। ଏହି ସଭାରେ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଶ୍ରୀ ପାଣ୍ଡିଆନଙ୍କୁ ଭବ୍ୟ ସ୍ୱାଗତ କରିଛନ୍ତି ।

ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ସେ ବିକାଶମୂଳକ କାର୍ଯ୍ୟର ହିସାବ ଦେବାକୁ ଆସିଛନ୍ତି। ମୁଖ୍ୟମନ୍ତ୍ରୀ ଜନଜାତିଙ୍କ କଳା ସଂସ୍କୃତିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି। ଏଥିରେ ଜନଜାତିଙ୍କ ଭାଷା, କଳା, ସଂସ୍କୃତି, ପୂଜାସ୍ଥଳୀ, ଜାହିରା ଆଦିର ବିକାଶ କରାଯାଉଛି। କେଉଁ ରାଜ୍ୟରେ ବି ଏଭଳି ପଦକ୍ଷେପ ନିଆଯାଇନାହିଁ। ଆପଣଙ୍କ ଅନୁରୋଧରେ ଆମେ ଯେଉଁ ସବୁ କାମ ପାଇଁ ପଦକ୍ଷେପ ନେଇଛୁ, ସେ ସବୁ କାମର ହିସାବ ଦେବା ପାଇଁ ଆସିଛି। ସେ କହିଛନ୍ତି ଯେ ବିଷମକଟକରେ ୧୬୦ କୋଟି ଟଙ୍କାର କାମ ଚାଲିଛି। ବିଷମକଟକ ଓ ମୁନିଗୁଡା ଏନଏସି ହୋଇଛି, କଲ୍ୟାଣସିଂପୁର ହସ୍‌ପିଟାଲ ସିଏଚ୍‌ସିରେ ରୂପାନ୍ତରିତ ହୋଇଛି, ଡଙ୍ଗରିଆ କନ୍ଧଙ୍କ ପାଇଁ ଘର, ଏସ୍‌ସି ହଷ୍ଟେଲ, ଡ୍ୟାମ ଆଦି ମଞ୍ଜୁର ହୋଇଛି। ସେହିପରି ସଉରା ମନ୍ଦିର ସହିତ ୧୦୦ଟି ମନ୍ଦିର, ମସ୍‌ଜିଦ, ଚର୍ଚ୍ଚ ପାଇଁ ଅର୍ଥ ମଞ୍ଜୁର ହୋଇଛି। ଗୁଣୁପୁର ପାଇଁ ୧୩୭୦ କୋଟି ଟଙ୍କାର କାମ ଚାଲିଛି । କେବଳ ଜଳସେଚନ ପାଇଁ ୧୨୦୦ କୋଟି ଟଙ୍କା ଖର୍ଚ୍ଚ ହେଉଛି। ହରଭଙ୍ଗି ନଦୀ ଓ ବିଶ୍ରା ନାଳି ଉପରେ ଆଡ଼ିବନ୍ଧ ଦ୍ୱାରା ଜଳସେଚନ କ୍ଷେତ୍ରରେ ବିଶେଷ ଉନ୍ନତି ହେବ ବୋଲି ସେ କହିଛନ୍ତି ।

ଶ୍ରୀ ପାଣ୍ଡିଆନ ପୁଣି କହିଛନ୍ତି ଯେ ବଡ ବଡ ହସ୍‌ପିଟାଲକୁ ଗରିବ ଲୋକ, ଜନଜାତି ଭାଇଭଉଣୀ ଯିବା ପାଇଁ ଭୟ କରନ୍ତି, କିନ୍ତୁ ମୁଖ୍ୟମନ୍ତ୍ରୀ ସେ ଭୟ ଦୂର କରିଛନ୍ତି। ଗୁଣୁପୁରର ୮୦,୫୦୦ ପରିବାର ବିଏସ୍‌କେୱାଇ କାର୍ଡ ପାଇଛନ୍ତି। ଗୁଣୁପୁରର ଗୋଟିଏ ଛୋଟ ଝିଅର କ୍ୟାନସର ଚିକିତ୍ସା ପାଇଁ ୯.୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ବର୍ତ୍ତମାନ ସେ ପିଲା ସୁସ୍ଥ ହୋଇଛି ଓ ତା ବାପା ମାଙ୍କ ମୁହଁରେ ହସ ଫୁଟିଛି। ଏ ହେଉଛି ଆମ ମୁଖ୍ୟମନ୍ତ୍ରୀଙ୍କ କାମର ନମୁନା, ଅଭିବ୍ୟକ୍ତିର ପ୍ରତିଫଳନ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଲକ୍ଷ ଲକ୍ଷ ଲୋକ ସ୍ୱାସ୍ଥ୍ୟସେବା ପାଉଥିବା ବେଳେ, ବିରୋଧୀ ଏହାକୁ ବନ୍ଦ କରିବାକୁ ଷଡଯନ୍ତ୍ର କରୁଛନ୍ତି। ମିଶନ ଶକ୍ତି କାର୍ଯ୍ୟକ୍ରମକୁ ବି ସେମାନେ ସହିପାରୁ ନାହାନ୍ତି। ତାକୁ ମଧ୍ୟ ବନ୍ଦ କରିବାକୁ ଚାହୁଁଛନ୍ତି। ଜନତା ତାଙ୍କୁ ଉଚିତ ଜବାବ ଦେବେ। ଏଠାରେ ଅନ୍ୟ ଦଳରୁ ଜଣେ ସାଂସଦ ହୋଇଛନ୍ତି। ଗତ ୫ ବର୍ଷ ମଧ୍ୟରେ ସେ କଣ କରିଛନ୍ତି, କେହି ଜାଣନ୍ତି ନାହିଁ। ତେଣୁ ଆପଣମାନେ ଉଭୟ ବିଧାନସଭା ଓ ଲୋକସଭାରେ ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ ଦୁଇ ଥର ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ମୁଖ୍ୟମନ୍ତ୍ରୀଙ୍କ ହାତକୁ ଟାଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ଏହା ସହିତ ଶ୍ରୀ ପାଣ୍ଡିଆନ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣ ଓ ବିକାଶ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ। ଏହି ସଭାରେ ସାଂସଦ ପ୍ରାର୍ଥୀ କୌଶଲ୍ୟା ହିକକା ଓ ବିଷମକଟକ ବିଧାନସଭା ପ୍ରାର୍ଥୀ ଜଗନ୍ନାଥ ସାରକା ଏବଂ ଗୁଣୁପୁର ବିଧାୟକ ପ୍ରାର୍ଥୀ ରଘୁନାଥ ଗମାଙ୍ଗଙ୍କ ସହିତ ବିଜୁ ଜନତା ଦଳର ଅନେକ ନେତା ଅଭିଭାଷଣ ରଖିଥିଲେ।

### ଆଜିଠୁ ଅଥୟ...

ରାଜ୍ୟରେ ବର୍ତ୍ତମାନ ଏକାଧିକ ସହରରେ ଗ୍ରୀଷ୍ମ ଲହରୀ ପରିସ୍ଥିତି ଜାରି ରହିଛି। ମୁଖ୍ୟତଃ ବର୍ଷାର ଅଭାବ ଓ ନିର୍ମଳ ଆକାଶ ଯୋଗୁଁ ଟାଣ ଖରା ଲୋକଙ୍କୁ କଲବଲ କରୁଛି। ଟାଣ ଖରା ଯୋଗୁଁ ଅଧିକାଂଶ ଜିଲ୍ଲାରେ ବର୍ତ୍ତମାନ ସ୍ୱାଭାବିକ ତୁଳନାରେ ତାପମାତ୍ରା ୩-୪ ଡିଗ୍ରୀ ଓ କିଛି କିଛି ସ୍ଥାନରେ ୫ ଡିଗ୍ରୀ ପର୍ଯ୍ୟନ୍ତ ଅଧିକ ରହୁଛି। ଏହି କ୍ରମରେ ଗୁରୁବାର ରାଜ୍ୟର ୩୩ଟି ସହରରେ ଦିନ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରେକର୍ଡ କରାଯାଇଛି। ୪୩.୮ ଡିଗ୍ରୀ ସହ ଝାରସୁଗୁଡ଼ା ରାଜ୍ୟର ଉତ୍ତପ୍ତ ସହରରେ ପରିଣତ ହୋଇଛି। ସେହିପରି ୨୨ଟି ସହରରେ ଦିନ ତାପମାତ୍ରା ୪୨ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଛି। ପାଣିପାଗ କେନ୍ଦ୍ର କହିଛି ଯେ ଆଗାମୀ ୨ଦିନ ମଧ୍ୟରେ ରାଜ୍ୟର କିଛି କିଛି ସ୍ଥାନରେ ଦିନ ତାପମାତ୍ରା ରେ ଆହୁରି ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଏହି ସ୍ଥିତି ଆଗାମୀ କିଛି ଦିନ ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିବା ହେତୁ ଆଗାମୀ ୫ଦିନ ଯାଏଁ ରାଜ୍ୟର ଅନେକ ସ୍ଥାନରେ ସ୍ୱାଭାବିକ ତୁଳନାରେ ତାପମାତ୍ରା ୩ ରୁ ୬ ଡିଗ୍ରୀ ଯାଏଁ ଅଧିକ ରହିବ ଓ ଗ୍ରୀଷ୍ମ ପ୍ରବାହରୁ ଭୀଷଣ ଗ୍ରୀଷ୍ମ ପ୍ରବାହ ପରିସ୍ଥିତି ଜାରି ରହିବ।

ଶୁକ୍ରବାର ଗଜପତି, ଗଞ୍ଜାମ, ବାଲେଶ୍ୱର, ମୟୂରଭଞ୍ଜ, ଝାରସୁଗୁଡ଼ା, ଢେଙ୍କାନାଳ, ମୟୂରଭଞ୍ଜ, ଝାରସୁଗୁଡ଼ା, ଢେଙ୍କାନାଳ, ବଲାଙ୍ଗିର, ନୂଆପଡ଼ା ଓ କଳାହାଣ୍ଡିରେ ଭୀଷଣ ଗ୍ରୀଷ୍ମ ପ୍ରବାହ ସ୍ଥିତି ସୃଷ୍ଟି ହେବାର ଆସଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି। ସେହିପରି ସୁନ୍ଦରଗଡ଼, ବରଗଡ଼, ସମ୍ବଲପୁର, ଅନୁଗୁଳ, କେନ୍ଦୁଝର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଦେବଗଡ଼, ବୌଦ୍ଧ, ସୋନପୁର, ମାଲକାନଗିରି, କନ୍ଧମାଳ, ରାୟଗଡ଼ା, ଖୋର୍ଦ୍ଧା ନୟାଗଡ଼ ଜିଲ୍ଲାରେ ଗ୍ରୀଷ୍ମ ଲହରୀ ଆଶଙ୍କା କରି ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି ରବିବାର ସାରା ରାଜ୍ୟରେ ଗ୍ରୀଷ୍ମ ଲହରୀ ଯୋଗୁଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଏହି ତାତି ସାମୟିକ ସମୟ ନୁହେଁ, ବରଂ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। କାରଣ ମେ' ଦ୍ୱିତୀୟ ସପ୍ତାହ ଆରମ୍ଭ ପର୍ଯ୍ୟନ୍ତ ତାତି ଜାରି ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ବିସ୍ତାରିତ ପରିସର ଆକଳନରେ ଦର୍ଶାଯାଇଛି।

ବିଭାଗ ପକ୍ଷରୁ ଗୁରୁବାର ବିସ୍ତାରିତ ପରିସର ଆକଳନ ରିପୋର୍ଟରେ ଦର୍ଶାଯାଇଛି ଯେ ରାଜ୍ୟରେ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମ ଲହରୀ ଜାରି ରହିବ। ତେବେ ଏହା ପରେ ଅର୍ଥାତ ୩ ରୁ ୯ ମେ' ପର୍ଯ୍ୟନ୍ତ ଆଉ ଗୋଟିଏ ପର୍ଯ୍ୟାୟରେ ଗ୍ରୀଷ୍ମ ଲହରୀ ସ୍ଥିତି ଉପୁନ୍ନ ହେବ। ଏହି ସମୟରେ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମପ୍ରବାହ ଲାଗି ରହିବା ସହ ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ତାତି ୪୨-୪୪ ଡିଗ୍ରୀ ମଧ୍ୟରେ ତାତି ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି।

ସୂଚନା ଥାଉ କି ଗୁରୁବାର ବାରିପଦାରେ ତାପମାତ୍ରା ୪୩.୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ନୂଆପଡ଼ାରେ ୪୩.୫ଡିଗ୍ରୀ, ତାଳଚେରରେ ୪୩.୪ ଡିଗ୍ରୀ, ବୌଦ୍ଧରେ ୪୩.୨ ଡିଗ୍ରୀ, କେନ୍ଦ୍ରାପଡ଼ାରେ ୪୩ ଡିଗ୍ରୀ, କଟକରେ ୪୩ ଡିଗ୍ରୀ, ବଲାଙ୍ଗିରରେ ୪୩ ଡିଗ୍ରୀ, ଅନୁଗୋଳରେ ୪୨.୯ ଡିଗ୍ରୀ, ଭଦ୍ରକରେ ୪୨.୮ ଡିଗ୍ରୀ, ଢେଙ୍କାନାଳରେ ୪୨.୭ ଡିଗ୍ରୀ, ମାଲକାନଗିରିରେ ୪୨.୬ ଡିଗ୍ରୀ, ଟିଟିଲାଗଡ଼ରେ ୪୨.୬ ଡିଗ୍ରୀ, ଯାଜପୁରରେ ୪୨.୫ ଡିଗ୍ରୀ, ସମ୍ବଲପୁରରେ ୪୨.୫ ଡିଗ୍ରୀ, ପାରଳାଖେମୁଣ୍ଡିରେ ୪୨.୪ ଡିଗ୍ରୀ, ଭବାନୀପାଟଣାରେ ୪୨.୪ ଡିଗ୍ରୀ, ହୀରାକୁଦରେ ୪୨.୪ ଡିଗ୍ରୀ, ଭୁବନେଶ୍ୱରରେ ୪୨.୨ ଡିଗ୍ରୀ, ନୟାଗଡ଼ରେ ତାପମାତ୍ରା ୪୨.୨ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ସୁନ୍ଦରଗଡ଼ରେ ୪୨ ଡିଗ୍ରୀ ଓ ଜଗତସିଂହପୁରରେ ତାପମାତ୍ରା ୪୨ ଡିଗ୍ରୀ ରହିଛି।

### ଅଂଶୁଘାତରେ ୨ ମୃତ...

ଗତ ୨୨ତାରିଖରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣଙ୍କର ୨୪ ତାରିଖରେ ମୃତ୍ୟୁ ହୋଇଛି। ସେହିପରି ଜିଲ୍ଲାର ବିଭିନ୍ନ ସ୍ଥାନରୁ ୬୦ଜଣ ଅଂଶୁଘାତରେ ଅସୁସ୍ଥ ହୋଇଥିବା ଜଣାଯାଇଛି। ଏବେ ସୁଦ୍ଧା ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ ୧୦ ଜଣ ଚିକିତ୍ସିତ ହେଉଛନ୍ତି। ତେବେ ଚିକିତ୍ସା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲଥିବା ଜଣାପଡ଼ିଛି।

### ସରକାରୀ ଡାକ୍ତରଖାନା...

ଖୋଲିବା ଏବଂ ପୁରୁଣାଗୁଡ଼ିକର ଲାଇସେନ୍ସ ନବୀକରଣ ନ କରିବା ପାଇଁ ୨୦୧୫ ମସିହାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। କିନ୍ତୁ ବର୍ଷବର୍ଷ ଧରି ଡାକ୍ତରଖାନା ପରିସରରେ ବ୍ୟବସାୟ କରୁଥିବା ଔଷଧ ଦୋକାନୀ ସ୍ଥାନ ଛାଡ଼ିବା ପାଇଁ ନାରାଜ। ଏପରିକି ଡାକ୍ତରଖାନା ପରିସରରୁ ଉଚ୍ଛେଦକୁ ବିରୋଧ କରି ହାଇକୋର୍ଟରେ ୧୧୧ଟି ମାମଲା ରୁଜୁ ହୋଇଥିଲା। ଅଦାଲତରୁ ଅନ୍ତରୀଣ ଆଦେଶ ବଳରେ ସରକାରୀ ଡାକ୍ତରଖାନା ଏବଂ ମେଡିକାଲ କଲେଜ ପରିସରରେ ଔଷଧ ଦୋକାନ ଚାଲୁଛି। ଔଷଧ ଦୋକାନ ଉଚ୍ଛେଦ ସମ୍ପର୍କିତ ମାମଲାର ତ୍ୱରିତ ଶୁଣାଣି ଏବଂ ଫଇସଲା କରାଇବା ଲାଗି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଗତବର୍ଷ ନଭେମ୍ବର ମାସରେ ରାଜ୍ୟ ଆଇନଜୀବୀ ଜେନେରାଲଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ। ତେବେ ଉଚ୍ଛେଦ ବିରୋଧରେ ରୁଜୁ ହୋଇଥିବା ମାମଲା ଉପରେ ଗତ ୧୯ ତାରିଖରେ ଅଦାଲତ ସରକାରଙ୍କ ସପକ୍ଷରେ ରାୟ ଦେଇଛନ୍ତି। ଉଚ୍ଛେଦ ହେବାକୁ ଥିବା ଔଷଧ କୋକାନଗୁଡ଼ିକ ଏମ୍‌କେସିଜି ଏବଂ ଭିମସାର ମେଡିକାଲ କଲେଜ ବ୍ୟତୀତ ଅନୁଗୁଳ, ବାଲେଶ୍ୱର, ବରଗଡ଼, ଭଦ୍ରକ, ବଲାଙ୍ଗିର, କଟକ, ଗଜପତି, ଗଞ୍ଜାମ, ଜଗତସିଂହପୁର, ଯାଜପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ପୁରୀ, ସମ୍ବଲପୁର, ସୋନପୁର, ସୁନ୍ଦରଗଡ଼ ଏବଂ ନୂଆପଡ଼ାରେ ଅଛି।

### ଅନ୍ୱେଷ ଶୁଭମ୍...

ପଛୁଆ ବର୍ଗର, ୩୭, ୫୮୧ଜଣ ଅନୁସୂଚିତ ଜାତି ଏବଂ ୧୮, ୭୮୦ଜଣ ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀ ରହିଛନ୍ତି। ପରୀକ୍ଷାରେ ଅନିୟମିତତା ପାଇଁ ୩୯ ଜଣ ପରୀକ୍ଷାର୍ଥୀଙ୍କୁ ଆସନ୍ତା ୩ ବର୍ଷ ପାଇଁ ପରୀକ୍ଷା ଦେବାକୁ ବାରଣ କରାଯାଇଛି। ଏହାପରେ ଶୀଘ୍ର ବି.ଆର୍କ ଓ ବି.ପ୍ଲାନ ପଢ଼ିବା ପାଇଁ ପୃଥକ ଭାବେ ଏନ୍‌ଟିଏ ସ୍କୋର୍ ପ୍ରକାଶ ପାଇବ ବୋଲି ଏନ୍‌ଟିଏର ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଆସନ୍ତା ମେ' ୨୬ ତାରିଖରେ ଜେଇଇ ଆଡଭାନ୍ସଡ୍ ପରୀକ୍ଷା ଅନୁଷ୍ଠିତ ହେବ।

### ୨୦ ହଜାର ଲୋକଙ୍କୁ...

କେନ୍ଦୁଝର ସହରର ଜଳଯୋଗାଣ ବ୍ୟବସ୍ଥା ଯୋଡ଼ି ହୋଇ ରହିଛି। ଏହି ଡ୍ୟାମ୍‌ରୁ ସହରର ୧ ନମ୍ବରରୁ ୧୦ ନମ୍ବର ୱାର୍ଡର ୪ ହଜାରରୁ ଅଧିକ ପରିବାର ପ୍ରାୟ ୨୦ ହଜାର ସହରବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଇଥାଏ। ତଥ୍ୟ ଅନୁସାରେ, ଏହି ଡ୍ୟାମର ସମ୍ପୂର୍ଣ୍ଣ ଜଳଧାରଣ କ୍ଷମତା ୧୯୬୨ ଆର୍‌ଏଲ (ରେଡିୟସ୍ ଲେଭଲ) । ସାଧାରଣତଃ ଏହି ଡ୍ୟାମ୍‌ରେ ବର୍ତ୍ତମାନ ୧୯୩୨ ଆର୍‌ଏଲ୍ ଜଳ ରହିବା କଥା। ମାତ୍ର ବର୍ଷାଭାବରୁ ଏବେ ଏହି ଡ୍ୟାମରେ ୧୯୨୬ରୁ କମ୍ ଆର୍‌ଏଲ୍ ରହିଛି। ଯାହାକି ବଟମ ଲେଭଲ ଜଳସ୍ତରରୁ ଆହୁରି କମ୍ ବୋଲି କୁହାଯାଉଛି। ଫଳରେ ନାଳି କାଟି ଏବେ କଷ୍ଟରେ ସହରକୁ ପାଣି ଯୋଗାଇ ଦିଆଯାଉଛି। କେନ୍ଦୁଝର ସହରକୁ ସାନମାଛକାନ୍ଦଣା ଡ୍ୟାମ ଓ କାନଝାରୀ ଡ୍ୟାମରୁ ପାଣି ଆସିଥାଏ। କିନ୍ତୁ ଗତ କିଛି ଦିନ ହେବ ଉଭୟ ଡ୍ୟାମରେ ପାଣି ଶୁଖିଯିବା ଏବଂ ନଦୀରେ ପାଣି ନ ଆସିବା କାରଣରୁ ଡ୍ୟାମରେ ପାଣି ନାହିଁ। କେବଳ ମାଟିମିଶା ଅଳ୍ପ ପାଣି ରହିଛି। ଯାହାକି ଏକ ସପ୍ତାହ ମଧ୍ୟରେ ଶୁଖିଯିବା ନେଇ ସନ୍ଦେହ କରାଯାଉଛି। ଫଳରେ ସହରର ୨୦ହଜାରୁ ଅଧିକ ଲୋକ ପାନୀୟ ଜଳ ଟୋପାଏ ପାଇବାକୁ ଡହକବିକଳ ହେବା ଆଶଙ୍କା ସୃଷ୍ଟି ହେଲାଣି।

ୱାଟକୋର ସୂଚନା ଅନୁସାରେ, ସାନମାଛକାନ୍ଦଣା ଜଳଭଣ୍ଡାରରୁ କେନ୍ଦୁଝର ସହରକୁ ପ୍ରତିଦିନ ୫୫ ଲକ୍ଷ ଲିଟର ଜଳ ଯୋଗାଇ ଦିଆଯାଇଥାଏ। ମାତ୍ର ଜଳସ୍ତର କମିଯିବା କାରଣୁ ଗତ କିଛି ଦିନ ଧରି ୧୦ ଲକ୍ଷ ଲିଟରରୁ କମ୍ ଜଳ ଏହି ଜଳଭଣ୍ଡାରରୁ ଆସୁଛି। ଯଦି ଏଭଳି ପରିସ୍ଥିତି ଲାଗି ରହେ, ତେବେ ଆଉ ମାତ୍ର ୫/୭ ଦିନ ମଧ୍ୟରେ ମାଛକାନ୍ଦଣା (ବଡ଼ଘାଗରା) ଜଳଭଣ୍ଡାରରୁ ପାଣି ଶୁଖିଯିବ। ଲୋକେ ପାଣି ପାଇଁ ଅନେକ ହଇରାଣ ହେବାର ଆଶଙ୍କା ରହିଛି। ଅପରପକ୍ଷରେ ବର୍ତ୍ତମାନ ଅତି ଜରୁରୀ ପରିସ୍ଥିତିରେ ଜଳଭଣ୍ଡାରର ଡେଡ୍ ଷ୍ଟୋରେଜ୍‌କୁ ବ୍ୟବହାର କରାଯିବା ଆବଶ୍ୟକତା ଦେଖାଦେଲାଣି। ଅର୍ଥାତ ଯେଉଁ ପାଣି ଅତି ତଳିଆ ଭାବେ ରହିଥାଏ; କିନ୍ତୁ ସହରକୁ ଜଳଯୋଗାଣ କ୍ଷେତ୍ରରେ କାମରେ ଲାଗି ନ ଥାଏ। ଆଉ କିଛି ଦିନ ପରେ ଡ୍ୟାମ ସମ୍ପୂର୍ଣ୍ଣ ଶୁଖିଲା ପଡ଼ିଲେ ଏହି ଡେଡ୍-ଷ୍ଟୋରେଜ୍ ପାଣିକୁ ପମ୍ପିଂ କରି ସହରକୁ ଜଳଯୋଗାଣ ହେବା ପରିସ୍ଥିତି ଉପୁଜିଲାଣି। କିନ୍ତୁ ତାହା ମଧ୍ୟ ବେଶୀ ଦିନ ନୁହେଁ ବୋଲି କୁହାଯାଉଛି। କେବଳ କେନ୍ଦୁଝର ଜିଲ୍ଲାର ଏହି ଗୋଟିଏ ଡ୍ୟାମ ନୁହେଁ, ପ୍ରାୟ ସବୁ ଡ୍ୟାମର ଜଳସ୍ତର ଶୁଖି ଯାଇଥିବା ବେଳେ କିଛି କିଛି ଡ୍ୟାମ ଏବେଠୁ ମାଟି ଦିଶିଲାଣି।

ସହରର ଅନ୍ୟ ୱାର୍ଡରେ କାନଝାରୀ ଡ୍ୟାମରୁ ପାନୀୟ ଜଳ ଯୋଗାଣ ହୋଇଥାଏ। ସାନ ମାଛକାନ୍ଦଣା ଡ୍ୟାମରେ ପାଣି ଶୁଖିଯାଇ ସମସ୍ୟା ହେଲେ କାନଝାରୀରୁ ଆସିଥିବା ପାଇପରେ ମଧ୍ୟ ପୌରପାଳିକାର ୧ରୁ ୧୦ ୱାର୍ଡକୁ ପାଣି ଯୋଗା ଯାଇପାରିଥାନ୍ତା। କିନ୍ତୁ କାନଝାରୀ ଡ୍ୟାମ୍ ପାଇପ୍‌ଲାଇନ୍ ସହ ମାଛକାନ୍ଦଣାରୁ ଆସିଥିବା ପାଇପ୍ ଲାଇନ୍‌ର କୌଣସି ସଂଯୋଗୀ ବ୍ୟବସ୍ଥା କରାଯାଇପାରିନାହିଁ। ତେଣୁ ସହରର ଗୋଟିଏ ପାର୍ଶ୍ୱ ଜଳକଷ୍ଟ ଭୋଗିବାକୁ ଯାଉଥିବା ବେଳେ ତାର ସମାଧାନ କରିବାକୁ ସହରବାସୀ ଦାବି କରିଛନ୍ତି।

ଏ ସମ୍ପର୍କରେ ୱାଟକୋର ମ୍ୟାନେଜର କାଶୀନାଥ ବେଶ୍ରାଙ୍କୁ ପଚାରିବାରୁ ଏଭଳି ସମସ୍ୟା କଥା ସ୍ୱୀକାର କରିଥିବା ବେଳେ ଏବେଠାରୁ ଡେଡ୍ ଷ୍ଟୋରେଜ ପାଣିକୁ ପମ୍ପିଂ କରି ସହରକୁ ପାଣି ଯୋଗାଯିବାକୁ ପ୍ରସ୍ତୁତି ଚାଲିଥିବା କହିଥିଲେ। ତେବେ ବର୍ଷା ନହେଲେ ଡେଡ୍-ଷ୍ଟୋରେଜ୍ ପାଣି କେତେ ଦିନ ଯିବ, କହିବା ମୁସ୍କିଲ ବୋଲି ସେ ମତ ଦେଇଛନ୍ତି। ତେବେ ଏହି ଡ୍ୟାମ ତଳମୁଣ୍ଡରେ ବଡ଼ ଘାଗରା ଓ ସାନଘାଗରା ଜଳପ୍ରପାତ ରହିଥିବାରୁ ତଳମୁଣ୍ଡକୁ ପାଣି ନଆସିବ କାରଣରୁ ଜଳପ୍ରପାତ ଶୁଖିଲା ପଡ଼ିଛି।


**TPCODL**

**ବିଶେଷ ସୂଚନା**

ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତରଣ କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ କ୍ୱାଲିଟି କଣ୍ଟ୍ରୋଲ ଅଫିସ, ମହର୍ଷି କଲେଜ, ଇଣ୍ଡୋର ଷ୍ଟାଡିୟମ ଓ ଭବାନୀ ମଲ୍ ଅଞ୍ଚଳରେ ଏବଂ ନୂଆ ଏଲଟି ଏବି କେବୁଲ ଚାର୍ଜିଂ ପାଇଁ ଶ୍ରୀ ବିହାର ଅଞ୍ଚଳରେ ସକାଳ ୫ ଘଟିକାରୁ ସକାଳ ୮ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବନ୍ଦ ରହିବ।

**ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ**



**IN THE COURT OF ADDL COMMISSIONER OF CONSOLIDATION AND SETTLEMENT, SAMBALPUR**

**R.P. Case No. 39 of 2023**

**Karia Rajesh Bhai Bhailalbhai and another** .......Petitioners

Vrs

**State of Odisha and another** ........................Opposite Party

To

**Sri Chhunibhai Patel, Son of Moti Bhai Patel, resident of vill- At/PO/PS/District Jharsugada, Odisha at present resident at the state of Gujrat.**

WHEREAS, the aforesaid case has been filed by the petitioner against you wherein, the petitioner have prayed under the provision as contemplated u/s 15(b) of Orissa Survey & Settlement Act, 1962 and rules framed there under. However, you have deliberately avoided receiving notice in the aforementioned case issued by the Honourable Court.

You are hereby directed to appear in person or through your pleader duly instructed by you before the Honourable Court on **7th day of May 2024 at 7.30 A.M,** failing which, the case will be determined in your absence.

Given under my hands and the seal of this Court on this **25th day of April, 2024.**

**Addl. Commissioner of Consolidation And Settlement, Sambalpur**



**AFFIDAVIT**

ସତ୍ୟପାଠ ନଂ ୨୬୩/୫.୪.୨୦୨୪ ମୁଁ ପ୍ରମୋଦ ସାହାଣୀ ⁄ପ୍ରମୋଦ କୁମାର ସାହାଣୀ, ପିତା -ଧ୍ୱଜବନ୍ଧୁ ସାହାଣୀ, ସା - ବାଘଡ଼ିଆ, ପୋ - ହୁଦୁକା, ଥାନା ମାର୍ଶାଘାଇ ଜିଲ୍ଲା - କେନ୍ଦ୍ରାପଡ଼ା ଘୋଷଣା କରୁଅଛି କି, ଅଲୋସ୍ମିତା ସାହାଣୀ ଏବଂ ନିଜାଲିନ ସାହାଣୀ ଜଣେ ଏବଂ ସମାନ ବ୍ୟକ୍ତିଙ୍କ ନାମ ଅଟେ, ଯିଏ କି ମୋର ଝିଅ ଅଟେ ।



**AFFIDAVIT**

By virtue of an affidavit before the notary magistrate Balangir, I Alekh Niranjan Beriha, S/o Purusottam Beriha sworn that in the birth cerificate of my son Ayushman Beriha, mothers name Anjusmita Swain was mentioned wrongly. That was been corrected from Anjusmita Swain to Ayasa Swain. In future for all purpose she will be known as **Ayasa Swain** .



**AFFIDAVIT**

By virtue of an affidavit sworn before the Notary Public, Bhubaneswar dated- 24/04/2024. I, Subhrajita Swain, daughter of Ashok Kumar Swain, Wife of Shibashish Hota declare that **Subhrajita Hota and Subhrajita Swain** is the one and the same person.



**NOTICE**

It is notice to public, that the Original Sale Deed vide No-10321300020, dated 03.01.2023 and Original ROR bearing Khata No-168/274& 168/376 in respect of the property in the name of M/s Alex Green Energy Private Limited pertaining to, Mouza-Chingarbandh, Tehsil/P.S-Patnagarh, Dist-Balangir have been lost/misplaced from our custody and I Sri Rajesh Kumar Agarwal, Director of the company unable to trace and find the same despite of my best efforts. I, on behalf of company have already lodged FIR on 03.02.2024 vide case no-C/198 at Kolabira Police Station, Jharsuguda for the loss/misplace of captioned title deeds.I declare that I have not created any equitable mortgage/charge with any bank/financial institutions by depositing the sale deed in original as security for any advance before creating mortgage in State Bank of India, SME Bhubaneswar Branch. If any individual, Bank/Financial Institution is holding the said documentin Original as security for any advance/loan granted to company, they are requested to inform State Bank of India, SME Bhubaneswar Branch from which, the company has availed loan and created equitable mortgage by depositing certified copy of the title deed bearing No-10321300020, dated 03.01.2023 and ROR bearing Khata No-168/274 & 168/376in respect of the property in the name of M/s Alex Green Energy Private Limited pertaining to Khata No-168/274& 168/376, Mouza-Chingarbandh, Tehsil/P.S-Patnagarh, Dist-Balangir. If no objection will be received from any corner within a period of 15 days from the date of publication of this Notice/Advertisement, it will be deemed and presumed that the property in question is free from encumbrance.

Date-19.04.2024 | Mr. Rajesh Kumar Agarwal

Place-Jharsuguda | For M/s Alex Green Energy Pvt. Ltd

## ହାଡ଼ିବନ୍ଧୁଙ୍କ ବିୟୋଗରେ ଶୋକର ଛାୟା

**ହାଟଡ଼ିହୀ,୨୫।୪(ସମିସ):** ହାଟଡ଼ିହୀ ବ୍ଲକ ବଡ଼ରମ୍ପାସ ପଞ୍ଚାୟତ ଗୁହାଳଗଡ଼ିଆ ଗ୍ରାମର ହାଡ଼ିବନ୍ଧୁ ଜେନା (୯୭)ଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି। ହାଡ଼ିବନ୍ଧୁ ଜଣେ ମିଷ୍ଟଭାଷୀ, ଦୟାବନ୍ତ ଓ ମେଳାପି ସ୍ୱଭାବର ବ୍ୟକ୍ତି ଥିଲା ବେଳେ ତାଙ୍କ ବିୟୋଗରେ ପରିବାର ସମେତ ଗ୍ରାମର ସମସ୍ତ ଲୋକ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ବରିଷ୍ଠ ବିଜେଡି ନେତା ନାରାୟଣ ଜେନାଙ୍କ ସହ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ। ନିଜ ଗାଁ ମଶାଣିରେ ପରିବାର ଓ ପ୍ରିୟଜନଙ୍କ ଉପସ୍ଥିତିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ବିପଦକୁ ଆମନ୍ତ୍ରଣ କରୁଛି ମୁକୁଳା ଟ୍ରାନ୍ସଫର୍ମର



**ଆନନ୍ଦପୁର,୨୫।୪(ସମିସ):** ବିଦ୍ୟୁତ ଆବଣ୍ଟନ ଓ ପରିଚାଳନା ଦାୟିତ୍ୱ ସରକାର ହସ୍ତାନ୍ତର କରିବା ପରେ ଟିପିଏନ୍‌ଓଡିଏଲ ବିଦ୍ୟୁତ ପରିଚାଳନାରେ ବ୍ୟତିକ୍ରମ ହେଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଦାୟିତ୍ୱ ନେବା ପରେ ଟିପିଏନଓଡିଏଲ ପକ୍ଷରୁ ବିଭିନ୍ନ ସ୍ଥାନରେ ଭିତ୍ତିଭୂମି ସଜଡ଼ା ଯାଉଥିବା ବେଳେ କେତେକ ଜନବସତି ଅଞ୍ଚଳରେ ଟ୍ରାନ୍ସଫର୍ମର ଗୁଡିକ ମୁକୁଳା ପଡିଥିବାରୁ ଏହା ବିପଦକୁ ଆମନ୍ତ୍ରଣ କରିବା ଭଳି ମନେ ହୋଇଛି। ଏଭଳି ଏକ ଦୟନୀୟ ଚିତ୍ର ଦେଖିବାକୁ ମିଳିଛି ଆନନ୍ଦପୁର ୭ନଂ ୱାର୍ଡର ବଳଭଦ୍ରପୁର ଶାସନରେ। ଏଠାରେ ଦୀର୍ଘଦିନ ଧରି ଲାଗିଥିବା ଏହି ଟ୍ରାନ୍ସଫର୍ମର ଏପରି ମୁକୁଳା ଅବସ୍ଥାରେ ପଡିଥିଲେ ମଧ୍ୟ ଟିପିଏନ୍‌ଓଡିଏଲ କର୍ତ୍ତୃପକ୍ଷଙ୍କ ନଜର ଲାଗିନାହିଁ। ଏନେଇ କେତେକ ଉପଭୋକ୍ତା ଏହି ଟ୍ରାନ୍ସଫର୍ମର ଚତୁପାର୍ଶ୍ୱରେ ସୁରକ୍ଷା ବାଡ଼ା କିମ୍ବା ପାଚେରୀ କରିବାକୁ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନଥିବା ଚିନ୍ତାର କାରଣ ହୋଇଛି। ବଳଭଦ୍ରପୁର ଶାସନର ଏହି ଟ୍ରାନ୍ସଫର୍ମର ରାସ୍ତାକୁ ଲାଗିରହିଥିବାରୁ ଯାତାୟତରେ ବିପଦ ସୃଷ୍ଟି କରିଥିବା ବେଳେ ଛୋଟ ଛୋଟ ପିଲା ଓ ଗୃହପାଳିତ ପଶୁଙ୍କ ପାଇଁ ଏହା ବିପଦର କାରଣ ହୋଇଛି। କେତେବେଳେ ଯେ, ଏହି ଟ୍ରାନ୍ସଫର୍ମରରେ ଅଘଟଣ ନଘଟିବ ସେନେଇ ବିଭିନ୍ନ ମହଲରେ ଆଶଙ୍କା ପ୍ରକାଶ ପାଇଛି। ଏଣୁ ଟିପିଏନ୍‌ଓଡିଏଲର ଉଚ୍ଚ କର୍ତ୍ତୃପକ୍ଷ ଏଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଭୁଜାଲିରେ ହାଣିବା ଘଟଣାରେ ୨ ଗିରଫ



**ବଡ଼ବିଲ,୨୫।୪(ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ୮ନଂ ୱାର୍ଡର ଭଞ୍ଜ କଲୋନୀରେ ଦୁର୍ବୃତ୍ତଙ୍କ ଆକ୍ରମଣରେ ଗୁରୁତର ଆହତ ହୋଇଥିବା ଅନୁପ କର୍ମାକର ଘଟଣାରେ ବଡ଼ବିଲ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ଅନୁପଙ୍କ ଘରେ ବହୁତ ଟଙ୍କା ଥିବା ସୂଚନା ପାଇ ବିହାର ରାଜ୍ୟ ଧାନବାଦ ଅଞ୍ଚଳର ଦୁଇ ଜଣ କୁଖ୍ୟାତ ଅପରାଧୀଙ୍କୁ ପୁଲିସ ଗିରଫ କରି ସେମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ, ଦୁଇଟି ଗୁଳି ଓ ଗୋଟିଏ ଭୁଜାଲି ଜବତ କରି ଅଭିଯୁକ୍ତ ମାନଙ୍କୁ ଆଜି ସନ୍ଧ୍ୟାରେ କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଆଇନୁଲ ଅଂଶରୀ (୫୧) ଓ ରାଜିନ୍ଦର ସିଂ (୪୦)। ତେବେ ଉକ୍ତ ଘଟଣାରେ ସ୍ଥାନୀୟ ଲୋକଙ୍କ ହାତ ଥିବା ସାଧାରଣରେ ଆଲୋଚନା ହେଉଛି।



## ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

**ଆନନ୍ଦପୁର,୨୫।୪(ସମିସ):** ଆନନ୍ଦପୁର ପୌରପାଳିକା ବଡ଼ବଜାରସାହିର ମୁରବୀ ଚକ୍ରଧର ସାହୁଙ୍କ ପୁଅ ପୁରୁଷୋତ୍ତମ ସାହୁ (୫୨)ଙ୍କର ଗତକାଲି ବିଳମ୍ବିତ ରାତିରେ ଅଂଶୁଘାତରେ ମୃତ୍ୟୁ ହୋଇଯାଇଛି। ଆଜି ତାଙ୍କ ପାର୍ଥିବ ଶରୀରକୁ ଡାକ୍ତରଖାନାରୁ ଶୋଭାଯାତ୍ରା ବଜାର ପରିକ୍ରମା କରି ବୈତରଣୀ ଘାଟରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ବିଚିତ୍ର କୁମାର ଚକ୍ରଙ୍କ ସମେତ ଯୁବ ଛାତ୍ର ନେତା ତଥା ତାଙ୍କ ସାନ ଭାଇ ଦେବ ରଞ୍ଜନ ସାହୁ, ଉଦ୍ୟୋଗୀ ତଥା ସାନ ଭାଇ ଜୟ ନାରାୟଣ ସାହୁ, ଦାଦା ଶିକ୍ଷାବିତ୍ ସନାତନ ସାହୁ, ଭିଣୋଇ ଇଞ୍ଜିନିୟର ଦିଲ୍ଲୀପ ସିଂହ, ସାହିତ୍ୟିକ ନାରାୟଣ ସାହୁ, ଛାତ୍ର ନେତା ସତ୍ୟବ୍ରତ ରାମ, ଆଇନଜୀବୀ ବାଇଧର ସେଠୀ, ଜୟନ୍ତ ରାଜ, ସୁଦାମ ମଙ୍ଗଳ, ସମାଜସେବୀ ଅମିୟ ଧରା, ଭାସ୍କର ସାହୁ, ରବୀନ୍ଦ୍ର ସାହୁ, ବନ୍ଧୁ ଉମାକାନ୍ତ ସାହୁ, ଗୋପାଳ ସାହୁ, ମାନସ ସାହୁଙ୍କ ସହ ବନ୍ଧୁ ଓ ପରିବାରଙ୍କର ଗହଣରେ ପୁରୁଷୋତ୍ତମଙ୍କ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ତାଙ୍କ ମୃତ୍ୟୁରେ ସାରା ଆନନ୍ଦପୁର ଓ ଘଟଗାଁ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳି ଯାଇଛି। ଏକ ମାତ୍ର ପୁଅ ଆଶୀର୍ବାଦ ସାହୁ ମୁଖଗ୍ନି ଦେଇଥିଲେ।

### ହରାଇଥିବା ଜମିର ପ୍ରାପ୍ୟ ନମିଳିବା ଯାଏଁ କାର୍ଯ୍ୟ ବନ୍ଦ ଚେତାବନୀ

# ସରେଇଁରେ କେନାଲ କାର୍ଯ୍ୟକୁ ଚାଷୀଙ୍କ ବିରୋଧ

**ଆନନ୍ଦପୁର, ୨୫।୪(ସମିସ)**



ଆନନ୍ଦପୁର ସମନ୍ୱିତ ବ୍ୟାରେଜ ପ୍ରକଳ୍ପର ଦକ୍ଷିଣପାର୍ଶ୍ୱର କେନାଲ କାର୍ଯ୍ୟ ଆରମ୍ଭରୁ ଅଞ୍ଚଳବାସୀ ବିରୋଧ କରିଥିବା ବେଳେ ଆଜି ସ୍ଥାନୀୟ ସରେଇଁ ଗ୍ରାମରେ କେନାଲ କାର୍ଯ୍ୟ ଆରମ୍ଭ ହେଉଥିବା ବେଳେ ଚାଷୀମାନେ ବିରୋଧ କରିବା ଯୋଗୁ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଯାଇଛି। ନଦୁଆଁ ଠାରୁ ସରେଇଁ ପର୍ଯ୍ୟନ୍ତ ନୂତନ କେନାଲ କାର୍ଯ୍ୟ ଆରମ୍ଭ ପାଇଁ ଠିକା ସଂସ୍ଥା ପକ୍ଷରୁ ମେସିନରେ ମାଟି କଟାଯାଉଥିବା ବେଳେ ଆଖପାଖ ଅଞ୍ଚଳର ଚାଷୀମାନେ ମିଳିତ ଭାବେ ଏହାକୁ ବିରୋଧ କରିଥିଲେ। ଫଳରେ କାର୍ଯ୍ୟ ବନ୍ଦ ହୋଇଯାଇଥିଲା। ମିଳିଥିବା ସୂଚନାନୁଯାୟୀ, ଏହି ଦକ୍ଷିଣପାଶ୍ୱର୍ କେନାଲ ପାଇଁ ଜମି ହରାଇଥିବା ଚାଷୀମାନେ ସେମାନଙ୍କ ପ୍ରାପ୍ୟ ପାଇନାହାନ୍ତି। ଏନେଇ କେନ୍ଦୁଝର ଜିଲ୍ଲାପାଳ, ଆନନ୍ଦପୁର ଉପଜିଲ୍ଲାପାଳ ଓ ଘସିପୁରା ତହସିଲଦାରଙ୍କ ନିକଟରେ ଚାଷୀମାନେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ। ଇତି ମଧ୍ୟରେ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ ଚାଷୀମାନେ ଏଭଳି ପ୍ରତିବାଦ କରିଛନ୍ତି। ଚାଷୀମାନଙ୍କ ସମସ୍ୟା ସମାଧାନ ନକରି କିମ୍ବା କେନାଲ ପାଇଁ ହରାଉଥିବା ଜମିର ମୂଲ୍ୟ ନଦେଇ କେନାଲ ନିର୍ମାଣ କରୁଥିବାରୁ ଚାଷୀମାନେ ଏହାକୁ ବିରୋଧ କରି କାର୍ଯ୍ୟ ବନ୍ଦ କରିଦେଇଥିଲେ। ତେବେ ଜମି ହରାଇଥିବା ଚାଷୀଙ୍କ ଅର୍ଥ ସମ୍ବଲପୁର ଦେବତ୍ତର ବିଭାଗରେ ପଡିରହିଥିବା ଓ ଏଦିଗରେ ପ୍ରଶାସନ କୌଣସି ଉଦ୍ୟମ କରୁନଥିବାରୁ ପରିସ୍ଥିତି ଏପରି ହୋଇଛି ବୋଲି ଜଣାଯାଇଛି। ତେବେ ହରାଇଥିବା ଜମିର ଉଚିତ ପ୍ରାପ୍ୟ ନପାଇବା ପର୍ଯ୍ୟନ୍ତ କେନାଲ କାର୍ଯ୍ୟ କରାଇ ଦେବୁନାହିଁ ବୋଲି ଚାଷୀଙ୍କ ପକ୍ଷରୁ ରତ୍ନାକର ସାହୁ, ହୃଷୀକେଶ ସାହୁ, ଅନିରୁଦ୍ଧ ସାହୁ, ନାରାୟଣ ସାହୁ, ପଦ୍ମନାଭ ବେହେରା, ଟୁକୁନୁ ସାହୁ, ମଣି ସାହୁ, ରବିନ୍ଦ୍ର ସାହୁ, ବଂଶୀଧର ସାହୁ, ଭାଗିରଥୀ ଖଟୁଆ, ମଧୁ ଦେହୁରୀ, ଗଣନାଥ ସାହୁ, ନିରାକର ରଥ, ମୃଷାକର ସେଠୀ, ଅରବିନ୍ଦ ରଥ ପ୍ରମୁଖ ଚେତାବନୀ ଦେଇଥିବା ଜଣାଯାଇଛି।

## ରାଇସୁଆଁରେ ବିଜେଡିର କର୍ମୀ ସମ୍ମିଳନୀ



**କେନ୍ଦୁଝର,୨୫।୪(ସମିସ):** କେନ୍ଦୁଝର ସଦର ବ୍ଲକର ରାଇସୁଆଁଠାରେ ପଞ୍ଚାୟତ ସ୍ତରୀୟ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ରାଇସୁଆଁ ପଞ୍ଚାୟତର ବିଜେଡି ପଦାଧିକାରୀ ଏବଂ ବରିଷ୍ଠ କର୍ମୀ ଯୁବକର୍ମୀ, ମହିଳା କର୍ମୀ ମାନେ ଉପସ୍ଥିତ ଥିଲେ। ଏଥିରେ ଲୋକସଭା ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁ, ବିଧାନସଭା ପ୍ରାର୍ଠଥନୀ ମୀନା ମାଝୀଙ୍କୁ ବିପୁଳ ସଂଖ୍ୟାରେ ବିଜୟୀ ପାଇଁ କର୍ମୀମାନେ କାମ କରିବାକୁ ଆହ୍ୱାନ କରାଯାଇଥିଲା। ସମ୍ମିଳନୀକୁ ରାଇସୁଆଁର ସଂଯୋଜକ ଅରୁଣ କୁମାର ମନ୍ତ୍ରୀ ସଂଯୋଜନା କରିଥିବା ବେଳେ ସଦର ବ୍ଲକ ସଭାପତି ଚକ୍ରଧର ପରିଡା ଅଧ୍ୟକ୍ଷତା କରିଥିଲେ। ସମ୍ମିଳନୀରେ ବିଧାୟିକା ପ୍ରାର୍ଥିନୀ ମୀନା ମାଝୀ, ରାଜ୍ୟ ଯୁବ ବିଜେଡି ଉପସଭାପତି ସୌମ୍ୟଶଙ୍କର ଚକ୍ର, ଜିଲ୍ଲା ପରିଷଦ ସଦସ୍ୟ ଆଶିଷ ଚକ୍ରବର୍ତ୍ତୀ, ଜିଲ୍ଲା ପରିଷଦ ସଦସ୍ୟ ରଥ ମୁଣ୍ଡା, ବିଜେଡି ଜିଲ୍ଲା ଉପସଭାପତି ପ୍ରମୋଦ ପଟ୍ଟନାୟକ, ରାଇସୁଆଁ ସରପଞ୍ଚ ଅନନ୍ତ ଦେହୁରୀ, ପୂର୍ବତନ ସରପଞ୍ଚ ପାୟୋ ମାର୍ଣ୍ଡି ପ୍ରମୁଖ ମଞ୍ଚାସୀନ ହୋଇ ଆଗାମୀ ନିର୍ବାଚନରେ ବିଜେଡିକୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ମତପୋଷଣ କରିଥିଲେ।

## ଶାଳବଣୀରେ ବିଜେଡି ପ୍ରାର୍ଥୀଙ୍କ ପ୍ରଚାର

**ଆନନ୍ଦପୁର,୨୫।୪(ସମିସ):** ଆନନ୍ଦପୁର ବ୍ଲକର ଶାଳବଣୀ ପଞ୍ଚାୟତରେ ବିଜୁ ଜନତା ଦଳ ପକ୍ଷରୁ ଆଜି ନିର୍ବାଚନ ପ୍ରଚାରକୁ ଜୋରଦାର କରାଯାଇଛି। ଏହି ଉପଲକ୍ଷେ ପଞ୍ଚାୟତର ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ପଦଯାତ୍ରାରେ ବିଭିନ୍ନ ସାହିବସ୍ତି ପରିକ୍ରମା କରିଥିଲେ। ବିଜୁ ଜନତା ଦଳର ଆନନ୍ଦପୁର ନିର୍ବାଚନମଣ୍ଡଳୀ ପ୍ରାର୍ଥୀଙ୍କ ସହିତ ଘସିପୁର। ବିଧାୟକ ପ୍ରାର୍ଥୀ ବଦ୍ରି ନାରାୟଣ ପାତ୍ର ବିଭିନ୍ନ ଗାଁରେ ଦଳୀୟ



ନେତାମାନଙ୍କୁ ସାକ୍ଷାତ କରି ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ସର୍ବାଧିକ ଭୋଟରେ ବିଜୟୀ କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରିବାକୁ ନିବେଦନ କରିଥିଲେ। ପରେ ଶ୍ରୀନିଗମାନନ୍ଦଙ୍କ ପଡିଆରେ ଆୟୋଜିତ କର୍ମୀ ସମାବେଶରେ ଦଳୀୟ ନେତା ଓ କର୍ମୀମାନେ ବିଭିନ୍ନ ସାହିବସ୍ତି ୱାର୍ଡ ଓ ବୁଥ୍‌ସ୍ତରୀୟ କର୍ମୀମାନଙ୍କୁ ନେଇ ସାଧାରଣ ଲୋକଙ୍କ ସହିତ ଯୋଡି ହେବାକୁ ବିଜେଡି ନେତା ମାନେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ସଭାରେ ଯୁବନେତା ଦେବପ୍ରିୟ ପାତ୍ର, ଆନନ୍ଦପୁର ବ୍ଲକ ଅଧ୍ୟକ୍ଷା ଅଞ୍ଜନା ବାରିକ, ଜିଲ୍ଲା ପରିଷଦ ସଦସ୍ୟ ଜିତେନ୍ଦ୍ର କୁମାର ସାମଲ, ରାମଚନ୍ଦ୍ର ପଲେଇଙ୍କ ସମେତ ଦଳୀୟ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

### ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ

## ଡାକ୍ତର ଅଭାବ ଯୋଗୁଁ ରୋଗୀସେବା ବାଧାପ୍ରାପ୍ତ

**ଚମ୍ପୁଆ,୨୫।୪(ସମିସ):** ୧୯୧୦ ମସିହାରେ ନିର୍ମିତ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ସମସ୍ୟା ଲାଗିରହିଛି। କେତେବେଳେ ଆନୁସାଙ୍ଗିକ ଅବ୍ୟବସ୍ଥା ତ କେତେବେଳେ ରୋଗୀ ସେବା ପାଇଁ ଆବଶ୍ୟକ





ସୁବିଧା ଉପଲବ୍ଧ ହୋଇପାରୁନାହିଁ। ରୋଗୀ ସେବାର ପ୍ରମୁଖତା ଗ୍ରହଣ କରୁଥିବା ଡାକ୍ତରଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ହେବାରେ ଲାଗିଛି। ପ୍ରତ୍ୟେହ ରୋଗୀ ସଂଖ୍ୟା ବଢୁଥିବା ବେଳେ ଡାକ୍ତର ଅଭାବ କାରଣରୁ ରୋଗୀ ସେବା ବାଧାପ୍ରାପ୍ତ ହେଉଥିବା ଦେଖାଯାଇଛି। ସୂଚନା ଅନୁସାରେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ବର୍ତ୍ତମାନ ୨୧ ଜଣ ଡାକ୍ତରଙ୍କ ସ୍ଥାନରେ ୧୫ ଜଣ ରହିଛନ୍ତି। ସେଥି ମଧ୍ୟରୁ ୨ ଜଣ ଜିଲ୍ଲା ଖଣିଜ ପାଣ୍ଠିରୁ ନିୟୋଜିତ ହୋଇଥିବା ବେଳେ ୧୩ ଜଣ ରୋଗୀ ସେବା କରୁଛନ୍ତି। ଏହି ଚିକିତ୍ସାଳୟ ଏକ ରେଫରାଲ ଚିକିତ୍ସାଳୟ ଭାବେ ପରିଗଣିତ ହୋଇଥିଲେ ମଧ୍ୟ ଡାକ୍ତର ଅଭାବ କାରଣରୁ ଅନେକ ସମୟରେ ରୋଗୀ ମାନଙ୍କୁ ଜିଲ୍ଲା ଚିକିତ୍ସାଳୟ ଉପରେ ନିର୍ଭର କରିବାକୁ ପଡୁଛି। କିଛି ଦିନ ତଳେ ୫ ଜଣ ଡାକ୍ତରଙ୍କ ବଦଳି ଫଳରେ ପୂର୍ବରୁ ପରିବର୍ତ୍ତନ ହୋଇ ଆସୁଥିବା ଡାକ୍ତର ଅଭାବ କାରଣର ପ୍ରତିଫଳନ ଦେଖିବାକୁ ମିଳିଲାଣି। ଏ ନେଇ ଉପଖଣ୍ଡ ଚିକିତ୍ସା ଅଧିକାରୀ ଉମାକାନ୍ତ ସାହୁଙ୍କୁ ଯୋଗାଯୋଗ କରିବାରୁ କହିଛନ୍ତି ଯେ ନିକଟ ଅତିତରେ ୫ଜଣ ଡାକ୍ତରଙ୍କ ବଦଳି ଏହି ରୋଗୀ ସେବା ଉପରେ ପ୍ରବାବ ପଡିଛି। ଏ ନେଇ ଆମ୍ଭେ ଜିଲ୍ଲା କାର୍ଯ୍ୟାଳୟକୁ ସୂଚିତ କରିଛୁ। ଆଶା ରଖାଯାଇଛି ଖୁବଶିଘ୍ର ଉକ୍ତ ଡାକ୍ତର ପଦବୀ ଗୁଡିକ ପୂରଣ କରାଯିବ।

## ଚମ୍ପୁଆ ବିଧାନସଭା ପ୍ରାର୍ଥୀଙ୍କ ଶୋଭାଯାତ୍ରା



**ଚମ୍ପୁଆ,୨୫।୪(ସମିସ):** ନିର୍ବାଚନ ଯେତିକି ପାଖେଇ ଆସୁଛି ଚମ୍ପୁଆ ରାଜନୈତିକ ପାଣିପାଗ ପରିବର୍ତ୍ତନ ହେବାରେ ଲାଗିଛି। ଚଳିତ ନିର୍ବାଚନରେ ଚମ୍ପୁଆ ଆସନ ପାଇଁ ବିଜେଡି, ବିଜେପି ଓ କଂଗ୍ରେସ ମଧ୍ୟରେ ଲଢେଇ ହେବାର ସମ୍ଭାବନା ରହିଥିବା ବେଳେ ବିଜେଡି ଚମ୍ପୁଆର ହେବିୱେଟ ସନାତନ ମହାକୁଡଙ୍କୁ ଟିକଟ ଦେବା ପରେ ରାଜନୈତିକ ଉଷ୍ମତା ବଢିଚାଲିଛି। ନିକଟରେ କଂଗ୍ରେସ ପୂର୍ବତନ ବିଜେଡି ସାଂସଦ ଯଶୋବନ୍ତ ନାରାୟଣ ସିଂ ଲାଗୁରୀଙ୍କୁ ବିଧାନସଭା ପାଇଁ ଟିକଟ ପ୍ରଦାନ କରିଛି। ବିଜେଡିରୁ ସନାତନ ଟିକଟ ପାଇବା ପରେ ବୁଧବାର ଏକ ସ୍ୱାଗତ ଶୋଭାଯାତ୍ରା କରାଯାଇଥିଲା। ଏହି ସ୍ୱାଗତ ଶୋଭାଯାତ୍ରାରେ ରିମୁଳି ଠାରୁ ଚମ୍ପୁଆ ପର୍ଯ୍ୟନ୍ତ ହଜାର ହଜାର ବାଇକ ସାମିଲ ହୋଇଥିବା ବେଳେ ରିମୁଳି, କାଳିକାପ୍ରସାଦ, ରଜିଆ, ନୂଆଗାଁ, ଚମ୍ପୁଆ ଠାରେ ଶହ ଶହ ସଂଖ୍ୟାରେ ମହିଳା ବିଜୟ କାମନା କରିଥିଲେ। ଏପରିକି ପୁରୁଷ ମାନେ ବାଟ ସାରା ଶ୍ରୀ ମହାକୁଡଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିବା ସହିତ ଚମ୍ପୁଆ ସ୍ଥିତ ଜଗତ ଜନନୀ ସେବା କାର୍ଯ୍ୟାଳୟକୁ ପାଛଟି ନେଇଥିଲେ।

### ନିଜ ସଂସ୍କୃତିକୁ ନେଇ ଗର୍ବ କରନ୍ତି ଆଦିମ ଅଧିବାସୀ

# ଢୋଲମାଦଳ ତାଳେ ତାଳେ ଝୁମନ୍ତି ନାଚନ୍ତି

**ରାମଚନ୍ଦ୍ରପୁର,୨୫।୪(ସମିସ)**



ଜଙ୍ଗଲ ପାହାଡ ଘେରା ସବୁଜ ବନାନୀ। ଏହାରି ଭିତରେ ଆଦିମ ଅଧିବାସୀ ନିଜର ବସତି ସ୍ଥାପନ କରି କେଉଁ ଅନାଦୀ କାଳରୁ ବସବାସ କରି ଆସୁଛନ୍ତି। ପ୍ରକୃତିର କୋଳରେ ଏମାନେ ସଦାସର୍ବଦା ମନଖୋଲି ହସୁଥାନ୍ତି। ସେମାନଙ୍କ ଚାଲିଚଳନୀ ରୀତିନୀତି ସମ୍ପୂର୍ଣ୍ଣ ନିଆରା। ସମୟ କ୍ରମେ ଆଧୁନିକତାର ସ୍ପର୍ଶରେ କେତେକ ଆଦିବାସୀ ନିଜ ପରମ୍ପରାକୁ ଭୁଲି ଯାଇଥିବା ସ୍ଥଳେ ଏବେ ବି ଅନେକ ଆଦିବାସୀ ନିଜ ଲୋକକଳାକୁ ବଞ୍ଚାଇ ରଖିଛନ୍ତି। ଆଦିବାସୀ ମାନଙ୍କର ବିଶେଷ ପର୍ବପର୍ବାଣୀରେ ମାଦଳ ବଜାଇ ସଭିଏଁ ନାଚନ୍ତି। ପୁରୁଷ ବ୍ୟକ୍ତି ମାନେ ଢୋଲ ମାଦଳ ବଜାଉଥିବା ବେଳେ ମହିଳାମାନେ ମାଦଳ ତାଳେତାଳେ ନୃତ୍ୟ ପରିବେଷଣ କରିଥାନ୍ତି। ସେମାନଙ୍କ ପରମ୍ପରାକୁ ନେଇ ଗଢି ଉଠିଛି ଏମାନଙ୍କ ସଂସ୍କୃତି। କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଗଁପୁର ପଞ୍ଚାୟତ ନୂହାମାଳିଆ ଏବଂ ପୁରୁଣାବାନ୍ଧଗୋଡା ପଞ୍ଚାୟତ ନାନିକାବାହାଳୀ ଏବଂ କୀର୍ତ୍ତନ ପାଟିଆ ବସ୍ତିରେ ରହୁଥିବା ଆଦିବାସୀଙ୍କ ଜୀବନଧାରଣ ଶୈଳୀ ନିଆରା। ଏମାନେ ବିନା ତାଲିମରେ ବିଭିନ୍ନ ଉତ୍ସବ ଓ ପର୍ବପର୍ବାଣୀରେ ପାଦକୁ ପାଦ ମିଶାଇ ମାଦଳ ତାଳେ ତାଳେ ଉଚ୍ଚକୋଟିର ନୃତ୍ୟ ପରିବେଷଣ କରିଥାନ୍ତି। ବିଶେଷ କରି ବିବାହ, ମାଘେ ପର୍ବ, ମକର ସଂକ୍ରାନ୍ତି, ଡାଳପର୍ବ, ହେର୍ ପର୍ବ, ନୂଆଖାଇ ପ୍ରଭୃତି ପର୍ବରେ ଏହି ବସ୍ତିରେ ବିଶେଷ ଉତ୍ସବ ପାଳନ ହୋଇଥାଏ। ବିଶେଷ କରି ମାଘେ ପର୍ବକୁ ଏମାନେ ଅତି ନିଷ୍ଠାର ସହ ପାଳନ କରିଥାନ୍ତି। ଏହି ପର୍ବ ୭ ଦିନ ଧରି ଚାଲିଥାଏ। ଯିଏ ଯେଉଁଠି ବି ଥାଆନ୍ତୁ ନା କାହିଁକି ସମସ୍ତେ ଏହି ପର୍ବରେ ଏକାଠି ହେଉଥାନ୍ତି। ଘର ଲିପାପୋଛା କରିବା ସହ ସମସ୍ତେ ଏକା ରଙ୍ଗ ଓ ଢଙ୍ଗର ପୋଷାକ ପିନ୍ଧି ହାତକୁ ହାତରେ ଛନ୍ଦି ପାରମ୍ପରିକ ଗୀତ ଗାଇ ମାଦଳ ତାଳେ ତାଳେ ନୃତ୍ୟ ପରିବେଷଣ କରିଥାନ୍ତି। ଏହି ପରମ୍ପରା ପୂର୍ବ ପୁରୁଷରୁ ପ୍ରଚଳନ ହୋଇଆସୁଛି। ଏମାନେ ପାଦକୁ ପାଦ ମିଶେଇ ଝିଅ ପୁଅ ସବୁ ଏକାଠି ମିଶି ନାଚିଥାନ୍ତି। ଏଠି କିଛି ବାଛ ବିଚାର ନଥାଏ। ଆଦିବାସୀଙ୍କ ଏହି ନୃତ୍ୟ ଧିରେଧିରେ ସଭ୍ୟ ସମାଜକୁ ଆକର୍ଷିତ କଲାଣି। ବିଭିନ୍ନ ବିବାହ ଭୋଜି, ସଭା ସମିତି ଏବଂ ମହୋତ୍ସବ ଆୟୋଜନରେ ସେମାନଙ୍କ ଉପସ୍ଥିତି ଜାହିର ଯୋଗୁଁ ଏହି ଲୋକ କଳାର ଚାହିଦା ଦିନକୁ ଦିନ ବଢିବାରେ ଲାଗିଲାଣି। ଏହି ପାରମ୍ପରିକ ଲୋକ ନୃତ୍ୟକୁ ସରକାରୀ ସ୍ତରରେ ଏହି କଳାକ ସ୍ୱତନ୍ତ୍ର ମାନ୍ୟତା ଦେଇ ଏହାର ସୁଦୁର ପ୍ରସାରୀ କରି ପାରିଲେ ଆଦିବାସୀଙ୍କ ଲୋକ କଳା ବଞ୍ଚିବା ସହ ଏହି କଳାକୁ ଉଜ୍ଜୀବିତ କରି ରଖିଥିବା ଆଦିବାସୀଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆସିପାରନ୍ତା ବୋଲି ସ୍ଥାନିୟ ବୁଦ୍ଧିଜୀବୀମାନେ ମତପୋଷଣ କରିଛନ୍ତି।

### ପାନୀୟ ଜଳ ସମସ୍ୟାର ସମାଧାନ ଦାବି

## ଗରା, ବାଲ୍‌ଟି ଧରି ଜିଲ୍ଲାପାଳଙ୍କୁ ଭେଟିଲେ ମହିଳା



**କେନ୍ଦୁଝର,୨୫।୪(ସମିସ):** କେନ୍ଦୁଝର ଜିଲ୍ଲାର ତେଣ୍ଡାଳାପଶି ପଞ୍ଚାୟତ ବଡ କମଣ୍ଡରା ଜୁଆଙ୍ଗ ସାହିକୁ ପାନୀୟ ଜଳ ଯୋଗାଣ ସମାସ୍ୟାର ସମାଧାନ ନିମନ୍ତେ ଗ୍ରାମର ମହିଳାମାନେ ଗରା ବାଲ୍‌ଟି ଧରି ଗୁରୁବାର ଜିଲ୍ଲାପାଳ କାର୍ଯ୍ୟାଳୟ ଆସିଥିଲେ। ସେମାନେ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ସେମାନଙ୍କର ଅଭିଯୋଗ ଅନୁସାରେ ବଡକମଣ୍ଡରାରେ ଥିବା ବସୁଧା ଜଳ ଯୋଗାଣ ପ୍ରକଳ୍ପରୁ ଜୁଆଙ୍ଗ ସାହିକୁ ଜଳଯୋଗାଣ କରୁନାହାନ୍ତି। ଲୋକେ ପାନୀୟ ଜଳ ନିମନ୍ତେ ତହଳବିକଳ ହେଉଛନ୍ତି। ବାଧ ହୋଇ ଦୂରରେ ଥିବା ନଦୀ ନାଳରୁ ଚୁଆକାଟି ପାଣି ସଂଗ୍ରହ କରାଯାଉଛି। ଫଳରେ ଏହି ପାଣି ପିଇ ଲୋକେ ନାନାଦି ରୋଗବ୍ୟାଧରେ ପଡୁଛନ୍ତି ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଏ ଦିଗରେ ପଦକ୍ଷେପ ନେଇ ଜୁଆଙ୍ଗ ସାହିର ପାନୀୟ ଜଳଯୋଗାଣ ସମାସ୍ୟାକୁ ସମାଧାନ କରିବାକୁ ମହିଳାମାନେ ନିବେଦନ କରିଛନ୍ତି।

## ବାଲିବୋଝେଇ ଟ୍ରକ୍ଟର ଫେରାର, ଚାଳକ ଗିରଫ

**ବୈଶିଙ୍ଗା,୨୫ ।୪(ସମିସ):** ମୟୂରଭଞ୍ଜ-ବାଲେଶ୍ୱର ଜିଲ୍ଲା ସୀମାନ୍ତ କଣ୍ଟିପୁରସ୍ଥିତ ବୁଢାବଳଙ୍ଗ ନଦୀ ଘାଟରୁ ବେଆଇନ ବାଲି ଉତ୍ତୋଳନ କରି ଚୋରାଚାଲାଣ କରୁଥିବା ଏକ ଟ୍ରକ ଜବତ ଘଟଣାର ଫେରାର ଚାଳକକୁ ବୁଧବାର ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ଜଣକ ହେଉଛି ବାଲେଶ୍ୱର ଜିଲ୍ଲା ରୂପ୍ସା ଥାନା ଅଧୀନ ସୁଦର୍ଶନ ସିଂର ପୁଅ ଗଙ୍ଗାଧର ସିଂ (୪୮)। ଗତ ୮ତାରିଖରେ ବାଲି ଚାଲାଣ ହେଉଥିବାବେଳେ ପୁଲିସ ଦୁର୍ଗାପୁରଠାରେ କାବୁ କରିଥିଲା। ହେଲେ ଚାଳକ ପୁଲିସକୁ ଦେଖି ଫେରାର ହୋଇଯାଇଥିଲା। ବୁଧବାର ଫେରାର ଚାଳକକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି।

## ଚୋରା ମଦ ବେପାରୀ କୋର୍ଟଚାଲାଣ

**ବେତନଟୀ,୨୫ ।୪(ସମିସ):** ଅବକାରୀ ବିଭାଗର ମୋବାଇଲ ଟିମ୍ ବଡସାହି ଥାନା ଅଧୀନ ଉଠାଣି-ନୂଆଗାଁ ଗ୍ରାମରେ ଚଢଉକରି ଚୋରା ଦେଶୀମଦ ଜବତ ଘଟଣାରେ ଜଣେ ଅଭିଯୁକ୍ତକୁ ଗିରଫ କରି ପୁଲିସ ବୁଧବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଉଛି ଗ୍ରାମର ରବି ଗୋଛାୟତ (୪୫)। ପରେ ମୋବାଇଲ ଟିମ ତା ନିକଟରୁ ୨୫ଲିଟର ଚୋରା ଦେଶୀମଦ ଜବତ କରିଥିଲା।

## ଦେଶୀ ମଦ ଜବତ; ମହିଳା ଗିରଫ

**ବାରିପଦା, ୨୫ ।୪(ସମିସ):** ବାରିପଦା ସହର ପୁଣି ବେଆଇନ ମଦ ଜବତ କରାଯାଇଛି। ଏଥି ସହିତ ଏହି କାରବାରରେ ସମ୍ପୃକ୍ତ ଥିବା ଜଣକୁ ପୁଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଭଞ୍ଜପୁର ଥାନା ଅନ୍ତର୍ଗତ ଦାରୋଗାଡାହି ଅଞ୍ଚଳର ମାଲତି ଦିଗାର (୪୫)। ସୂଚନା ଅନୁଯାୟୀ, ବାରିପଦା ସହରର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ମଦ ବିକ୍ରି ହେଉଥିବାର ନେଇ ପୂର୍ବରୁ ଅଭିଯୋଗ ହେଉଥିଲା। ତେବେ ସାଧାରଣ ନିର୍ବାଚନ ପୂର୍ବରୁ ପୁଲିସ ଦ୍ୱାରା ବେଆଇନ ମଦ କାରବାରକୁ ରୋକ ଦେବା ପାଇଁ ପ୍ରୟାସ ଜାରି ରହିଛି। ପୁଲିସ ପକ୍ଷରୁ ବାଘରା ରୋଡଠାରେ ଜଣେ ମହିଳାଙ୍କୁ ଅଟକାଇଥିଲା। ପରେ ତା ନିକଟରୁ ୧୦ଲିଟର ଦେଶୀ ମଦ ଜବତ ହୋଇଛି।

## ଗଞ୍ଜେଇ ଜବତ ଘଟଣାରେ ଅଭିଯୁକ୍ତ କୋର୍ଟଚାଲାଣ

**ବେତନଟୀ,୨୫ ।୪(ସମିସ):** ବଡସାହି ଥାନା ଅଧୀନ ଉଠାଣି-ନୂଆଗାଁ ଗ୍ରାମରେ ବେତନଟୀ ଅବକାରୀ ଥାନା ପକ୍ଷରୁ ଚଢଉ କରାଯାଇ ଚୋରା ଗଞ୍ଜେଇ ଜବତ ଘଟଣାରେ ଗିରଫ ଅଭିଯୁକ୍ତକୁ ବୁଧବାର କୋର୍ଟଚାଲାଣ କରାଯାଇଥିଲା; ହେଲେ ଜାମିନ ନାମଞ୍ଜୁର ହେବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଉଛି ଉଠାଣି-ନୂଆଗାଁ ଗ୍ରାମର ପ୍ରତାପଚନ୍ଦ୍ର ବେହେରାର ପୁଅ ଗଦା ଓରଫ ଗଦାଧର ବେହେରା (୩୨)। ଗଦାଧର ଗଞ୍ଜେଇ କାରବାର କରୁଥିବାର ଖବରପାଇ ଅବକାରୀ ଥାନା ଅଧିକାରୀ ପ୍ରକାଶ ସାହୁ ସଦଳବଳେ ଚଢଉ କରିଥିଲେ। ପରେ ତା ନିକଟରୁ ୧କିଲୋଗ୍ରାମ ୪ଶହ ଗ୍ରାମ ଓଜନର ଗଞ୍ଜେଇ ଜବତ କରାଯାଇଥିଲା। ପରେ ତାକୁ ଗିରଫ କରାଯାଇ କୋର୍ଟଚାଲାଣ କରିଛି ଅବକାରୀ ବିଭାଗ।

## ମହିଳାଙ୍କୁ ପଡ଼ୋଶୀଙ୍କ ଆକ୍ରମଣ ଅଭିଯୋଗ

**ବାରିପଦା, ୨୫ ।୪(ସମିସ):** ଭଞ୍ଜପୁର ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଆକ୍ରମଣ କରିବା ସହିତ ଦୁର୍ବ୍ୟବହାର ନେଇ ଅଭିଯୋଗ ହୋଇଛି। ଏ ନେଇ ରାଜୀବ କଲୋନୀ ୱାର୍ଡ ନମ୍ବର ୧ର ନିବାସୀ ସୋମା ପଣ୍ଡା ଭଞ୍ଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, କୌଣସି କାରଣକୁ ନେଇ ସୋମା ପଣ୍ଡାଙ୍କ ସହିତ ତାଙ୍କ ପଡୋଶୀ କୁମୁଦିନୀ ମାଇତିଙ୍କ ଝଗଡା ହୋଇଥିଲା; ଯାହାକୁ ନେଇ ସେ ଓ ତାଙ୍କ ଦୁଇ ପୁଅ ସୋମାଙ୍କୁ ଆକ୍ରମଣ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହିତ ତାଙ୍କୁ ଦୁର୍ବ୍ୟବହାର କରିଥିବା ବେଳେ ତାଙ୍କ ଛୋଟ ଝିଅକୁ ଗରମ ଚା' ଫିଙ୍ଗି ଦେଇଥିଲେ। ଫଳରେ ସେ ଖଣ୍ଡିଆ ଖବରା ହୋଇଥିବାର ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ପର୍ଶୁରାମ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

**ରାଇରଙ୍ଗପୁର,୨୫ ।୪(ସମିସ):** ସ୍ଥାନୀୟ ଚୌବେ ଧର୍ମଶାଳାଠାରେ ବ୍ରାହ୍ମଣ ସମାଜ ପକ୍ଷରୁ ଆଗାମୀ ପର୍ଶୁରାମ ଜୟନ୍ତୀ ପାଳନ କରାଯିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ବିପ୍ର ଓଡିଶା କାର୍ଯ୍ୟକାରୀ ସଭାପତି ମହେଶ ଶର୍ମା ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ଆଗାମୀ ୧୦ ତାରିଖ ସକାଳେ ଭଗବାନ ପର୍ଶୁରାମଙ୍କ ପୂଜାର୍ଚ୍ଚନା କରାଯିବ ଏବଂ ସନ୍ଧ୍ୟା ୬ ଟାରେ ନଗର ପରିକ୍ରମା କରାଯିବ। ରାତ୍ରି ୮ଟା ସମୟରେ ସାର୍ବଜନୀନ ରୂପେ ପ୍ରସାଦ ବିତରଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକରେ ବିପ୍ର ଫାଉଣ୍ଡେସନ ସଭାପତି ସୁନୀଲ ଚୌବେ, ରବି ଯୋଷୀ, ବଦ୍ରୀ ଶର୍ମା, ବିଷ୍ଣୁ ଶର୍ମା, ରାକେଶ ସ୍ୱାମୀ, ଶ୍ୟାମ ସୁନ୍ଦର ଶର୍ମା ସହିତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# କରଞ୍ଜିଆରେ ବିଜେଡିର ଶକ୍ତି ପ୍ରଦର୍ଶନ






**କରଞ୍ଜିଆ,୨୫।୪(ସମିସ)**

ଗୁରୁବାର କରଞ୍ଜିଆ ନିର୍ବାଚନମଣ୍ଡଳୀରେ ବିଜେଡି ପକ୍ଷରୁ ନିର୍ବାଚନ ପ୍ରଚାର ଆରମ୍ଭ ହେବା ସହିତ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସଭାରେ ବିଧାୟିକା ପ୍ରାର୍ଥୀ ବାସନ୍ତୀ ହେମ୍ବ୍ରମ ଏବଂ କେନ୍ଦୁଝରର ଲୋକସଭା ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁ ଶକ୍ତି ପ୍ରଦର୍ଶନ କରିଛନ୍ତି। କର୍ମୀମାନେ ଏକ ବିଶାଳ ବାଇକ୍ ରାଲିରେ ବାହାରି କରଞ୍ଜିଆ ସହର ପରିକ୍ରମା କରିଥିଲେ। ଏହି ବାଇକ୍ ରାଲିକୁ ବିଜୁ ସେତୁ ଯୋଜନାର ଉପଦେଷ୍ଟା ଦିଲ୍ଲୀପକୁମାର ସାହୁ ନେତୃତ୍ୱ ନେଇଥିଲେ। ସଭାରେ ଶ୍ରୀମତୀ ହେମ୍ବ୍ରମଙ୍କ ସହିତ କେନ୍ଦୁଝର ଲୋକସଭା ବିଜେଡି ସାଂସଦ ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁ, ପଦ୍ମଚରଣ ହାଇବରୁ, କରଞ୍ଜିଆ ଏନ୍ଏସି ଅଧକ୍ଷା ପପି ପୃଷ୍ଟି, କରଞ୍ଜିଆ ବ୍ଲକ ଅଧକ୍ଷା ସୁଭଦ୍ରା ମାରାଣ୍ଡି, ୬ ନମ୍ବର ଜିଲ୍ଲା ପରିଷଦ ସଭ୍ୟା ଜ୍ୟୋସ୍ନାରାଣୀ ନାଏକ, ବରିଷ୍ଠ ନେତା ଗିରିଧାରୀ ପୃଷ୍ଟି, କରଞ୍ଜିଆ ନିର୍ବାଚନମଣ୍ଡଳୀର ଯୁବ ସଭାପତି ରୋହିତ ପୃଷ୍ଟି, ଛାତ୍ର ସଭାପତି ଅନିଶ୍ ମାନା, ଜିଲ୍ଲା ସଂପାଦକ ମହେଶ୍ୱର ନାୟକ, ସମାୟ ପୂର୍ତ୍ତିଙ୍କ ସମେତ ହଜାର ହଜାର କର୍ମୀ ଉପସ୍ଥିତ ଥିଲେ। ପରେ ସ୍ଥାନୀୟ ବାମନାଶାଳ ପଡିଆ ଠାରେ ଦିଲ୍ଲିପ କୁମାର ସାହୁଙ୍କ ଅଧକ୍ଷତାରେ ଏକ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଜେଡି ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଛି। କର୍ମୀ ସମ୍ମିଳନୀରେ ମଧ ଲୋକସଭା ଏବଂ କରଞ୍ଜିଆ ବିଧାନସଭା ପ୍ରାର୍ଥୀ ସମେତ ବରିଷ୍ଠ ବିଜେଡି ନେତା ଗିରିଧାରୀ ପୃଷ୍ଟି, ପପି ପୃଷ୍ଟି, ଜିଲ୍ଲାପରିଷଦ ସଭ୍ୟା, ବ୍ଲକ ଅଧକ୍ଷା ସୁଭଦ୍ରା ମାରାଣ୍ଡି, ଉପାଧକ୍ଷ ଛତିଶ ମହାନ୍ତ, ଜିଲ୍ଲା ସମ୍ପାଦକ ମହେଶ୍ୱର ନାୟକ୍, ରହିତ ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ନିର୍ବାଚନ ବୈତରଣୀ ପାର ହେବା ନିମନ୍ତେ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଛାତ୍ର ସଭାପତି ଆନିଶ ମାନା ସଭା ପରିଚାଳନା କରିଥିଲେ।

## ଅଭିନେତା ଓ ନିର୍ଦ୍ଦେଶକ ଧୀର ବଶା ସମ୍ମାନିତ

**ବାରିପଦା, ୨୫ ।୪(ସମିସ)**




ଓଡିଶା ନାଟ୍ୟ ଜଗତର ଅନ୍ୟତମ ଚର୍ଚ୍ଚିତ ଚେହେରା ଧୀର ବଶା ୧୯୭୦ ମସିହାରୁ ନାଟକ ସହିତ ଜଡିତ ହୋଇ ଆଉ ପଛକୁ ଫେରିନାହାନ୍ତି। ୧୯୭୨ ମସିହାରୁ ଗୁରୁ ସ୍ୱର୍ଗତ ବିଜୟ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଞ୍ଚ ଦଶନ୍ଧି ଧରି ନାଟକ ସହିତ ଜଡିତ ରହିଛନ୍ତି। ନିକଟରେ ନାଲକୋ ଦାମନଯୋଡି ପଞ୍ଚପଟ୍ଟାମାଳୀ ନାଟ୍ୟ ମହୋତ୍ସବରେ ବିଚାରକ ଭାବେ ଯୋଗଦେବା ଅବସରରେ ତାଙ୍କୁ ସମ୍ମାନିତ କରାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ମିଳିଛି। ପ୍ରକାଶ ଥାଉକି, ଶ୍ରୀ ବଶା ୧୦୦ରୁ ଅଧିକ ନାଟକରେ ଅଭିନୟ କରିବା ସହ ୧୫୦ରୁ ଉର୍ଦ୍ଧ୍ୱ ନିର୍ଦ୍ଦେଶନା ଦେଇଛନ୍ତି। ଭୁବନେଶ୍ୱର ଦୂରଦର୍ଶନ ଓ କଟକ ଆକାଶବାଣୀର ସେ ଜଣେ ସ୍ୱୀକୃତିପ୍ରାପ୍ତ କଳାକାର। ଶ୍ରେଷ୍ଠ ଅଭିନେତା ଓ ନିର୍ଦ୍ଦେଶକ ଭାବେ ସେ ବହୁବାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଛନ୍ତି। ଗତ ୨୦୦୦ ମସିହାରେ ଓମ ନାଟ୍ୟସଂସ୍ଥା ଗଠନ କରି ଏଯାବତ ବହୁ ଯୁବ କଳାକାରଙ୍କୁ ନେଇ ନାଟକ କରିଆସୁଛନ୍ତି। ସେହିପରି ଗତ ୨୦୧୫ ମସିହାରେ ଓଡିଶା ସରକାର ତାଙ୍କୁ ସଂଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କରିବା ସହିତ ୨୦୧୮ ମସିହାରେ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ପକ୍ଷରୁ ଭୂମିପୁତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା।

## କପ୍ତିପଦା କଲେଜରେ ଶିକ୍ଷା ବିଭାଗର ବିଦାୟୀ ସମ୍ବର୍ଦ୍ଧନା

**କପ୍ତିପଦା,୨୫।୪ (ସମିସ):** କପ୍ତିପଦା ମହାବିଦ୍ୟାଳୟରେ ଶିକ୍ଷା ବିଭାଗ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଦୁଷ୍ମନ୍ତ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦାୟୀ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ହାସଲ କରିବା, ଜୀବନଯୁଦ୍ଧରେ ବିଜୟୀ ହେବା, ସାମାଜିକ ଜୀବନ ଓ କର୍ମକ୍ଷେତ୍ରରେ ଯଶସ୍ୱୀ ହେବା, ପରିବାର, ସମାଜ ଓ ରାଷ୍ଟ୍ର ପ୍ରତି ଉଦାର ହେବା ନିମନ୍ତେ ନିଷ୍ଠା, ଦୃଢ ମନୋବୃତ୍ତି ଆଦି ପରାମର୍ଶ ଦେଇଥିଲେ। ବିଭାଗୀୟଅଧ୍ୟାପକ ଅଜିତ କୁମାର ସାହୁ ବିଦାୟୀ ଶିକ୍ଷାର୍ଥୀଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷ ନିରୋଜ କୁମାର ଖୁଣ୍ଟିଆ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା କବିତା ମହାନ୍ତି, ଅବନ୍ତୀ ଷଡ଼ଙ୍ଗୀ, ଅଧ୍ୟାପକ ଶୁଖରାମ ସିଂ, ବ୍ରଜେନ୍ଦ୍ର କୁମାର ଖଣ୍ଡା, ସନ୍ତୋଷ ମହାନ୍ତି, ସୁବ୍ରତ କୁମାର ମିଶ୍ର, ଶରତ କୁମାର ଦାସ, ସରୋଜ କୁମାର ଲେଙ୍କା, ଡ ଭାରତୀ ସାହୁ, ଡ ନନ୍ଦୀତା ରାୟ, ଦୀପ୍ତିକାନ୍ତ ଦାସ, ପ୍ରଦୀପ କୁମାର ବେହେରା, ପୁଷ୍ପଲତା ନାୟକ ପ୍ରମୁଖ ଉପସ୍ଥିତଥିଲେ। ଅଧ୍ୟାପିକା ଶ୍ରାବଣୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ସ୍କୁଲ କ୍ରୀଡ଼ାରେ ଭାଗନେବେ ଦୀପକ



**ମହୁଲଡିହା, ୨୫।୪(ସମିସ):** ଜାତୀୟ ସ୍କୁଲ କ୍ରୀଡ଼ାରେ ଭାଗ ନେବେ ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଚମ୍ପାଝର ଗ୍ରାମପଞ୍ଚାୟତ ଅଧୀନ ଡଙ୍ଗାଡିହା ଗ୍ରାମର ଦୀପକ ବେହେରା। ଆସନ୍ତା ୨୭ ଓ ୨୮ ତାରିଖ ମହାରାଷ୍ଟ୍ର ପୁନେର ବେଲୱାଡି ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଯାଉଥିବା ୧୭ ବର୍ଷରୁ କମ ୬୭ତମ ଜାତୀୟ ସ୍କୁଲ କ୍ରୀଡ଼ାରେ ଭାଗ ନେବାକୁ ଓଡ଼ିଶା ରଗବୀ ଦଳରେ ଦୀପକ ସ୍ଥାନ ପାଇବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ବାପା ଏକାଦଶୀ ବେହେରା ଓ ମାତା ଗୀତାଞ୍ଜଳି ବେହେରାଙ୍କ ସେ ଜ୍ୟେଷ୍ଠ ପୁତ୍ର। ଶିମିଳିପାଳ ପାଦଦେଶର ଏକ ଚାଷୀ ପରିବାରରେ ଜନ୍ମଗ୍ରହଣ କରିଥିବା ଦୀପକ "ଫିଉଚର ଷ୍ଟାର ସ୍ପୋର୍ଟସ ଏକାଡେମୀ" ବାରିପଦାରେ ରହି ରାଜକିଶୋର ପାତ୍ର ଓ ଚନ୍ଦନ ସିଂହଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି।

## ଆର୍‌ଡିଏସ୍ ଡିଗ୍ରୀ କଲେଜରେ ଆଲୋଚନାଚକ୍ର

**ଉଦଳା,୨୫।୪(ସମିସ):** କୁଣ୍ଡାବାଇ ସ୍ଥିତ ଆର୍.ଡି.ଏସ୍ ଡିଗ୍ରୀ ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ବିଭାଗର "ସିଆନୋ ବ୍ୟାକ୍ଟେରିଆଜ୍ ଏ ସୋର୍ସ ଅଫ୍ ବାୟୋଫର୍ଟିଲାଇଜର୍ସ ଫର୍ ସଷ୍ଟେନେବୁଲ ଏଗ୍ରିକଲଚର' ଶୀର୍ଷକ ଏକ ଆଲୋଚନାଚକ୍ର ଅଧକ୍ଷ ଡ. ପ୍ରଦୀପ କୁମାର ଗିରିଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପିକା ବାଣୀବ୍ରତା ପ୍ରଧାନ ଯୋଗଦେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଡ. ମମତା ପ୍ରଧାନ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଉଦାହରଣ ଏବଂ ତଥ୍ୟାତ୍ମକ ବିଷୟ ଉପରେ ମତ ଉପସ୍ଥାପନ କରିଥିଲେ। ଅଧ୍ୟାପିକା ମିନାକ୍ଷୀ ସାହୁ ବିଷୟ ବସ୍ତୁର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗର ଶେଷ ବର୍ଷର ଛାତ୍ର ମେଘାସନ ମହାନ୍ତ ଅତିଥି ପରିଚୟ ଓ ଛାତ୍ରୀ ଆର୍ମିଷ୍ଟା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ



**ଠାକୁରମୁଣ୍ଡା,୨୫।୪ (ସମିସ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଖଣ୍ଡବନ୍ଧ ଗ୍ରାମପଂଚାୟତର ଖଣ୍ଡବନ୍ଧ ହାଇସ୍କୁଲ ପରିସରରେ ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ମହାନ୍ତଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ ସିଆରସିସି ତୁଷାରକାନ୍ତ ମାହାନ୍ତ, ପ୍ରଧାନ ଶିକ୍ଷକ ନଟବର ମାହାନ୍ତ, ହୃଦାନନ୍ଦ ବେହେରା, ସତ୍ୟନାରାୟଣ ଭୋଳା,ରମେଶ ଚନ୍ଦ୍ର ମାହାନ୍ତ, ଜଗବନ୍ଧୁ ମାହାନ୍ତ, ରାଜେନ୍ଦ୍ର ପ୍ରସାଦ ବେହେରା ଓ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟସଭ୍ୟା ଯୋଗଦେଇ ଶ୍ରୀ ମହାନ୍ତଙ୍କୁ ଉତ୍ତରୀୟ ସହ ମାନପତ୍ର ପ୍ରଦାନ କରିଥିଲେ।

### ଆନ୍ତଃରାଜ୍ୟ ଚୋରଙ୍କ ଟାର୍ଗେଟରେ ଗ୍ୟାସ ସିଲିଣ୍ଡର ଗୋଦାମ

# ୬ ମାସରେ ୮ଟି ଗୋଦାମରୁ ୬୦୦ ସିଲିଣ୍ଡର ଚୋରି

**ବାରିପଦା, ୨୫ ।୪(ସମିସ)**

ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭିନ୍ନ କମ୍ପାନୀର ରନ୍ଧନ ଗ୍ୟାସ ଟାଙ୍କି ଗୋଦାମ ଏବେ ଆନ୍ତଃରାଜ୍ୟ ଚୋରଙ୍କ ଟାର୍ଗେଟରେ। ଫାଙ୍କା ସିଲିଣ୍ଡରର ଦରବୃଦ୍ଧି ପରେ ଚୋରଦଳ ଏବେ ସକ୍ରିୟ ହୋଇପଡିଛନ୍ତି। ଗତ ୬ମାସ ମଧ୍ୟରେ ଜିଲ୍ଲାର ୮ଟି ଗୋଦାମରୁ ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ଖାଲିଟାଙ୍କି ଚୋରି ହୋଇଛି; ଯାହାର ବଜାର ମୂଲ୍ୟ ୧୫ଲକ୍ଷ ଟଙ୍କା ହେବ। ଏ ନେଇ ସ୍ଥାନୀୟ ଥାନାରେ ପୃଥକ ମାମଲା ରୁଜୁ ହୋଇଥିଲେ ହେଁ ୮ଟି ଘଟଣା ମଧ୍ୟରୁ କୌଣସି ଗୋଟିଏ ଘଟଣାରେ ବି ପୁଲିସକୁ ସଫଳତା ମିଳିପାରିନି। ପୂର୍ବରୁ ଖାଲି ସିଲିଣ୍ଡର ଦର ୧୬୫୦ଟଙ୍କା ଥିବା ବେଳେ ବର୍ତ୍ତମାନ ୨୨୦୦ଟଙ୍କାକୁ ବୃଦ୍ଧି ପାଇଛି। ଦର ବୃଦ୍ଧି ପରେ ଚୋରଦଳର ନଜର ଗୋଦାମ ଉପରେ ପଡିଛି। ସମ୍ଭାବ୍ୟ ଦୁର୍ଘଟଣାକୁ ଏଡାଇବା ପାଇଁ ସରକାରଙ୍କ ଗାଇଡଲାଇନ ଅନୁସାରେ ଜନବସତିଠାରୁ ଦୂରରେ ଗୋଦାମ ନିର୍ମାଣ କରାଯାଇଛି। ଗ୍ୟାସ ବିସ୍ଫୋରକ ହୋଇଥିବାରୁ ଗୋଦାମଗୁଡିକୁ ବିଜୁଳି ସଂଯୋଗ ଦିଆଯାଇନାହିଁ। ଗୋଟିଏ ପଟେ ଜନଶୂନ୍ୟ ଅନ୍ଧାର ରାତି ସହିତ ସିସି କ୍ୟାମେରା ନ ଥିବାରୁ ଚୋରମାନେ ସହଜରେ ଲୁଟିନେଇ ପଳାଉଛନ୍ତି। ଚୋରମାନେ ୪/୬ ଚକିଆ ମାଲବାହୀ ଯାନରେ ଆସି ସେମାନେ ବାରିପଦାର ଅସନଯୋଡା ଓ ଅସ୍ତିଆ ଗୋଦାମରୁ ଚୋରି କରିଛନ୍ତି। ଅତ୍ୟାଧୁନିକ କଟର ଯନ୍ତ୍ର ସହାୟତାରେ ସେମାନେ ଫାଟକ ଓ ଗୋଦାମ ଲୁହା ସଟର କାଟି ଟାଙ୍କିଗୁଡିକ ବୋଝେଇ କରି ନେଇ ପଳାଉଛନ୍ତି। ତେବେ ଗ୍ୟାସ ଭର୍ତ୍ତି ସିଲିଣ୍ଡରକୁ ଚୋରମାନେ ନେଉନାହାନ୍ତି। ଖାଲି ସିଲିଣ୍ଡରଗୁଡିକ ନେଇ ସେମାନେ ଏଜେନ୍ସି ବା ବଡବଡ ହୋଟେଲକୁ ବିକ୍ରି କରୁଛନ୍ତି। ମୟୂରଭଞ୍ଜ

**ପୁଲିସ ହାତ ଖାଲି; ଚୋରଙ୍କୁ ସୁହାଉଛି ଜନବସତିଠାରୁ ଦୂରରେ ଥିବା ଗୋଦାମ**

ଜିଲ୍ଲାକୁ ଲାଗି ଝାଡ଼ଖଣ୍ଡ, ବିହାର ଓ ପଶ୍ଚିମବଙ୍ଗ ସୀମା ଥିବାରୁ ଚୋରମାନେ ମାତ୍ର ଏକ ଘଣ୍ଟା ମଧ୍ୟରେ ସୀମା ପାର ହୋଇଯାଉଛନ୍ତି। ତେବେ ଏହିସବୁ ଚୋରଦଳ ଝାଡଖଣ୍ଡର ବୋଲି ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। କାରଣ ଚୋରି ହେଉଥିବା ଗୋଦାମ ପାଖରେ ଝାଡଖଣ୍ଡ ରାଜ୍ୟର ପ୍ରସ୍ତୁତ ପାଣି, ମଦ ବୋତଲ ଏବଂ ଖଇନି ପକେଟ ମିଳିଛି। ବାରିପଦା ସମେତ ସଦର ଥାନା ଅଧୀନ ଶାମାଖୁଣ୍ଟା, ବଡସାହି ଥାନାର ବଡ଼ସାହି ଓ ଉଠାଣୀନୂଆଗାଁ ଏବଂ ବିଶୋଇ



ଓ ଝାରପୋଖରିଆ ଥାନାର ଗୋଟିଏ ଲେଖାଏଁକୁ ମିଶାଇ ୮ଟି ଗୋଦାମରୁ ୬୦୦ରୁ ଊର୍ଦ୍ଧ୍ୱ ଟାଙ୍କି ଚୋରି ହେଲାଣି। ବର୍ତ୍ତମାନ ନିର୍ବାଚନ ପାଇଁ ସୀମାନ୍ତରେ ୧୦ଟି ସ୍ଥାନରେ ଚେକପୋଷ୍ଟ କରାଯାଇଥିବାରୁ ଚୋରି ହୋଇପାରୁନାହିଁ। ତେବେ ଜିଲ୍ଲାର ବାକି ଗୋଦାମଗୁଡିକ ସେମାନଙ୍କ ଟାର୍ଗେଟରେ ରହିଛି। ଜିଲ୍ଲା ପୁଲିସ ଯୋଜନାବଦ୍ଧଭାବେ ଏକ ସ୍ୱତନ୍ତ୍ର ଟିମ ଗଠନ କରି ସମସ୍ତ ଚୋରିକୁ ତର୍ଜମା କରି ପଦକ୍ଷେପ ନେଲେ ଏହି ଆନ୍ତଃରାଜ୍ୟ ଚୋରଦଳ ଧରାପଡିଯିବେ ବୋଲି ଜଣେ ଅବସରପ୍ରାପ୍ତ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି।

## ସ୍ୱାମୀର ଚିକିତ୍ସା ପାଇଁ ଅର୍ଥ ବାଧକ; ୩ ଝିଅ ବେସାହାରା



**ମୋରଡ଼ା,୨୫।୪(ସମିସ):** କର୍କଟ ଆକ୍ରାନ୍ତ ସ୍ୱାମୀଙ୍କ ଚିକିତ୍ସା ପାଇଁ ଅର୍ଥ ପ୍ରତିବନ୍ଧକ ସାଜିଛି। ସ୍ୱାମୀର ଚିକିତ୍ସା ପାଇଁ ଘରେ ଯାହା ଥିବା ସବୁକିଛି ବିକିଭାଙ୍ଗି ଦେଇଥିବା ବେଳେ ବନ୍ଧୁବର୍ଗ, ସାହିପଡୋଶୀ, ସାଙ୍ଗସାଥୀ ସମସ୍ତଙ୍କର ସହଯୋଗରେ ଚିକିତ୍ସା କରାଇ ଏବେ ସର୍ବସାନ୍ତ ବିଚାରୀ ସ୍ତ୍ରୀ। ବର୍ତ୍ତମାନ ଅଧିକ ଚିକିତ୍ସା ଆବଶ୍ୟକ ହେଉଥିବା ବେଳେ ଅର୍ଥ ସାଜିଛି ବାଧକ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ଖଡିଆଶୋଳ ଗ୍ରାମରେ। ସ୍ୱାମୀର ଚିକିତ୍ସା କରାଇ ଜୀବନ ବଞ୍ଚାଇ ରଖିବାକୁ ଅସହାୟ ସ୍ତ୍ରୀ ସରିତା ଧଳ ଓ ତିନି ଝିଅ ସଂଘର୍ଷ ଚଳାଇଥିବାବେଳେ ସହାୟତା ପାଇଁ ଆକୁଳ ନିବେଦନ କରିଛନ୍ତି ସ୍ତ୍ରୀ। ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ଖଡ଼ିଆଷୋଳ ଗ୍ରାମର ବିଜୟ କୁମାର ଧଳ ପୂର୍ବରୁ ଦିନମଜୁରି କରି ପରିବାର ଚଳାଉଥିଲେ। ହେଲେ ଗତ ୩ ବର୍ଷରୁ ଅଧିକ ହେଲା ସେ କର୍କଟରୋଗରେ ପୀଡ଼ିତ ହେବାରୁ ଏବେ ପରିବାର ଚଳାଇବା କଷ୍ଟକର ହୋଇଛି। ଆର୍ଥିକ ଅନଟନରେ ଦିନ କାଟିବା ସହ ସ୍ତ୍ରୀ ବନ୍ଧୁବର୍ଗଙ୍କ ଠାରୁ ଧାରକରଜ କରି ଅନେକ ଟଙ୍କା ଖର୍ଚ୍ଚ କରିସାରିଲେଣି। ସ୍ତ୍ରୀ ଦିନ ମଜୁରିଆ ଭାବେ କାମ କରିବା ସହିତ ସବାଇ ଦଉଡି କରି ପିଲାଙ୍କୁ ପଢାଉଥିଲେ; ହେଲେ ଏବେ ତାଙ୍କ ପକ୍ଷେ କଷ୍ଟକର ହୋଇଛି। ସରିତା ଧଳ ଯୁବ ସମାଜସେବୀ ଦିଲ୍ଲୀପ କୁମାର ତୁଙ୍ଗଙ୍କ ସହ ଯୋଗାଯୋଗ କରି ହାଇଟେକ ମେଡ଼ିକାଲରେ ଚିକିତ୍ସା କରାଇଆଣିଥିଲେ। ଏବେ ବିଜୟ କାମ କରିପାରୁ ନ ଥିବାରୁ ପରିବାର ଚଳାଇବା ଅସମ୍ଭବ ହୋଇଛି। ଏଭଳି ପରିସ୍ଥିତିରେ ସ୍ୱାମୀଙ୍କ ଚିକିତ୍ସା ପାଇଁ ସହାୟତା ଯୋଗାଇ ଦେବାକୁ ସରିତା ସରକାରଙ୍କ ନିକଟରେ ଆକୁଳ ନିବେଦନ କରିଛନ୍ତି। ଯଦି କେହି ସହୃଦୟ ବ୍ୟକ୍ତି କିମ୍ବା ସାମାଜିକ ଅନୁଷ୍ଠାନ ବିଜୟ କୁମାର ଧଳଙ୍କୁ ସାହାଯ୍ୟ କରିବା ପାଇଁ ଆଗ୍ରହ ପ୍ରକାଶ କରନ୍ତି ତେବେ ଫୋନ ପେ ନମ୍ବର ୮୧୪୩୫୪୦୫୧୪ରେ କିମ୍ବା ପଞ୍ଜାବ ନାସନାଲ ବ୍ୟାଙ୍କ ଆକାଉଣ୍ଟ ନମ୍ବର -୦୯୦୨୦୧୦୧୬୩୪୭୭ରେ କରିପାରିବେ।

# ପାଗ ହେଲାନି ଅନୁକୂଳ; ଫଳିଲାନି ଆମ୍ବ

**ତେଲକୋଇ,୨୫।୪(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ଆମ୍ବ କହିଲେ କିଏ ବା ନ ଜାଣେ। ସାରା ରାଜ୍ୟରେ ତଥା ବାହାର ରାଜ୍ୟରେ ତେଲକୋଇ ଆମ୍ବର ଚାହିଦା ବେଶ ଗୁରୁତ୍ୱପୂର୍ଣ୍ଣ। ହେଲେ ଭାଗ୍ୟର ବିଡମ୍ବନା ଚଳିତ ବର୍ଷ ପ୍ରତିକୂଳ ପାଗ ଯୋଗୁଁ ଗଛରେ ଫଳ ନ ଥିବାରୁ ଆମ୍ବ ଚାଷୀମାନେ ନିରାଶ ହୋଇ ପଡ଼ିଛନ୍ତି। ଆମ୍ବ ଚାଷୀମାନେ ପ୍ରତି ବର୍ଷ ୧ଲକ୍ଷ ଟଙ୍କା ଠାରୁ ଆରମ୍ଭ କରି ଜଣ ପ୍ରତି ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରିଥାନ୍ତି। ଆମ୍ବ ଚାଷରୁ ଚାଷୀ ବିଭାଘର, ଘର ନିର୍ମାଣ ଠାରୁ ଆରମ୍ଭ କରି ଧାନ ଚାଷ କାର୍ଯ୍ୟରେ ବିନିଯୋଗ କରିଥାନ୍ତି। ହେଲେ ତେଲକୋଇ ଆମ୍ବ ଚାଷୀମାନେ ସଂପୂର୍ଣ୍ଣ ନିରାଶ ହୋଇ ପଡ଼ିଛନ୍ତି। ଅନ୍ୟ ପକ୍ଷରେ ଆମ୍ବ ଚାଷୀ ମାନେ ଗଛର ଯତ୍ନ ନେବା ସହିତ ହାତୀ ଦାଉରୁ ରକ୍ଷା ପାଇଁ ଦିନରାତି



ଏକ କରି ନିରୀକ୍ଷଣ କରି ରହିଥାନ୍ତି। ତେବେ ଚଳିତ ବର୍ଷ ଭାଗ୍ୟ ଓ ପାଗ ସେମାନଙ୍କୁ ସହାୟତା କରି ନଥିବା ଆଲୋଚନା ହୁଏ। କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକରେ ସର୍ବାଧିକ ଆମ୍ବ ଉତ୍ପାଦନ ହୋଇଥାଏ। ତେଲକୋଇ, ଦେଉଳଡିହା, ସନ୍ତେଇଭଞ୍ଜ, ଖୁଣ୍ଟାପଡ଼ା, ଦନ୍ଦୁଆମୁଣ୍ଡା, ଚନ୍ଦ୍ରଶେଖରପୁର, ଉଦୟଗିରି, ଗୋଲାଗାଡ଼ିଆ, ବାଲେଶ୍ୱର, ଡିମକାଣ୍ଡ, ଆକୁଳ, ମଲଣ୍ଡା, ଗୋଲାବନ୍ଧ, ସିରିଆବାହାଳ, ସିଙ୍କୁଲାବାହାଳ, ଜଗମୋହନପୁର, ସିରିଗିଡା, ଶିବନାରାୟଣପୁର ଗୋଡା, କାଳିଆହତା, ବିମଳା ଆଦି ଅଞ୍ଚଳରେ ରହିଥିବା ଆମ୍ବତୋଟାମାନଙ୍କରେ ପ୍ରଚୁର ଆମ୍ବ ଫଳିଥାଏ। ତେବେ ଉକ୍ତ ଅଞ୍ଚଳରେ କ୍ଷୀର ସାଗର, ହେମ ସାଗର, ଦଶେରୀ, ଆଲ ଫାନନସା, ବଳଦେବ, ହାତୀ ମୁଣ୍ଡି ଭଳି ଆମ୍ବର ଗୁରୁତ୍ୱ ରହିଥିବା ନରୀ ଉତ୍ପାଦନ ମଧ୍ୟ ହୋଇଥାଏ। ଚଳିତ ବର୍ଷ ପ୍ରତିକୂଳ ପାଗ ଯୋଗୁଁ ଆମ ଚାଷୀମାନଙ୍କ ମେରୁଦଣ୍ଡ ଭାଙ୍ଗି ପଡିଛି। ବଉଳ ଧରିବା ପରେ କୁହୁଡ଼ିଆ ଓ କୋହଲା ପାଗ ଯୋଗୁଁ ଫଳ ଧରି ନଥିବା ଚାଷୀ ରାଜ କିଶୋର ସାହୁ ପ୍ରକାଶ କରିଛନ୍ତି। ରାଜ କିଶୋରଙ୍କ କହିବାକୁ ଅନୁଯାୟୀ ଯେଉଁ ଗଛରୁ ୨ କ୍ୱିଣ୍ଟାଲ ଆମ୍ବ ବାହାରିବା କଥା ୨୦ କେଜି ଆମଦାନୀ ହେବା କଷ୍ଟକର ହୋଇପଡିଛି। ୭୦ଭାଗ ଗଛରେ ଆମ୍ବର ନାଁ ନାହିଁ। ଚଳିତ ବର୍ଷ ଆମ୍ବର ସ୍ୱାଦ ମିଳିବ ନାହିଁ ବୋଲି କହିଥିଲେ।

# ବିଜେଡିର ମିଶ୍ରଣ ପର୍ବ, କର୍ମୀ ସମାବେଶ

**ବେଲବାହାଳ,୨୫।୪(ସମିସ):** ଆନନ୍ଦପୁର ନିର୍ବାଚନମଣ୍ଡଳୀର ୩ନଂ. ଜୋନର ୫ଟି ପଞ୍ଚାୟତର ବିଜୁ ଜନତା ଦଳର କର୍ମୀମାନଙ୍କୁ ନେଇ ଏକ ବିଶାଳ ସମାବେଶ ଏବଂ ବିଭିନ୍ନ ଦଳରୁ ଆସିଥିବା କର୍ମୀମାନଙ୍କୁ ନେଇ ମିଶ୍ରଣ ପର୍ବ ବେଲବାହାଳୀ ପଞ୍ଚାୟତର ପୁରୁଣିଆ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କିଶୋର କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ବିଧାୟକ ବଦ୍ରିନାରାୟଣ ପାତ୍ର, ବର୍ତ୍ତମାନର ଆନନ୍ଦପୁର ବିଧାୟକ ପାର୍ଥୀ ଅଭିମନ୍ୟୁ ସେଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ମୂଳକ କାର୍ଯ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା, ଗମନାଗମନ, ସାଂସ୍କୃତିକ, ଅର୍ଥନୈତିକ ପ୍ରଗତି ତଥା ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ଉପସ୍ଥିତିରେ ଶତାଧିକ ଯୁବକ ଓ ମହିଳା ବିଜେଡିରେ ସାମିଲ୍ ହେଇଥିଲେ।



ଏହି ଦଳରେ ଯୋଗଦାନ କରିଥିବା ସମସ୍ତ କର୍ମୀମାନଙ୍କୁ ବିଜେଡି ଦଳର ଉତ୍ତରୀୟ ପ୍ରଦାନ କରାଯାଇ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର ବ୍ଲକ ଅଧକ୍ଷା ଅଞ୍ଜନା ବାରିକ୍, ସମବାୟ ନିର୍ଦ୍ଦେଶକ ଦେବପ୍ରିୟ ପାତ୍ର, ପୂର୍ବତନ ବ୍ଲକ୍ ଅଧକ୍ଷା ଗୀତାଞ୍ଜଳି ସାହୁ, ହରିଡାପାଳ ସରପଞ୍ଚ ମିନତୀ ମହାରଣା, ଜଳସୁଁଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିନୋଦ ବିହାରୀ ମହାପାତ୍ର, ମାନସ ବାରିକ୍, ପଦ୍ମଲୋଚନ ସାହୁ, ଅରୁଣ ସାହୁ, ଶରତ ଚନ୍ଦ୍ର ସାହୁ, ସୁମନ୍ତ ମହାରଣା, ହିମାଂଶୁ ସାହୁ, ଗୋବର୍ଦ୍ଧନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଜଙ୍ଗଲରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

**ଯୋଡା,୨୫।୪(ସମିସ):** ଚମ୍ପୁଆ ରେଞ୍ଜ ବାଲିବନ୍ଧ ସେକ୍ସନ ଗୁରୁତୁଆଁ ସାରକୁଦର ନିକଟ ଜଙ୍ଗଲରୁ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବତୀ ଜଜାଙ୍ଗ ପଞ୍ଚାୟତ ଗୁରୁତୁଆଁ ଅଞ୍ଚଳର ସୋମବାରୀ ମୁଣ୍ଡା ବୋଲି ଜଣାପଡିଛି। ଘଟଣାସ୍ଥଳରେ ବାମେବାରୀ ପୁଲିସ ଓ ବନବିଭାଗର ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଗୁରୁତୁଆଁ ଜଙ୍ଗଲରେ ଏବେ ଏକ ୨୨ ଟିକିଆ ହାତୀ ପଲ ବିଚରଣ କରୁଥିବା ବେଳେ ମୃତଦେହର ଆଖ ପାଖରେ ହାତୀଙ୍କ ମଳ ପଡ଼ିଥିବା ଦେଖିବାକୁ ମିଳିଛି। ତେଣୁ ହାତୀ ଆକ୍ରମଣରେ ଯୁବତୀଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ପୁଲିସ୍ ମୃତଦେହକୁ ଜବତ୍ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ପଛର କାରଣ ସ୍ପଷ୍ଟ ହୋଇପାରିବ ବୋଲି ପୁଲିସ କହିଛି।

## ମୁରୁସୁଆଁ ବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ




**ପାଟଣା,୨୫।୪(ସମିସ):** ପାଟଣା ବ୍ଲକ ଅନ୍ତର୍ଗତ ମୁରୁସୁଆଁ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପର୍ଶୁରାମ ମହାନ୍ତଙ୍କ ସଭାପତିତ୍ୱରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା, ଗଣିତ ଓ ବିଜ୍ଞାନ କ୍ଲବ ଏବଂ ଶକ୍ତି କ୍ଲବରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଏକକାଳୀନ ଭାବରେ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। ଚାମ୍ପିଅନ ଛାତ୍ରଙ୍କୁ ମଧ୍ୟ ସିଲ୍ କପ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ଶିକ୍ଷକ ଅନିରୁଦ୍ଧ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ମାନସିକ ରୋଗୀମାନଙ୍କ ପାଇଁ ଆଇନ ସଚେତନତା କାର୍ଯ୍ୟକ୍ରମ



**କେନ୍ଦୁଝର,୨୫।୪(ସମିସ):** ଜିଲ୍ଲା ଆଇନସେବା ପ୍ରାଧିକରଣ କେନ୍ଦୁଝର ସୌଜନ୍ୟରୁ ଜିଲ୍ଲା କାରାଗାର କେନ୍ଦୁଝର ପରିସରରେ କାରାଗାର ମାନସିକ ରୋଗୀ ଅନ୍ତେବାସୀମାନଙ୍କ ପାଇଁ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ସକାଳ ୯ ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଅଶୋକ କୁମାର ପଣ୍ଡାଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କାରାଗାର ପରିସରରେ ଥିବା ମାନସିକ ରୋଗୀ ମହିଳା ଓ ପୁରୁଷମାନଙ୍କୁ ସଚେତନତା, ଚିକିସା ଓ ପରାମର୍ଶ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାଧିକରଣ ସଚିବ ମାମୀ ବେହେରା ଯୋଗଦେଇ ମାନସିକ ରୋଗୀମାନଙ୍କୁ ଉନ୍ନତ ଚିକିତ୍ସା ସମ୍ବନ୍ଧରେ ପରାମର୍ଶ ଦେଇ ଆବଶ୍ୟକ ହେଲେ ଉପରିସ୍ଥ ଉପଯୁକ୍ତ ଚିକିସାଳୟ ପର୍ଯ୍ୟନ୍ତ ପଠା ହୋଇପାରିବ ବୋଲି ମତ ଦେଇ ଆଇନଗତ ଦିଗ ଉପରେ ବ୍ୟାଖ୍ୟା କରିଥିଲେ। ପ୍ରାଧିକରଣ ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଉପଆରକ୍ଷୀ ଅଧିକ୍ଷକ ଗୁରୁବାରୀ ହେମ୍ବ୍ରମ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମାନସିକ ବିଭାଗ ଅଧିକ୍ଷକ ଡାକ୍ତର ଏକେ ଦେ, ମାନସିକ ରୋଗୀ ଚିକିସକ ଡାକ୍ତର ଏନ୍ଆର୍ ରଥ, କାରାଗାର ଅଧିକ୍ଷକ କୁଅଁର ମାରାଣ୍ଡି, କାରାଗାର ମାନସିକ ରୋଗୀ ବିଶେଷଜ୍ଞ ପୁଷ୍ପା ହେମ୍ବ୍ରମ, ସହଯୋଗୀ ଜେଲର ଏମ୍. କୁଜୁର, କାରା ମଙ୍ଗଳ ଅଧିକାରୀ ପୂଜା ନାୟକ ଯୋଗଦେଇ ଅନ୍ତେବାସୀଙ୍କ ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ। ପ୍ରାଧିକରଣ କର୍ମୀ ଦେବବ୍ରତ କୁମାର ଦାସ, ଶିଶିର ସାହୁ ଓ କାରାଗାରର କର୍ମଚାରୀମାନେ ଶିବିର ପରିଚାଳନା କରିଥିଲେ। ପରେ ପରେ କାରାଗାର ଅନ୍ତେବାସୀମାନେ ବିଭିନ୍ନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

# ବିଜେଡି ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର ଜୋରଦାର

**ସୋସୋ,୨୫।୪(ସମିସ):** ଆନନ୍ଦପୁର ନିର୍ବାଚନ ମଣ୍ଡଳିର ବିଜେଡି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଦଳର ଛାମୁଆ ଓ ସକ୍ରିୟ କର୍ମୀଙ୍କୁ ନେଇପ୍ରଚାରକୁ ଜୋରଦାର କରିଛନ୍ତି। ଅଭିମନ୍ୟୁ ହସନପୁର ଗେଟ୍ଛକରୁ ହଜାର ହଜାର କର୍ମୀଙ୍କ ଗହଣରେ ଏକ ମଟର ସାଇକଲ ରାଲି ବାହାର କରି ବେଲବାହାଳି ଓ ଆନନ୍ଦପୁର ଆଦି ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲେ। ସେହିପରି ଗତକାଲି ହାଟଡିହି ବ୍ଲକର ୩୭ନଂ ଜୋନ ଆଇଡିପୁର ପଞ୍ଚାୟତର ଘରକୁ ଘର ବୁଲି ଭୋଟ ଭିକ୍ଷା କରିଛନ୍ତି। ଆଜି ବେଲବାହାଳି ଠାରେ ଏକ ମିଶ୍ରଣ ପର୍ବ କରିଥିଲେ। ଏଥିରେ ବହୁ କର୍ମୀ ଅନ୍ୟ ଦଳ ଛାଡି ବିଜେଡିରେ ସାମିଲ ହୋଇଥିବା ବେଳେ କଣ୍ଟିପାଳ ଜୋନର ଶାଳବଣି ଠାରେ ଏକ କର୍ମୀ ସମ୍ମିଳନୀ



କରିଛନ୍ତି। ଏଥିରେ ଘସିପୁରା ବିଧାୟକ ପ୍ରାର୍ଥୀ ବଦ୍ରୀ ନାରାୟଣ ପାତ୍ର, ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ ରାମ, ଦେବ ପ୍ରିୟପାତ୍ର, ମୁନା ସାମଲ, ଅମରେନ୍ଦ୍ର ଧଳ, ରାମ ପଲେଇ, ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା ପ୍ରମୁଖ ବହୁ ବରିଷ୍ଠ କର୍ମୀ ଉପସ୍ଥିତ ରହିଥିଲେ। ଅଭିମନ୍ୟୁ ଜୋରଦାର ପ୍ରଚାର ଆରମ୍ଭ କରି ଦେଇଥିବାରୁ ବିଜେଡି କର୍ମୀଙ୍କ ମଧ୍ୟରେ ଉତ୍ସାହ ଓ ସକ୍ରିୟ ହୋଇ ପଡିଥିବା ଦେଖିବାକୁ ମିଳିଛି।

# ଟୁକୁଣା ମହାବିଦ୍ୟାଳୟ ମୁଖପତ୍ର 'ସାବର୍ଣ୍ଣି' ଉନ୍ମୋଚିତ



**ଆନନ୍ଦପୁର,୨୫।୪(ସମିସ):** ଟୁକୁଣା ବଳଭଦ୍ର ନାରାୟଣ ସରକାରୀ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ସାବର୍ଣ୍ଣି'ର ଦ୍ୱାଦଶ ସଂସ୍କରଣ ଉନ୍ମୋଚିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଇନ୍ଦିରା ଶୁଭଦର୍ଶିନୀ ଚକ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ବିଶିଷ୍ଟ ସାହିତ୍ୟିକ ଯଦୁନାଥ ଜେନା ଓ ମୁଖ୍ୟବକ୍ତା ରୂପେ ଅବସରପ୍ରାପ୍ତ ପ୍ରଶାସକ କୃଷ୍ଣଚନ୍ଦ୍ର ମିଶ୍ର ଯୋଗ ଦେଇ ସାହିତ୍ୟ ଓ ସଂସ୍କୃତି ସମ୍ବନ୍ଧରେ ବିଶଦ ଭାବରେ ଆଲୋଚନା କରିଥିଲେ। ପତ୍ରିକା ମାଧ୍ୟମରେ ଛାତ୍ରଛାତ୍ରୀଙ୍କର ଅନ୍ତର୍ନିହିତ ଗୁଣାବଳୀର ବିକାଶ ସାଧନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ତରଫରୁ ମୁଖ୍ୟ ଅତିଥି ଶ୍ରୀ ଜେନାଙ୍କୁ ସାହିତ୍ୟ ସାରଥି ଉପାଧୀରେ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ଡ. ଗୋପୀନାଥ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ସୁଦର୍ଶନ ସାହୁ ସଭାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଗତ ବର୍ଷର ଶ୍ରେଷ୍ଠ ଛାତ୍ରଛାତ୍ରୀ ଭାବେ ଆଶୁତୋଷ ମିଶ୍ରଙ୍କୁ କୃପାସିନ୍ଧୁ ମିଶ୍ର ଓ ରୋଜାଲିନ ଦାସଙ୍କୁ ରତ୍ନାକର ଛାତ୍ରବୃତ୍ତି ତଥା ଶଙ୍କରୀ ପଣ୍ଡା ଛାତ୍ରବୃତ୍ତିରେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଅବସରରେ ଅତିଥିମାନେ ସାବର୍ଣ୍ଣି ପତ୍ରିକା ଓ ନବ କୁମାର ପଣ୍ଡାଙ୍କ ରଚିତ ସ୍ୱୟଂଜ୍ୟୋତି ପୁସ୍ତକର ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ମନୋରଞ୍ଜନ ପାଢୀ, ଯଦୁମଣୀ ମିଶ୍ର, ବିଜୟ କୁମାର ମିଶ୍ର ପ୍ରମୁଖ ପରିଚାଳନା କରିଥିବା ବେଳେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜିତେନ୍ଦ୍ର କୁମାର ମିଶ୍ର, ସୌମ୍ୟରଞ୍ଜନ ମିଶ୍ର, ପ୍ରତୀକ୍ଷା ମିଶ୍ର, ସୀମାରାଣୀ ମିଶ୍ର, ଶୁଭାଶିଷ ଖଟୁଆ, ବର୍ଷା ଦେହୁରୀ, ଲକ୍ଷ୍ମୀପ୍ରିୟା ମିଶ୍ର, ସୁଭଦ୍ରା ପେରେଇ, ରୋଜାଲିନ ଦାସ ପ୍ରମୁଖ ସହ ଯୋଗ କରିଥିଲେ। ଶେଷରେ ଅଧ୍ୟାପକ ଭୋଳେଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଧକୋଠାରେ ଶ୍ରୀଶ୍ରୀ ରାମାଭିଷେକ ପୂଜା ଉତ୍ସବ

**ଆନନ୍ଦପୁର,୨୫।୪(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଧକୋଠା ବଜାରସ୍ଥିତ ପୂଜାମଣ୍ଡପରେ ସାର୍ବଜନୀନ ଶ୍ରୀଶ୍ରୀ ରାମାଭିଷେକ ପୂଜା ପାଳିତ ହୋଇଯାଇଛି। ପୂଜକ ନାରାୟଣ ପାଢୀ, ପ୍ରଦୀପ ମିଶ୍ର ଓ ନିତ୍ୟାନନ୍ଦ କରଙ୍କ ପୌରୋହିତ୍ୟରେ ଶ୍ରୀରାମଚନ୍ଦ୍ରଙ୍କ ବୈଦିକ ରୀତି ଅନୁଯାୟୀ ଘଟସ୍ଥାପନ, ପ୍ରାଣ



ପ୍ରତିଷ୍ଠା, ସୂର୍ଯ୍ୟପୂଜା, ଅବକାଶ ନୀତି, ବିଶ୍ୱଶାନ୍ତି ଯଜ୍ଞ, ସୁନ୍ଦରାକାଣ୍ଡ, ହବନ, ରାମ ସହସ୍ରମନ୍ତ୍ର ନାମ ପାଠ କରାଯାଇଥିଲା। ରାମାଭିଷେକ ପୂଜା କମିଟିର ସମ୍ପାଦକ ଅରୁଣ ଖିଲାରଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଂକର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଖପାଖ ଶହ ଶହ ଶ୍ରଦ୍ଧାଳୁ ସାମିଲ ହୋଇ ରାମନାମ ରସ ପାନ କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ସଦସ୍ୟ ଧିରେନ୍ଦ୍ର କୁମାର ସାହୁ, ପଦ୍ମନାଭ ମହାନ୍ତ, ଜୀତେଶ କୁମାର ସାହୁ, ନିଶିକାନ୍ତ ପାତ୍ର, ଶତ୍ରୁଘ୍ନ ଖିଲାର, ଅଲେଖ ବେହେରା, ନାଣ୍ଟୁ ବେହେରା, ବନମାଳୀ ଖିଲାର, ନିରଞ୍ଜନ ମିଶ୍ର, ଅନୁରୋଧ ଖିଲାର, ବିଜୟ ବେହେରା, ପ୍ରଫୁଲ କୁମାର ସାହୁ, ସନ୍ତୋଷ କୁମାର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ।

**ବନ୍ୟଜନ୍ତୁ ଶିକାର ଅଭିଯୋଗ**

# ଧନୁ ଓ ତୀର ଜବତ; ତିନି ଗିରଫ

**ତେଲକୋଇ,୨୫।୪(ସମିସ):** ବନ୍ୟଜନ୍ତୁ ଶିକାର ଅଭିଯୋଗରେ ତେଲକୋଇ ବନବିଭାଗ ଆଜି ତିନି ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ମୌଲା ସିର୍କା (୩୧), ଲବ କଳା(୪୧) ଓ ବଟକୃଷ୍ଣ ଜଙ୍ଗଲରେ ବନବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ବେଳେ ସନ୍ଦିଗ୍ଧ ତିନି ଜଣଙ୍କୁ ବନ ବିଭାଗ କାବୁ କରିଥିଲା। ସେମାନଙ୍କୁ ଠାରୁ ଧନୁ ଓ ତୀର ଜବତ କରିଥିଲା। ପଚରା ଉତୁରା ପରେ ଜଙ୍ଗଲରେ ଶିକାର ଉଦ୍ଦେଶ୍ୟରେ ବୁଲୁଥିବା ବନବିଭାଗ



ପିଙ୍ଗୁଆ(୩୧)। ସମସ୍ତ ଅଭିଯୁକ୍ତଙ୍କ ଘର ନୂଆଗାଁ ବଲାଙ୍ଗି ସାହିରେ ହୋଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ଅଭିଯୁକ୍ତଙ୍କ ଠାରୁ ଧନୁ ଓ ତୀର ଜବତ ହୋଇଛି। ତେବେ ସୂଚନା ମୁତାବକ ବୁଧବାର ବିଳମ୍ବିତ ରାତିରେ ତେଲକୋଇ ବନାଞ୍ଚଳ କାଳିଆହତା ସେକ୍ସନ ରେକୁଟି ବିଟ୍ କଳାପାର୍ଟ ସଂରକ୍ଷିତ ଜାଣିବାକୁ ପାଇଥିଲା। ଏହାପରେ ତିନି ଅଭିଯୁକ୍ତକୁ ଗିରଫ କରି ବନବିଭାଗ କୋର୍ଟଚାଲାଣ କରିଛି। ଏହି ଚଢ଼ଉରେ ବନାଞ୍ଚଳ ଅଧିକାରୀ ଶିବାଜୀ ମୋହନ ରାଓ, କାଳିଆହତା ସେକ୍ସନ ବନ ପାଳ ପୁଷ୍ପଲତା ମହାନ୍ତ, ବନରକ୍ଷୀ ଦେବାଶିଷ ମହାପାତ୍ରଙ୍କ ସମେତ ବନ୍ୟପ୍ରାଣୀ ସୁରକ୍ଷା କର୍ମୀ ସାମିଲ ହୋଇଥିଲେ।

## ଚମ୍ପୁଆ ସେକ୍ସନକୁ ଫେରିଲେ ଗଜରାଜ

**ଚମ୍ପୁଆ,୨୫।୪(ସମିସ):** ଦୀର୍ଘ ଦିବର ବ୍ୟବଧାନ ପରେ ପୁଣି ଫେରିଲେ ଗଜରାଜ। ଫଳରେ ଜଙ୍ଗଲ ନିକଟର୍ତ୍ତି ଗ୍ରାମବାସୀଙ୍କ ମନରେ ବଢିଲାଣି ଆତଙ୍କ। ସୂଚନା ଅନୁସାରେ ଗତ ୩ ଦିନ ତଳେ ୩ ଗୋଟି ହାତୀ ଚମ୍ପୁଆ ସେକ୍ସନକୁ ପ୍ରବେଶ କରିଛନ୍ତି। ବନ ବିଭାଗ ଏହି ହାତୀଗୁଡିକୁ ଘୋଉଡାଇବାକୁ ଚେଷ୍ଟା କରି ଗତ ବୁଧବାର ବୈତରଣୀ ପାର କରାଇଥିଲେ। ହାତୀ ଗୁଡିକ ମୟୂରଭଞ୍ଜ ଅଞ୍ଚଳକୁ



ପଳାଇଥିଲେ ମଧ୍ୟ ରାତିପାହୁଣ୍ଣୁ ପୁଣି ଚମ୍ପୁଆ ସେକ୍ସନକୁ ଫେରି ଆସିଥିଲେ। ବର୍ତ୍ତମାନ ଏହି ହାତୀ ପଲ ଚମ୍ପୁଆ ରଜିଆ ଅଞ୍ଚଳରେ ରହିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ମାତ୍ର ବନବିଭାଗ ପକ୍ଷରୁ ହାତୀ ସ୍କ୍ୱାଡ ଓ କର୍ମଚାରୀଙ୍କ ଦ୍ୱାରା ହାତୀମାନଙ୍କ ଉପରେ ନଜର ରଖାଯିବା ସହିତ ଧନଜୀବନ ଯେପରି କ୍ଷୟକ୍ଷତି ନ ଘଟେ ସେଥିପ୍ରତି ଧ୍ୟାନ ଦିଆଯାଉଛି ବୋଲି ବନପାଳ ନଗେନ୍ଦ୍ର ଜେନା ସୂଚନ ଦେଇଛନ୍ତି।

## ବିଜେପି ପ୍ରାର୍ଥୀଙ୍କ ବାଇକ୍ ଶୋଭାଯାତ୍ରା

**ସୋସୋ,୨୫।୪(ସମିସ):** ନିର୍ବାଚନ ଦିନକୁ ଦିନ ସରଗରମ ହେଉଥିବା ବେଳେ ବିଜେପିର କେନ୍ଦୁଝର ସାଂସଦ ପ୍ରାର୍ଥୀ ଅନନ୍ତ ନାୟକ ଓ ଆନନ୍ଦପୁର ନିର୍ବାଚନ ମଣ୍ଡଳିର ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ ଏକ ବାଇକ୍ ଶୋଭାଯାତ୍ରାରେ ପ୍ରଚାର କରିଛନ୍ତି। ଶୋଭାଯାତ୍ରା ତରତରା ଛକରୁ ବାହାରି ହାଟଡିହି ବ୍ଲକର ଦଧିବାବନପୁର, ଆକାରୁଆ, ଚୋରଗଡ଼ିଆ, ବଞ୍ଝୋ, ଶିବନାରାୟଣପୁର, ପଞ୍ଚୁଗୋଛିଆ,



ମୁଗୁପୁର, ତରଭା, ଆମ୍ବୋ, କରଗୋଳା, ଗିରିଗାଁ, ସୁଲଣ ରମ୍ପାସ, ଇଞ୍ଝୋଳ, ଖେତୁଆଳି, ଓରାଳି, ଅଁରା ଆଦି ଗ୍ରାମ ପରିକ୍ରମା କରିଥିଲା। ଏହି ସମୟରେ ଜ୍ଞାନରଞ୍ଜନ ସାମନ୍ତ ସିଂହାର, ହରମୋହନ ଶାସନୀ, ଧନେଶ୍ୱର ମଲ୍ଲିକ ସମେତ୍ ବହୁ ବରିଷ୍ଠ କର୍ମୀଙ୍କ ଗହଣରେ ଏକ ହଜାରରୁ ଊର୍ଦ୍ଧ୍ୱ ବାଇକ୍ ସାମିଲ ହୋଇଥିଲା।

# ଟିପିଏନ୍ଓଡିଏଲ୍ ପକ୍ଷରୁ କେନ୍ଦୁଝରେ ଏପିଏସ୍ସିସି ଲୋକାର୍ପିତ

**ବାଲେଶ୍ୱର/କେନ୍ଦୁଝର,୨୫।୪(ସମିସ)**

ଟାଟା ପାୱାର ଏବଂ ଓଡିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏନଓଡିଏଲ) ପକ୍ଷରୁ କେନ୍ଦୁଝରରେ ଆଞ୍ଚଳିକ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର(ଏପିଏସସିସି) ର ଲୋକାର୍ପଣ କରାଯାଇଛି। ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଟିପିଏନଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଦ୍ୱିଜଦାସ ବସକ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍ଘାଟନ କରିଛନ୍ତି। ଏହି ଅବସରରେ ସିଇଓ ଶ୍ରୀ ବସକ କହିଥିଲେ ଯେ ଆଧୁନିକ କ୍ଷମତାସମ୍ପନ୍ନ କଣ୍ଟ୍ରୋଲ ରୁମ ଟିପିଏନଓଡିଏଲ କେନ୍ଦୁଝର ସର୍କଲ ଅଧିନସ୍ଥ ସମସ୍ତ ଗ୍ରୀଡଗୁଡ଼ିକ ଉପରେ




ନଜର ରଖିବା ସହ ଉପଭୋକ୍ତାଙ୍କୁ ନିରବଛିନ୍ନ ଓ ନିର୍ଭରଯୋଗ୍ୟ ବିଜୁଳି ସେବା ଯୋଗାଇବାରେ ଅଧିକ ସକ୍ଷମ ହେବ। ନିୟନ୍ତ୍ରଣ ପ୍ରକ୍ରିୟା ମଧ୍ୟ ଆହୁରି ସହଜ ହେବ। ସେ ଆହୁରି କହିଥିଲେ ଯେ, ବିଦ୍ୟୁତ ବିତରଣ ବ୍ୟବସ୍ଥାକୁ ଏବେ ଆଧୁନିକୀକରଣ କରାଯାଉଛି। ଏହି ଏପିଏସସିସି ଦ୍ୱାରା ବୈଷୟିକ ତ୍ରୁଟି ସଜାଡିବା ପ୍ରକ୍ରିୟା ସହଜ ହେବା ସହ ସମସ୍ୟାକୁ ତ୍ୱରିତ ସମାଧାନ କରାଯାଇ ପାରିବ। ଏଥିସହ ୧୧ କେଭିଏ ଓ ୩୩ କେଭିଏ ଗ୍ରୀଡରେ ଲାଗିଥିବା ଟ୍ରାନ୍ସଫର୍ମରଗୁଡ଼ିକର ବୈଷୟିକ ତ୍ରୁଟିଗୁଡିକରେ ମଧ୍ୟ ଆଗୁଆ ସୁଧାର ଅଣାଯାଇ ପାରିବ। ଯଦିଓ ସେଣ୍ଟ୍ରାଲ ପିଏସସିସି ବାଲେଶ୍ୱରରେ ରହିଛି, ତଥାପି କେନ୍ଦୁଝର ବୈଦ୍ୟୁତିକ କ୍ଷେତ୍ରର ସମସ୍ତ ଗ୍ରୀଡଗୁଡ଼ିକୁ ଆଞ୍ଚଳିକ ସ୍ତରରେ ଅନଲାଇନ ମାଧ୍ୟମରେ ଏଠାରୁ ନିୟନ୍ତ୍ରଣ କରାଯିବ। ଗ୍ରୀଡ ସଟଡାଉନ ଓ ଚାର୍ଜ ପାଇଁ କର୍ମଚାରୀଙ୍କୁ ମାନୁଆଲ ଭାବେ କାର୍ଯ୍ୟ କରିବାକୁ ପଡ଼ିବ ନାହିଁ ବୋଲି ସେ ଦର୍ଶାଇଥିଲେ।

## ନିଆଁରେ ପୋଡ଼ିହୋଇ ଦମ୍ପତି ଗୁରୁତର

**ଆନନ୍ଦପୁର,୨୫।୪(ସମିସ):** ଏକ ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି ଆନନ୍ଦପୁର ଥାନା କାଠକଟା ଗାଁରେ। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳହକୁ କେନ୍ଦ୍ରକରି ଆଜି ଭୋର ସମୟରେ ସ୍ତ୍ରୀ ନିଜ ଦେହରେ କିରାସିନୀ ଢାଳି ନିଆଁ ଲଗାଇ ଦେଇଥିବା ବେଳେ ତାକୁ ବଞ୍ଚାଇବାକୁ ଯାଇ ସ୍ୱାମୀ ମଧ୍ୟ ନିଆଁରେ ପୋଡିହୋଇ ଗୁରୁତର ଆହତ ହୋଇଛି। ସ୍ୱାମୀ ସଞ୍ଜୟ ହୋ ଓ ସ୍ତ୍ରୀ ସସ୍ମିତାକୁ ୧୦୮ ଆମ୍ବୁଲାନ୍ସ ସାହାଯ୍ୟରେ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ସେଠାରୁ କଟକ ସ୍ଥାନାନ୍ତର କରାଯାଇଛି। ତେବେ କେଉଁ କାରଣକୁ ନେଇ ଉଭୟଙ୍କ ମଧ୍ୟରେ କଳହ ସୃଷ୍ଟି ହୋଇଥିଲା ତାହା ଅସ୍ପଷ୍ଟ ରହିଛି।

## ଶାଳଦେଇ ମଲ୍ଲି ଜେନା ହତ୍ୟାକାଣ୍ଡ ସାକ୍ଷୀଙ୍କୁ ଆକ୍ରମଣ କରି ୫ ଗିରଫ

**ରାମଚନ୍ଦ୍ରପୁର,୨୫।୪(ସମିସ):** ବହୁ ଚର୍ଚ୍ଚିତ ଶାଳଦେଇ ମଲ୍ଲି ଜେନା ହତ୍ୟାକାଣ୍ଡର ପ୍ରତିପକ୍ଷ ସାକ୍ଷୀକୁ ମରଣାତ୍ମକ ଆକ୍ରମଣ କରି ୫ ଗିରଫ ହୋଇଛନ୍ତି। ୨୦୨୩ ମସିହା ମାର୍ଚ୍ଚ ୨୯ ତାରିଖରେ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଶାଳଦେଇ ବାଲିଘାଟ ନିଲାମକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଜଣେ ବୃଦ୍ଧା ମହିଳା ମଲ୍ଲି ଜେନା ଗୁରୁତର ଆହାତ ହୋଇ କଟକ



ବଡ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ଏହି ଘଟଣାରେ ପ୍ରତ୍ୟକ୍ଷଦର୍ଶୀ ଥିବା ମୀନତି ଦଳେଇ ନିଜର ବୟାନ ଦେଇଥିଲେ। ଏହି ଘଟଣାକୁ ନେଇ ପ୍ରତିପକ୍ଷ ଅର୍ଥାତ୍ ମୃତ ମଲ୍ଲି ଜେନା ପରିବାର ପକ୍ଷରୁ ମୀନତିଙ୍କୁ ପ୍ରତି ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ଅଭିଯୋଗ ପାଇ ରାମଚନ୍ଦ୍ରପୁର ପୁଲିସ ଶାଳଦେଇ ଗ୍ରାମରେ ଚଢ଼ଉ କରି ସଂଞ୍ଜୁକ୍ତା ଜେନା(୨୯), କାଳନ୍ଦୀ ଜେନା(୫୬), ମୋତିଲତା ଜେନା(୫୪), ମଞ୍ଜୁଲତା ଜେନା(୩୫), ପ୍ରେମାନନ୍ଦ ଜେନା(୩୭)ଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି।

# ବିଜେପିର ହାଇଦରାବାଦ ପ୍ରାର୍ଥୀଙ୍କ ସମ୍ପତ୍ତି ୨୨୧ କୋଟି



ବିଜେପିର ହାଇଦରାବାଦ ଲୋକସଭା ଆସନର ପ୍ରାର୍ଥୀ କୋମ୍ପେଲା ମାଧବୀ ଲତା (୪୯)ଙ୍କ ପାଖରେ ୨୨୧.୩୭ କୋଟି ଟଙ୍କାର ସମ୍ପତ୍ତି ରହିଛି। ତେବେ ପାରିବାରିକ ସୂତ୍ରରୁ ତାଙ୍କୁ ଏହି ସମ୍ପତ୍ତି ମିଳିଛି। ଏହା ସହିତ ସେ ତେଲଙ୍ଗାନାର ଅନ୍ୟତମ ଧନୀ ପ୍ରାର୍ଥୀ ହୋଇଛନ୍ତି। ମାଧବୀ ଏବଂ ତାଙ୍କ ସ୍ୱାମୀ କୋମ୍ପେଲା ବିଶ୍ୱନାଥ ଉଭୟ ବ୍ୟବସାୟ ସହ ଜଡ଼ିତ। ଉଭୟଙ୍କର ତିନୋଟି ସନ୍ତାନ ଅଛନ୍ତି। ଦମ୍ପତ୍ତିଙ୍କ ସ୍ଥାବର ସମ୍ପତ୍ତିର ମୂଲ୍ୟ ୧୬୫.୪୬ କୋଟି ଟଙ୍କା ଏବଂ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୫୫.୯୧ କୋଟି ଟଙ୍କା ରହିଛି। ନିର୍ବାଚନ କମିଶନଙ୍କ ନିକଟରେ ବୁଧବାର ଦାଖଲ କରିଥିବା ସତ୍ୟପାଠରେ ମାଧବୀ ଲତା ଏହି ସୂଚନା ଦେଇଛନ୍ତି। ସେ କିଛି ମାସ ତଳେ ବିଜେପିରେ ସାମିଲ ହୋଇଥିଲେ। ସେ ପ୍ରଥମ ଥର ପାଇଁ ନିର୍ବାଚନ ଲଢୁଛନ୍ତି। ସତ୍ୟପାଠରେ ମାଧବୀ କହିଛନ୍ତି ଯେ ତାଙ୍କ ପାଖରେ ୩୧.୩୧ କୋଟିର ସ୍ଥାବର ସମ୍ପତ୍ତି ସହିତ ପଞ୍ଜିକୃତ ଏବଂ ଅଣ ପଞ୍ଜିକୃତ କମ୍ପାନୀରେ ୨୫.୨୦ କୋଟି ଟଙ୍କାର ନିବେଶ ରହିଛି। ସେ ଭିରିଞ୍ଚି ଲିମିଟେଡରେ ୭.୮୦ କୋଟି ଟଙ୍କାର ନିବେଶ କରିଛନ୍ତି। ସେହିପରି ତାଙ୍କ ପାଖରେ ୩.୭୮ କୋଟି ଟଙ୍କାର ସୁନା ଅଳଙ୍କାର ରହିଛି। ମାଧବୀଙ୍କ ସ୍ୱାମୀଙ୍କ ସ୍ଥାବର ସମ୍ପତ୍ତିର ମୂଲ୍ୟ ୮୮.୩୧ କୋଟି ଟଙ୍କା ରହିଛି। ଏଥିରେ ଭିରଞ୍ଚି ଲିମିଡଟେଡରେ ଥିବା ୫୨.୩୬ କୋଟି ଟଙ୍କାର ସେୟାର ରହିଛି। ଉଭୟଙ୍କ ତିନି ସନ୍ତାନଙ୍କ ନାମରେ ୪୫ କୋଟି ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି। ଏହା ବ୍ୟତୀତ ବିଜେପି ପ୍ରାର୍ଥୀ ଏବଂ ତାଙ୍କ ସ୍ୱାମୀଙ୍କ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ଯଥାକ୍ରମେ ୬.୩୨ କୋଟି ଏବଂ ୪୯.୫୯ କୋଟି ଟଙ୍କା ରହିଛି। ଏହି ସମ୍ପତ୍ତିରେ ହାଇଦରାବାଦ ଏବଂ ଏହାର ଆଖପାଖରେ ଥିବା ଅଣ-ଚାଷ ଜମି, ବାଣିଜ୍ୟିକ ଏବଂ ରେସିଡେନସିଆଲ କୋଠା ରହିଛି। ଅନ୍ୟପକ୍ଷରେ ମାଧବୀଙ୍କ ବିରୋଧରେ ଗୋଟିଏ ଆପରାଧିକ ମାମଲା ରହିଛି। ଗତ ସପ୍ତାହରେ ବେଗମ ବଜାର ଥାନାରେ ଏହି ମାମଲା ରୁଜୁ କରାଯାଇଥିଲା। ସେ ସିଦ୍ଧି ଅମ୍ବର ବଜାରରେ ରାଲି କରୁଥିବା ସମୟରେ ମସ୍‌ଜିଦକୁ ଧ୍ୱଂସ କରିବା ପାଇଁ ସଙ୍କେତ ଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା।

## ୨୦୨୪ ଲୋକସଭା ନିର୍ବାଚନ: ସ୍ଥିତି ଓ ସମ୍ଭାବନା

### କର୍ଣ୍ଣାଟକ: ଆସନ ସଂଖ୍ୟା ୨୮

# ବିଜେପି-କଂଗ୍ରେସ ମଧ୍ୟରେ 'ଗ୍ୟାରେଣ୍ଟି' ଲଢ଼େଇ



କର୍ଣ୍ଣାଟକର ବିଧାନସଭା ନିର୍ବାଚନକୁ ବର୍ଷେ ପୂରିନାହିଁ। କିନ୍ତୁ ରାଜ୍ୟବାସୀ ପୁଣି ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତ ହୋଇଛନ୍ତି। ରାଜ୍ୟର ମୋଟ ୨୮ ଲୋକସଭା ଆସନ ମଧ୍ୟରୁ ୧୪ଟି ଆସନରେ ଆସନ୍ତାକାଲି ମତଦାନ ହେବାକୁ ଯାଉଛି। ବାକି ୧୪ ଆସନରେ ଆସନ୍ତା ମେ' ୭ ତାରିଖରେ ତୃତୀୟ ପର୍ଯ୍ୟାୟରେ ମତଦାନ ହେବ। ତେବେ ପ୍ରଥମ ୧୪ଟି ଆସନ ଦୁଇ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ବିଜେପି ଏବଂ କଂଗ୍ରେସ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ରହିଛି। କଂଗ୍ରେସ ଏଠାରେ କ୍ଷମତାରେ ରହିଥିବା ବେଳେ ସର୍ବାଧିକ ଆସନରେ ସଫଳତା ପାଇବାକୁ ଉଦ୍ୟମ ଜାରି ରଖିଛି। ଅନ୍ୟପକ୍ଷରେ କର୍ଣ୍ଣାଟକକୁ ଦକ୍ଷିଣ ଭାରତର ଦ୍ୱାର କରିଥିବା ବିଜେପି ୨୦୧୯ ଫଳାଫଳକୁ ପୁନର୍ବାର ଦୋହରାଇବାକୁ ବଳ କଷିଛି।

୨୦୧୯ ଲୋକସଭା ନିର୍ବାଚନରେ କଂଗ୍ରେସ ଜେଡିଏସ୍ ସହ ମେଣ୍ଟ କରି ନିର୍ବାଚନ ଲଢିଥିଲା। ହେଲେ ଏହି ମେଣ୍ଟକୁ ସଫଳତା ମଳି ନାରି ନଥିଲା। ବିଜେପି ୨୮ଟି ଆସନ ମଧ୍ୟରୁ ୨୫ଟି ଆସନରେ ବିଜୟୀ ହୋଇଥିଲା ବେଳେ ସର୍ବାଧିକ ୫୧.୭ ପ୍ରତିଶତ ଭୋଟ ହାତେଇଥିଲା। ଅପରପକ୍ଷରେ ୩୨.୧ ପ୍ରତିଶତ ଭୋଟ ସହିତ କଂଗ୍ରେସ ମାତ୍ର ଗୋଟିଏ ଏବଂ ଏହାର ସହଯୋଗୀ ଦଳ ଜେଡିଏସ୍ ୯.୭ ପ୍ରତିଶତ ଭୋଟ ପାଇ ଗୋଟିଏ ଆସନରେ ବିଜୟୀ ହୋଇଥିଲେ। ଆଉ ଗୋଟିଏ ଆସନରେ ସ୍ୱାଧୀନ ପ୍ରାର୍ଥୀ ବିଜେପି ସମର୍ଥନରେ ବିଜୟୀ ହୋଇଥିଲେ। କିନ୍ତୁ ୨୦୨୪ ନିର୍ବାଚନରେ ସ୍ଥିତି ବଦଳି ଯାଇଛି। ଏଥର ବିଜେପି ଜେଡିଏସ୍ ସହ ମେଣ୍ଟ କରି ନିର୍ବାଚନ ଲଢୁଛି। ଆସନ୍ତାକାଲି ହେବାକୁ ଯାଉଥିବା ୧୪ଟି ଆସନ ମଧ୍ୟରୁ ବିଜେପି ୧୧ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଏଚ ଡି ଦେବେଗୌଡାଙ୍କ ଜେଡିଏସ୍ ୩ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛି। ୨୦୧୯ରେ ଏହି ୧୪ଟି ଆସନ ମଧ୍ୟରୁ ବିଜେପି କେବଳ ୧୧ଟି ଆସନରେ ବିଜୟୀ ହୋଇଥିଲା। ଚଳିତ ବର୍ଷ ମଧ୍ୟ ଦଳ ନିଜର ସ୍ଥିତି ବଜାୟ ରଖିବାକୁ ଦୃଢୋକ୍ତି କରିଛି। କଂଗ୍ରେସ ବର୍ତ୍ତମାନ କ୍ଷମତାରେ ରହିଥିବାରୁ ବିଜେପି ଗତ ନିର୍ବାଚନ ଭଳି ସଫଳତା ପାଇବା କଷ୍ଟକର ବୋଲି ଆକଳନ କରାଯାଉଛି। କିନ୍ତୁ ଚଳିତ ନିର୍ବାଚନରେ ବିଜେପି ଜେଡିଏସ୍ ସହ ମେଣ୍ଟ କରିଥିବାରୁ ଦଳ ପାଇଁ ସୁବିଧା ସ୍ଥିତି ସୃଷ୍ଟି ହୋଇପାରେ ବୋଲି ମଧ୍ୟ କୁହାଯାଉଛି। ରାଜ୍ୟର ଏକ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ସଂପ୍ରଦାୟ ହେଉଛି ଲିଙ୍ଗାୟତ ସଂପ୍ରଦାୟ। ଗତଥର ବିଜେପି ଏହି ସଂପ୍ରଦାୟର ଭୋଟ ପାଇବାକୁ ସକ୍ଷମ ହୋଇ ନଥିଲା ବେଳେ ବର୍ତ୍ତମାନ ରାଜ୍ୟ ବିଜେପି ମୁଖ୍ୟ ରହିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ବି ଏସ ୟେଦୁରପ୍ପାଙ୍କ ପୁଅ ବି ୱାଇ ବିଜେୟନ୍ଦ୍ରଙ୍କ ଯୋଗୁଁ ଦଳ ଚଳିତ ନିର୍ବାଚନରେ ଦଳ ଏହି ସଂପ୍ରଦାୟ ଭୋଟ ହାତେଇବାକୁ ସକ୍ଷମ ହେବ ବୋଲି ଆକଳନ କରାଯାଉଛି। ସେ ଲିଙ୍ଗାୟତ ସଂପ୍ରଦାୟର ହୋଇଥିବାରୁ ବିଜେପି ଏହାର ଫାଇଦା ଉଠାଇବ ବୋଲି କୁହାଯାଉଛି। ସେହିପରି ଅନ୍ୟ ଏକ ପ୍ରମୁଖ ସଂପ୍ରଦାୟ ହେଉଛି ଭୋକାଲିଙ୍ଗା। କର୍ଣ୍ଣାଟକରେ ଏହି ସଂପ୍ରଦାୟର ଭୋଟ ହାର ୧୦ ରୁ ୧୨ ପ୍ରତିଶତ ରହିଥିବା ବେଳେ ଚଳିତ ନିର୍ବାଚନରେ ବିଜେପି ଏହି ସଂପ୍ରଦାୟ ଭୋଟ ପାଇବାକୁ ମଧ୍ୟ ସକ୍ଷମ ହେବ।



## ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଦଳ: କଂଗ୍ରେସ, ବିଜେପି, ଜେଡିଏସ୍

କାରଣ ଜେଡିଏସ୍ ରାଜ୍ୟ ପ୍ରମୁଖ ଏଚ ଡି କୁମାରସ୍ୱାମୀ ହେଉଛନ୍ତି ଏହି ସଂପ୍ରଦାୟର। ଗତଥର ବିଜେପିକୁ ପ୍ରାୟ ୫୧ ପ୍ରତିଶତ ଭୋଟ ମିଳିଥିଲା ବେଳେ ଚଳିତ ନିର୍ବାଚନରେ ଏହି ଦୁଇ ସଂପ୍ରଦାୟର ଭୋଟ ଦଳକୁ ଆହୁରି ସଫଳତା ଦେବ ବୋଲି ବିବେଚନା କରାଯାଉଛି। ଅନ୍ୟପକ୍ଷରେ କର୍ଣ୍ଣାଟକରେ କଂଗ୍ରେସ ଏବଂ ବିଜେପି ମଧ୍ୟରେ ଦୁଇ ଗ୍ୟାରେଣ୍ଟିକୁ ନେଇ ଜୋରଦାର ଲଢେଇ ହେବ ବୋଲି କୁହାଯାଉଛି। କଂଗ୍ରେସ ବିଧାନସଭା ନିର୍ବାଚନ ବେଳେ ରାଜ୍ୟବାସୀଙ୍କୁ ଯେଉଁ ୫ଟି ଗ୍ୟାରେଣ୍ଟି ଦେଇଥିଲା ତାହା କେତେ ଦୂର ପୂରଣ କରିଛି ତାହାକୁ ରାଜ୍ୟବାସୀ ଏବେ ସମୀକ୍ଷା କରୁଛନ୍ତି। କଂଗ୍ରେସ କ୍ଷମତାକୁ ଆସିଲେ ଗୃହ ଲକ୍ଷ୍ମୀ, ଗୃହ ଜ୍ୟୋତି, ଶକ୍ତି, ଅନ୍ନ ଭାଗ୍ୟ ଏବଂ ଯୁବନିଧି ଭାବେ ୫ଟି ମାଗଣା ଉପହାର(ଫ୍ରିବିଜ୍) ଦେବ ବୋଲି ଘୋଷଣା କରିଥିଲା। ଦଳ ବିଜୟ ହାସଲ କରିବା ପରେ ସିଦ୍ଧରମେୟା ସରକାର ମଧ୍ୟ ପ୍ରଥମ ବୈଠକରେ ଏହି ୫ ଯୋଜନା କାର୍ଯ୍ୟକାରୀ କରିବାକୁ ଘୋଷଣା କରିଥିଲେ। ରାଜ୍ୟ ସରକାରଙ୍କ ଉପହାର ଯୋଜନାରୁ ଲୋକ ଲାଭବାନ ହୋଇଥିଲେ କଂଗ୍ରେସକୁ ପ୍ରତାରିତ କରିପାରିବେନି।ଅପରପକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଇଥିବା ଦେଶର ବିକାଶ ଗ୍ୟାରେଣ୍ଟି ଭୋଟରମାନଙ୍କୁ ପ୍ରଭାବିତ କରିପାରେ ବୋଲି କୁହାଯାଉଛି। ତେଣୁ କର୍ଣ୍ଣାଟକର ଏହି ୧୪ଟି ଲୋକସଭା ଆସନ ପାଇଁ ମୁଖ୍ୟତଃ କଂଗ୍ରେସ ଏବଂ ବିଜେପି ମଧ୍ୟରେ ସିଧାସଳଖ ଲଢେଇ ହେବାକୁ ଯାଉଛି ତାହା ସ୍ପଷ୍ଟ ହୋଇଛି।

### ୨୦୧୯ ନିର୍ବାଚନ ସ୍ଥିତି

| ଦଳ | ଆସନ ସଂଖ୍ୟା | ଭୋଟ |
|---|---|---|
| ବିଜେପି | ୨୫ | ୫୧.୭ % |
| କଂଗ୍ରେସ | ୦୧ | ୩୨.୧% |
| ଜେଡିଏସ୍ | ୦୧ | ୯.୭ % |
| ସ୍ୱାଧୀନ | ୦୧ | ୩.୯% |

## ଭୋଟରଙ୍କୁ ରିଆତି ସେବା ଯୋଗାଇବାରେ ଘରୋଇ ସଂସ୍ଥାଙ୍କ ପ୍ରତିଯୋଗିତା

ମତଦାନ ବେଳେ ଭୋଟରଙ୍କୁ ରିଆତି ସେବା ଦେଇ ସେମାନଙ୍କୁ ମତଦାନ କେନ୍ଦ୍ର ଯାଏଁ ପହଞ୍ଚାଇବାକୁ କର୍ଣ୍ଣାଟକରେ ପ୍ରତିଯୋଗିତା ଆରମ୍ଭ ହୋଇଛି। ଆସନ୍ତାକାଲି କର୍ଣ୍ଣାଟକର ୧୪ଟି ଲୋକସଭା ଆସନରେ ଆସନ୍ତାକାଲି ମତଦାନ ହେବାକୁ ଯାଉଥିବା ବେଳେ ବହୁ ଘରୋଇ ସଂସ୍ଥା ଏଥିପାଇଁ ଆଗ୍ରହୀ ହୋଇ ମାଗଣା ପରିବହନ ସେବା ଯୋଗାଇ ଦେବାକୁ ବାହାରିଛନ୍ତି। ରାପିଡୋ ଭଳି ପରିବହନ ସଂସ୍ଥାଙ୍କ ଠାରୁ ଆରମ୍ଭ କରି ବହୁ ହୋଟେଲ ଏଥିପାଇଁ ଆଗେଇ ଆସିଛନ୍ତି।ବେଙ୍ଗାଲୁରୁ , ମହୀଶୂର ଓ ମାଙ୍ଗାଲୁରୁ ନଗରୀରେ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମ ଭୋଟରଙ୍କୁ ବାଇକ୍ ଟାକ୍ସି, ଅଟୋ ଓ କାରରେ ମାଗଣାରେ ଭୋଟ କେନ୍ଦ୍ର ପହଞ୍ଚାଇବ ଓ ଭୋଟ ଦେଇସାରିବା ପରେ ଆଣି ଘରେ ଛାଡ଼ିବ। ଏହା ହେଉଛି ରାପିଡୋ'ର 'ସ୍ୱରାଜ ଜିମ୍ମେଦାରୀକି' ଅଭିଯାନ। ଭୋଟନାଓ କୋଡ୍ ବ୍ୟବହାର କରି ଯାତ୍ରା ବୁକ୍ କରିହେବ ବୋଲି ରାପିଡୋ ଜଣାଇଛି। ବିଭିନ୍ନ ହୋଟେଲ ଭୋଟରଙ୍କୁ ମାଗଣାରେ ଲଡୁ, କଫି, ଜୁସ୍ ଓ ଦୋସା ଯୋଗାଇବା ବନ୍ଦୋବସ୍ତ କରିଛନ୍ତି। କେତେକ ହୋଟେଲ ମାଗଣାରେ, ରିହାତି ଦରରେ ଭୋଟରଙ୍କୁ ମିଲ୍ ଯୋଗାଇବେ। ଏଥିପାଇଁ ବୃହତ ବାଙ୍ଗାଲୁରୁ ହୋଟେଲସ ଆସୋସିଏସନ୍ କର୍ଣ୍ଣାଟକ ହାଇକୋର୍ଟରୁ ସବୁଜ ସଙ୍କେତ ପାଇଛି। ପରିବହନ ସେବା ଯୋଗାଉଥିବା କେତେକ ସଂସ୍ଥା ଭୋଟରଙ୍କୁ ଭୋଟ କେନ୍ଦ୍ରକୁ ଯିବା ଭଡ଼ାରେ ରିହାତି ଦେବେ। ପ୍ରଥମ ଥର ଭୋଟ ଦେଇଥିବା ଯୁବକଯୁବତୀଙ୍କୁ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ଭଡ଼ାରେ ୧୯% ରିହାତି ଦେବ। ମିଃ ଫିଲିସ୍ ବର୍ଗର ଆଉଟଲେଟରେ ଅଙ୍ଗୁଳିରେ ଭୋଟ କାଳି ଦେଖାଇବା ପ୍ରଥମ ୧୦୦ ବ୍ୟକ୍ତିଙ୍କୁ ୩୦% ରିହାତିରେ ବର୍ଗର ମିଳିବ। ୱାଣ୍ଡେଲା ହଲିଡେଜ୍ ଭୋଟରଙ୍କୁ ଟିକେଟ ଚାର୍ଜରେ ୧୫% ରିହାତି ଦେଉଛି। ଡେକ୍ ଅଫ୍ ବ୍ରିଉଜ୍ ଭୋଟ ଦାନର ପରଦିନ ପ୍ରଥମ ୫୦ ଅତିଥିଙ୍କୁ ମାଗଣାରେ ବିୟର୍ ପାନର ମଜା ଦେବ। ଭୋଟର ଅଧିକ ସଂଖ୍ୟାରେ ଭୋଟ କେନ୍ଦ୍ରକୁ ଯାଇ ଭୋଟ ଦିଅନ୍ତୁ, ଗଣତନ୍ତ୍ରର ଏହି ମହାପର୍ବରେ ଅଂଶଗ୍ରହଣ କରନ୍ତୁ-ଏହା ଚାହିଁ ଅନେକ ବ୍ୟବସାୟ ସଂସ୍ଥା ଭୋଟରଙ୍କୁ ବିଭିନ୍ନ ରିହାତି ଦେବାକୁ ସ୍ୱେଚ୍ଛାରେ ପ୍ରସ୍ତୁତ ହୋଇଛନ୍ତି। ଆସନ୍ତା କାଲି ଦିଲ୍ଲୀ ଉପକଣ୍ଠସ୍ଥ ଉତ୍ତରପ୍ରଦେଶ ଗୌତମବୁଦ୍ଧ ନଗର ଜିଲ୍ଲାରେ ମଧ୍ୟ ମତଦାନ ଅଛି। ନଇଡା ଓ ଗ୍ରେଟର ନଇଡା ଭଳି ଜନବହୁଳ ଅଞ୍ଚଳ ହେଉଛି ଗୌତମବୁଦ୍ଧ ନଗର ଅନ୍ତର୍ଭୁକ୍ତ। ନଇଡା ଓ ଗ୍ରେଟର ନଇଡାରେ ଭୋଟରଙ୍କୁ ଭୋଟ କେନ୍ଦ୍ରକୁ ଯିବା ପାଇଁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ହେଟେଲ ମାଲିକମାନେ ଓ ହସପିଟାଲ ପରିଚାଳକମାନେ ଭୋଟରଙ୍କୁ ଲୋଭନୀୟ ରିହାତି ଅଫର୍ କରିଛନ୍ତି। ଏପ୍ରିଲ ୨୬ ଓ ୨୭-ଏହି ଦୁଇ ଦିନ ଖାଦ୍ୟ ବିଲରେ ୨୦% ରିହାତି ଦେଉଛନ୍ତି ନ୍ୟାସନାଲ ରେଷ୍ଟୁରାଣ୍ଟସ ଆସୋସିଏସନ୍ ଅଫ୍ ଇଣ୍ଡିଆ ସହ ଅନୁବନ୍ଧିତ ଦିଲ୍ଲୀର ୨୦ରୁ ଅଧିକ ହୋଟେଲ। ସେମାନେ ଏହାକୁ 'ଡେମୋକ୍ରାସୀ ଡିସକାଉଣ୍ଟ' ନାମ ଦେଇଛନ୍ତି।




## ନିର୍ବାଚନ ପ୍ରଚାରରେ ସଂରକ୍ଷଣ ମୁଦ୍ଦା

# ନିଯୁକ୍ତିରେ ସଂରକ୍ଷଣ ପ୍ରସଙ୍ଗ ଉଠାଇ କଂଗ୍ରେସକୁ ମୋଦୀଙ୍କ ଆକ୍ଷେପ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ମଙ୍ଗଳବାର ରାଜସ୍ଥାନରେ ବିଜେପିର ଏକ ନିର୍ବାଚନ ପ୍ରଚାର ର୍ୟାଲିରେ ସରକାରୀ ଶିକ୍ଷାନୁଷ୍ଠାନରେ ନାମଲେଖାରେ ଓ ସରକାରୀ ନିଯୁକ୍ତିରେ ଅନୁସୂଚିତ ଜାତି(ଏସସି), ଅନୁସୂଚିତ ଜନଜାତି(ଏସଟି) ଓ ଅନ୍ୟ ପଛୁଆ ବର୍ଗ(ଓବିସି)ଙ୍କୁ ମିଳୁଥିବା ସଂରକ୍ଷଣ ବା କୋଟା କମାଇ ସଂଖ୍ୟାଲଘୁଙ୍କ ପାଇଁ ସଂରକ୍ଷଣର ବ୍ୟବସ୍ଥା କରିବାକୁ କଂଗ୍ରେସ ଚାହୁଁଥିବା ପ୍ରସଙ୍ଗ ଉଠାଇଥିଲେ। ଆନ୍ଧ୍ର ପ୍ରଦେଶ ଓ ତେଲଙ୍ଗାନାରେ ୨୦୦୭ରୁ ସରକାରୀ ଶିକ୍ଷାନୁଷ୍ଠାନରେ ନାମଲେଖାରେ ଓ ସରକାରୀ ନିଯୁକ୍ତିରେ ୧୫ ପଛୁଆ ଚିହ୍ନିତ ସମ୍ପ୍ରଦାୟର ସଂଖ୍ୟାଲଘୁଙ୍କୁ ୪% ସଂରକ୍ଷଣ ମିଳୁଛି। ଯେତେବେଳେ ଆନ୍ଧ୍ର ପ୍ରଦେଶ ବିଭାଜିତ ହୋଇ ନ ଥିଲା, ସେତେବେଳୁ ସଂଖ୍ୟାଲଘୁଙ୍କ ପାଇଁ ଏହି ସଂରକ୍ଷଣ ବ୍ୟବସ୍ଥା ଗଢ଼ାଯାଇଥିଲା ଯାହା ଏବେ ଉଭୟ ଆନ୍ଧ୍ର ପ୍ରଦେଶ ଓ ତେଲଙ୍ଗାନାରେ ବଳବତ୍ତର ଅଛି। ଆନ୍ଧ୍ର ଓ ତେଲଙ୍ଗାନାର ଏହି ସଂଖ୍ୟାଲଘୁ କୋଟା'କୁ ପ୍ରଧାନମନ୍ତ୍ରୀ ମୋଦୀ ଏକ ପାଇଲଟ୍ ପ୍ରୋଜେକ୍ଟ ଭାବେ ବର୍ଣ୍ଣନା କରି କହିଛନ୍ତି, କଂଗ୍ରେସ ଚାହୁଁଛି, ଏହି ସଂଖ୍ୟାଲଘୁ କୋଟା ସମଗ୍ର ଦେଶରେ ରହୁ।

ବାସ୍ତବରେ ଆନ୍ଧ୍ର ପ୍ରଦେଶ ଓ ତେଲଙ୍ଗାନାରେ ଓବିସି କୋଟାକୁ ନକମାଇ ବିସି-ଇ ନାମରେ ଭିନ୍ନ ଏକ ଓବିସି ଶ୍ରେଣୀ ସୃଷ୍ଟି କରାଯାଇଛି। ବିସି-ଇ'ରେ ସଂଖ୍ୟାଲଘୁ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣର ବ୍ୟବସ୍ଥା କରାଯାଇଛି। କଂଗ୍ରେସ ଆନ୍ଧ୍ର ପ୍ରଦେଶରେ ୨୦୦୪ରେ ସରକାର ଗଢ଼ିଲା। ୱାଇଏସ ରାଜଶେଖର ରେଡ୍ଡି ମୁଖ୍ୟମନ୍ତ୍ରୀ ହେଲେ। ସେ ଏକ ପ୍ରଶାସନିକ ଆଦେଶ ଜରିଆରେ ବିସି-ଇ ଶ୍ରେଣୀ ସୃଷ୍ଟି କରିଥିଲେ ଓ ସଂଖ୍ୟାଲଘୁଙ୍କୁ ସେହି ଶ୍ରେଣୀଭୁକ୍ତ କରି ସରକାରୀ ଶିକ୍ଷାନୁଷ୍ଠାନରେ ନାମଲେଖାରେ ଓ ସରକାରୀ ନିଯୁକ୍ତିରେ ବିସି-ଇ ପାଇଁ ୫% ସଂରକ୍ଷଣର ବ୍ୟବସ୍ଥା କରିଥିଲେ। ବିଶ୍ୱ ହିନ୍ଦୁ ପରିଷଦ ଓ ଅନ୍ୟ କେତେକ ହିନ୍ଦୁ ସଂଗଠନ ତାହାର ବିରୋଧ କରି ହାଇକୋର୍ଟ ଯାଇଥିଲେ। ମେ'୨୦୦୫ରେ ଆନ୍ଧ୍ର ହାଇକୋର୍ଟ ରେଡ୍ଡି ସରକାରଙ୍କ ପ୍ରଶାସନିକ ଆଦେଶକୁ ଆଇନସଙ୍ଗତ ନୁହେଁ ମତଦେଇ ରଦ୍ଦ କରିଦେଇଥିଲେ। ୨୦୦୫ ଜୁନରେ ରେଡ୍ଡି ସରକାର ସଂଖ୍ୟାଲଘୁ ସଂରକ୍ଷଣ ଅଧ୍ୟାଦେଶ ଆଣି ପରେ ତାକୁ ବିଲରେ ପରିଣତ କରି ବିଧାନସଭାରେ ଉପସ୍ଥାପନ କରିଥିଲେ। ବିଲ୍ ସଦନରେ ପାରିତ ହୋଇ ଆଇନରେ ପରିଣତ ହୋଇଥିଲା। ସେଥିରେ ସରକାରୀ ଶିକ୍ଷାନୁଷ୍ଠାନରେ ନାମଲେଖାରେ ଓ ସରକାରୀ ନିଯୁକ୍ତିରେ ବିସି-ଇ ପାଇଁ ୫% ସଂରକ୍ଷଣର ବ୍ୟବସ୍ଥା ଥିଲା। ହିନ୍ଦୁ ଗ୍ରୁପ୍ ତାକୁ ମଧ୍ୟ ବିରୋଧ କରି ହାଇକୋର୍ଟ ଯାଇଥିଲେ। ୨୦୦୫ ନଭେମ୍ବରରେ ହାଇକୋର୍ଟଙ୍କ ଏକ ୫ଜଣିଆ ଖଣ୍ଡପୀଠ ରେଡ୍ଡିଙ୍କ କଂଗ୍ରେସ ସରକାରର ସେହି ସଂଖ୍ୟାଲଘୁ ସଂରକ୍ଷଣ ଆଇନକୁ ଅସାମ୍ବିଧାନିକ ଘୋଷଣା କରି ରଦ୍ଦ କରିଦେଇଥିଲେ। ହାଇକୋର୍ଟ କହିଥିଲେ ରାଜ୍ୟର ସମସ୍ତ ସଂଖ୍ୟାଲଘୁଙ୍କୁ ଓବିସି ଶ୍ରେଣୀଭୁକ୍ତ କରାଯିବା ଅସଙ୍ଗତ, ଅବୈଜ୍ଞାନିକ ଓ ତ୍ରୁଟିପୂର୍ଣ୍ଣ। ସେତେବେଳେ ରେଡ୍ଡି ସରକାର ଅନ୍ୟ ଉପାୟ ନ ପାଇ ଏକ ବିଶେଷଜ୍ଞ କମିଟି ଗଢ଼ିଥିଲେ। କମିଟିର ସୁପାରିସ ଅନୁଯାୟୀ ୨୦୦୭ରେ ସଂଖ୍ୟାଲଘୁଙ୍କ ଭିତରୁ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ପଛୁଆ ୧୫ଟି ସମ୍ପ୍ରଦାୟର ଲୋକଙ୍କ ପାଇଁ ୪% ସଂରକ୍ଷଣର ବ୍ୟବସ୍ଥା କରାଯାଇଥିଲା। ସରକାରଙ୍କ ଏହି ନୂଆ ସଂରକ୍ଷଣ ବ୍ୟବସ୍ଥାକୁ ମଧ୍ୟ ହାଇକୋର୍ଟ ରଦ୍ଦ କରିଦେଇଥିଲେ। ୨୦୧୦ ଫେବୃଆରୀରେ ରେଡ୍ଡି ସରକାର ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ୍ କରି ସୁପ୍ରମକୋର୍ଟରେ ଏକ ସ୍ପେଶାଲ ଲିଭ୍ ପିଟିସନ୍ ଦାଖଲ କରିଥିଲେ। ସୁପ୍ରିମକୋର୍ଟ ୨୦୧୦ ମାର୍ଚ୍ଚ ୨୫ରେ ଏକ ମଧ୍ୟବର୍ତ୍ତୀ ଆଦେଶରେ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ପଛୁଆ ୧୫ଟି ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ପାଇଁ ୪% ସଂରକ୍ଷଣର ବ୍ୟବସ୍ଥାର ସାମ୍ବିଧାନିକ ବୈଧତା ରହିଥିବା କହି ବିଚାର ଶେଷ ଯାଏ ତାହା ଚାଲୁ ରଖିବାକୁ ଆନ୍ଧ୍ର ସରକାରଙ୍କୁ ଅନୁମତି ଦେଇଥିଲେ। ସମ୍ବିଧାନର ୧୦୩ତମ ସଂଶୋଧନରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀ(ଇଡବଲ୍ୟୁଏସ) ପାଇଁ ସଂରକ୍ଷଣର ବ୍ୟବସ୍ଥା ରହିଲା। ତାହାର ସାମ୍ବିଧାନିକ ବୈଧତା ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି।

ସୁପ୍ରିମକୋର୍ଟ କହିଲେ, ପ୍ରଥମେ ଇଡବଲ୍ୟୁଏସ'ଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥାର ବୈଧତା ବିଚାର କରିବୁ, ପରେ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ପଛୁଆ ୧୫ଟି ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ପାଇଁ ୪% ସଂରକ୍ଷଣ ବ୍ୟବସ୍ଥାର ସାମ୍ବିଧାନିକ ବୈଧତା ନେଇ ବିଚାର କରିବୁ। ୨୦୧୭ରେ ତେଲଙ୍ଗାନାର କେ ଚନ୍ଦ୍ରଶେଖର ରାଓ ସରକାର ରାଜ୍ୟ ବିଧାନସଭାରେ ଏକ ଆଇନ ପ୍ରଣୟନ କରି ଏସଟି'ଙ୍କ ପାଇଁ ସଂରକ୍ଷଣ, ଯାହା ୬% ଥିଲା ତା'କୁ ୧୦%କୁ ଓ ପଛୁଆ ସଂଖ୍ୟାଲଘୁଙ୍କ ପାଇଁ ସଂରକ୍ଷଣ ଯାହା ୪% ରହିଛି ତା'କୁ ୧୨%କୁ ବଢ଼ାଇ ବିଲକୁ ଅନୁମୋଦନ ଦେବାକୁ ଓ ସେଥିପାଇଁ ସମ୍ବିଧାନର ୯ମ ଅନୁଚ୍ଛେଦରେ ଆବଶ୍ୟକ ସଂଶୋଧନ କରିବାକୁ କେନ୍ଦ୍ର ସରକାରଙ୍କ ପାଖକୁ ପଠାଇଥିଲେ। କିନ୍ତୁ କେନ୍ଦ୍ର ସରକାର ତାହାକୁ ଅଗ୍ରାହ୍ୟ କରିଛନ୍ତି। ସଂଖ୍ୟାଲଘୁଙ୍କ ପାଇଁ ସଂରକ୍ଷଣ ନେଇ ଲୋକସଭା ନିର୍ବାଚନ ବେଳେ ଉଭୟ ବିଜେପି ଓ କଂଗ୍ରେସ ଝଡ଼ ସୃଷ୍ଟି କରିବାରେ ପ୍ରୟାସୀ ହୋଇଛନ୍ତି। ତେବେ ସହଯୋଗୀ ଦଳଗୁଡ଼ିକ ଏ ପ୍ରସଙ୍ଗରେ ମୁହଁ ଖୋଲୁନଥିବାରୁ କଂଗ୍ରେସ ଏହାକୁ ନିର୍ବାଚନୀ ପ୍ରସଙ୍ଗ କରିପାରୁ ନାହିଁ। ଓଲଟା ପ୍ରଧାନମନ୍ତ୍ରୀ ମୋଦୀ ଏହି ପ୍ରସଙ୍ଗ ଉଠାଇ କଂଗ୍ରେସକୁ ଆକ୍ଷେପ କରୁଛନ୍ତି।





## ୧୧ ରାଜ୍ୟର ମତଦାନ ହାର ଜାତୀୟ ହାରଠାରୁ କମ୍

ବିହାର, ଉତ୍ତରପ୍ରଦେଶ, ଦିଲ୍ଲୀ, ମହାରାଷ୍ଟ୍ର, ଉତ୍ତରାଖଣ୍ଡ, ତେଲେଙ୍ଗାନା, ଗୁଜରାଟ, ପଞ୍ଜାବ, ରାଜସ୍ଥାନ, ଜମ୍ମୁ-କଶ୍ମୀର ଓ ଝାଡଖଣ୍ଡରେ ୨୦୧୯ ଲୋକସଭା ନିର୍ବାଚନରେ ମତଦାନ ହାର କମ୍ ରହିଥିଲା। ସହରାଞ୍ଚଳର ଭୋଟର ଭୋଟଦାନ ପ୍ରତି ଅନାଗ୍ରହୀ ହେଉଥିବାରୁ ଓ ଗ୍ରାମାଞ୍ଚଳର ଭୋଟର କର୍ମସଂସ୍ଥାନ ଅନ୍ୱେଷଣରେ ବାହାର ରାଜ୍ୟକୁ ଯାଉଥିବା କାରଣରୁ ଭୋଟ ଦାନ ହାର କମୁଛି। ଉତ୍ତରପ୍ରଦେଶର ୧୫ଟି, ବିହାରର ୧୨ଟି ଓ ମହାରାଷ୍ଟ୍ରର ୮ଟି ସଂସଦୀୟ କ୍ଷେତ୍ରରେ ଭୋଟଦାନ ହାର କମ୍ ରହିଛି। ମତଦାନ ହାର ସବୁଠାରୁ କମ୍ ରହିଥିବା ୫୦ ସଂସଦୀୟ କ୍ଷେତ୍ର ମଧ୍ୟରେ ରହିଛି ନଗରାଞ୍ଚଳର ୧୭ଟି ନିର୍ବାଚନମଣ୍ଡଳୀ। ତେଲେଙ୍ଗାନାର ୧୭ ସଂସଦୀୟ କ୍ଷେତ୍ର ମଧ୍ୟରୁ ୪ଟି-ହାଇଦ୍ରାବାଦ, ସିକନ୍ଦରାବାଦ, ମାଲକାଜଗିରି ଓ ଝେଭିଲା ସଂସଦୀୟ କ୍ଷେତ୍ରରେ ମତଦାନ ହାର ସବୁଠାରୁ କମ୍ ରହିଥିବା ୫୦ ଲୋକସଭା ନିର୍ବାଚନମଣ୍ଡଳୀ ମଧ୍ୟରେ ରହିଛି। ହାଇଦ୍ରାବାଦ, ସିକନ୍ଦରାବାଦ ମତଦାନ ହାର ସବୁଠାରୁ କମ୍ ରହିଥିବା ୧୦ ସଂସଦୀୟ କ୍ଷେତ୍ର ମଧ୍ୟରେ ରହିଛି। ୨୦୧୯ରେ ହାଇଦ୍ରାବାଦର ମନଦାନ ହାର ୪୪.୮%, ସିକନ୍ଦରାବାଦର ୪୬.୫%, ମାଲକାଜଗିରିର ୪୯.୬% ଓ ଝେଭିଲାର ୫୩.୨% ଥିଲା।



## ଆଜିର ଇତିହାସ

- ୧୬୫୪-ଇହୁଦିମାନଙ୍କୁ ବ୍ରାଜିଲରୁ ବିତାଡ଼ିତ କରାଗଲା।
- ୧୭୫୫- ମସ୍କୋରେ ରୁଷର ପ୍ରଥମ ବିଶ୍ୱବିଦ୍ୟାଳୟ ଖୋଲାଗଲା।
- ୧୯୦୩- ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାରେ ଓକିଲାତି ଆରମ୍ଭ କଲେ ଓ ସେଠାରେ ବ୍ରିଟିଶ୍ ଇଣ୍ଡିଆନ୍ ଆସୋସିଏସନ୍‌ର ସ୍ଥାପନା କଲେ।
- ୧୯୨୦- ମହାନ୍ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନ୍‌ଙ୍କ ଦେହାନ୍ତ।
- ୧୯୭୫- ସିକିମ୍ ଭାରତର ୨୨ତମ ରାଜ୍ୟ ହେଲା।
- ୧୯୯୦-ଚୀନ୍‌ରେ ଭୂମିକମ୍ପ ଯୋଗୁଁ ୧୨୬ ଲୋକଙ୍କ ପ୍ରାଣହାନି।



## ସାତମାସ ଲାଗିଥିଲା 'ହୀରାମଣ୍ଡି' ସେଟ୍

ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭଁସାଲୀଙ୍କ ବହୁପ୍ରତୀକ୍ଷିତ ୱେବ୍‌ସିରିଜ୍ 'ହୀରାମଣ୍ଡି: ଦ ଡାଏମଣ୍ଡ ବାଜାର'ର ଗ୍ରାଣ୍ଡ ପ୍ରିମିୟର୍ ନିକଟରେ ମୁମ୍ବାଇରେ ହୋଇଥିଲା। ଏଥିରେ ସଲମାନ୍ ଖାନ୍, ରେଖା, ଆଲିଆ ଭଟ୍ଟ, ଉର୍ବଶୀ ରୌତେଲା ଆଦି ବଲିଉଡ୍ ସେଲିବ୍ରିଟିମାନେ ଯୋଗ ଦେଇଥିଲେ। ଏହା ମେ' ୧ ନେଟ୍‌ଫ୍ଲିକ୍ସରେ ପ୍ରସାରିତ ହେବ। ମନୀଷା କୋଇରାଲା, ସୋନାକ୍ଷୀ ସିହ୍ନା, ଅଦିତି ରାଓ ହୈଦେରୀ, ଋଚା ଚଡ୍ଢା, ସଞ୍ଜିଦା ଶେଖ୍ ଲିଡ୍ ରୋଲରେ ଦେଖାଯିବେ।



**ଲାଗିଥିଲେ ୭୦୦ ଶ୍ରମିକ**

ସଞ୍ଜୟ ତାଙ୍କ ଫିଲ୍ମଗୁଡ଼ିକରେ ଭବ୍ୟ ସେଟ୍ ନିର୍ମାଣ ପାଇଁ ଚର୍ଚ୍ଚାରେ ଥାଆନ୍ତି। 'ଦେବଦାସ', 'ବାଜିରାଓ ମସ୍ତାନି', 'ପଦ୍ମାବତ୍' ଭଳି ଫିଲ୍ମରେ ସଞ୍ଜୟଙ୍କ ଆକର୍ଷଣୀୟ ସେଟ୍‌ଗୁଡ଼ିକର ଝଲକ୍ ଦର୍ଶକେ ପାଇସାରିଛନ୍ତି। ଇତିମଧ୍ୟରେ 'ହୀରାମଣ୍ଡି'ର ଟ୍ରେଲର୍‌ରେ ଦର୍ଶକେ ଏହାର ସୁନ୍ଦର ସେଟ୍‌ଗୁଡ଼ିକର ଝଲକ୍ ପାଇଛନ୍ତି। ନିକଟରେ ସଞ୍ଜୟ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି ଯେ, ସେ ଏଯାବତ୍ ଯେତେ ଫିଲ୍ମ ନିର୍ମାଣ କରିଛନ୍ତି 'ହୀରାମଣ୍ଡି'ର ସେଟ୍ ସବୁଠୁ ବଡ଼ ସେଟ୍। ତିନି ଏକରରେ ପରିବ୍ୟାପ୍ତ ଏହାର ସେଟ୍। ଏହି ସେଟ୍‌କୁ ତିଆରି କରିବା ପାଇଁ ମୁମ୍ବାଇସ୍ଥିତ ଫିଲ୍ମସିଟିରେ ୭୦୦ କାରିଗର ଲାଗିଥିଲେ। ୬୦ ହଜାର କାଠ ଓ ଧାତୁର ଫ୍ରେମ୍‌ରେ ସେଟ୍‌କୁ ନିର୍ମାଣ କରାଯାଇଥିଲା। ଏହାକୁ ନିର୍ମାଣ କରିବା ପାଇଁ ସାତ ମାସ ସମୟ ଲାଗିଥିଲା। ମୋଗଲ କାଳର ଲଘୁଚିତ୍ର, ଭିତ୍ତିଚିତ୍ର, ଔପନିବେଶକାଳର ଚିତ୍ର, ଝରକାରେ ରୁପାର କାମ, ଚଟାଣରେ ମୀନାକିରା କାମ ସେଟ୍‌କୁ ଅଧିକ ଆକର୍ଷଣୀୟ କରିଛି।'



## ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ

**ଆଜି ଆସିଥିଲେ**



ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଜନନାୟକ-ଚିନ୍ତାନାୟକଙ୍କ ମଧ୍ୟରେ ପାରାଳାଖେମୁଣ୍ଡିର ଗଜପତି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଅନ୍ୟତମ। ଓଡ଼ିଶାର ଭାଷା, ସଂସ୍କୃତି, କଳା ଓ ସାହିତ୍ୟର ଉନ୍ନତି ପାଇଁ ସେ ଅକୁଣ୍ଠ ପୃଷ୍ଠପୋଷକତା କରୁଥିଲେ। 'ପ୍ରଜା ପାଇଁ ରାଜାର ଜନ୍ମ'- ଏହି ସତ୍ୟକୁ ଆଧାର କରି ପ୍ରଜାନୁରଞ୍ଜନ ନିମନ୍ତେ ସେ ଜୀବନ ଉତ୍ସର୍ଗ କରିଥିଲେ । ତେଣୁ ସେ ସମଗ୍ର ଓଡ଼ିଆ ଜାତିର ହୃଦୟର ମହାରାଜା ଥିଲେ । ରାଜା ଗୌରଚନ୍ଦ୍ର ଦେବ (ଦ୍ୱିତୀୟ) ଓ ରାଣୀ ବିଷ୍ଣୁପ୍ରିୟା ଦେବୀଙ୍କର ଜ୍ୟେଷ୍ଠ ପୁତ୍ର ରୂପେ କୃଷ୍ଣଚନ୍ଦ୍ର ୧୮୯୨ ଏପ୍ରିଲ ୨୬ ବୈଶାଖ ଅମାବାସ୍ୟା ଦିନ ପାରଳାଖେମୁଣ୍ଡିଠାରେ ଜନ୍ମଗ୍ରହଣ କରିଥିଲେ। ପିତା ଗୌରଚନ୍ଦ୍ର ଗଜପତି ଓ ପିତୃବ୍ୟ ପଦ୍ମନାଭ ଦେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ ଓ ମି. ଏଡମଣ୍ଡ କ୍ୟାଣ୍ଡଲର ଗୃହଶିକ୍ଷକଙ୍କ ଦାୟିତ୍ୱରେ ସେ ବାଲ୍ୟଶିକ୍ଷା ସମାପ୍ତ କରିଥିଲେ। ପ୍ରାଥମିକ ଶିକ୍ଷା ଶେଷ ହେବା ପରେ ଉଚ୍ଚଶିକ୍ଷା ପାଇଁ ସେ ତତ୍କାଳୀନ ମାନ୍ଦ୍ରାଜ ଗଲେ। ନିଉଇଂଟନ କଲେଜରୁ ପାଠପଢ଼ା ଶେଷ ପରେ କୃଷ୍ଣଚନ୍ଦ୍ର ୧୯୧୩ ମସିହାରେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରି ଖରସୁଆଁ ରାଜ୍ୟର ରାଜଜେମା ନଳିନୀ ଦେବୀଙ୍କୁ ବିବାହ କରିଥିଲେ ଓ ଶାସନ ଭାର ଗ୍ରହଣ କରିଥିଲେ। ପାଟରାଣୀଙ୍କର ଅକାଳ ବିୟୋଗ ଯୋଗୁଁ ବୈବାହିକ ଜୀବନ ତାଙ୍କର ଦୀର୍ଘସ୍ଥାୟୀ ହୋଇ ନଥିଲା। ତେବେ, ସେ ଦ୍ୱିତୀୟ ବିବାହ କରି ନଥିଲେ। ୧୯୭୪ ମସିହା ମେ' ୨୫ ତାରିଖରେ ସେ ଇହଲୀଳା ସମ୍ବରଣ କରିଥିଲେ। କୃଷ୍ଣଚନ୍ଦ୍ର ଥିଲେ ଆଧୁନିକ ଓଡ଼ିଶା ଗଠନର ଅନ୍ୟତମ ବିନ୍ଧାଣି। ସ୍ୱତନ୍ତ୍ର ଓଡ଼ିଶା ପାଇଁ ବ୍ରିଟିଶ୍ ସରକାରଙ୍କ ନିକଟରେ ଦାବି ଜଣାଇବାକୁ ସେ ଲଣ୍ଡନରେ ଆୟୋଜିତ ଗୋଲ୍‌ଟେବୁଲ ବୈଠକରେ ଯୋଗଦେବା, ମଧୁବାବୁଙ୍କ ପରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ନେତୃତ୍ୱ ନେବା, ଉତ୍କଳ ସମ୍ମିଳନୀକୁ ଉଜ୍ଜୀବିତ ରଖିବା ଆଦି ତାଙ୍କର ଦେଶପ୍ରୀତିର ମହାନ ଉଦାହରଣ। ରାଜ୍ୟରେ ଶିକ୍ଷାର ବିକାଶ, କୁଟୀର ଶିଳ୍ପର ବିକାଶ, କୃଷିର ବିକାଶ, ଗମନାଗମନର ସୁବିଧା ଓ ସର୍ବୋପରି ଉତ୍କଳୀୟ ସାହିତ୍ୟ, ସଂସ୍କୃତିକୁ ବଞ୍ଚାଇ ରଖିବାରେ ତାଙ୍କର ଯୋଗଦାନ ଅବିସ୍ମରଣୀୟ। ଓଡ଼ିଶା ପ୍ରଦେଶ ଗଠନ ପରେ ୧୯୩୭ରେ ସେ ବିଧାନସଭା ନିର୍ବାଚନରେ ଭାଗ ନେଇ ଓଡ଼ିଶାର ସର୍ବପ୍ରଥମ ମନ୍ତ୍ରିମଣ୍ଡଳର ପ୍ରଧାନମନ୍ତ୍ରୀ ହୋଇଥିଲେ । ପୁନର୍ବାର ୧୯୪୧ ମସିହା ନଭେମ୍ବର ମାସ ଠାରୁ ୧୯୪୪ ମସିହା ଜୁନ ମାସ ପର୍ଯ୍ୟନ୍ତ ତୃତୀୟ ମନ୍ତ୍ରିମଣ୍ଡଳରେ ପୁନର୍ବାର ପ୍ରଧାନମନ୍ତ୍ରୀ ରୂପେ ଯୋଗଦେଇ ଦକ୍ଷତାର ସହ କାର୍ଯ୍ୟ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ କଟକ ମେଡିକାଲ କଲେଜ ତାଙ୍କରି କାର୍ଯ୍ୟକାଳରେ ହିଁ ସ୍ଥାପନ ହୋଇଥିଲା। ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବାରେ ତାଙ୍କର ଅବଦାନ ମଧ୍ୟ ଅବିସ୍ମରଣୀୟ। ପଣ୍ଡିତ ଗୋପୀନାଥ ନନ୍ଦ ସଙ୍କଳିତ 'ଓଡ଼ିଆ ଶବ୍ଦତତ୍ତ୍ୱବୋଧ ଅଭିଧାନ'ର ମୁଦ୍ରଣ ସେ କରାଇଥିଲେ। ତାଙ୍କ ଆର୍ଥିକ ସହାୟତାରେ ଜଗବନ୍ଧୁ ସିଂହଙ୍କ 'ପ୍ରାଚୀନ ଉତ୍କଳ' , 'ଗୋପାଳକୃଷ୍ଣ ପଦ୍ୟାବଳୀ' ଏବଂ 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ'ର ପଞ୍ଚମ ଖଣ୍ଡ ମଧ୍ୟ ପ୍ରକାଶିତ ହୋଇଥିଲା।

## ଅଦୃଶ୍ୟ ହୋଇଯାଏ ରନ୍‌ୱେ

ସ୍କଟଲ୍ୟାଣ୍ଡରେ ବାରା ନାମରେ ଏକ ଦ୍ୱୀପ ଅଛି। ଏହି ସ୍ଥାନ ତା'ର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସୁନ୍ଦର ବେଳାଭୂମି ପାଇଁ ବେଶ୍ ପ୍ରସିଦ୍ଧି ଅର୍ଜନ କରିଛି। ତେବେ ଏହି ଦ୍ୱୀପଟି ଅନ୍ୟ ଏକ କାରଣ ପାଇଁ ମଧ୍ୟ ଚର୍ଚ୍ଚାରେ ରହିଛି। ତାହାହେଲା ଦ୍ୱୀପ ମଧ୍ୟରେ ଥିବା ବିମାନବନ୍ଦରର ରନୱେ ଦିନର ଯେକୌଣସି ସମୟରେ ଅଦୃଶ୍ୟ ହୋଇଯିବା। ଏଥିପାଇଁ ବିମାନ ଚଳାଚଳ ପ୍ରଭାବିତ ହୋଇ ନ ଥାଏ। ଅବଶ୍ୟ ପରେ ପୁଣି ଦୃଶ୍ୟମାନ ହୁଏ। ତେବେ ଏଭଳି ଘଟଣା ପଛରେ ରହିଛି ସମୁଦ୍ରର ଉତ୍ତାଳ ଲହଡ଼ିର ଉପସ୍ଥିତି। ଯେତେବେଳେ ସମୁଦ୍ରରେ ଅଧିକ ଉଚ୍ଚତାରେ ଢେଉ ଆସେ ଏହି ରନ୍‌ୱେ ପୂରାପୂରି ଗାଏବ ହୋଇଯାଏ। ସେଥିପାଇଁ ସମୟକୁ ଧ୍ୟାନରେ ରଖି ସମୁଦ୍ର ଢେଉ ଆସୁ ନ ଥିବା ସମୟରେ ବିମାନ ଅବତରଣ କରିଥାଏ।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖାଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖାଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖାଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।






## ୨୦୪୦ ସୁଦ୍ଧା ଦୁଇଗୁଣା ହେବ ପ୍ରୋଷ୍ଟେଟ୍ କ୍ୟାନ୍ସର୍

ବାରମ୍ବାର ପରିସ୍ରା ଲାଗିବା, ପରିସ୍ରା ସମୟରେ ଯନ୍ତ୍ରଣା ହେବା, ପରିସ୍ରାରେ ରକ୍ତ ପଡ଼ିବା, ପାଦରେ ଯନ୍ତ୍ରଣା, ଓଜନ ହ୍ରାସ, ପେଟ ଜନିତ ସମସ୍ୟା, ଶ୍ୱାସକ୍ରିୟାରେ ଯନ୍ତ୍ରଣା ଅନୁଭବ କରିବା ଆଦି ପ୍ରୋଷ୍ଟେଟ କ୍ୟାନ୍ସରର ଲକ୍ଷଣ। ଖରାପ ଜୀବନଶୈଳୀ, ଚିନ୍ତା, ରସାୟନଯୁକ୍ତ ଖାଦ୍ୟ ସେବନ, ମୋଟାପା, ଧୂମପାନ, ମିଶ୍ରିତ ଆହାର କାରଣରୁ ଏବେ ବୈଶ୍ୱିକସ୍ତରରେ ପ୍ରୋଷ୍ଟେଟ କ୍ୟାନ୍ସର ରୋଗ ବୃଦ୍ଧି ପାଇଛି। ତେବେ ପ୍ରୋଷ୍ଟେଟ କ୍ୟାନ୍ସରକୁ ନେଇ ଏବେ ବୈଜ୍ଞାନିକ ନୂଆ କଥା ସାମନାକୁ ଆଣିଛନ୍ତି। 'ଦି ଲ୍ୟାନସେଟ୍ କମିଶନ' ୧୮୫ଟି ଦେଶରୁ ପ୍ରୋଷ୍ଟେଟ କ୍ୟାନ୍ସରର ତଥ୍ୟ ନେଇ ଏକ ଅଧ୍ୟୟନ କରିଥିବାବେଳେ ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ, ୨୦୪୦ ମସିହା ସୁଦ୍ଧା ବିଶ୍ୱରେ ପ୍ରୋଷ୍ଟେଟ କ୍ୟାନ୍ସର ମାମଲା ଦୁଇଗୁଣା ହୋଇ ୨.୯ ମିଲିୟନ ତଥା ୨୯ ଲକ୍ଷରେ ପହଞ୍ଚିବ। ଏହାସହ ମୃତ୍ୟୁ ମାମଲା ୮୫% ପ୍ରତିଶତ ବୃଦ୍ଧି ପାଇବା ଆଶଙ୍କା ରହିଛି। ପଶ୍ଚିମ ଏବଂ ଉତ୍ତର ୟୁରୋପ ସମେତ ଉତ୍ତର ଆମେରିକା, ଦକ୍ଷିଣ ଆମେରିକା, ମଧ୍ୟ ଆଫ୍ରିକା, ମାଲେସିଆ, ୟୁକେ ଆଦି ରାଷ୍ଟ୍ରରେ ଏହି କର୍କଟ ମାମଲା ଅଧିକ ଥିବାବେଳେ ଏବେ ମଧ୍ୟମ ଆୟଯୁକ୍ତ ଦେଶରେ ଏହି ମାମଲା ଅଧିକ ବୃଦ୍ଧି ପାଇବାର ଆଶଙ୍କା ରହିଛି। ଭାରତରେ ଉକ୍ତ ବିପଦଜ୍ଜନକ କର୍କଟ ରୋଗର ତିନି ପ୍ରତିଶତ ପ୍ରୋଷ୍ଟେଟ କ୍ୟାନ୍ସର ହୋଇଥିବାରୁ ୬୦ ବର୍ଷରୁ ଅଧିକ ବୟସର ପୁରୁଷଙ୍କ ଠାରେ ପ୍ରାରମ୍ଭିକ ପରୀକ୍ଷା କରିବାକୁ ରିପୋର୍ଟରେ କୁହାଯାଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୁଣେର ଜଣେ ୬୪ ବର୍ଷୀୟ ଜେନେରାଲ ସର୍ଜନ ପିଠିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିସ୍ରା କରିବାରେ ତାଙ୍କୁ ଅସୁବିଧା ହୋଇଥିବା/ କୌଣସି ପ୍ରାରମ୍ଭିକ ଲକ୍ଷଣ ନଥିବା ସତ୍ତ୍ୱେ ତାଙ୍କ ମେରୁଦଣ୍ଡକୁ ପ୍ରୋଷ୍ଟେଟ କ୍ୟାନ୍ସର ବ୍ୟାପିଯାଇଥିଲା। ତେବେ ତାଙ୍କ ଭଳି ଅନେକ ଭାରତୀୟ ପୁରୁଷ ଶେଷ ପର୍ଯ୍ୟାୟରେ ଏହି କ୍ୟାନ୍ସରରେ ଆକ୍ରାନ୍ତ ହୋଇ ପ୍ରାଣ ହରାଉଛନ୍ତି। ଇଣ୍ଟରନ୍ୟାସନାଲ ଏଜେନ୍ସି ଫର ରିସର୍ଚ୍ଚ ଅନ୍ କ୍ୟାନ୍ସର ଆକଳନ ଅନୁଯାୟୀ, ଲାନସେଟ୍ ଏହାର ବିଶ୍ଳେଷଣରେ ଦର୍ଶାଇଛି ଯେ ୨୦୪୦ ସୁଦ୍ଧା ଭାରତରେ ପ୍ରୋଷ୍ଟେଟ୍ କ୍ୟାନ୍ସର ମାମଲା ଦୁଇଗୁଣ ହୋଇ ବାର୍ଷିକ ପ୍ରାୟ ୭୧,୦୦୦ ନୂଆ ମାମଲା ସାମ୍ନାକୁ ଆସିବ। ଦି ଲ୍ୟାନସେଟ୍ ରିପୋର୍ଟର ପ୍ରମୁଖ ଲେଖକ ଏବଂ ଲଣ୍ଡନର କର୍କଟ ଅନୁସନ୍ଧାନ ସଂସ୍ଥାନରେ ପ୍ରୋଷ୍ଟେଟ ଏବଂ ମୂତ୍ରାଶୟ କର୍କଟ ଅନୁସନ୍ଧାନର ପ୍ରଫେସର ନିକ୍ ଜେମ୍‌ସ କୁହନ୍ତି, ଏହି ସମସ୍ୟା ଚିନ୍ତା ବୃଦ୍ଧି କରିବ। ବୈଜ୍ଞାନିକ ପ୍ରୋଷ୍ଟେଟ –ସ୍ପେସିଫିକ ଆଣ୍ଟିଜେନ୍ (ପିଏସ୍ଏ) ସ୍କ୍ରିନିଂର ଦୁରୁପଯୋଗକୁ ନେଇ ଚିନ୍ତାପ୍ରକାଶ କରିଛନ୍ତି। ତେଣୁ ଏହି ସମସ୍ୟାରୁ ସମାଧାନ ପାଇଁ ସମସ୍ତ ପୁରୁଷଙ୍କୁ ସତର୍କତା ରହିବାର ଆବଶ୍ୟକ ରହିଛି। ଦୈନିକ ବ୍ୟାୟାମ ଏବଂ ଖାଦ୍ୟରେ ପରିବର୍ତ୍ତନ ଦ୍ୱାରା ଏହି ସଙ୍କଟକୁ ଏଡ଼ାଇ ଦିଆଯାଇପାରିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଏହି ରୋଗରୁ ମୁକ୍ତି ପାଇବା ପାଇଁ ଅଧିକ ମାଂସ ଓ ମସଲାଯୁକ୍ତ ଖାଦ୍ୟଠାରୁ ଦୂରେଇ ରହିବା ଉଚିତ।



## ହୃଦ୍‌ରୋଗ ଚିହ୍ନଟ କରିବ ଏଆଇ

ବ୍ରିଟିଶ୍ ସ୍ୱାସ୍ଥ୍ୟବିଶେଷଜ୍ଞ ଏକ ନୂତନ ଏଆଇ ଟୁଲ୍ ବିକଶିତ କରିଛନ୍ତି। ଏହା ୮୦ ପ୍ରତିଶତ ସଠିକତାର ସହ ବ୍ୟକ୍ତିଙ୍କର ହୃଦ୍‌ସମସ୍ୟାକୁ ଚିହ୍ନଟ କରିପାରିବ। ୟୁକେର ଲିସେଷ୍ଟର ବିଶ୍ୱବିଦ୍ୟାଳୟର ନେତୃତ୍ୱରେ ଏକ୍ ଟିମ୍ ବିଏ-ରେସନେଟ୍-୫୦ ଟୁଲ୍ ବିକଶିତ କରିଥିବାବେଳେ ଏହା ହୃଦ୍‌ରୋଗ ଯାଞ୍ଚ କରିବାରେ ସକ୍ଷମ ହେବ। ଯଦିଓ ଭେଣ୍ଟ୍ରିକୁଲର ଏରିଥ୍ମିୟା ଅସାମାନ୍ୟ ହୃଦ୍‌ସ୍ପନ୍ଦନ। ଏହା ହୃଦୟର ନିମ୍ନ କୋଠରୀ ସହିତ ଜଡିତ ସମସ୍ୟାକୁ ଦେଖାଏ। ଏହି ସ୍ଥିତିରେ ହୃତ୍‌ପିଣ୍ଡ ଜୋର ଚାଲିବା ସହ ରକ୍ତଚାପ କମ୍ ହୋଇଯାଏ। ଏହି ସମସ୍ୟାକୁ ଆରମ୍ଭରୁ ଚିହ୍ନଟ ନକଲେ ଏହା ଭୟଙ୍କର ପରିସ୍ଥିତି ସୃଷ୍ଟି କରେ। ତେବେ ବିଏ-ରେସନେଟ୍-୫୦ ଉପଯୋଗ କରି ରୋଗୀଙ୍କ ହୃଦ୍‌ସମସ୍ୟାକୁ ଯାଞ୍ଚ କରାଯାଇଥିବାବେଳେ ଏହା ଘାତକ ରୋଗକୁ ସଠିକ୍ ଚିହ୍ନଟ କରିବ ବୋଲି ଦୀର୍ଘଦିନରୁ କରାଯାଉଥିବା ପରୀକ୍ଷଣରୁ ଜଣାପଡ଼ିଛି। ପରୀକ୍ଷଣରେ ପାଞ୍ଚ ଜଣ ରୋଗୀଙ୍କ ମଧ୍ୟରୁ ଚାରି ମାମଲାରେ ଏଆଇ ଉପକରଣ ସଠିକ୍ ଭବିଷ୍ୟବାଣୀ କରିଥିଲା। ଏହି ଟୁଲ୍ ଦ୍ୱାରା କେଉଁ ରୋଗୀ ଭେଣ୍ଟ୍ରିକୁଲର ଏରିଥାମିୟାରେ ପୀଡ଼ିତ, ତାହା ଜଣାଇଥିଲା। କାର୍ଡିଓଭାସ୍କୁଲାର ସାଇନ୍ସେସ୍ ବିଭାଗର ମୁଖ୍ୟ ତଥା ବରିଷ୍ଠ ହୃଦ୍‌ରୋଗ ପ୍ରଫେସର ଆନ୍ଦ୍ରେ ଏନଜିଙ୍କ କହିବାନୁସାରେ, 'ଏହି ଟୁଲ୍ ଦ୍ୱାରା କେଉଁମାନଙ୍କୁ ଭେଣ୍ଟ୍ରିକୁଲର ଏରିଥାମିୟାରେ ସବୁଠୁ ଅଧିକ ବିପଦ ରହିଛି ଏବଂ କେଉଁମାନଙ୍କୁ ଇମ୍ପ୍ଲାଣ୍ଟେବେଲ୍ କାର୍ଡିଓଭର୍ସନ ଡିଫିବ୍ରିଲେଟର ଲାଭ ମିଳିବ ସହଜରେ ଜାଣିହେବ। ହୃଦ୍‌ରୋଗକୁ ସମୟ ପୂର୍ବରୁ ରୋକାଯିବା ସହ ହୃଦ୍‌ରୋଗଜନିତ ମୃତ୍ୟୁକୁ କମ୍ କରାଯାଇପାରିବ।

**ସକାଳର ସ୍ୱାସ୍ଥ୍ୟ**



## କୋଲ୍ଡ ଇନ୍‌ଟଲେରାନ୍ସ

**ସମ୍ପ୍ରତି ଅଧିକ ତାପମାତ୍ରା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅସହ୍ୟ ଗୁଳିଗୁଳିରେ ଲୋକେ ଘରୁ ବାହାରିପାରୁନଥିବା ବେଳେ ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କୁ ଅସହ୍ୟ ଗରମରେ ମଧ୍ୟ ଥଣ୍ଡା ଅନୁଭୂତ ହୋଇଥାଏ। ଏହି ଗମ୍ଭୀର ସମସ୍ୟାକୁ ଡାକ୍ତରୀ ଭାଷାରେ 'କୋଲ୍ଡ ଇନ୍‌ଟଲେରାନ୍ସ' କୁହାଯାଏ। ସାଧାରଣତଃ ଶରୀରରେ କିଛି ଭିଟାମିନ୍ ଅଭାବ ଯୋଗୁଁ ଏହି ସମସ୍ୟା ଉତ୍ପନ୍ନ ହୋଇଥାଏ।**

ଏହି ରୋଗରେ ପୀଡ଼ିତଙ୍କୁ ୨୪ ଘଣ୍ଟା ଥଣ୍ଡା ଲାଗିଥାଏ। ପଙ୍ଖା ପବନ ଏମାନେ ସହ୍ୟ କରିପାରନ୍ତିନି। ଯେଉଁମାନେ ଗରମରେ ଥଣ୍ଡା ଅନୁଭବ କରନ୍ତି, ସେମାନଙ୍କ ଶରୀରରେ ଲୌହସାରର ଅଭାବ ରହିଥାଏ। ହିମୋଗ୍ଲୋବିନ୍ ସ୍ତର କମ୍ ହୋଇ ଥକ୍କାପଣ ଏବଂ କମ୍‌ଜୋର ଲାଗିଥାଏ। ସେହିପରି ପରିବର୍ତ୍ତିତ ଜଳବାୟୁରେ ଚର୍ବିଯୁକ୍ତ ଖାଦ୍ୟର ଅଭାବରୁ ଥକ୍କାପଣ ଏବଂ ଶରୀରରେ ଅସାମାନ୍ୟ ଲକ୍ଷଣ ଦେଖାଯାଏ। ଏହା ଗମ୍ଭୀର ରୋଗକୁ ଡାକିଆଣେ।

ଅନ୍ୟପଟେ ଗରମଦିନେ ଥଣ୍ଡା ଲାଗିବା ହାଇପୋଥାୟରାଇଡ୍‌କୁ ସୂଚାଏ। ଥାଇରଏଡ କାରଣରୁ ଶରୀରରେ ତାପମାତ୍ରାରେ ପରିବର୍ତ୍ତନ ଆସିଥାଏ। ଥକ୍କାଲାଗେ। ତେଣୁ ଏହି ଗମ୍ଭୀର ରୋଗରୁ ଆରୋଗ୍ୟ ଲାଭ କରିବା ପାଇଁ ଭୋଜନରେ ପ୍ରତିଦିନ ଆଇରନ୍ ଯୁକ୍ତ ଖାଦ୍ୟ, ମାଛ, ସୋୟାବିନ୍, ବାଦାମ ଆଦି ସାମିଲ କରିବା ଉଚିତ। ଏହାଦ୍ୱାରା ଶରୀରରେ ରକ୍ତ ବୃଦ୍ଧି ପାଇବା ସହ ଶରୀର ଫିଟ୍ ଓ ନୀରୋଗ ରହିଥାଏ।

## ହାପି ହର୍ମୋନ୍ ସକ୍ରିୟ ରହିଲେ ମିଳିବ ଖୁସି

**ମନୁଷ୍ୟ ଶରୀରକୁ ମସ୍ତିଷ୍କ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରେ । ଦୈନନ୍ଦିନ କାର୍ଯ୍ୟ ପ୍ରଣାଳୀ, ଖାଦ୍ୟପେୟ, ନିଦ୍ରା, ବ୍ୟାୟାମ ଓ ବିଶ୍ରାମ ଅନୁସାରେ ମସ୍ତିଷ୍କ ପ୍ରଭାବିତ ହୋଇଥାଏ। ତେଣୁ ଖାଦ୍ୟପେୟ, ଚାଲିଚଳନ ଓ କାର୍ଯ୍ୟଶୈଳୀ ପ୍ରତି ଧ୍ୟାନ ଦେଇ ଉପଯୁକ୍ତ ମାର୍ଗରେ ପରିଚାଳିତ ହେଲେ ମନୁଷ୍ୟ ଦୀର୍ଘାୟୁ ଏବଂ ନିରୋଗ ରହିପାରେ । ଏଥିପାଇଁ ମସ୍ତିଷ୍କ ସୁସ୍ଥ ରହିବା ମଧ୍ୟ ନିହାତି ଆବଶ୍ୟକ। ମସ୍ତିଷ୍କ ମନ ଆଉ ଶରୀରକୁ ସୁସ୍ଥ ଓ ସତେଜ ରଖେ। ମୁଖ୍ୟତଃ ୪ ପ୍ରକାର ହର୍ମୋନର ହିଁ ମସ୍ତିଷ୍କକୁ ସୁସ୍ଥ ରଖିଥାଏ। ଏହି ହର୍ମୋନ କିପରି ସକ୍ରିୟ ହୁଏ ଏବଂ ଏହା ଶରୀରରେ କ'ଣ ପ୍ରଭାବ ପକାଏ ଜାଣିବା...**

**ଡୋପାମାଇନ୍ ହର୍ମୋନ୍:** ଯେତେବେଳେ ଜଣେ ବ୍ୟକ୍ତି କୌଣସି କାର୍ଯ୍ୟ ହାସଲ, ସଫଳତା ପାଇବା କିମ୍ବା କୌଣସି ଲୋଭନୀୟ ଖାଦ୍ୟ ଖାଇବାର ଅପେକ୍ଷାରେ ଥାଆନ୍ତି ତାହା ମିଳିଯିବା ସମୟରେ ସେମାନେ ଅତ୍ୟଧିକ ଖୁସି ଓ ଭାବପ୍ରବଣ ହୋଇଯାନ୍ତି। ଏହି ଖୁସିର କାରଣ ହେଉଛି ଡୋପାମାଇନ୍ ହର୍ମୋନ୍। ଅଧିକ ଖୁସିରୁ ଶରୀରରେ ଏହି ଡୋପାମାଇନ୍ ହର୍ମୋନ କ୍ଷରଣ ହୁଏ। ମସ୍ତିଷ୍କ ଉପରେ ଏହା ଗଭୀର ପ୍ରଭାବ ପକାଏ। ଏହା ଶରୀରରୁ ଷ୍ଟ୍ରେସ୍ ବା ଚାପ ଦୂର କରିବାରେ ସହାୟକ ହୋଇଥାଏ। ତେଣୁ ନିଜକୁ ଖୁସି ଦେଉଥିବା କାମ କରନ୍ତୁ।

**ସେରୋଟନିନ୍:** ଯେତେବେଳେ ବହୁତ୍ କିଛି କାମକରି ହାଲିଆ ହୋଇଯାଉ କିମ୍ବା କୌଣସି ଘଟଣାକୁ ନେଇ ଦୁଃଖ ବା ଅନୁଶୋଚନାରେ ଥାଉ, ସେତେବେଳେ ଘର ଠାରୁ ଟିକେ ଦୂରକୁ ଯାଇ ସୂର୍ଯ୍ୟମନସ୍କ ତଥା ଏକନିଷ୍ଠ ବା ଧ୍ୟାନସ୍ଥ ହୋଇ ବସିବା ଦ୍ୱାରା ସୂର୍ଯ୍ୟକିରଣରୁ ଶରୀରରେ ସେରୋଟନିନ୍ ହର୍ମୋନ୍ ଜାତ ହୁଏ। ଯାହା ମସ୍ତିଷ୍କ ମାଧ୍ୟମରେ ମନ ଓ ଶରୀରକୁ ଚାପମୁକ୍ତି କରେ । ନିୟମିତ ଯୋଗ, ପ୍ରାଣାୟମ ଓ ପ୍ରତ୍ୟେକ କ୍ଷେତ୍ରରେ କୃତଜ୍ଞତା ଜଣାଇବା ଅଭ୍ୟାସ ବଜାୟ ରଖିଲେ ସେରୋଟୋନିନ ସ୍ତର ବୃଦ୍ଧି ପାଏ।



**ଏଣ୍ଡୋରଫିନ୍:** ନିୟମିତ ସକାଳୁଆ ବ୍ୟାୟାମ, ଚାଲିବା, ଦୌଡ଼ିବା, ମନଖୋଲା ହସିବା ଏବଂ ମସଲାଯୁକ୍ତ ସୁସ୍ୱାଦୁ ଖାଦ୍ୟ ଖାଇବା ବେଳେ ଏଣ୍ଡୋରଫିନ୍ ଜାତୀୟ ହର୍ମୋନ ନିର୍ଗତ ହୋଇଥାଏ। ଏହା ମସ୍ତିଷ୍କକୁ ପ୍ରଭାବିତ କରି ମନକୁ ପ୍ରଫୁଲ୍ଲ ରଖେ । ତେଣୁ ନିୟମିତ ୮ ଘଣ୍ଟା ଶୋଇବା ସହ ଗଭୀର ନିଃଶ୍ୱାସ ନେବା ଜରୁରି।

**ଅକ୍ସିଟୋସିନ୍:** ଆଲିଙ୍ଗନ କରିବା ବେଳେ ଶରୀରରୁ ଏହି ହର୍ମୋନ ନିର୍ଗତ ହୁଏ। ମନ ଶାନ୍ତି ଲାଗେ। ତେଣୁ ନିଜ ଲୋକଙ୍କ ସହ ସମୟ ବିତାଇବା ଦ୍ୱାରା ଅକ୍ସିଟୋସିନ୍ ସକ୍ରିୟ ରୁହେ।

୨୦ ବର୍ଷରୁ କମ୍ ଏସିଆନ ଆଥ୍ଲେଟିକ୍ସ

# ଜାଭେଲିନ୍‌ରେ ଦୀପାଂଶୁଙ୍କୁ ସ୍ୱର୍ଣ୍ଣ, ରୋହନଙ୍କୁ ରୌପ୍ୟ

ଦୁବାଇ,୨୫।୪(ଏଜେନ୍ସି)

ଦୁବାଇରେ ୨୦ ବର୍ଷରୁ କମ୍ ଏସିଆନ ଆଥଲେଟିକ୍ସ ଚାମ୍ପିଅନସିପ୍ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଭାରତୀୟ ଆଥଲେଟ୍‌ମାନେ ଗୋଟିଏ ସ୍ୱର୍ଣ୍ଣ ଓ ୩ ରୌପ୍ୟ ସହ ମୋଟ୍ ୪ଟି ପଦକ ହାସଲ କରିଛନ୍ତି। ଜାଭେଲିନ୍‌ରେ ଭାରତ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଛି। ସେହିପରି ୧୫୦୦ ମିଟର ଦୌଡ଼ ଓ ଡିସ୍‌କସ୍ ଥ୍ରୋ'ରେ ଭାରତ ରୌପ୍ୟ ପଦକ ହାସଲ କରିଛି।

## ଭାରତକୁ ଗୋଟିଏ ସ୍ୱର୍ଣ୍ଣ, ୩ ରୌପ୍ୟ

୨୦ ବର୍ଷରୁ କମ୍ ଏସିଆନ ଆଥଲେଟିକ୍ ଚାମ୍ପିଅନସିପ୍ ୨୪ରୁ ଆରମ୍ଭ ହୋଇ ୨୭ ତାରିଖରେ ଶେଷ ହେବ। ୩୧ଜଣ ପୁରୁଷ ଖେଳାଳିଙ୍କ ସହ ମୋଟ୍ ୬୦ ଜଣିଆ ଦଳ ଏହି ଇଭେଣ୍ଟରେ ଭାଗ ନେଇଛି। ଆଗାମୀ ଅଗଷ୍ଟ ୨୭ରୁ ୩୧ ତାରିଖ ମଧ୍ୟରେ ପେରୁ ରାଜଧାନୀ ଲିମାରେ ଆୟୋଜନ ହେବାକୁ ଥିବା ୨୦ ବର୍ଷରୁ କମ୍ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ ପାଇଁ ଏହା ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟ ବିବେଚିତ ହେଉଛି। ପ୍ରଥମ ଦିବସରେ ଦୀପାଂଶୁ ୭୦.୨୯ ମିଟର ଜାଭେଲିନ୍ ଫିଙ୍ଗି ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ। ଏହି ଇଭେଣ୍ଟରେ ଅନ୍ୟତମ ଭାରତୀୟ ଜାଭେଲିନ ଥ୍ରୋୟର ଉତ୍ତରପ୍ରଦେଶର ରୋହନ ଯାଦବ ୭୦.୨୩ ମିଟର ଫିଙ୍ଗି ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟ ଜିତିଛନ୍ତି। ସେହିପରି ଉତ୍ତରପ୍ରଦେଶର ପ୍ରିୟାଂଶୁ ପୁରୁଷ ୧୫୦୦ ମିଟର ଦୌଡ଼ରେ ୩ ମିନିଟ୍ ୫୦. ୮୫ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ଇଭେଣ୍ଟରେ କତାରର ଏତୋଲଗାଜି ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଛନ୍ତି। ସେହିପରି ଡିସ୍‌କସ ଥ୍ରୋ'ରେ ରତିକ ରାଠି ରୌପ୍ୟ ପଦକ୍ ଜିତିଛନ୍ତି। ସେ ତୃତୀୟ ପ୍ରୟାସରେ ୫୨. ୨୩ ମିଟର ଡିସ୍‌କସ୍ ଫିଙ୍ଗି ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ଜିତିଥିଲେ।



ସେହିପରି ମହିଳା ୮୦୦ମିଟର ଫାଇନାଲ ଦୌଡ଼ରେ ୨ ଭାରତୀୟ ଖେଳାଳି ଫାଇନାଲ ମୁକାବିଲରେ ଅବତୀର୍ଣ୍ଣ ହେବେ। ଭାରତ ଲକ୍ଷିତା ଓ ତନବୀଙ୍କ ପଦକ ପାଇଁ ଏହି ଇଭେଣ୍ଟର ଫାଇନାଲରେ ପରସ୍ପରକୁ ଟକ୍କର ଦେବେ। ସେହିପରି ମହିଳା ୪୦୦ ମିଟର ଦୌଡ଼ରେ ଭାରତର ଅନୁଷ୍କା ଦତାତ୍ରେୟ କୁମ୍ଭାରଠ ଓ ସଂଗୀତା ଡୋଡଲା ଫାଇନାଲରେ ପହଞ୍ଚି ପଦକ ହାସଲ ସମ୍ଭାବନା ସୃଷ୍ଟି କରିଛନ୍ତି। ସେହିପରି ପୁରୁଷ ୪୦୦ ମିଟର ଦୌଡ଼ରେ ଅମନ ଚୌଧୁରୀ ଫାଇନାଲ ରାଉଣ୍ଡରେ ପ୍ରବେଶ କରି ପଦକ ଆଶା ଉଜ୍ଜୀବିତ ରଖିଛନ୍ତି।

୬୭ତମ ଜାତୀୟ ବିଦ୍ୟାଳୟ କ୍ରୀଡ଼ା

# ଓଡ଼ିଶା ବାଳିକା ରଗ୍‌ବୀ ଦଳକୁ ରୌପ୍ୟ

**ଭୁବନେଶ୍ୱର, ୨୫।୪ (ସମିସ):** ପୁଣେର ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପେଲକ୍ସରେ ଜାତୀୟ ବିଦ୍ୟାଳୟ କ୍ରୀଡ଼ାର ୬୭ତମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶା ସିଏଚ୍‌ଏସ୍‌ଇ (ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ) ୧୯ ବର୍ଷରୁ କମ୍ ବାଳିକା ରଗ୍‌ବୀ ଦଳ ରୌପ୍ୟ ପଦକ ବିଜୟୀ ହୋଇଛି। ମହିଳା ରଗ୍‌ବୀ ଫାଇନାଲରେ ଓଡ଼ିଶାର ମୁକାବିଲା ବିହାର ସହ ହୋଇଥିଲା। ଏହି ମ୍ୟାଚକୁ ଓଡ଼ିଶା ୭-୨୭ ସ୍କୋରରେ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲା।

ଏଥିପୂର୍ବରୁ ଓଡ଼ିଶା ସିଏଚ୍‌ଏସ୍‌ଇ ବାଳିକା ରଗ୍‌ବୀ ଦଳ ପ୍ରଥମ ଦୁଇଟି ଲିଗ୍‌ରେ ଯଥାକ୍ରମେ ୧୦-୦ରେ ସିବିଏସ୍‌ଇକୁ ହରାଇଥିବାବେଳେ ୧୯-୦ରେ ବିହାର ନିକଟରୁ ପରାସ୍ତ ହୋଇଥିଲା। ଏହାପରେ କ୍ୱାର୍ଟର ଫାଇନାଲରେ ଓଡ଼ିଶା ୨୭-୦ରେ ରାଜସ୍ଥାନକୁ ଏବଂ ସେମିଫାଇନାଲରେ ଛତିଶଗଡ଼କୁ ୩୬-୦ରେ ମାତ୍ ଦେଇ ଫାଇନାଲରେ ପହଞ୍ଚିଥିଲା। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ସାଂସଦ ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳି ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶା ସିଏଚ୍‌ଏସ୍‌ଇ ବାଳିକା ରଗ୍‌ବୀ ଦଳ: ରାଇମଣି ଛତର, ବିଦୁସ୍ମିତା ସିଂ, ସଂଯୁକ୍ତା ଭୂମିଜ, ବର୍ଷାରାଣୀ ପ୍ରଧାନ, ସନ୍ଧ୍ୟାରାଣୀ ବିଶ୍ୱାଳ, ରଞ୍ଜୁଲତା ନାଏକ, ବେଲମତୀ ଭତ୍ରା (ସମସ୍ତେ କିସ୍‌ର), ଭାଗ୍ୟଲକ୍ଷ୍ମୀ ମାରାଣ୍ଡି, ହିସି ଟୁଡୁ, ଅମିଷା ରାଣୀ ମାଝି (ସମସ୍ତେ ମୟୂରଭଞ୍ଜ), ଲକ୍ଷ୍ମିପ୍ରିୟା ବେହେରା, ନମିତା ମହାନ୍ତି (ଉଭୟ ବାଲେଶ୍ୱର)।



ଆଇପିଏଲ୍‌ରେ ମହଙ୍ଗା ସ୍ପେଲ୍

# ୪ ଓଭରରେ ମୋହିତ୍ ଦେଲେ ୭୩ ରନ୍

**ନୂଆଦିଲ୍ଲୀ, ୨୫।୪ (ଏଜେନ୍ସି):** ଚଳିତ ଆଇପିଏଲ୍‌ର ଏକ ହାଇସ୍କୋରିଂ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ମାତ୍ର ୪ ରନରେ ଗୁଜରାଟ ଟାଇଟନ୍ସକୁ ପରାସ୍ତ କରିଛି। ବୁଧବାର ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଘରୋଇ ଦିଲ୍ଲୀ ଅଧିନାୟକ ଋଷଭ ପନ୍ତଙ୍କ ଅପରାଜିତ ୮୮ ରନ ବଳରେ ୪ ୱିକେଟ୍‌ରେ ୨୨୪ ରନ କରିଥିଲା। ଜବାବରେ ସାଇ ସୁଦର୍ଶନ (୬୫) ଓ ଡେଭିଡ୍ ମିଲର (୫୫)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେଗୁଜରାଟ ୮ ୱିକେଟ୍‌ରେ ୨୨୦ ରନ କରିପାରିଥିଲା। ଏହି ମ୍ୟାଚରେ ଗୁଜରାଟର ମଧ୍ୟଗତିର ଦ୍ରୁତ ବୋଲର ମୋହିତ୍ ଶର୍ମା ତାଙ୍କ ୪ ଓଭର ସ୍ପେଲରେ ୱିକେଟ୍‌ଶୂନ୍ୟ ରହିବା ସହ ୭୩ ରନ ବ୍ୟୟ କରି ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଏଥିସହ ଆଇପିଏଲ୍‌ର ୧୭ ବର୍ଷ ଇତିହାସରେ ସବୁଠୁ ମହଙ୍ଗା ସ୍ପେଲ୍ ବୋଲିଂ କରିବାର ଅଲୋଡ଼ା କୀର୍ତ୍ତିମାନ କରିଛନ୍ତି। ଆଇପିଏଲ୍‌ରେ ଏହିଭଳି ୪ଟି ମହଙ୍ଗା ସ୍ପେଲ ଉପରେ ନଜର ପକାଇବା।



## ମୋହିତ୍ ଶର୍ମା (୪-୦-୭୩-୦)

ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ବୁଧବାର ମ୍ୟାଚରେ ମୋହିତ୍ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ସେ ୪ ଓଭରରେ କୌଣସି ୱିକେଟ୍ ପାଇ ନ ଥିବାବେଳେ ୭୩ ରନ ବ୍ୟୟ କରିଥିଲେ। ଏପରିକି ସେ ବୋଲିଂ କରିଥିବା ଦିଲ୍ଲୀ ପାଳିର ୨୦ତମ ଓଭରରୁ ପନ୍ତ ୩୧ ରନ (୨, ୱାଇଡ୍, ୬, ୪, ୬, ୬) ସଂଗ୍ରହ କରିଥିଲେ।

## ବାସିଲ ଥାମ୍ପି (୪-୦-୭୦-୦)

ଆଇପିଏଲ୍ ଇତିହାସରେ ପ୍ରଥମ ବୋଲର ଭାବେ ସନରାଇଜର୍ସ ହାଇଦ୍ରାବାଦର ବାସିଲ ଥାମ୍ପି ୪ ଓଭର ସ୍ପେଲରେ ୭୦ ରନ ବ୍ୟୟ କରିଥିଲେ। ୨୦୧୮ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷ ମ୍ୟାଚରେ ଥାମ୍ପି ୪ ଓଭରରେ ୭୦ ରନ ଦେଇଥିଲେ। ସେ ମଧ୍ୟ କୌଣସି ୱିକେଟ୍ ପାଇ ନ ଥିଲେ।

## ଯଶ ଦୟାଲ (୪-୦-୬୯-୦)

ଗୁଜରାଟ ଟାଇଟନ୍ସର ଆଉ ଜଣେ ଦ୍ରୁତ ବୋଲର ଆଇପିଏଲ୍‌ର ସବୁଠୁ ମହଙ୍ଗା ସ୍ପେଲ ବୋଲିଂ କରିବାର ଅଲୋଡ଼ା କୀର୍ତ୍ତିମାନ କରିଛନ୍ତି। ସେ ହେଲେ ଯଶ ଦୟାଲ। ୨୦୨୩ ଆଇପିଏଲ୍‌ରେ କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷ ମୁକାବିଲାରେ ବାମହାତୀ ଦ୍ରୁତ ବୋଲର ଦୟାଲ ତାଙ୍କ ୪ ଓଭର ସ୍ପେଲରେ ୬୯ ରନ ବ୍ୟୟ କରିଥିଲେ। ଏହି ମ୍ୟାଚରେ ପାଳିର ଶେଷ ଓଭରରେ ଦୟାଲଙ୍କୁ ୫ଟି ଛକା ମାରି ରିଙ୍କୁ ସିଂ କୋଲକାତାକୁ ଅବିଶ୍ୱସନୀୟ ବିଜୟ ଭେଟି ଦେଇଥିଲେ।

## ରିସି ଟୋପଲେ (୪-୦-୬୮-୧)

ରୟାଲ୍ସ ଚ୍ୟାଲେଞ୍ଜର ବେଙ୍ଗାଲୁରୁ ବାମହାତୀ ଦ୍ରୁତ ବୋଲର ରିସି ଟୋପଲେ ଚଳିତ ଆଇପିଏଲ୍‌ରେ ହାଇଦ୍ରାବାଦ୍ ବିପକ୍ଷ ମ୍ୟାଚରେ ୬୮ ରନ ବ୍ୟୟ କରି ଏହି ତାଲିକାର ୪ର୍ଥ ସ୍ଥାନରେ ରହିଛନ୍ତି। ଏହି ମ୍ୟାଚରେ ସେ ୪ ଓଭରରେ ଗୋଟିଏ ୱିକେଟ୍ ନେଇ ୬୮ ରନ ବ୍ୟୟ କରିଥିଲେ। ବିଦେଶୀ ବୋଲର ଭାବେ ଆଇପିଏଲ୍‌ରେ ୪ ଓଭର ସ୍ପେଲରେ ସେ ସବୁଠୁ ଅଧିକ ରନ ବ୍ୟୟ କରିବାର ଅଲୋଡ଼ା କୀର୍ତ୍ତିମାନ କରିଛନ୍ତି। ଏହି ମ୍ୟାଚରେ ହାଇଦ୍ରାବାଦ ୩ ୱିକେଟ୍‌ରେ ରେକର୍ଡ ୨୮୭ ରନ କରିଥିଲା। ଜବାବରେ ବେଙ୍ଗାଲୁରୁ ୭ ୱିକେଟ୍‌ରେ ୨୬୨ ରନ କରି ପରାସ୍ତ ହୋଇଥିଲା।

ଜାତୀୟ ମହିଳା ହକି ଲିଗ୍

# ପ୍ରତିଭା ପ୍ରଦର୍ଶନ ଲାଗି ଏକ ଶ୍ରେଷ୍ଠ ସୁଯୋଗ

ରାଞ୍ଚି, ୨୫।୪(ଏଜେନ୍ସି)



ଦେଶର ଶ୍ରେଷ୍ଠ ୮ଟି ଦଳକୁ ନେଇ ଏଠାରେ ଏପ୍ରିଲ ୩୦ରୁ ଖେଳାଯିବ ଜାତୀୟ ମହିଳା ହକି ଲିଗ୍। ଏଥିଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆୟୋଜକ ହକି ଇଣ୍ଡିଆ ପକ୍ଷରୁ ମହାସଚିବ ଭୋଳାନାଥ ସିଂ ପ୍ରସ୍ତୁତି ତର୍ଜମା କରିବା ପରେ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ପ୍ରତିଯୋଗିତା ଦୁଇଟି ପର୍ଯ୍ୟାୟରେ ଖେଳାଯିବ। ଏହାର ପ୍ରଥମ ପର୍ଯ୍ୟାୟ ରାଞ୍ଚିର ମାରଙ୍ଗ ଗୋମ୍‌କେ ଜୟପାଲ ସିଂ ହକି ଷ୍ଟାଡିୟମ୍‌ରେ ଏପ୍ରିଲ ୩୦ରୁ ମେ ମାସ ୯ ତାରିଖଯାଏ ଖେଳାଯିବ। ପ୍ରଥମଥର ଲାଗି ମହିଳା ବିଭାଗରେ ଏପରି ଏକ ଶୀର୍ଷସ୍ତରୀୟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଥିବାରୁ ଏହା ଦେଶର ଉଦୀୟମାନ ଖେଳାଳିଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବାରେ ଶ୍ରେଷ୍ଠ ସୁଯୋଗ ଦେଇଛି ବୋଲି ଭୋଳାନାଥ ସିଂ କହିଛନ୍ତି। ଏଥିରେ ମଧ୍ୟ ଅନ୍ତର୍ଜାତୀୟ ଖେଳାଳିଙ୍କୁ ସେମାନଙ୍କ ଶକ୍ତିପ୍ରଦର୍ଶନ ଓ ତ୍ରୁଟି ସୁଧାରିବାରେ ବେଶ ସହାୟକ ହୋଇପାରିବ ବୋଲି ଶ୍ରୀ ସିଂ ଆଶା ପ୍ରକାଶ କରିଛନ୍ତି। ଏଥର ୧୪ତମ ବରିଷ୍ଠ ଜାତୀୟ ମହିଳା ହକି ପ୍ରତିଯୋଗିତାରେ ପ୍ରଥମ ୮ଟି ସ୍ଥାନ ଅଧିକାର କରିଥିବା ଦଳକୁ ନେଇ ପ୍ରଥମ ମହିଳା ହକି ଲିଗ୍ ଆୟୋଜିତ ହେବ। ଏଥିରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଥିବା ଦଳଗୁଡ଼ିକ ହେଲା ଚାମ୍ପିଅନ ହକି ହରିୟାଣା, ହକି ମହାରାଷ୍ଟ୍ର, ହକି ଝାଡଖଣ୍ଡ, ହକି ମଧ୍ୟପ୍ରଦେଶ, ହକି ବେଙ୍ଗଲ, ହକି ମିଜୋରାମ, ମଣିପୁର ହକି ଓ ହକି ଆସୋସିଏସନ ଅଫ୍ ଓଡ଼ିଶା। ଏହି ପ୍ରତିଯୋଗିତାରେ କେବଳ ୨୧ ବର୍ଷରୁ କମ୍ ମହିଳା ଖେଳାଳିମାନେ ଅଂଶଗ୍ରହଣ କରିବେ। ଯାହା ଫଳରେ ଜାତୀୟ ଦଳ ଲାଗି ବ୍ୟାକ୍‌ଅପ୍ ଖେଳାଳିମାନେ ପ୍ରସ୍ତୁତି ହୋଇପାରିବେ। କିନ୍ତୁ ଦେଶର ଅନ୍ୟ ରାଜ୍ୟ ଦଳଗୁଡ଼ିକରେ ଥିବା ପ୍ରତିଭାବାନ ଖେଳାଳିମାନେ ଏହି ପ୍ରତିଯୋଗିତାରେ ଖେଳିବାକୁ ବଞ୍ଚିତ ହେବେ।

# ଚିତା ଆକ୍ରମଣରେ ଜିମ୍ବାୱେ କ୍ରିକେଟର୍ ହ୍ୱିଟଲ ଆହତ



**ହରାରେ, ୨୫।୪ (ଏଜେନ୍ସି):** ଜିମ୍ବାୱେ କ୍ରିକେଟ୍ ଦଳର ପ୍ରାକ୍ତନ ଅଲ୍‌ରାଉଣ୍ଡର ଗାୟ ହ୍ୱିଟଲ ଏକ ଚିତାବାଘ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ୫୧ ବର୍ଷୀୟ ହ୍ୱିଟଲ ଜିମ୍ବାୱେର ବଫାଲୋ ରେଞ୍ଜସ୍ଥିତ ରିଜର୍ଭରେ ଟ୍ରେକିଂରେ ଥିବାବେଳେ ଏହି ବାଘ ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ତେବେ ତାଙ୍କ ପୋଷା କୁକୁର ବାଘ ସହ ଲଢ଼େଇ କରିବାରୁ ସେ ଜୀବନ ବଞ୍ଚାଇବାରେ ସମର୍ଥ ହୋଇଛନ୍ତି ବୋଲି ହ୍ୱିଟଲଙ୍କ ପତ୍ନୀ ହନ୍ନା ଷ୍ଟୋକ୍ସ କହିଛନ୍ତି। ହନ୍ନା ସାମାଜିକ ଗଣମାଧ୍ୟମରେ ଦୁଇଟି ଫଟୋ ସେୟାର କରିଛନ୍ତି। ଗୋଟିଏରେ ହ୍ୱିଟଲ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଠିଆ ହୋଇଥିବାବେଳେ ଅନ୍ୟ ଏକ ଫଟୋରେ ହସ୍ପିଟାଲ୍ ବେଡ୍‌ରେ ଚିକିତ୍ସିତ ହେଉଥିବାର ଦେଖିବାକୁ ମିଳିଛି। ବଫାଲୋ ରେଞ୍ଜରେ ଏହି ଘଟଣା ଘଟିବା ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ହରାରେସ୍ଥିତ ହିପ୍ପୋ କ୍ଲିନିକକୁ ଅଣାଯାଇଥିଲା। ପ୍ରକାଶଯୋଗ୍ୟ, ଏଥିପୂର୍ବରୁ ୨୦୧୩ ହ୍ୱିଟଲ ଶୋଇଥିବାବେଳେ ଏକ ୮ ଫୁଟର ବିରାଟ କୁମ୍ଭୀର ତାଙ୍କ ଖଟ ତଳକୁ ଚାଲିଆସିଥିଲା। ଖଟ ତଳେ ଏହି କୁମ୍ଭୀର ସାରା ରାତି ରହିଥିଲେ ମଧ୍ୟ ସେ ଅଳ୍ପକେ ଆକ୍ରମଣରୁ ବର୍ତ୍ତିଯାଇଥିଲେ। ହ୍ୱିଟଲ ଜିମ୍ବାୱେ ପାଇଁ ୪୬ ଟେଷ୍ଟ ଓ ୧୧୨ ଏକଦିବସୀୟ ମ୍ୟାଚ ଖେଳି ଯଥାକ୍ରମେ ୨୨୦୭ ଓ ୨୭୦୫ ରନ କରିଛନ୍ତି। ତାଙ୍କ ନାମରେ ମଧ୍ୟ ଉଭୟ ଫର୍ମାଟରେ ମୋଟ୍ ୧୩୯ ୱିକେଟ୍ ନେଇଛନ୍ତି।

# ଟେନିସ ତାରକା ମାଧବିନ୍ କାମାଥ୍‌ଙ୍କ ବିରୋଧରେ ମାମଲା

**ଅହମ୍ମଦାବାଦ୍,୨୫।୪(ଏଜେନ୍ସି):** ଅହମ୍ମଦାବାଦ୍‌ରେ ରହୁଥିବା ଅନ୍ତର୍ଜାତୀୟ ଟେନିସ ଖେଳାଳି ମାଧବିନ୍ କାମାଥ୍‌ଙ୍କ ବିରୋଧରେ ଅହମ୍ମଦାବାଦ ସାଇବର କ୍ରାଇମ୍‌ରେ ମାମଲା ରୁଜୁ ହୋଇଛି। କାମାଥ୍ ତାଙ୍କୁ ଜଣେ ଯୌନକର୍ମୀ ଦର୍ଶାଇ ବଦ୍‌ନାମ କରିବାକୁ ପ୍ରୟାସ କରିଛନ୍ତି ବୋଲି ଜଣେ ୨୧ ବର୍ଷୀୟା ଝିଅ ଅଭିଯୋଗ କରିଛନ୍ତି। ରୁଜୁ ହୋଇଥିବା ମାମଲା ଅନୁସାରେ କାମାଥ ସମ୍ପୃକ୍ତ ମହିଳାଙ୍କ ଫଟୋର ପୋଷ୍ଟର ଛପାଇ ଯୌନକର୍ମୀ ଲେଖିକରି ତଳେ ତାଙ୍କ ଫୋନ ନମ୍ବର ମଧ୍ୟ ଲେଖିଥିଲେ। ଏହି ପୋଷ୍ଟରଙ୍କୁ ସେ ସହରର ଭିନ୍ନ ଭିନ୍ନ ସ୍ଥାନରେ ମାରିଛନ୍ତି। ଏହାପରେ ପୀଡିତାଙ୍କ ନିକଟକୁ ବହୁ ସଂଖ୍ୟାରେ ଫୋନ୍ କଲ୍ ଆସିବା ପରେ ସେ ଅହମ୍ମଦାବାଦ ସାଇବର ସେଲ୍‌ରେ ମାମଲା ରୁଜୁ କରିଥିଲେ। ଏହି ପୋଷ୍ଟର ସାମାଜିକ ଗଣମଧ୍ୟମରେ ଭାଇରାଲ ହୋଇଛି ବୋଲି ସାଇବର କ୍ରାଇମ ଡିସିପି ଅଜିତ ରାଜିୟନ କହିଛନ୍ତି। ପୁଲିସ ଏହି ମାମଲାର ତଦନ୍ତ କରୁଛି। ଏବେ କାମାଥ ଏକ ଟେନିସ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଫ୍ରାନ୍ସ ଯାଇଛନ୍ତି। ତାଙ୍କ ସହ ଯୋଗାଯୋଗ ପାଇଁ ପ୍ରୟାସ କରାଯାଉଛି ବୋଲି ସେ କହିଛନ୍ତି। ଦୁହିଁଙ୍କ ମଧ୍ୟରେ ପୂର୍ବରୁ ଚିହ୍ନା ପରିଚୟ ରହିଛି। ଦୁଇଜଣ ଏକ ଷ୍ଟାର୍ଟଅପ୍‌ରେ ପାର୍ଟନର ଥିଲେ। ଏହି ଷ୍ଟାର୍ଟଅପ୍‌କୁ ନେଇ ଦୁଇଜଣଙ୍କ ମଧ୍ୟରେ ବିବାଦ ହୋଇଥିଲା। ଫଳରେ କାମାଥ୍ ତାଙ୍କ ଏହି ଭଳି ଢଙ୍ଗରେ ବଦ୍‌ନାମ କରିବାକୁ ପ୍ରୟାସ କରିଛନ୍ତି।

# ସ୍କାଏ ସ୍ପୋର୍ଟ୍ସ ମୋତେ ପାଉଣା ଦେଇପାରିବ ନାହିଁ: ସେହ୍ୱାଗ

ନୂଆଦିଲ୍ଲୀ, ୨୫।୪(ଏଜେନ୍ସି)



ବିଶ୍ୱରେ ଭାରତୀୟ କ୍ରିକେଟ ତାରକା ବୀରେନ୍ଦର ସେହ୍ୱାଗଙ୍କ ଢ଼େର ଲୋକପ୍ରିୟତା ରହିଛି। ଖେଳବେଳେ ସେ ଯେପରି ନିଜ ବିସ୍ଫୋରକ ବ୍ୟାଟିଂ ବଳରେ ପ୍ରତିଦ୍ୱନ୍ଦ୍ୱୀ ବୋଲରଙ୍କ ଲାଗି ଦୁଃସ୍ୱପ୍ନ ସାଜିଥିଲେ, ଠିକ୍ ସେହପରି ଅବସର ପରେ ଧାରାବିବରଣୀ ମାଧ୍ୟମରେ ତାଙ୍କ ଶାଣିତ ପ୍ରତିକ୍ରିୟା ଏବେ ମଧ୍ୟ ବିରୋଧୀଙ୍କ ଲାଗି ଦୁର୍ଭେଦ୍ୟ ହୋଇଛି। ବିଶ୍ୱରେ ଏବେ ଯେଉଁ କେତେଜଣ ଲୋକପ୍ରିୟ ଭାଷ୍ୟକାର ଅଛନ୍ତି ସେମାନଙ୍କ ମଧ୍ୟରେ ସେହ୍ୱାଗ ଅନ୍ୟତମ। ଏଭଳି ସମୟରେ ତାଙ୍କୁ ବିଶ୍ୱର ଶ୍ରେଷ୍ଠ ପ୍ରସାରଣକାରୀ ସଂସ୍ଥାଗୁଡିକ ତାଙ୍କ ଲାଗି ଧାରାବିବରଣୀ ଦେବାକୁ ଆଶାୟୀ ଥାଆନ୍ତି। ଏଥିରେ ସାମିଲ ହୋଇଥିଲା ବ୍ରିଟେନର ଅଗ୍ରଣୀ କ୍ରୀଡ଼ା ପ୍ରସାରଣକାରୀ ସଂସ୍ଥା ସ୍କାଏ ସ୍ପୋର୍ଟ୍ସ। କିନ୍ତୁ ସ୍କାଏ ସ୍ପୋର୍ଟ୍ସ ପାଉଣା ଦେବାକୁ ଅସମର୍ଥ ହେବାରୁ ଏହି ସଂସ୍ଥାରେ ସେହ୍ୱାଗ କାମକରିପାରି ନାହାଁନ୍ତି ବୋଲି ୟୁଟ୍ୟୁବ୍ ଚ୍ୟାନେଲ କ୍ଲବ୍ ପ୍ରେରୀ ଫାୟାରକୁ ସାକ୍ଷାତକାର ଦେବା ଅବସରରେ କହିଥିଲେ।

### ଗରିବ ଦେଶରେ ଆମେ ଟି-୨୦ ଲିଗ୍ ଖେଳୁନାହୁଁ

ଏହି ଆଲୋଚନା ସମୟରେ ଗିଲକ୍ରିଷ୍ଟଙ୍କ ସହ ସେହ୍ୱାଗ ମଜା କରିଥିଲେ ଓ ଚିଡ଼ାଇଥିଲେ। ଭାରତୀୟ ଖେଳାଳିମାନେ ଅନ୍ୟ ଦେଶର ଟି-୨୦ ଲିଗ୍‌ରେ କାହିଁକି ଖେଳୁନାହାନ୍ତି ବୋଲି ସେହ୍ୱାଗଙ୍କୁ ପଚାରିଥିଲେ ଗିଲକ୍ରିଷ୍ଟ। ଏହାର ସେ ଯେଉଁ ଉତ୍ତରଦେଇଥିଲେ, ତାହା ଉଭୟ ସରଳ ଓ ସ୍ମରଣୀୟ ଥିଲା। ସେହ୍ୱାଗଙ୍କ ଉତ୍ତରଥିଲା, 'ଆମର ଅନ୍ୟଦେଶର ଟି-୨୦ ଲିଗ୍‌ରେ ଖେଳିବା ଆବଶ୍ୟକ ମନେ କରୁନାହୁଁ। ଆମେ ସବୁ ଧନୀ ଲୋକ, ଏଣୁ ଗରିବ ଦେଶରେ ଆୟୋଜିତ ଟି-୨୦ ଲିଗ୍‌ରେ ଆମେ ଖେଳିବା ଆମର ପସନ୍ଦ ନୁହେଁ। ଏକଦା ମୁଁ ଭାରତୀୟ ଦଳରୁ ବାଦ୍ ପଡ଼ିଥାଏ। ଏହି ସମୟରେ ମୋରେ ବିଗ୍‌ବାଶ ଲିଗ୍‌ରେ ଖେଳିବାକୁ ପ୍ରସ୍ତାବ ଆସିଥିଲା। ଏଥିଲାଗି ମୋତେ କେତେ ଅର୍ଥ ମିଳିବ ବୋଲି ପଚାରିବାରୁ, ସେମାନେ ମୋତେ ଏକ ଲକ୍ଷ ଅଷ୍ଟ୍ରେଲୀୟ ଡଲାର (ଭାରତୀୟ ମୁଦ୍ରାରେ ୫୪ ଲକ୍ଷ ଟଙ୍କା) ଦେବେ ବୋଲି କହିଥିଲେ। ଯାହା ମୁଁ ମୋ ଛୁଟି ଦିନରେ ଖର୍ଚ୍ଚ କରୁଛି, ସେତିକି ଅର୍ଥରେ ବିଗ୍‌ବାଶ ଲିଗ୍ ଖେଳିବାକୁ ମନା କରିଦେଇଥିଲି ବୋଲି ମଜାରେ କହିଥିଲେ ସେହ୍ୱାଗ। ଏହିଭଳି ଭାବେ ସେହ୍ୱାଜ ଲୁଚାଇରଖିଥିବା ତାଙ୍କ ମନର କଥା ପ୍ରକାଶ କରିବାରେ ସମର୍ଥ ହୋଇଛନ୍ତି।

ଏହି ଚ୍ୟାନେଲରେ କ୍ରିକେଟ କିମ୍ବଦନ୍ତୀ ଅଷ୍ଟ୍ରେଲିଆର ଆଦାମ ଗିଲକ୍ରିଷ୍ଟ ଓ ବ୍ରିଟେନର ମାଇକେଲ ଭନ୍ ମଧ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଏହି ଆଲୋଚନା ସମୟରେ ସ୍କାଇ ସ୍ପୋର୍ଟ୍ସ ତାଙ୍କୁ ପାଉଣା ଦେବାରେ ଅସମର୍ଥ ହୋଇଥିଲାବୋଲି ସେହ୍ୱାଗ ଅନ୍ୟ ଖେଳାଳି ଭିଲକ୍ରିଷ୍ଟଙ୍କୁ କହିଥିଲେ। ଧାରାବିବରଣୀ ଲାଗି ଏକଦା ସ୍କାଇ ସ୍ପୋର୍ଟ୍ସ ମୋ ସହ ଯୋଗାଯୋଗ କରିଥିଲା। ମୋତେ ମୋ ପାଉଣା ଦେଇପାରିବ ନାହିଁ ବୋଲି ସେମାନଙ୍କୁ ଜଣାଇଥିଲି। କିନ୍ତୁ ସେମାନେ ମୋତେ ମୋ ପାଉଣା କେତେ ବୋଲି ପଚାରିଥିଲେ। ମୁଁ କହିଥିଲି, ଦିନକୁ ୧୦,୦୦୦ ପାଉଣ୍ଡ ବା ଭାରତୀୟ ମୁଦ୍ରାରେ ୧୦.୪୧ ଲକ୍ଷ ଟଙ୍କା। ଏହା ପରେ ସେମାନେ ସ୍ୱୀକାର କରିଥିଲେ, ଆମେ ଆପଣଙ୍କୁ ଏହି ପାଉଣା ଦେଇ ପାରିବୁ ନାହିଁ। ଯାହା ଫଳରେ ମୋର ସେବାକୁ ସ୍କାଇ ସ୍ପୋର୍ଟ୍ସ ଗ୍ରହଣ କରିପାରି ନାହିଁ।

# ପାକ୍ ମହିଳା କ୍ରିକେଟର ବିସ୍ମା ମାରୁଫ୍‌ଙ୍କ ଅବସର



**କରାଚୀ,୨୫।୪(ଏଜେନ୍ସି):** ପାକିସ୍ତାନର ପୂର୍ବତନ ମହିଳା କ୍ରିକେଟ ଅଧିନାୟିକା ବିସ୍ମା ମାରୁଫ୍ ଅନ୍ତର୍ଜାତୀୟ କ୍ରିକେଟର ସବୁ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ଗୁରୁବାର ସେ ସାମାଜିକ ଗଣମାଧ୍ୟମରେ ଏ ନେଇ ସୂଚନା ଦେଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ ମଧ୍ୟ ସେ ଲିଗ୍ କ୍ରିକେଟ ଖେଳିବା ଜାରି ରଖିବେ ବୋଲି କହିଛନ୍ତି। ଦୀର୍ଘ ୧୭ ବର୍ଷର କ୍ୟାରିୟରରେ ସେ ୧୩୬ଟି ଦିନିକିଆ ଓ ୧୪୦ଟି ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ସେହିପରି ସେ ୧୮୦ଟି ଲିଷ୍ଟ ଏ ଓ ୧୬୯ଟି ମହିଳା ଟି-୨୦ ମ୍ୟାଚ୍ ଖେଳିଛନ୍ତି। ୨୦୦୬ ମହିଳା ଏସିଆ କପ୍‌ରେ ସେ ଜୟପୁରରେ ଭାରତ ବିପକ୍ଷରେ ମ୍ୟାଚ୍ ଖେଳି ପଦାର୍ପଣ କରିଥିଲେ। ଚଳିତ ମାସ ୨୩ ତାରିଖରେ ସେ ୱେଷ୍ଟଇଣ୍ଡିଜ ବିପକ୍ଷରେ କ୍ୟାରିୟରର ଅନ୍ତିମ ମ୍ୟାଚ୍ ଖେଳିଥିଲେ। ସେ ପାକିସ୍ତାନ ପାଇଁ ୩୪ଟି ଦିନିକିଆ ଓ ୬୨ଟି ଟି-୨୦ ମ୍ୟାଚ୍‌ରେ ନେତୃତ୍ୱ ନେଇ ଯଥାକ୍ରମେ ୧୬ ଓ ୨୭ଟି ମ୍ୟାଚ୍‌ରେ ବିଜୟୀ କରାଇଛନ୍ତି। ଅବସର ନେବା ସହ ମାରୁଫ୍ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)କୁ କୃତଜ୍ଞତା ଜଣାଇଛନ୍ତି। ସେ ମଧ୍ୟ ନିଜର ପରିବାର ଓ ବନ୍ଧୁ, ପ୍ରଶିକ୍ଷକଙ୍କୁ ଧନ୍ୟବାଦ୍ ଦେଇଛନ୍ତି। ପିସିବିର ସମର୍ଥନକୁ ଭୁଲି ପାରିବି ନାହିଁ ବୋଲି ସେ କହିଛନ୍ତି।

### ସନ୍‌ରାଇଜର୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ

# କୋହଲି, ପଟିଦାରଙ୍କ ଅର୍ଦ୍ଧଶତକ

ହାଇଦରାବାଦ, ୨୫।୪(ଏଜେନ୍ସି)

ବିରାଟ କୋହଲି ଓ ରଜତ ପଟିଦାରଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ଗୁରୁବାର ଅନୁଷ୍ଠିତ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପ୍ରଥମେ ବ୍ୟାଟିଂ କରି ୭ ୱିକେଟରେ ୨୦୬ ରନ୍ ସଂଗ୍ରହ କରିନେଇଛି। ଦଳ ପକ୍ଷରୁ ପଟିଦାର ମାତ୍ର ୨୦ ବଲ୍ ଖେଳି ୨ ଚୌକା ଓ ୫ ଛକା ସହ ୫୦ ଏବଂ କୋହଲି ୪୩ବଲ୍‌ରୁ ୫୧ ରନ୍ କରିଛନ୍ତି। କାମେରନ ଗ୍ରୀନ୍‌ଙ୍କ ୨୦ ବଲ୍‌ରୁ ଅପରାଜିତ ୩୭ ଓ ଅଧିନାୟକ ଫାଫ ଡୁ ପ୍ଲେସିସ୍‌ଙ୍କ ୧୨ ବଲ୍‌ରୁ ୨୫ ରନ୍ ମିଳିବା ଫଳରେ ଦଳ ୨୦୦ ରନ୍ ସ୍କୋର ଅତିକ୍ରମ କରିବାରେ ସମର୍ଥ ହୋଇଥିଲା। ଜବାବରେ ୨୦୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ସନ୍‌ରାଇଜର୍ସ ହାଇଦ୍ରାବାଦ୍ ୬ ଓଭର ଖେଳ ଶେଷସୁଦ୍ଧା ୪ ୱିକେଟ ହରାଇ ୬୨ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ନୀତିଶ ରେଡ୍ଡୀ ୧୦ ଓ ଶାହାବାଜ ଅହମ୍ମଦ ୩ ରନ୍‌ରେ ବ୍ୟାଟିଂ କରିଥିଲେ। ଚଳିତ ଆଇପିଏଲ୍‌ରେ ଜବରଦସ୍ତ ଫର୍ମରେ ଥିବା ଟ୍ରାଭିସ୍ ହେଡ ମାତ୍ର ୧ ରନ୍ କରି ପ୍ରଥମ ଓଭରରେ ୱିଲ ଜ୍ୟାକ୍ସଙ୍କ ବୋଲିଂରେ ଆଉଟ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଭିଷେକ ଶର୍ମା ୧୩ ବଲ୍‌ରୁ ୩୧, ଆଇଡେନ୍ ମାର୍କରାମ ୭ ଓ ହେନରିକ କ୍ଲାସେନ୍ ୭ ରନ୍ କରି ଆଉଟ ହୋଇଛନ୍ତି। ବେଙ୍ଗାଲୁରୁ ୮ମ ମ୍ୟାଚ୍‌ରୁ ୭ମ ପରାଜୟ ବରଣ କରି ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିବାର ଆଶଙ୍କା ମଧ୍ୟରେ ରହିଛି।

### ୧୦ମ ଥର ବିରାଟଙ୍କ ୪୦୦ରୁ ଊର୍ଦ୍ଧ୍ୱ ରନ୍

ସନରାଇଜର୍ସ ବିପକ୍ଷ ମୁକାବିଲାରେ ବିରାଟ କୋହଲି ୫୧ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଏଥିସହ ଚଳିତ ଆଇପିଏଲ୍-୧୭ରେ ସେ ୯ ମ୍ୟାଚ୍ ଖେଳି ୬୧.୪୩ ହାରରେ ୪୩୦ ରନ ସଂଗ୍ରହ କରି ଅରେଞ୍ଜ କ୍ୟାପ୍‌ର ଅଧିକାରୀ ରହିଛନ୍ତି। ଯେଉଁଥିରେ କୋହଲି ଗୋଟିଏ ଶତକ ଓ ୩ଟି ଅର୍ଦ୍ଧଶତକ ମାରିଛନ୍ତି। ଏଥିସହ ଆଇପିଏଲ୍‌ରେ ୧୦ଟି ଭିନ୍ନ ଭିନ୍ନ ସଂସ୍କରଣରେ ୪୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିବାରେ କୋହଲି ପ୍ରଥମ କ୍ରିକେଟର୍ ହୋଇଛନ୍ତି। ସେ କେବଳ ୨୦୦୮, ୨୦୦୯, ୨୦୧୦, ୨୦୧୨, ୨୦୧୪, ୨୦୧୭ ଓ ୨୦୨୨ ସଂସ୍କରଣରେ ୪୦୦ରୁ କମ୍ ରନ କରିଥିଲେ। ୨୦୧୬ରେ ସେ ରେକର୍ଡ ୯୭୩ ରନ କରିଥିଲେ।

### ରଜତଙ୍କ ବ୍ୟାଟିଂରେ ଉନ୍ନତି

ଏଠାରେ ରୟାଲ ଚ୍ୟାଲେଞ୍ଜର୍ସ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ସାହସିକ ନିଷ୍ପତ୍ତି ନେଇଥିଲା। ଅଧିନାୟକ ଫାଫ୍ ଡୁ ପ୍ଲେସିସ ବିସ୍ଫୋରକ ବ୍ୟାଟିଂ କରି ୧୨ ବଲ୍‌ରେ ୨୫ ରନ୍ କରି ଆଉଟ ହୋଇଥିଲେ। ଦଳ ୩.୫ ଓଭର ଖେଳି ୪୮ ରନ୍‌ରେ ପ୍ରଥମ ୱିକେଟ ହରାଇଥିଲା। ଗତ ମ୍ୟାଚ୍‌ର ହିରୋ ୱିଲ ଜ୍ୟାକ୍ସ ୬ ରନ୍‌ରେ ଆଉଟ ହୋଇଥିଲେ। ୬୫ ରନ୍‌ରେ ୨ ୱିକେଟ ପଡ଼ିଯିବା ପରେ କୋହଲି ପାଳି ସଜାଡିବାରେ ମନୋନିବେଶ କରିଥିଲେ। କିନ୍ତୁ ତାଙ୍କ ସହ ପଟିଦାର ଯୋଗ ଦେଇ ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲେ। ଫଳରେ ଏମାନଙ୍କ ତୃତୀୟ ୱିକେଟ ଭାଗୀଦାରିରୁ ମାତ୍ର ୩୪ ବଲ୍‌ରେ ୬୫ ରନ ମିଳିଥିଲା। ଦଳ ଏକ ବଡ଼ ସ୍କୋର କରିବାକୁ ଯାଉଥିଲାବେଳେ ୧୩ଶ ଓଭରରେ ପଟିଦାର (୫୦ରନ୍, ୨୦ବଲ୍, ୨ଚୌକା, ୫ ଛକା) ଓ ୧୬ତମ ଓଭରରେ କୋହଲି (୫୧ରନ୍, ୪୩ ବଲ୍, ୪ ଚୌକା, ୧ଛକା) ଆଉଟ ହୋଇଯାଇଥିଲେ। ଏହି ଭାଗୀଦାରି ବେଳେ ମୟଙ୍କ ମାର୍କଣ୍ଡେ ବୋଲିଂ କରିଥିବା ୧୧ଶ ଓଭରରୁ ପଟିଦାର ୪ଟି ଛକା ସହ ୨୭ ରନ୍ ଉଠାଇଥିଲେ। ୧୪୦ ରନ୍‌ରେ କୋହଲି ଚତୁର୍ଥ ଖେଳାଳି ଭାବେ ଆଉଟ ହେବା ପରେ ମହିପାଲ ଲୋମରର ୭ ଓ ଦିନେଶ କାର୍ତ୍ତିକ ୧୧ ରନ୍‌ରେ ଆଉଟ ହୋଇଥିଲେ। ଫର୍ମରେ ନ ଥିବା କାମେରନ ଗ୍ରୀନ୍ ୨୦ବଲ୍ ଖେଳି ୫ ଚୌକା ସହ ୩୭ ରନ୍‌ରେ ଅପରାଜିତ ରହିଥିଲେ। ଶେଷବଲ୍‌ରେ ଆଉଟ ହୋଇଥିବା ସ୍ୱପ୍ନିଲ ସିଂ ୬ ବଲରୁ ୧୨ ରନ୍ କରିଥିଲେ। ଘରୋଇ ହାଇଦ୍ରାବାଦ୍ ପକ୍ଷରୁ ବାମହାତି ପେସ୍ ବୋଲର ଜୟଦେବ ଉନାଦକତ ୩୦ ରନ୍‌ରେ ସର୍ବାଧିକ ୩ଟି ଓ ଟି ନଟରାଜନ ୩୯ ରନ୍‌ରେ ୨ଟି ୱିକେଟ ପାଇଥିଲେ। କିନ୍ତୁ ପ୍ରଭାବୀ ଅଧିନାୟକ ପ୍ୟାଟ କମିନ୍ସ ୪ ଓଭରରେ ୫୫ ରନ୍ ଦେଇ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ।



### ଆଇପିଏଲ୍-୧୭
### ଆଜିର ମ୍ୟାଚ୍

**କୋଲକାତା- ପଞ୍ଜାବ**

ସ୍ଥାନ- କୋଲକାତା, ସମୟ- ରାତି ୭.୩୦

- ପ୍ରସାରଣ -

ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

### ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| ରାଜସ୍ଥାନ | ୮ | ୭ | ୧ | ୧୪ | +୦.୬୯୮ |
| କୋଲକାତା | ୭ | ୫ | ୨ | ୧୦ | +୧.୨୦୬ |
| ହାଇଦ୍ରାବାଦ* | ୭ | ୫ | ୨ | ୧୦ | +୦.୯୧୪ |
| ଲକ୍ଷ୍ନୌ | ୮ | ୫ | ୩ | ୧୦ | +୦.୧୪୮ |
| ଚେନ୍ନାଇ | ୮ | ୪ | ୪ | ୮ | +୦.୪୧୫ |
| ଦିଲ୍ଲୀ | ୯ | ୪ | ୫ | ୮ | -୦.୩୮୬ |
| ଗୁଜରାଟ | ୯ | ୪ | ୫ | ୮ | -୦.୯୭୪ |
| ମୁମ୍ବାଇ | ୮ | ୩ | ୫ | ୬ | -୦.୨୨୭ |
| ପଞ୍ଜାବ | ୮ | ୨ | ୬ | ୪ | -୦.୨୯୨ |
| ବେଙ୍ଗାଲୁରୁ* | ୮ | ୧ | ୭ | ୨ | -୧.୦୪୬ |

### ଆର୍‌ସିବି ଖେଳିଲା ୨୫୦ତମ ମ୍ୟାଚ୍

**ହାଇଦରାବାଦ୍, ୨୫।୪ (ଏଜେନ୍ସି):** ଆଇପିଏଲ୍ ଇତିହାସରେ ଦ୍ୱିତୀୟ ଦଳ ଭାବେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୨୫୦ତମ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଛି। ଗୁରୁବାର ସନରାଇଜର୍ସ ହାଇଦ୍ରାବାଦ୍ ବିପକ୍ଷରେ ଖେଳିଥିବା ମୁକାବିଲା ଆର୍‌ସିବିର ୨୫୦ତମ ଆଇପିଏଲ୍ ମ୍ୟାଚ୍ ଥିଲା। ସର୍ବାଧିକ ଆଇପିଏଲ୍ ମ୍ୟାଚ୍ ଖେଳିବା ତାଲିକାରେ ମୁମ୍ବାଇ ଇଣ୍ଡିଆନ୍ସ ସର୍ବାଗ୍ରେ ରହିଛି। ମୁମ୍ବାଇ ବର୍ତ୍ତମାନ ସୁଦ୍ଧା ୨୫୫ ମ୍ୟାଚ୍ ଖେଳିସାରିଛି। ଯେଉଁଥିରେ ଦଳ ଦଳ ୧୪୧ ମ୍ୟାଚ ଜିତିଥିବାବେଳେ ୧୧୦ରେ ପରାଜୟବରଣ କରିଛି। ସର୍ବାଧିକ ଆଇପିଏଲ୍ ମ୍ୟାଚ୍ ଖେଳିବା ତାଲିକାରେ ଦିଲ୍ଲୀ କ୍ୟାପିଟାଲ୍ସ (୨୪୭), କୋଲକାତା ନାଇଟ୍ ରାଇଡର୍ସ (୨୪୪) ଯଥାକ୍ରମେ ୩ୟ ଓ ୪ର୍ଥ ସ୍ଥାନରେ ରହିଛନ୍ତି। ୨୦୦୮ରୁ ଆଇପିଏଲ୍ ଖେଳି ଆସୁଥିବା ବେଙ୍ଗାଲୁରୁ ଗତ ୨୪୯ ମ୍ୟାଚରୁ ୧୧୫ଟି ଜିତିଥିବାବେଳେ ୧୨୮ ରେ ପରାଜୟବରଣ କରିଛି। ୪ଟି ମ୍ୟାଚର ଫଳାଫଳ ବାହାରିପାରି ନାହିଁ। ଦଳର ବିଜୟ ପ୍ରତିଶତ ୪୬.୧୮ ରହିଛି। ଥରେ ହେଲେ ଆଇପିଏଲ୍ ଟ୍ରଫି ଜିତିପାରି ନ ଥିବା ଏହି ହତଭାଗ୍ୟ ଦଳ ୩ଥର (୨୦୦୯, ୨୦୧୧ ଓ ୨୦୧୬) ଉପବିଜେତାରେ ସନ୍ତୁଷ୍ଟ ରହିଛି।

### ଟି-୨୦ ରୋହମାଲିଆଙ୍କ ବିଶ୍ୱ କୀର୍ତ୍ତିମାନ ବୋଲିଂ

## ବିନା ରନରେ ୭ ୱିକେଟ୍ ସଫଳତା




**ବାଲି (ଇଣ୍ଡୋନେସିଆ), ୨୫।୪ (ଏଜେନ୍ସି):** ଇଣ୍ଡୋନେସିଆ ମହିଳା କ୍ରିକେଟ୍ ଦଳର ରୋହମାଲିଆ ରୋହମାଲିଆ ଟି-୨୦ କ୍ରିକେଟ୍ ଇତିହାସରେ ଶ୍ରେଷ୍ଠ ବୋଲିଂ ଫିଗର ହାସଲ କରିଛନ୍ତି। ବାଲି ବାଶ୍ ଇଣ୍ଟରନ୍ୟାସନାଲ ମହିଳା ଟି-୨୦ ସିରିଜରେ ମଙ୍ଗୋଲିଆ ବିପକ୍ଷରେ ସେ ଏହି ବିଶ୍ୱ କୀର୍ତ୍ତିମାନ ବୋଲିଂ ଫିଗର ହାସଲ କରିଛନ୍ତି। ଏହି ମ୍ୟାଚରେ ଇଣ୍ଡୋନେସିଆ ପ୍ରଦତ୍ତ ୧୫୨ ରନର ଲକ୍ଷ୍ୟକୁ ପିଛା କରି ମଙ୍ଗୋଲିଆ ମହିଳା ଦଳ ୧୬.୨ ଓଭରରେ ମାତ୍ର ୨୪ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଦଳର ଡାହାଣହାତୀ ଦ୍ରୁତ ବୋଲର ରୋହମାଲିଆ ୩.୨ ଓଭର ବୋଲିଂ କରି ୩ ମେଡେନ ସହ କୌଣସି ରନ ବ୍ୟୟ ନ କରି ୭ଟି ୱିକେଟ୍ ନେଇଥିଲେ। ଟି-୨୦ କ୍ରିକେଟ୍ (ପୁରୁଷ ଓ ମହିଳା) ଇତିହାସରେ ଏହା ଶ୍ରେଷ୍ଠ ବୋଲିଂ ଫିଗର ହେବାର ରେକର୍ଡ କରିଛି। ପୂର୍ବରୁ ନେଦରଲାଣ୍ଡସ ମହିଳା କ୍ରିକେଟ୍ ଦଳର ଫ୍ରେଡେରିକ୍ ଓଭରଡିଜକ୍‌ଙ୍କ ନାମରେ ଏହି ରେକର୍ଡ ରହିଥିଲା। ଫ୍ରେଡେରିକ ୨୦୨୧ରେ ଫ୍ରାନ୍ସ ମହିଳା ଦଳ ବିପକ୍ଷରେ ୪ ଓଭରରେ ୨ ମେଡେନ ସହ ୩ ରନ ବ୍ୟୟରେ ୭ଟି ୱିକେଟ୍ ନେଇ ଏହି ରେକର୍ଡର ଅଧିକାରିଣୀ ରହିଥିଲେ। ଏହି ତାଲିକାରେ ଆର୍ଜେଣ୍ଟିନା ମହିଳା ଦଳର ଆଲିସନ ଷ୍ଟୋକ୍ସ (୩.୪-୦-୩-୭) ଓ ମାଲେସିଆ ପୁରୁଷ କ୍ରିକେଟ୍ ଦଳର ସୟଜରୁଲ ଏଜାତ ଇଦ୍ରୁସ (୪-୧-୮-୭) ଯଥାକ୍ରମେ ପରବର୍ତ୍ତୀ ଦୁଇ ସ୍ଥାନରେ ରହିଛନ୍ତି।

## ମହାପ୍ରଭୁଙ୍କ ଆଶୀର୍ବାଦ ନେଲେ ସାଇନା

**ପୁରୀ,୨୫।୪(ସମିସ):** ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ଆନ୍ତର୍ଜାତୀୟ ବ୍ୟାଡମିଣ୍ଟନ୍ ଖେଳାଳି ସାଇନା ନେହ୍ୱାଲ। ଗୁରୁବାର ପୂର୍ବାହ୍ନ ପ୍ରାୟ ସାଢେ ୧୦ଟା ସମୟରେ ସାଇନା ତାଙ୍କ ମାଆଙ୍କ ସହିତ ଆସି ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ତାଙ୍କୁ ତାଙ୍କର କୌଳିକ ପଣ୍ଡା, ପ୍ରଶାସନ ସ୍ୱାଗତ କରି ମନ୍ଦିର ଭିତରକୁ ନେଇଥିଲେ। ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରି ବେଶ୍ ଭାବ ବିହ୍ୱଳ ହୋଇଥିଲେ ସାଇନା। ଏହାପରେ ବେଢ଼ା ବୁଲି ଅନ୍ୟ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ମନ୍ଦିରରେ ପ୍ରାୟ ୧ ଘଣ୍ଟା ବିତାଇବା ସହ ପ୍ରସାଦ ସେବନ କରିଥିଲେ। ସିଂହଦ୍ୱାରଠାରେ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖି ସାଇନା କହିଥିଲେ, ମହାପ୍ରଭୁଙ୍କ ଉପରେ ସମସ୍ତଙ୍କ ଆସ୍ଥା ରହିଛି। ଜଗନ୍ନାଥଙ୍କ ଆଳତି ଦର୍ଶନ କରିବାର ସୌଭାଗ୍ୟ ପାଇ ଖୁବ୍ ଖୁସି ଲାଗୁଛି। ମହାପ୍ରଭୁଙ୍କ ଡାକରା ମିଳିଛି ବୋଲି ଆଜି ମାଆଙ୍କ ସହିତ ଦର୍ଶନ କରିପାରିଛି। ଏହି ଅବସରରେ ସମସ୍ତ ପ୍ରଶଂସକଙ୍କୁ ଧନ୍ୟବାଦ୍ ଦେଇଥିଲେ ସାଇନା। ଆଣ୍ଠୁ ସମସ୍ୟା ଯୋଗୁଁ ଖେଳଠାରୁ ଦୂରରେ ରହିବା କଷ୍ଟ ଦେଇଛି। କିନ୍ତୁ ନିଜକୁ ଫିଟ୍ ରଖିବା ସହ ଆଗକୁ ଆହୁରି ଖେଳିବା ପାଇଁ ଇଛା ରହିଛି ବୋଲି ସେ କହିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସାଇନାଙ୍କୁ ତିନିଠାକୁରଙ୍କ ମୂର୍ତ୍ତି ଉପହାର ଦିଆଯାଇଥିଲା। ଏହାକୁ ଗ୍ରହଣ କରି ବେଶ୍ ଖୁସି ହୋଇଥିଲେ ସାଇନା।



### ୨୦ବର୍ଷରୁ କମ୍ ପୁରୁଷ ଜାତୀୟ ଫୁଟବଲ୍

## ଗୋଲ୍ ବ୍ୟବଧାନରେ ଓଡ଼ିଶା ବାଦ୍



**କଟକ,୨୫।୪(ସମିସ):** ୨୦ବର୍ଷରୁ କମ ପୁରୁଷ ସ୍ୱାମୀ ବିବେକାନନ୍ଦ ଜାତୀୟ ଫୁଟବଲ ଚାମ୍ପିଅନସିପ୍‌ରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ଲିଗ୍ ପର୍ଯ୍ୟାୟରେ ଅପରାଜେୟ ରହିବା ସତ୍ତ୍ୱେଗୋଲ୍ ବ୍ୟବଧାନ ଯୋଗୁଁ ଓଡ଼ିଶାକୁ ବିଦା ହେବାକୁ ପଡିଛି। ଗ୍ରୁପ-ଏରେ ସ୍ଥାନ ପାଇଥିବା ଓଡ଼ିଶା ୩ଟି ମ୍ୟାଚ୍‌ରୁ ୨ଟି ବିଜୟ ଏବଂ ଗୋଟିଏ ଅମୀମାଂସିତ ଫଳାଫଳ ବଳରେ ୭ ପଏଣ୍ଟ ହାସଲ କରି ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ସମାନ ଫଳାଫଳ ସହିତ ଟେବୁଲର ଶୀର୍ଷରେ ରହିଛି ମଣିପୁର। ତେବେ ମଣିପୁରର ଗୋଲ ବ୍ୟବଧାନ ୧୦ ରହିଥିବା ବେଳେ ଓଡ଼ିଶାର ହେଉଛି ୪। ଗୋଲ ବ୍ୟବଧାନ କମ୍ ରହିବା ଓଡ଼ିଶା ନିମନ୍ତେ ମହଙ୍ଗା ସାବ୍ୟସ୍ତ ହୋଇଛି। ଗୁରୁବାର ମଣିପୁର ବିପକ୍ଷରେ ଓଡ଼ିଶା ୩ୟ ତଥା ଅନ୍ତିମ ଲିଗ ମ୍ୟାଚ ଖେଳିଥିଲା। ଏହି ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଥିଲା। ପ୍ରଥମାର୍ଦ୍ଧରେ ଓଡ଼ିଶା ଗୋଲ ଖାତା ଖୋଲିଥିଲା। ପରୱାର୍ଡ ସୁରେଶ ଖାଡିଆ ୧୨ତମ ମିନିଟରେ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହି ଗୋଲ ସହିତ ଓଡ଼ିଶା ପ୍ରଥମାର୍ଦ୍ଧରେ ଆଗୁଆ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧର ପ୍ରାରମ୍ଭରୁ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା ମଣିପୁର। ୫୧ତମ ମିନିଟରେ ଏ ଭାସ୍କର ସିଂହ ସମାନସୂଚକ ଗୋଲ ଦେଇଥିଲେ। ପରବର୍ତ୍ତୀ ସମୟରେ କୌଣସି ଗୋଲ ନହେବାରୁ ଉଭୟ ଦଳ ଭିତରେ ପଏଣ୍ଟ ଭାଗ ହୋଇଥିଲା।

### ମେ ୧ ସୁଦ୍ଧା ଟି-୨୦ ବିଶ୍ୱକପ୍ ଲାଗି ଦଳ ଚୟନ

# ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଫର୍ମକୁ ନେଇ ଚିନ୍ତା

ନୂଆଦିଲ୍ଲୀ, ୨୫।୪(ଏଜେନ୍ସି)

ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ଆସନ୍ତା ଜୁନ୍ ମାସରେ ହେବାକୁ ଯାଉଛି ଟି-୨୦ ବିଶ୍ୱକପ୍ କ୍ରିକେଟ। ଏହି ପ୍ରତିଯୋଗିତା ଲାଗି ଅଂଶଗ୍ରହଣକାରୀ ଦେଶ ଗୁଡିକ ସେମାନଙ୍କ ଖେଳାଳି ତାଲିକା ପଠାଇବାର ଶେଷ ତାରିଖ ମେ' ୧କୁ ଧାର୍ଯ୍ୟ କରାଯାଇଛି। ଏହାର ଅର୍ଥ ମେ ୧ ତାରିଖ କିମ୍ବା ଏହା ପୂର୍ବରୁ ଅଂଶଗ୍ରହଣକାରୀ ଦେଶଗୁଡିକ ସେମାନଙ୍କ ଦଳ ଚୟନ କରିବେ। ଏଣୁ ଭାରତୀୟ ଦଳ ଚଳିତ ସପ୍ତାହର ଶେଷରେ କିମ୍ବା ଆସନ୍ତା ସପ୍ତାହର ପ୍ରାରମ୍ଭରେ ଚୟନ କରାଯିବାର ସମ୍ଭାବନା ରହିଛି। ଭାରତରେ ଆଇପିଏଲ୍ ଚାଲିଥିବାରୁ ଏହାର ପ୍ରଦର୍ଶନକୁ ଭିତ୍ତିକରି ଖେଳାଳି ଚୟନ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି।

ଏହି ପ୍ରତିଯୋଗିତାଲାଗି ରୋହିତ ଶର୍ମା ଭାରତୀୟ ଦଳର ନେତୃତ୍ୱ ନେବେ ବୋଲି ଆଶା କରାଯାଉଛି। ସେହିପରି ବିଭିନ୍ନ ପୋଜିସନରେ କେଉଁ ଖେଳାଳି ସାମିଲ ହେବେ ତାହା ମଧ୍ୟ ଏକପ୍ରକାର ଚୂଡାନ୍ତ ହୋଇସାରିଛି। କିନ୍ତୁ ଦଳରେ ଜଣେ ଦକ୍ଷ ଅଲରାଉଣ୍ଡରଙ୍କୁ ସାମିଲ କରିବାକୁ ଚୟନକର୍ତ୍ତାମାନେ ଦ୍ୱନ୍ଦ୍ୱରେ ରହିଛନ୍ତି। ଏହି ସ୍ଥାନଟି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଲାଗି ସୁରକ୍ଷିତ ରହିଥିଲା। କିନ୍ତୁ ଦିନିକିଆ ବିଶ୍ୱକପ୍ ପରେ ସେ ଆଇପିଏଲ୍‌ରେ ପ୍ରଥମଥର ପ୍ରତିଯୋଗିତାମୂଳକ କ୍ରିକେଟ ଖେଳିଛନ୍ତି। ଏଯାଏ ସେ ୮ଟି ମ୍ୟାଚ୍ ଖେଳିଥିଲାବେଳେ ୩୨ରୁ ମାତ୍ର ୧୭ ଓଭର ବୋଲିଂ କରିଛନ୍ତି। ବ୍ୟାଟିଂରେ ୧୪୧ ଷ୍ଟ୍ରାଇକ୍ ରେଟରେ ୧୫୦ ରନ୍ କରିଥିଲାବେଳେ ମାତ୍ର ୭ଟି ଛକା ମାରିଛନ୍ତି। କିନ୍ତୁ ସେ ଯେଉଁ ପୋଜିସନରେ ବ୍ୟାଟିଂ କରିଛନ୍ତି ସେଠାରେ ଦ୍ରୁତଗତିରେ ରନ୍ ସଂଗ୍ରହ ସମ୍ଭବ ହୋଇନାହିଁ। ବୋଲିଂ ହେଉ କିମ୍ବା ବ୍ୟାଟିଂରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପ୍ରଦର୍ଶନକୁ ବିଚାରକୁ ନେଲେ ତାଙ୍କୁ ଦଳରେ ସାମିଲ କରାଯିବା ନେଇ ଚୟନକର୍ତ୍ତା ଚିନ୍ତାରେ ପଡ଼ିଛନ୍ତି। ଏହାର କାରଣ ହେଲା ଏହି ସ୍ଥାନ ଲାଗି ଆଉ କୌଣସି ଖେଳାଳି ନାହାନ୍ତି। ଚେନ୍ନାଇ ପକ୍ଷରୁ ଖେଳୁଥିବା ଅଲରାଉଣ୍ଡର ଶିବମ ଦୁବେ ବ୍ୟାଟିଂରେ ବେଶ ଦକ୍ଷତା ପ୍ରଦର୍ଶନ କରିଛନ୍ତି। କିନ୍ତୁ ସେ ଏ ଯାଏ ଗୋଟିଏ ହେଲେ ଓଭର ବୋଲିଂ କରିନାହାନ୍ତି। କିମ୍ବା ତାଙ୍କ ବୋଲିଂ ପାଣ୍ଡ୍ୟାଙ୍କ ସହ ଆଦୌ ତୁଳନୀୟ ନୁହେଁ। ଏହା ସତ୍ତ୍ୱେ ତାଙ୍କୁ ନିଶ୍ଚିତ ଦଳରେ ସାମିଲ କରାଯିବ ବୋଲି ଆଶା କରାଯାଉଛି। ପାଣ୍ଡ୍ୟା ଭଲ ଖେଳୁ ନ ଥିଲେ ମଧ୍ୟ ବିଶ୍ୱକପ୍ ଦଳରେ ସ୍ଥାନ ପାଇବେ ବୋଲି ଆଶା।






### ପନ୍ତ୍ ନଂ-୧ ୱିକେଟରକ୍ଷକ

ଆଘାତ ସମସ୍ୟାରୁ ଫେରିବା ପରେ ଋଷଭ ପନ୍ତ୍ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ଲାଗି ଯଥେଷ୍ଟ ଉନ୍ନତ ପ୍ରଦର୍ଶନ କରିସାରିଛନ୍ତି। ୱିକେଟକିପିଙ୍ଗ ସହ ବ୍ୟାଟିଂରେ ବେଶ ପାରଦର୍ଶିତା ଦେଖାଇଛନ୍ତି। ଏବେ ସୁଦ୍ଧା ସେ ଆଇପିଏଲ୍‌ରେ ସର୍ବାଧିକ ରନ୍ ସଂଗ୍ରହରେ ପ୍ରଥମ ୪ଜଣଙ୍କ ମଧ୍ୟରେ ରହିଛନ୍ତି। ଭାରତୀୟ ଦଳ ଯାହା ଆଶା କରୁଥିଲା ତାହା ପନ୍ତ୍ ପୂରଣ କରିସାରିଛନ୍ତି। ତାଙ୍କୁ ନିଶ୍ଚିତଭାବେ ନଂ-୧ ୱିକେଟରକ୍ଷକ ଭାବେ ଦଳରେ ନିଆଯିବ। ଦ୍ୱିତୀୟ ୱିକେଟରକ୍ଷକ ସ୍ଥାନ ଲାଗି ଲୋକେଶ ରାହୁଲ ଓ ସଞ୍ଜୁ ସାମସନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଛି। ଉଭୟ ଭଲ ରନ୍ କରିଛନ୍ତି କିନ୍ତୁ ଷ୍ଟ୍ରାଇକ୍ ରେଟ ଓ ଫ୍ରି ରନ୍ ସଂଗ୍ରହରେ ରାହୁଲ ସାମାନ୍ୟ ଆଗୁଆ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଜଣଙ୍କୁ କିମ୍ବା ଦୁଇଜଣଙ୍କୁ ଚୂଡ଼ାନ୍ତ ଦଳରେ ନେବାର ସମ୍ଭାବନା ରହିଛି। ଫିନିସର ଲାଗି ଦିନେଶ କାର୍ତ୍ତିକଙ୍କ ନାମ ବିଚାରକୁ ନିଆଯାଇପାରେ। ଦଳରେ ଜଣେ ଅଧିକ ପେସ୍ ବୋଲର କିମ୍ବା ଜଣେ ଅଧିକ ସ୍ପିନ୍ ବୋଲର ନିଆଯିବ ତାହା ଉପରେ ଚୟନକର୍ତ୍ତାମାନେ ଅଧିନାୟକ ରୋହିତ ଶର୍ମା ଓ କୋଚ୍ ରାହୁଲ ଦ୍ରାବିଡ଼ଙ୍କ ସହ ଆଲୋଚନା କରିବା ପରେ ଜଣାପଡ଼ିବ।





DRIEMS UNIVERSITY
DRUET-2024
DRIEMS UNIVERSITY ENTRANCE TEST

150 Acres Lush Green Campus | 400 Bedded Parent Hospital | 50+ Programme Offered

- B.Tech | M.Tech | Ph.D
- MBA | Executive MBA | BBA | Ph.D
- MCA | BCA | B.Sc. ITM
- Nursing (B.Sc. | M.Sc. | PB.B.Sc.) GNM | ANM
- BPT | MPT | BOT | MOT
- B.Pharm | D.Pharm
- BMLT | DMLT | BMRT | DMRT
- Agriculture
- Hotel Management
- Fashion Design
- M.Sc. (Computer Science & Data Science)
- M.Sc. (Physics, Chemistry & Mathematics)

Approved by UGC, AICTE, NMC, INC & PCI

To apply for Admission through DRUET,
Please Visit : www.driems.ac.in | https://druet.driems.ac.in/

TANGI, CUTTACK, ODISHA - 754022
07941050666 | 09078888903 | 08110945232


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA